


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-193 ◆BHUBANESWAR ◆SUNDAY ◆7 JANUARY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୯୩ ◆ଭୁବନେଶ୍ୱର ◆ରବିବାର ◆୭ ଜାନୁଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦ (ସିନ୍ଦୂରା ସହ)





● ଆଜି ବାଂଲାଦେଶ ନିର୍ବାଚନ

# ବିଭିନ୍ନ ସ୍ଥାନରେ ହିଂସା; ବିରୋଧୀଙ୍କ ବନ୍ଦ ଡକରା

**ଢାକା,୬।୧(ଏଜେନ୍ସି):** ରବିବାର ବାଂଲାଦେଶରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନରେ ୨୭ଟି ଦଳର ପ୍ରାୟ ୧୫୦୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ୧୨୦ ନିୟୁତ ଭୋଟର ସେମାନଙ୍କ ମତଦାନ କରିବେ। ବାଂଲାଦେଶର ଦ୍ୱାଦଶତମ ସାଧାରଣ ନିର୍ବାଚନକୁ ନିରପେକ୍ଷ ଏବଂ ଶୃଙ୍ଖଳିତ କରିବାକୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରାଯାଇଥିବା ବେଳେ ୧୦୦ରୁ ଊର୍ଦ୍ଧ୍ୱ ବିଦେଶୀ ପର୍ଯ୍ୟବେକ୍ଷକ ବାଂଲାଦେଶରେ ପହଞ୍ଚିଛନ୍ତି। କିନ୍ତୁ ଏହି ନିର୍ବାଚନକୁ ମୁଖ୍ୟ ବିରୋଧୀ ଦଳ 'ବିଏନ୍‌ପି' ବୟକଟ୍ କରିଥିବାରୁ ମତଦାନ ପୂର୍ବରୁ ବିଭିନ୍ନ ସ୍ଥାନରେ ହିଂସା ଘଟିଥିବା ସୂଚନା ମିଳିଛି। ଏପରିକି ନିର୍ବାଚନ ନ କରାଇ ଦେବା ଲକ୍ଷ୍ୟରେ ବିଏନପି ୪୮ ଘଣ୍ଟିଆ ବନ୍ଦ ଡକରା ଦେଇଛି। ପ୍ରଧାନମନ୍ତ୍ରୀ ଶେଖ ହସିନା ଏହି ନିର୍ବାଚନରେ ଚତୁର୍ଥ ଥର ପାଇଁ ବିଜୟୀ ହେବାର ସମ୍ଭାବନା ରହିଥିବାରୁ ବିଏନପି ନିର୍ବାଚନକୁ ଭଣ୍ଡୁର କରିବା ଲକ୍ଷ୍ୟରେ ଏଭଳି ଆଭିମୁଖ୍ୟ ଗ୍ରହଣ କରିଛି ବୋଲି କୁହାଯାଉଛି।

# ପଶ୍ଚିମବଙ୍ଗରେ ଇଡି ଟିମ୍ ଉପରେ ପୁଣି ଆକ୍ରମଣ

## ଟିଏମ୍‌ସି ନେତା ଗିରଫ, ଜଣଙ୍କ ବିରୋଧରେ ଲୁକ୍‌ଆଉଟ୍ ନୋଟିସ୍



**କୋଲକାତା,୬।୧(ଏଜେନ୍ସି):** ରାସନ ଘୋଟାଲାକୁ ନେଇ ଗତକାଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଏକ ଟିମ୍ ପଶ୍ଚିମବଙ୍ଗର ୨୪ ପ୍ରଗଣା ଜିଲ୍ଲାରେ ଯାଞ୍ଚ କରିବାକୁ ପହଞ୍ଚିଥିଲା। କିନ୍ତୁ ଟିମଏସି ସମର୍ଥକମାନେ ଅସ୍ତ୍ରଶସ୍ତ୍ର ସହ ପହଞ୍ଚି ସୁରକ୍ଷାକର୍ମୀଙ୍କ ଉପସ୍ଥିତିରେ ଇଡି ଅଧିକାରୀମାନଙ୍କ ଉପରେ ଆକ୍ରମଣ କରିବା ସହିତ ସେମାନଙ୍କ ଗାଡି ଭାଙ୍ଗି ଦେଇଥିଲେ। ସ୍ଥିତି ଏଭଳି ହୋଇଥିଲା ଯେ, ଇଡି ଅଧିକାରୀ ଏବଂ ସିଆରପିଏଫ୍ ଯବାନମାନେ ଆତ୍ମରକ୍ଷା ଲାଗି ଘଟଣା ସ୍ଥଳରୁ ଦୌଡି ପଳାଇଥିଲେ। ତେବେ ଏହି ଘଟଣାର କିଛି ଘଣ୍ଟା ପରେ ଇଡି ଟିଏମସି ନେତା ଶଙ୍କର ଆଧ୍ୟାଙ୍କୁ ଶନିବାର ପ୍ରତ୍ୟୁଷରେ ଗିରଫ କରିଛି। ବନଗାଁ ମ୍ୟୁନିସିପାଲିଟିର ପୂର୍ବତନ ଅଧ୍ୟକ୍ଷ ରହିଥିବା ଶଙ୍କର ରାସନ ଘୋଟାଲାରେ ଜଡ଼ିତ ରହିଥିବା ଇଡି କହିଛି। ଶଙ୍କରଙ୍କୁ ଗିରଫ କରାଯିବାବେଳେ ତାଙ୍କର ସମର୍ଥକମାନେ ବହୁ ସଂଖ୍ୟାରେ ପହଞ୍ଚି ଇଡି ଅଧିକାରୀମାନଙ୍କୁ ବିରୋଧ କରିଥିଲେ। ଏପରିକି ସେମାନେ ଅଧିକାରୀମାନଙ୍କ ଗାଡି ଉପରକୁ ଟେକାପଥର ମାଡ଼ କରିଥିଲେ। ତେବେ ଉପସ୍ଥିତ ସିଆରପିଏଫ୍ ଯବାନ ସ୍ଥିତି ନିୟନ୍ତ୍ରଣ କରିବାକୁ ଲାଠିଚାର୍ଜ କରିଥିବା ଜଣାପଡ଼ିଛି। ଇଡି ଅଧିକାରୀମାନେ ଶଙ୍କରଙ୍କ ବାସଭବନ ସମେତ ତାଙ୍କର କେତେକ ସମ୍ପର୍କୀୟଙ୍କ ଘରେ ମଧ୍ୟ ଚଢଉ କରିଥିଲେ। ଏହି ସମୟରେ ଶଙ୍କରଙ୍କ ଶ୍ୱଶୁରଙ୍କ ଘରୁ ଇଡି ନଗଦ ୮ ଲକ୍ଷ ଟଙ୍କା ଜବତ କରିବା ସହିତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି। ସେହିପରି ଏହି ଘୋଟାଲାରେ ସଂପୃକ୍ତ ଥିବା ଅନ୍ୟତମ ଟିଏମ୍‌ସି ନେତା ଶାହଜାନ ଶେଖଙ୍କ ସନ୍ଦେଶଖାଲିସ୍ଥିତ ଘରେ ଇଡି ଅଧିକାରୀମାନେ ଯାଞ୍ଚ କରିବାକୁ ପହଞ୍ଚିବା ପରେ ସେଠାରେ ମଧ୍ୟ ବହୁ ସଂଖ୍ୟାରେ ଟିଏମସି ସମର୍ଥକ ପହଞ୍ଚି ଇଡି ଅଧିକାରୀଙ୍କ ଉପରେ ଆକ୍ରମଣ କରିଥିଲେ। ଉତ୍ତ୍ୟକ୍ତ ଲୋକମାନେ ଅଧିକାରୀଙ୍କ ଗାଡି ମଧ୍ୟ ଭଙ୍ଗାରୁଜା କରିବା ସହ ସେମାନଙ୍କ ମୋବାଇଲ ଫୋନ ଏବଂ ମନିପର୍ସ ମଧ୍ୟ ଛଡାଇ ନେଇଥିଲେ। ଏହି ଘଟଣାରେ ୩ ଇଡି ଅଧିକାରୀ ଆହତ ହୋଇଥିବା କୁହାଯାଇଛି। ଅନ୍ୟପକ୍ଷରେ ଶାହଜାନ ଫେରାର୍ ହୋଇଯାଇଥିଲା ବେଳେ ସେ ବାଂଲାଦେଶ ପଳାଇଯିବାକୁ ଉଦ୍ୟମ କରୁଥିବା ଖବର ଆସିବା ପରେ ତାଙ୍କ ବିରୋଧରେ ଲୁକ୍‌ଆଉଟ୍ ନୋଟିସ୍ ଜାରି କରାଯାଇଥିବା କୁହାଯାଇଛି।

# ବିଜେପି ବିଧାୟକ କାମ୍ବ୍ଲେଙ୍କ ବିରୋଧରେ ମାମଲା



**ପୁଣେ, ୬।୧ (ଏଜେନ୍ସି):** ମହାରାଷ୍ଟ୍ର ପୁଣେରେ କାର୍ଯ୍ୟରତ କନଷ୍ଟେବଲଙ୍କୁ ଚାପୁଡ଼ା ମାରିବାକୁ ନେଇ ବିଜେପି ବିଧାୟକ ସୁନୀଲ କାମ୍ବ୍ଲେଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ବଣ୍ଡଗାର୍ଡେନ ଥାନାରେ ଭାରତୀୟ ପିଙ୍ଗଳ କୋଡ (ଆଇପିସି)ର ଧାରା ୩୫୩ (ଲୋକସେବକଙ୍କୁ କର୍ତ୍ତବ୍ୟ ପାଳନରୁ ବିରତ ରଖିବା ପାଇଁ ଆକ୍ରମଣ) ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଶୁକ୍ରବାର ଏହି ଘଟଣାର ଭିଡିଓ ସାମ୍ନାକୁ ଆସିଥିଲା। ପୁଣେ କ୍ୟାଣ୍ଟନମେଣ୍ଟ ଆସନର ବିଧାୟକ କାମ୍ବ୍ଲେ ଶୁକ୍ରବାର ସସୁନ ଜେନେରାଲ ହସ୍ପିଟାଲର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ମଞ୍ଚରୁ ଓହ୍ଲାଇବା ସମୟରେ ବିଧାୟକ କ୍ରୋଧିତ ହୋଇ ନିଜ ଉପରୁ ନିୟନ୍ତ୍ରଣ ହରାଇଥିଲେ ଏବଂ ଜଣେ କାର୍ଯ୍ୟରତ କନଷ୍ଟେବଲଙ୍କ ନିକଟକୁ ଯାଇ ତାଙ୍କୁ ଚାପୁଡ଼ା ମାରିଥିଲେ। ଏହି ସମୟରେ ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାର ମଞ୍ଚରେ ଉପସ୍ଥିତ ଥିଲେ। ତେବେ ସେ କିଛି କହି ନ ଥିଲେ। ଏହା ପୂର୍ବରୁ ମଧ୍ୟ କାମ୍ବ୍ଲେ ବିବାଦରେ ରହିଥିଲେ। ସେ ପୁଣେ ମ୍ୟୁନସିପାଲ କର୍ପୋରେସନ (ପିଏମସି)ର ଜଣେ ମହିଳା କର୍ମଚାରୀଙ୍କୁ ଉତ୍ପୀଡ଼ନ ଦେଇଥିଲେ।

# ସୋରେନଙ୍କ ଗଣମାଧ୍ୟମ ପରାମର୍ଶଦାତାଙ୍କୁ ଇଡି ସମନ



**ରାଞ୍ଚି, ୬।୧ (ଏଜେନ୍ସି):** ଜମି ଦୁର୍ନୀତି ମାମଲାରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଗଣମାଧ୍ୟମ ପରାମର୍ଶଦାତା ଅଭିଷେକ ପ୍ରସାଦ ଓରଫ ପିଣ୍ଟୁ, ସାହେବଗଞ୍ଜ ଡିସି ରାମନିବାସ ଯାଦବ ଏବଂ ବିଲ୍ଡର ବିନୋଦ ସିଂହଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ ଜାରି କରିଛି। ତିନି ଜଣଙ୍କୁ ଅଲଗା ଅଲଗା ତାରିଖରେ ଜେରା ପାଇଁ ଡକା ଯାଇଛି। ୧୧ ତାରିଖରେ ଯାଦବ, ୧୫ରେ ବିନୋଦ କୁମାର ଏବଂ ୧୬ରେ ପିଣ୍ଟୁଙ୍କୁ ହାଜର ହେବାକୁ କୁହାଯାଇଛି। ଜେରା ପରେ ଏମାନଙ୍କୁ ଗିରଫ କରାଯିବାର ମଧ୍ୟ ସମ୍ଭାବନା ରହିଛି। ଏହା ପୂର୍ବରୁ ଗତ ୩ ତାରିଖରେ ରାଞ୍ଚି, ସାହିବଗଞ୍ଜ ଏବଂ ରାଜସ୍ଥାନ ସମେତ ୧୨ଟି ଠିକଣାର ଇଡି ଚଢ଼ଉ କରିଥିଲା। ଏହି ସମୟରେ ଦୁର୍ନୀତି ସମ୍ବନ୍ଧିତ ଜରୁରୀ କାଗଜପତ୍ର ମିଳିଥିଲା। ସେହିପରି ଡିସିଙ୍କ ସାହିବଗଞ୍ଜ ବାସଭବନରୁ ୯ ଏମଏମ ପିସ୍ତଲର ଗୁଳି ଏବଂ ଟଙ୍କା ଜବତ ହୋଇଥିଲା। ସୂଚନାଯୋଗ୍ୟ ଯେ ଏ ପର୍ଯ୍ୟନ୍ତ ସୋରେନଙ୍କୁ ୭ ଥର ସମନ ଜାରି କରାଯାଇଥିଲେ ମଧ୍ୟ ସେ ଇଡି ନିକଟରେ ହାଜର ହୋଇନାହାନ୍ତି।

# ରୋଗୀସଂଖ୍ୟା ୪୧୮୭ ଛୁଇଁଲା



**ନୂଆଦିଲ୍ଲୀ, ୬।୧ (ଏଜେନ୍ସି):** ଗତ ୨୪ ଘଣ୍ଟା ମଧ୍ୟରେ ଦେଶରୁ ୭୭୪ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଏହା ସହିତ ଚିକିତ୍ସାଧୀନ ରୋଗୀସଂଖ୍ୟା ୪୧୮୭ରେ ପହଞ୍ଚି ଯାଇଛି। ଅଧିକାଂଶ ରୋଗୀ ଘରେ ରହି ଚିକିତ୍ସିତ ହେଉଛନ୍ତି। ସେହିପରି ଦିନକରେ ୨ ଜଣ ସଂକ୍ରମିତ ପ୍ରାଣ ହରାଇଛନ୍ତି। ଏମାନଙ୍କ ମଧ୍ୟରେ ତାମିଲନାଡୁ ଏବଂ ଗୁଜରାଟର ଜଣେ ଲେଖାଏଁ ସାମିଲ ଅଛନ୍ତି। ଏଥିସହିତ ମୋଟ ମୃତ୍ୟୁସଂଖ୍ୟା ୫, ୩୩, ୩୮୭ରେ ପହଞ୍ଚି ଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ୨୦୨୦ ଫେବୃଆରୀରେ ଦେଶର ପ୍ରଥମ କରୋନା ରୋଗୀ ଚିହ୍ନଟ ହୋଇଥିଲେ।

## ମଝି ଆକାଶରେ ଆତଙ୍କ

# ଉଡ଼ିଗଲା ବିମାନର ଜରୁରୀକାଳୀନ ଦ୍ୱାର

**ୱାଶିଂଟନ, ୬।୧ (ଏଜେନ୍ସି)**

- ୧୬ ହଜାର ଫୁଟ ଉଚ୍ଚରେ ଚାପ ହ୍ରାସ
- ଖୋଲିଗଲା ଅମ୍ଳଜାନ ମାସ୍କ
- ଜରୁରୀ ଅବତରଣ କଲା ବିମାନ
- ଶିଶୁର ଜୀବନ ବଞ୍ଚାଇଦେଲେ ମାଆ
- ବୋଇଂ ୭୩୭-୯ର ସବୁ ଉଡ଼ାଣ ବାତିଲ
- ସୁରକ୍ଷା ଯାଞ୍ଚ ନିର୍ଦ୍ଦେଶ ଦେଲା ଡିଜିସିଏ



ଆମେରିକାରେ ଏକ ବଡ଼ଧରଣର ବିମାନ ଦୁର୍ଘଟଣା ଟଳି ଯାଇଛି। ଆଲାସ୍କା ଏୟାରଲାଇନ୍ସର ବୋଇଂ ୭୩୭-୯ ମ୍ୟାକ୍ସ ଫ୍ଲାଇଟ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛି। ୧୭୧ ଯାତ୍ରୀ ଏବଂ ୬ କ୍ରୁ ସଦସ୍ୟଙ୍କ ଜୀବନ ବଞ୍ଚି ଯାଇଛି। ପୋର୍ଟଲାଣ୍ଡ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିମାନ ଜରୁରୀ ଅବତରଣ କରିଛି। ସୂଚନା ଅନୁଯାୟୀ ଶୁକ୍ରବାର ସନ୍ଧ୍ୟାରେ ଏହି ବିମାନ ପୋର୍ଟଲାଣ୍ଡରୁ କାଲିଫର୍ଣ୍ଣିଆର ଓଣ୍ଟାରିଓ ଅଭିମୁଖେ ଉଡ଼ାଣ ଭରିଥିଲା। କିଛି ମିନିଟ ଭିତରେ ଏହା ୧୬. ୩୨ ହଜାର ଫୁଟ ଉଚ୍ଚରେ ପହଞ୍ଚି ଯାଇଥିଲା। ଏହି ସମୟର ବିମାନର ଏକ ଜରୁରୀକାଳୀନ ଦ୍ୱାର ଉଡ଼ି ଯାଇଥିଲା। ଏହାକୁ ନେଇ ବିମାନରେ ଆତଙ୍କ ଖେଳି ଯାଇଥିଲା। ବିମାନରେ ପବନ ପଶିବାରେ ଲାଗି ଥିଲା। ଏଥିଯୋଗୁଁ ବିମାନର ଚାପ ହ୍ରାସ ପାଇ ଚାଲିଥିଲା। ହଠାତ୍ ଅମ୍ଳଜାନ ମାସ୍କ ବାହାରି ଆସିଥିଲା। ଏହି ଦ୍ୱାର ନିକଟରେ ବସିଥିବା ଶିଶୁର ସାର୍ଟ ଫାଟି ଯାଇଥିଲା ଏବଂ ତା ଜୀବନ ମଧ୍ୟ ଅଳ୍ପକେ ବର୍ତ୍ତି ଯାଇଥିଲା। ଶିଶୁ ପଡ଼ି ଯାଉଥିବାବେଳେ ମାଆ ତାକୁ ଧରି ନେଇଥିଲେ। ସେହିପରି କିଛି ଯାତ୍ରୀଙ୍କ ଫୋନ୍ ମଧ୍ୟ ଉଡ଼ି ଯାଇଥିଲା। ଏହା ପରେ ବିମାନର ଜରୁରୀ ଅବତରଣ କରାଯାଇଥିଲା। ଏହି ଘଟଣା ପରେ ଏୟାରଲାଇନ୍ସ ବୋଇଂ ୭୩୭-୯ ମାକ୍ସର ସମସ୍ତ ବିମାନର ଉଡ଼ାଣ ବାତିଲ କରିଦିଆଯାଇଛି। ଆଲାସ୍କା ଏୟାରଲାଇନ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଭାରତର ବିମାନ ନିୟାମକ ଡିଜିସିଏ ମଧ୍ୟ ସତର୍କତାମୂଳକ ପଦକ୍ଷେପ ନେଇଛନ୍ତି। ସମସ୍ତ ବୋଇଂ ୭୩୭-୮ ମାକ୍ସର ଜରୁରୀକାଳୀନ ଦ୍ୱାରର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ରିପୋର୍ଟ ଅନୁଯାୟୀ ବିମାନର ଦ୍ୱାର ଉଡ଼ିଯିବା ପରେ ପାଇଲଟ ଜରୁରୀକାଳୀନ ସ୍ଥିତି ଘୋଷଣା କରିଥିଲେ। ଅବତରଣ ପାଇଁ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି) ସହ କଥା ହୋଇଥିଲେ। ପାଇଲଟ କହିଥିଲେ ଯେ ଆଲାସ୍କା ୧୨୮୨ରେ ଜରୁରୀକାଳୀନ ସ୍ଥିତି ସୃଷ୍ଟି ହୋଇଛି। ଏଥିପାଇଁ ବିମାନ ପୋର୍ଟଲାଣ୍ଡ ଫେରୁଛି। ଏବେ ଉଚ୍ଚତା ୧୨ ହଜାର ଫୁଟକୁ ହ୍ରାସ ପାଇଲାଣି। ଗତିପଥ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି। ତୁରନ୍ତ ଅବତରଣ କରିବା ଜରୁରୀ। ଏହି ବିମାନରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଭାବେ ପୋର୍ଟଲାଣ୍ଡ ଫେରିଛନ୍ତି। ଏବେ ଆମେରିକାର ନ୍ୟାସନାଲ ଟ୍ରାନ୍ସପୋର୍ଟେସନ ସେଫ୍ଟି ବୋର୍ଡ ମାମଲାର ତଦନ୍ତ କରୁଛି। ବିମାନରେ ଥିବା ଜଣେ ଯାତ୍ରୀ କହିଛନ୍ତି ଯେ ଦ୍ୱାର ଉଡ଼ିଯିବା ପରେ ବିମାନରେ ୧୦ ଗୁଣ ଅଧିକ ଜୋରରେ ଶବ୍ଦ ଶୁଭି ଥିଲା। କାନ ଫାଟିଯିବା ପରି ଲାଗୁଥିଲା। ଅନ୍ୟ ଜଣେ ଯାତ୍ରୀ କହିଛନ୍ତି ଯେ ଏହି ଘଟଣା ପରେ ବିମାନରେ ନିରବତା ଖେଳି ଯାଇଥିଲା। ଭୟ ଯୋଗୁଁ କେହି କିଛି ଜାଣିପାରୁ ନ ଥିଲେ। ଅମ୍ଳଜାନ ମାସ୍କ ବାହାରିଯିବାରୁ ସମସ୍ତେ ଏହାକୁ ବ୍ୟବହାର କରିଥିଲେ।



# ବିମାନ ଦୁର୍ଘଟଣା :୨ ଝିଅଙ୍କ ସହ କ୍ରିଷ୍ଟିଆନଙ୍କ ମୃତ୍ୟୁ

**ଲସ୍ ଆଞ୍ଜେଲସ୍, ୬।୧ (ଏଜେନ୍ସି)**

ଏକ ବିମାନ ଦୁର୍ଘଟଣାରେ ଜର୍ମାନୀରେ ଜନ୍ମିତ ହଲିଉଡ ଅଭିନେତା କ୍ରିଷ୍ଟିଆନ ଓଲିଭର (୫୧), ତାଙ୍କ ୨ ଝିଅ ମାଡିଟା (୧୦) ଏବଂ ଏନିକ (୧୨)ଙ୍କ ମୃତ୍ୟୁ ହୋଇଛି। ଗତ ୪ ତାରିଖରେ ଏହି ଦୁର୍ଘଟଣା ଘଟିଥିଲା। ଏହି କ୍ଷୁଦ୍ର ବିମାନଟି ସେଣ୍ଟ ଲୁସିଆର ଏଫ୍.ମିଚେଲ ବିମାବନ୍ଦରରୁ ଉଡ଼ାଣ ଭରି ଥିଲା। ଏହାର କିଛି ସମୟ ପରେ ଦୁର୍ଘଟଣା ଗ୍ରସ୍ତ ହୋଇ କାରବିୟାନ ଆଇଲାଣ୍ଡର ବେକ୍ୱିଆ ଦ୍ୱୀପ ନିକଟରେ ସମୁଦ୍ରକୁ ଖସି ପଡ଼ିଥିଲା। ତାଙ୍କୁ ଉଦ୍ଧାର ପାଇଁ ଅନେକ ପ୍ରୟାସ କରାଯାଇଥିଲେ ମଧ୍ୟ ତାହା ବିଫଳ ହୋଇଥିଲା। ଶେଷରେ ମତ୍ସ୍ୟଜୀବୀ ଅଭିନେତାଙ୍କ ବ୍ୟତୀତ ଆଉ ୩ ଜଣଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଦୁର୍ଘଟଣା ପରେ ଜଣେ ବ୍ୟକ୍ତି ଚିତ୍କାର କରୁଥିବା ଶୁଣା ଯାଉଛି। ସେ ତଟରକ୍ଷୀ ବାହିନୀକୁ ଡାକିବା ପାଇଁ କହୁଛନ୍ତି। ଏବେ ଏହି ଦୁର୍ଘଟଣାର ଯାଞ୍ଚ ଚାଲିଛି। ଶେଷ ଥର ପାଇଁ ଓଲିଭର 'ଇଣ୍ଡିଆନା ଜୋନ୍ସ ଆଣ୍ଡ ଦ ଡାଏଲ ଅଫ୍ ଦ ଡେଷ୍ଟିନି'ରେ ଦେଖିବାକୁ ମିଳିଥିଲା।

# ଭୁଟାନ ଜମି କବ୍‌ଜା କରିବାରେ ଲାଗିଛି ଚୀନ୍



**ନୂଆଦିଲ୍ଲୀ, ୬।୧ (ଏଜେନ୍ସି):** ପଡ଼ୋଶୀ ଦେଶର ଜମି ଉପରେ ଚୀନ୍ ଲୋଲୁପ ଦୃଷ୍ଟି ପକାଇବା ଛାଡୁନାହିଁ। ଏବେ ଭୁଟାନର ଉତ୍ତର ଅଞ୍ଚଳକୁ କବଜା କରିବାରେ ଲାଗିଛି। ଏଠାରେ ଦ୍ରୁତଗତିରେ ଭିତ୍ତିଭୂମି ବିକାଶ କରିବାରେ ଲାଗିଛି। ଉପଗ୍ରହ ଚିତ୍ରରୁ ଏହା ଜଣାପଡ଼ିଛି। ସୀମା ବିବାଦର ସମାଧାନ ଲାଗି ଚୀନ୍ ଏବଂ ଭୁଟାନ ମଧ୍ୟରେ ଆଲୋଚନା ଜାରି ରହିଥିବାବେଳେ ଏହି ଚିତ୍ର ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ ଆମେରିକାର ମାକ୍ସାର ଟେକ୍ନୋଲୋଜି ଜାରି କରିଥିବା ଏହି ଫଟୋ ବେୟୁଲ ଖେନପାଜୋଙ୍ଗ ଅଞ୍ଚଳର। ଏହି ଅଞ୍ଚଳ ରାଜ ପରିବାର ସହ ଜଡ଼ିତ ରହିଛି। ଏଠାରେ ଚୀନ୍ କୋଠା ଏବଂ ରାସ୍ତାଘାଟ ବନାଇଛି। ନିଜ ସେନାର ଯବାନଙ୍କ ପାଇଁ ଚୀନ୍ ଏହି ଘର ବନାଉଥିବା କୁହାଯାଉଛି।

● 'ଏକ ଦେଶ ଏକ ନିର୍ବାଚନ'

# ଲୋକଙ୍କଠାରୁ ପ୍ରସ୍ତାବ ମାଗିଲା କମିଟି

**ନୂଆଦିଲ୍ଲୀ, ୬।୧ (ଏଜେନ୍ସି):** ଦେଶରେ ଏକା ସଙ୍ଗେ ସମସ୍ତ ନିର୍ବାଚନ କରିବା ପାଇଁ ପ୍ରସ୍ତୁତି ଜାରି ରହିଛି। 'ଏକ ଦେଶ ଏକ ନିର୍ବାଚନ' ପାଇଁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଛି। ଏହି କମିଟି ଏବେ ସାଧାରଣ ଲୋକଙ୍କ ରାୟ ମାଗିଛି। ଏଥିପାଇଁ ସାର୍ବଜନୀନ ନୋଟିସ ଜାରି କରାଯାଇଛି। ୧୫ ତାରିଖ ଭିତରେ ପ୍ରସ୍ତାବ ଦେବାକୁ କୁହାଯାଇଛି। ନୋଟିସରେ କୁହାଯାଇଛି ଯେ ଦେଶର ବର୍ତ୍ତମାନର ବ୍ୟବସ୍ଥାରେ ଉଚିତ ପରିବର୍ତ୍ତନ ପାଇଁ ସାଧାରଣ ଜନତାଙ୍କଠାରୁ ଲିଖିତ ପ୍ରସ୍ତାବ ମଗା ଯାଇଛି। ଏହି ପ୍ରସ୍ତାବକୁ ବିଚାର ପାଇଁ କମିଟି ସାମ୍ନାରେ ରଖାଯିବ। ଏହି ପ୍ରସ୍ତାବ ଦେବା ପାଇଁ ଏକ ୱେବସାଇଟ 'ଓଏନ୍‌ଓଇଡଟ୍‌ଜିଭିଡଟ୍‌ଇନ' ଏବଂ ଇମେଲ 'ଏସ୍‌ସି-ଏଚ୍‌ଏଲସିଆଟଦିରେଟଜିଓଭିଡଟ୍‌ଇନ' ଜାରି ହୋଇଛି। ଗତ ବର୍ଷ ସେପ୍ଟେମ୍ବରରେ ଏହି କମିଟି ଗଠନ କରାଯାଇଥିଲା। ଏହା ପରେ କମିଟିର ୨ଟି ବୈଠକ ହେଲାଣି। ଏଥିରେ କୋବିନ୍ଦଙ୍କ ବ୍ୟତୀତ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପୂର୍ବତନ ରାଜ୍ୟସଭା ସାଂସଦ ଗୁଲାମ ନବୀ ଆଜାଦ, ୧୫ତମ ଅର୍ଥ କମିଶନର ଅଧ୍ୟକ୍ଷ ଏନ୍‌କେ ସିଂହ, ପୂର୍ବତନ ଲୋକସଭା ମହାସଚିବ ସୁଭାଷ ସି କଶ୍ୟପ ଏବଂ ପୂର୍ବତନ ଭିଜିଲାନ୍ସ କମିଶନର ସଞ୍ଜୟ କୋଠାରି ସାମିଲ ଅଛନ୍ତି। ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏହି କମିଟିର ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ଏବଂ ଆଇନ ସଚିବ ନିତିନ ଚନ୍ଦ୍ରା ସଚିବ ଅଛନ୍ତି।

## ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା

# ଶ୍ୱଶୁର ଘରୁ ଆସିଲା ୫ ହଜାର ଉପହାର



**ଅଯୋଧ୍ୟା, ୬।୧ (ଏଜେନ୍ସି)**



ପ୍ରାଣ ପ୍ରତିଷ୍ଠା (୨୨ ତାରିଖ) ପୂର୍ବରୁ ଶ୍ୱଶୁର ଘର ମିଥିଳାରୁ ରାମଲଲାଙ୍କ ପାଇଁ ୫ ହଜାର ଉପହାର ଆସିଛି। ଏହା ମଧ୍ୟରେ ବସ୍ତ୍ର, ଫଳ, ଶୁଖିଲା ଫଳ, ବିଭିନ୍ନ ବ୍ୟଞ୍ଜନ, ରୁପାର କଠଉ ଏବଂ ଅଳଙ୍କାର ସାମିଲ ରହିଛି। ଜନକପୁରର ପ୍ରତ୍ୟେକ ଘରୁ ଏହି ଉପହାର ଆସିଛି। ଜନକପୁରର ପ୍ରାୟ ୫୦୦ ଲୋକ ବାସୀ ଏ ସବୁ ଆଣି ଅଯୋଧ୍ୟାର କାରସେବକପୁରମରେ ପହଞ୍ଚିଛନ୍ତି। ଜନକପୁର ଧାମର ମେୟର ମନୋଜ କୁମାର ଶାହ ଏବଂ ଜାନକୀ ମନ୍ଦିରର ମହନ୍ତ ରାମତପେଶ୍ୱର ଦାସଙ୍କ ନେତୃତ୍ୱରେ ଏହି ଯାତ୍ରା ଆରମ୍ଭ ହୋଇଥିଲା। ଜାନକୀ ମନ୍ଦିରର ଉତ୍ତରାଧିକାରୀ ରାମ ରୋଶନ ଦାସ ମଧ୍ୟ ଯାତ୍ରାରେ ସାମିଲ ଅଛନ୍ତି। ନେପାଳର ପଶ୍ଚିମ ଚମ୍ପାରଣ, କୁଶିନଗର, ଗୋରଖପୁର ଦେଇ ଯାତ୍ରା ଅଯୋଧ୍ୟାରେ ପହଞ୍ଚିଛି। ଏଥିରୁ ପ୍ରାୟ ୨ ହଜାର ଝୁଡ଼ିରେ ଥିବା ଉପହାରକୁ ଅନ୍ୟ ମନ୍ଦିରରେ ବିରାଜମାନ ସୀତାରାମଙ୍କୁ ଭୋଗ ଲଗାଇବା ପାଇଁ ଅର୍ପଣ କରାଯିବ। ପରେ ଯାତ୍ରା ଜନକପୁର ଫେରିଯିବ। ଜନକପୁରର ସଂସ୍କୃତି ଅନୁଯାୟୀ ଶ୍ରୀରାମଙ୍କ ପାଇଁ ଏହି ସବୁ ଉପହାର ପଠା ଯାଇଥିଲା। ଏହି ପ୍ରାଚୀନ ପରମ୍ପରା ଏବଂ ତ୍ରେତୟା ଯୁଗରୁ ଥିବା ଭାରତ ନେପାଳର ସମ୍ବନ୍ଧର ଡୋରିକୁ ଅଧିକ ନିବିଡ଼ କରିବ।

ଅନ୍ୟପକ୍ଷରେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ଜୋରଦାରରେ ପ୍ରସ୍ତୁତି ଜାରି ରହିଛି। କଡ଼ା ସୁରକ୍ଷା ବ୍ୟବସ୍ଥା ପାଇଁ ୧୦୦ କୋଟିର ବଜେଟ ରଖାଯାଇଛି। ଏ ପର୍ଯ୍ୟନ୍ତ ୨୫ ହଜାର ଯବାନଙ୍କୁ ମୁତୟନ କରାଗଲାଣି। ମନ୍ଦିର ଭିତରର ସୁରକ୍ଷା ଦାୟିତ୍ୱ ଏସ୍‌ଟିଏଫ୍‌କୁ ଦିଆଯାଇଛି। ଆତ୍ମଘାତୀ ଆକ୍ରମଣ ରୋକିବା ପାଇଁ 'କ୍ରାସ ରେଟେଡ ବୋଲାର୍ଡ' ଲଗାଯାଇଛି। ସରଯୁ ନଦୀରେ ସ୍ନାଇପରଙ୍କୁ ମଧ୍ୟ ମୁତୟନ କରାଯିବ। ସେହିପରି ରାମ ମନ୍ଦିର ପାଇଁ ବଳିଦାନ ଦେଇଥିବା ଲୋକଙ୍କୁ ଶନିବାର ସରଯୁ ତଟରେ ଶ୍ରାଦ୍ଧ ଦିଆଯାଇଛି। ଅନ୍ୟପଟେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠାକୁ ନେଇ ଅଯୋଧ୍ୟାରେ ଉତ୍ସବ ଆରମ୍ଭ ହେଲାଣି। ପ୍ରାଣ ପ୍ରତିଷ୍ଠା ଦିନର ଅନେକ ମହତ୍ତ୍ୱ ରହିଛି। ଏପରି ସ୍ଥିତିରେ ଉତ୍ତରପ୍ରଦେଶର ଅନେକ ଗର୍ଭବତୀ ୨୨ ତାରିଖରେ ସନ୍ତାନ ଜନ୍ମ ହେଉ ବୋଲି ଚାହୁଁଛନ୍ତି। ସେମାନେ ରାମଙ୍କୁ ସ୍ୱାଗତ କରି ଦିନକୁ ସ୍ୱତନ୍ତ୍ର ବନାଇବାକୁ ଚାହୁଁଛନ୍ତି।

● ମଦପିଇ ଗାଡ଼ି ଚଳାଇ ବନାଉ ଥିଲେ ରିଲ୍

# ଗାଡ଼ି ଚଢ଼ାଇ ମାଆପୁଅଙ୍କୁ ମାରିଦେଲେ

**ଜୈସାଲମେର, ୬।୧ (ଏଜେନ୍ସି):** ନୂଆ 'ହିଟ୍ ଆଣ୍ଡ ରନ୍' ଆଇନକୁ ନେଇ ଡ୍ରାଇଭର ରାସ୍ତାକୁ ଓହ୍ଲାଉ ଥିବାବେଳେ ରାଜସ୍ଥାନ ଜୈସାଲମେରର ଦେବକୋଟ ଅଞ୍ଚଳରୁ ବେପରୁଆ ଗାଡ଼ି ଚାଳନାର କରୁଣ ପରିଣତି ଦେଖିବାକୁ ମିଳିଛି। ମଦ୍ୟପାନ କରି ଦ୍ରୁତଗତିରେ ଗାଡ଼ି ଚଳାଇ ରିଲ୍ ବନାଉଥିବା କିଛି ଯୁବକ ଶୁକ୍ରବାର ୧୩ ବର୍ଷର ବାଳକ ମନୀଷ ଏବଂ ତାର ମାଆ ମେନ୍ କଲାଙ୍କୁ ଗାଡ଼ି ଚଢ଼ାଇ ହତ୍ୟା କରିଛନ୍ତି। ପରେ ଅନ୍ୟ ଏକ ଗାଡ଼ିକୁ ଧକ୍କା ଦେଇଛନ୍ତି। ଏହି ଦୁର୍ଘଟଣାରେ ଅନ୍ୟ ଗାଡ଼ିରେ ଥିବା ୨ ଶିଶୁ ଆହତ ହୋଇଥିବାବେଳେ ନିଶାସକ୍ତ ୨ ଯୁବକ ରୋଶନ ଖାନ୍ (୨୧) ଏବଂ ଭବାନୀ ସିଂହ ମଧ୍ୟ ପ୍ରାଣ ହରାଇଛନ୍ତି। ଏକ ଗାଈର ମଧ୍ୟ ଜୀବନ ଯାଇଛି। ଏସ୍‌ପି ବିକାଶ ସାଙ୍ଗୱାନ କହିଛନ୍ତି ଯେ କାର୍‌ଟି ଜୈସାଲମେରରୁ ବାର୍‌ମେର ଅଭିମୁଖେ ଯାଉଥିଲା। ଡ୍ରାଇଭର ମଦ ପିଇ ଗାଡ଼ି ଚଲାଉ ଥିଲା। ସେ ଅନ୍ୟ ବ୍ୟକ୍ତିଙ୍କ ସହ ବର୍ତ୍ତି ଯାଇଛି। ଏହା ପୂର୍ବରୁ ଗାଡ଼ିକୁ ବାରିକେଡ ଲଗାଇ ଅଟକାଇବାକୁ ଉଦ୍ୟମ କରାଯାଇଥିଲା। କିନ୍ତୁ ଏହା ଅଟକି ନ ଥିଲା। ଏବେ ମାମଲାର ତଦନ୍ତ ଜାରି ରହିଛି।



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-193 ◆BHUBANESWAR ◆SUNDAY ◆7 JANUARY 2024 ◆PAGE-20 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୧୯୩ ◆ଭୁବନେଶ୍ୱର ◆ରବିବାର ◆୭ ଜାନୁଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦ (ସିନ୍ଦୂରା ସହ)



କୁନି କ୍ରିକେଟର ବୈଭବ ସୂର୍ଯ୍ୟବଂଶୀ
▶କ୍ରୀଡ଼ା ପୃଷ୍ଠାରେ...

## ଲକ୍ଷ୍ୟସ୍ଥଳ ଛୁଇଁଲା 'ଆଦିତ୍ୟ ଏଲ୍-୧'

# ଭାରତର 'ସୂର୍ଯ୍ୟ' ନମସ୍କାର

**ଚନ୍ଦ୍ର ଅଭିଯାନ ପରେ ସୂର୍ଯ୍ୟ ଅଭିଯାନକୁ ନେଇ ଭାରତୀୟ ବୈଜ୍ଞାନିକଙ୍କ ଅନନ୍ୟ ସଫଳତା**

**ଇସ୍ରୋ ଟିମ୍‌କୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଭୁରିଭୁରି ପ୍ରଶଂସା**

■ **ନୂଆଦିଲ୍ଲୀ, ୬।୧ (ଏଜେନ୍ସି):** ମହାକାଶ ଗବେଷଣା କ୍ଷେତ୍ରରେ ପୁଣି ଇତିହାସ ରଚିଛି ଭାରତ। ଚନ୍ଦ୍ର ଅଭିଯାନର ମହତ୍ତ୍ୱପୂର୍ଣ୍ଣ ସଫଳତା ପରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ (ଇସ୍ରୋ) ବୈଜ୍ଞାନିକମାନେ ସୂର୍ଯ୍ୟ ଅଭିଯାନକୁ ନେଇ ବଡ଼ ସଫଳତା ହାସଲ କରିଛନ୍ତି। ଗତ ସେପ୍ଟେମ୍ବର ୨ ତାରିଖରେ ସୂର୍ଯ୍ୟ ଅଭିମୁଖେ ଯାତ୍ରା ଆରମ୍ଭ କରିଥିବା ମହାକାଶ ଯାନ ଆଦିତ୍ୟ-ଏଲ-୧ ସଫଳତାର ସହ ଶନିବାର ଏହାର ଲକ୍ଷ୍ୟସ୍ଥଳରେ ପହଞ୍ଚିଛି। ଦୀର୍ଘ ୧୨୬ ଦିନର ଯାତ୍ରା ଏବଂ ପ୍ରାୟ ୧୫ ଲକ୍ଷ କିମି ଅତିକ୍ରମ କରିବା ପରେ ଆଦିତ୍ୟ ଏଲ-୧କୁ ଇସ୍ରୋ ବୈଜ୍ଞାନିକମାନେ ନିର୍ଦ୍ଧାରିତ କକ୍ଷପଥରେ ଅବସ୍ଥାପିତ କରାଇଛନ୍ତି। ଯାହା ଭାରତୀୟ ମହାକାଶ ଗବେଷଣା କ୍ଷେତ୍ର ପାଇଁ ଆଉ ଏକ ନୂଆ ଫର୍ଦ୍ଦ ଯୋଡିବା ସହିତ ▶ପୃଷ୍ଠା-୧୩




# କ୍ରୀଡ଼ା ହବ୍ ହେବ ସମ୍ବଲପୁର

## ୧୨୦ କୋଟି ଟଙ୍କାର କ୍ରୀଡ଼ା ପ୍ରକଳ୍ପ ଆରମ୍ଭ କଲେ ମୁଖ୍ୟମନ୍ତ୍ରୀ



**ଲୋକାର୍ପିତ ହେଲା ବୁର୍ଲା ଇନ୍‌ଡୋର୍ ଷ୍ଟାଡିୟମ୍**

**ଫୁଟ୍‌ବଲ୍ ଏକାଡେମୀ ଓ ୟୁନିଭର୍ସିଟି ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପାଇଁ ଭିତ୍ତିପ୍ରସ୍ତର**

■ **ଭୁବନେଶ୍ୱର, ୬।୧ (ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ସମ୍ବଲପୁର ଜିଲ୍ଲାରେ ୧୨୦ କୋଟି ଟଙ୍କା ମୂଲ୍ୟର କ୍ରୀଡ଼ା ପ୍ରକଳ୍ପ ଆରମ୍ଭ କରିଛନ୍ତି। ଶ୍ରୀ ପଟ୍ଟନାୟକ ଶନିବାର ଆଭାସୀ ମାଧ୍ୟମରେ ବୁର୍ଲା ଇଣ୍ଡୋର ଷ୍ଟାଡିୟମ୍‌ର ଲୋକାର୍ପଣ କରିଛନ୍ତି। ସେହିପରି ସମ୍ବଲପୁର ଫୁଟବଲ ଏକାଡେମୀ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା କମ୍ପ୍ଲେକ୍ସ ସହିତ ହକି ଷ୍ଟାଡିୟମ୍ ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି। ଏସବୁ ପ୍ରକଳ୍ପ ସମ୍ବଲପୁରର କ୍ରୀଡ଼ା ପ୍ରତିଭାକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। 'ଯୁବଙ୍କ ପାଇଁ କ୍ରୀଡ଼ା, କ୍ରୀଡ଼ା ପାଇଁ ଯୁବ' ଆଦର୍ଶ ନେଇ କାମ କରୁଥିବା ରାଜ୍ୟ ସରକାର '୫-ଟି' ଉପକ୍ରମ ଅଧୀନରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ କାର୍ଯ୍ୟ ହାତକୁ ନେଇଛନ୍ତି। ଏହା ଦ୍ୱାରା ସମ୍ବଲପୁରର ପିଲାମାନେ ନିଜ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ସୁଯୋଗ ପାଇବେ ବୋଲି ମୁଖ୍ୟମନ୍ତ୍ରୀ ବିଶ୍ୱାସବ୍ୟକ୍ତ କରିଥିଲେ। ସମ୍ବଲପୁରର କ୍ରୀଡ଼ା ନିପୁଣତାକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ, ସମ୍ବଲପୁରରେ ଫୁଟବଲ୍ ଖେଳ ବହୁତ ଲୋକପ୍ରିୟ। ତେଣୁ ଜିଲ୍ଲାରେ ଏକ ଫୁଟବଲ୍ ଏକାଡେମୀ ପ୍ରତିଷ୍ଠା କରାଯାଉଛି ଏବଂ ଏଠାରେ ଉଚ୍ଚ ଦକ୍ଷତା ସମ୍ପନ୍ନ କୋଚିଂ ମିଳିବ ଓ ପ୍ରତିଯୋଗିତା ଆୟୋଜିତ ହେବ।

ବୁର୍ଲା ଇଣ୍ଡୋର ଷ୍ଟାଡିୟମ୍‌ରେ ୪ଟି ବ୍ୟାଡ୍‌ମିଣ୍ଟନ୍ କୋର୍ଟ ରହିଥିବା ବେଳେ ୪୦୦ ଦର୍ଶକ ବସିପାରିବେ। ସେଣ୍ଟ୍ରାଲ ଏସି ବ୍ୟବସ୍ଥା ସହିତ ଖେଳାଳୀଙ୍କ ପାଇଁ ପୋଷାକ ପରିବର୍ତ୍ତନ କୋଠରୀ, ଆଶୁ ଚିକିତ୍ସା ▶ପୃଷ୍ଠା-୧୩

## ରାଜ୍ୟର ପ୍ରତି ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବାର ସମୟ ଆସିଛି: '୫-ଟି' ଅଧ୍ୟକ୍ଷ

# ଖୁବ୍‌ଶୀଘ୍ର ଭତ୍ତା ବୃଦ୍ଧି ଘୋଷଣା କରିବେ ମୁଖ୍ୟମନ୍ତ୍ରୀ

## ୬ ମାସରେ ବାଲେଶ୍ୱର ଜିଲ୍ଲାକୁ ମିଳିଛି ୧୦୩୮ କୋଟିର ବିକାଶ ପ୍ରକଳ୍ପ

■ **ଭୁବନେଶ୍ୱର, ୬।୧ (ସମିସ):** ଲୋକଙ୍କ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିନରାତି ଏକ କରି କାମ କରୁଛନ୍ତି। ବିକାଶ ପାଇଁ ନୂଆ ନୂଆ ନକ୍ସା ଆଙ୍କୁଛନ୍ତି। ଶାସନର ୫ମ ପାଳିରେ ମୁଖ୍ୟମନ୍ତ୍ରୀ ଲୋକଙ୍କ ପାଇଁ ସର୍ବାଧିକ ବିକାଶମୂଳକ ଯୋଜନା ପ୍ରଣୟନ କରିଛନ୍ତି। ହସ୍‌ପିଟାଲରୁ ଆରମ୍ଭ କରି ରାସ୍ତାଘାଟ ଓ ପୋଲ ସବୁ କ୍ଷେତ୍ରରେ ଯେତେବେଳେ ମୁଖ୍ୟମନ୍ତ୍ରୀ ବିକାଶ କରୁଛନ୍ତି, ସେଥିପାଇଁ ତାଙ୍କୁ ଏବେ ଧନ୍ୟବାଦ ଦେବାର ସମୟ ଆସିଛି ବୋଲି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଆଜି ଆହ୍ୱାନ ଜଣାଇଛନ୍ତି।

ଆଜି ବାଲେଶ୍ୱର ଗସ୍ତ ଅବସରରେ ମିଶନ ପଡିଆଠାରେ ଅନୁଷ୍ଠିତ ଜନସଭାରେ ଶ୍ରୀ ପାଣ୍ଡିଆନ ବିରୋଧୀଙ୍କ ପ୍ରଶ୍ନର ଶାଣିତ ଉତ୍ତର ରଖି କହିଛନ୍ତି, ସେ ଜୁନ୍ ମାସରେ ବାଲେଶ୍ୱର ଜିଲ୍ଲାକୁ ଆସିଥିବାବେଳେ ଲୋକଙ୍କଠାରୁ ୮୪୦ଟି ଆବେଦନପତ୍ର ମିଳିଥିଲା। ଏହିସବୁ ଦରଖାସ୍ତକୁ ବିଚାରକୁ ନେଇ ଗତ ୬ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀ ୮୦ଟି ଆବେଦନକୁ ଛାଡ଼ି ଆଉସବୁ ଆବେଦନର ସମାଧାନ କରିଛନ୍ତି। ବାଲେଶ୍ୱର ପୌରାଂଚଳରେ ପାଇପଯୋଗେ ବିଶୁଦ୍ଧ ପାନୀୟଜଳ ▶ପୃଷ୍ଠା-୧୩



- ଗରିବଙ୍କ ପାଇଁ ବିଏସ୍‌କେୱାଇ ହେଉଛି ଏକ ମ୍ୟାଜିକ୍ କାର୍ଡ
- ୧୬ ସୁଦ୍ଧା ମନ୍ଦିର, ମସଜିଦ, ଚର୍ଚ୍ଚ ପାଇଁ ମିଳିବ ଖୁସି ଖବର
- ଅଙ୍ଗନବାଡ଼ି କର୍ମୀଙ୍କ ଠାରୁ ଜଳସାଥୀ, ସମସ୍ତଙ୍କ ଦରମା ବଢ଼ିବ
- ଓଡ଼ିଶାର ନଂ-୧ ମଡେଲ ସ୍କୁଲ ହେବ ବାହାନଗା ହାଇସ୍କୁଲ
- ଟ୍ରେନ୍ ଦୁର୍ଘଟଣା ସମୟରେ ବାହାନଗାବାସୀଙ୍କ ତ୍ୟାଗ ଅତୁଳନୀୟ
- ଫେବୃଆରୀ ସୁଦ୍ଧା ସରିବ ଜିଲ୍ଲାର ୧୩୬ କଲେଜ ରୂପାନ୍ତରଣ କାମ

## ସିକିମ୍ ଜମି ସ୍ୱତ୍ୱ ସମସ୍ୟାର ସ୍ଥାୟୀ ସମାଧାନ

■ **ଭୁବନେଶ୍ୱର, ୬।୧(ସମିସ):** ଦେଢ଼ ଶହ ବର୍ଷ ଧରି ଲାଗି ରହିଥିବା ସିକ୍କିମ ଜମି ସ୍ୱତ୍ୱ ସମସ୍ୟାର ସମାଧାନ କରିଛନ୍ତି ମୁଖ୍ୟମନ୍ତ୍ରୀ। ସିକ୍କିମ ପଟ୍ଟାଧାରୀ ରୟତମାନେ ନିଜ ଜମିର ସ୍ୱତ୍ୱ ପାଇବା ନେଇ ସମସ୍ୟା ଲାଗି ରହିଥିଲା। ଏଥିପାଇଁ ରାଜସ୍ୱ ଆଇନରେ ପରିବର୍ତ୍ତନ ଅଣାଯାଇଛି। ଫଳରେ ସମଗ୍ର ରାଜ୍ୟର ୨ଲକ୍ଷ ୫୦ହଜାର ପରିବାର ଉପକୃତ ହେବେ। କେବଳ ବାଲେଶ୍ୱର ଜିଲ୍ଲାର ୧୮ ହଜାର ରୟତ ପରିବାର ଉପକୃତ ହେବେ। ୧୫୦ ପରେ ସେମାନେ ସେମାନଙ୍କ ଜମିର ପଟ୍ଟା ପାଇବେ। ୨୧୦୧ ଏକର ସିକ୍କିମ ପଟ୍ଟା ସ୍ଥିତିରେ ଥିବା ଜମିର ପଟ୍ଟା ମିଳିବ। ଦିନିକିଆ ବାଲେଶ୍ୱର ଗସ୍ତ ଅବସରରେ '୫-ଟି' ଓ 'ନବୀନ ଓଡିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସୂଚନା ଦେଇଛନ୍ତି।

## ୨୭ରେ ସମଲେଇ ପ୍ରକଳ୍ପର ଲୋକାର୍ପଣ

# ପ୍ରତି ଘରୁ ଆସିବ ସିନ୍ଦୂର

## ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କଲେ ଟ୍ରଷ୍ଟ ବୋର୍ଡ ଓ ପୂଜକ



**ସମସ୍ତଙ୍କ ସହଯୋଗ କାମନା କଲେ ମୁଖ୍ୟମନ୍ତ୍ରୀ**

**ମା'ଙ୍କ ଆଶୀର୍ବାଦରୁ କାମ ଭଲରେ ହେବ: ପାଣ୍ଡିଆନ**

■ **ଭୁବନେଶ୍ୱର, ୬।୧ (ସମିସ):** ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ପୀଠ ରୂପାନ୍ତରଣ ପ୍ରକଳ୍ପ ଆସନ୍ତା ୨୭ ତାରିଖରେ ଲୋକାର୍ପିତ ହେବ। ଶନିବାର ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡର ସଦସ୍ୟ, ସଭାପତି ଓ ପୂଜକମାନେ ନବୀନ ନିବାସରେ ମଙ୍ଗଳାଷ୍ଟକ ଗାନ ପୂର୍ବକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଶୀର୍ବାଦ କରିବା ସହ ପ୍ରକଳ୍ପର ଲୋକାର୍ପଣ ପାଇଁ ନିମନ୍ତ୍ରଣ ଦେଇଛନ୍ତି। ମା'ଙ୍କ ପୀଠର ରୂପାନ୍ତରଣ ପାଇଁ ସେମାନେ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଦେଇଛନ୍ତି।

ମା'ଙ୍କ ମନ୍ଦିର ଲୋକାର୍ପଣ ପାଇଁ ଟ୍ରଷ୍ଟବୋର୍ଡ ପକ୍ଷରୁ ସବୁ ଘରକୁ ନଡ଼ିଆ ଦିଆଯିବ ଏବଂ ସବୁ ଘରୁ ମା'ଙ୍କ ପାଇଁ ସିନ୍ଦୂର ଆସିବ ବୋଲି ଟ୍ରଷ୍ଟବୋର୍ଡର ସଦସ୍ୟ ଓ ସେବାୟତମାନେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମା'ଙ୍କ କାମରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମା'ଙ୍କ ପୀଠ ଓ ସମ୍ବଲପୁର ସହରର ଉନ୍ନତି ପାଇଁ ସେ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି ବୋଲି କହିଥିଲେ। ଆଗାମୀ ଦିନରେ ମଧ୍ୟ ଏହି ▶ପୃଷ୍ଠା-୧୩

## ରାଜ୍ୟ ସରକାର-ଡ୍ରାଇଭର୍ ମହାସଂଘ ଆଲୋଚନା ସଫଳ

# ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ପ୍ରତ୍ୟାହୃତ

■ **କଟକ, ୬।୧ (ସମିସ):** ଡ୍ରାଇଭର୍ ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଆଜି ପ୍ରତ୍ୟାହାର ହୋଇଛି। ରାଜ୍ୟ ସରକାରଙ୍କ ଆଲୋଚନା ସଫଳ ହେବା ପରେ ଆନ୍ଦୋଳନରୁ ମହାସଂଘ ଓହରି ଯାଇଥିବା ମହାସଂଘର ସଭାପତି ପ୍ରଶାନ୍ତ ମେଣ୍ଡୁଲି ସୂଚନା ଦେଇଛନ୍ତି। ବିଶେଷକରି ତିନୋଟି କ୍ଷତିପୂରଣ ପ୍ରଦାନ ଆବେଦନରେ ଚେକ୍ ପ୍ରଦାନ କରାଯାଇଥିବାରୁ ଏହି ଆନ୍ଦୋଳନ ପ୍ରତ୍ୟାହାର ହୋଇଥିବା ଶ୍ରୀ ମେଣ୍ଡୁଲି କହିଛନ୍ତି। ଆନ୍ଦୋଳନର ପ୍ରଭାବ ମଧ୍ୟ ଯାତ୍ରୀ ପରିବହନ ସହ ତୈଳ, ଦୁଗ୍ଧ ଓ ଅନ୍ୟାନ୍ୟ ସାମଗ୍ରୀ ପରିବହନକୁ ପ୍ରଭାବିତ କରିଥିଲା। ୧୦ ଦଫା ସମ୍ବଳିତ ଦାବିପତ୍ର ପୂର୍ବରୁ ସରକାରଙ୍କୁ ଦିଆଯାଇଥିଲା। ଏହି ଦାବିଗୁଡ଼ିକୁ ସରକାର ପୂରଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଓ ହିଟ୍ ଆଣ୍ଡ ରନ୍ ମାମଲାରେ କେନ୍ଦ୍ର ସରକାରଙ୍କ ନୂଆ ଆଇନକୁ ବିରୋଧ କରି ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ମହାସଂଘର ଏକ ପ୍ରତିନିଧି ଦଳ ସେମାନଙ୍କ ଦାବି ସମ୍ପର୍କରେ ପରିବହନ କମିଶନରଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସଫଳ ହୋଇଥିବା ଓ ଡ୍ରାଇଭରଙ୍କ ଦାବି ପୂରଣ ହୋଇଥିବାରୁ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିବା ନେଇ ପରିବହନ କମିଶନର ଅମିତାଭ ଠାକୁର ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ହିଟ୍ ଆଣ୍ଡ ରନ୍ ମାମଲାରେ କେନ୍ଦ୍ର ସରକାରଙ୍କ ନୂଆ ଆଇନ ବିରୋଧରେ ଆଗାମୀ କାର୍ଯ୍ୟପନ୍ଥା ସଂପର୍କରେ ସୋମବାର ନିଷ୍ପତ୍ତି ନିଆଯିବ ବୋଲି ମହାସଂଘ କହିଛି।

# ଭିଜିଲାନ୍ସ ଜାଲରେ ଲାଞ୍ଚୁଆ ଆର୍‌ଆଇ



**ଜମି କିସମ ପରିବର୍ତ୍ତନ ପାଇଁ ନେଉଥିଲେ ୨୦ ହଜାର ଲାଞ୍ଚ**

**ସରକାରୀ ବାସଭବନ ସମେତ ୩ ସ୍ଥାନରେ ଚଢ଼ଉ**

■ **କେନ୍ଦୁଝର/ବଡ଼ବିଲ, ୬।୧ (ସମିସ):** ଜମି କିସମ ପରିବର୍ତ୍ତନ ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ବଡ଼ବିଲ ତହସିଲ ଅଧୀନ ବିଲେଇପଦା ରାଜସ୍ୱ ନିରୀକ୍ଷକ ମୀର୍ ମହମ୍ମଦ ଖାନ୍ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଆଜି ସକାଳେ ଭିଜିଲାନ୍ସ ତାଙ୍କୁ ଧରିବା ପରେ ତେଲକୋଇ ଥାନା ସାହିରେ ଥିବା ପୈତୃକ ବାସଭବନ ସମେତ ୩ଟି ସ୍ଥାନରେ ଚଢ଼ଉ କରିଥିଲା। ଆସନ୍ତାକାଲି ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି କେନ୍ଦୁଝର ଭିଜିଲାନ୍ସ ଡିଏସ୍‌ପି ଏସ୍‌ଏସ୍ ପୂଜାରୀ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ବାରମ୍ବାର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଦୌଡ଼ିବା ପରେ ମଧ ଦେଓଝର ଗ୍ରାମର ଧ୍ରୁବରାଜ ହେମ୍ବ୍ରମଙ୍କ ଜମି କିସମ ପରିବର୍ତ୍ତନ ହୋଇପାରୁନଥିଲା। ରାଜସ୍ୱ ନିରୀକ୍ଷକ ମୀର୍ ତାଙ୍କୁ ବାରମ୍ବାର ହଇରାଣ କରିବା ପରେ ଏହି କାମ ପାଇଁ ୨୦ ହଜାର ଲାଞ୍ଚ ମାଗିଥିଲେ। ଏ ସଂପର୍କରେ ଶ୍ରୀ ହେମ୍ବ୍ରମ କେନ୍ଦୁଝର ଭିଜିଲାନ୍ସର ଦ୍ୱାରସ୍ଥ ହେବା ପରେ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ଯୋଜନା ମୁତାବକ, ଆଜି ସକାଳେ ବିଲେଇପଦାସ୍ଥିତ ଆର୍.ଆଇ କାର୍ଯ୍ୟାଳୟରେ ୨୦ହଜାର ଲାଞ୍ଚ ନେବା ବେଳେ ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଟିମ୍ ମୀରଙ୍କୁ ମାଡ଼ି ବସିଥିଲା। ଏହି ଚଢ଼ଉରେ ବାଲେଶ୍ୱର ଭିଜିଲାନ୍ସ ଭିଜିଲାନ୍ସ ଏସ୍‌ପି ନରହରି ନାଏକ, ଅତିରିକ୍ତ ଏସ୍‌ପି ମହେଶ୍ୱର ସେଠୀ, କେନ୍ଦୁଝର ଭିଜିଲାନ୍ସ ଡିଏସ୍‌ପି ଶଶାଙ୍କ ଶେଖର ପୂଜାରୀଙ୍କ ସମେତ ବାଲେଶ୍ୱର ଭିଜିଲାନ୍ସ, କେନ୍ଦୁଝର ଭିଜିଲାନ୍ସର ବହୁ କର୍ମଚାରୀ ସାମିଲ ଥିଲେ।

## ଲୋକକଥା



ବିରୋଧୀବାଲାଏ ଲାଗି ପଡ଼ିଛନ୍ତି
ଓଡ଼ଇଶାରେ ସ୍ଥିତି ପାଇବା ପାଇଁ,
କି ଅବଦାନ ଅଛିବା ତାଙ୍କର
ରାଇଜବାସୀଏ ଦେବେ କୁଢ଼େଇ !
ନିରାଶା ହେବେ ଯା' ହାତ ପତେଇ,
ଶଙ୍ଖ ତ ଚାଲିଛି ଏ ମାଟି ଉପରେ
ପ୍ରଗତି ରଥକୁ ଖରେ ଗଢ଼େଇ ॥

## ଗଡ଼ିଲା 'ଅର୍ପଣ ରଥ'

# ଜୟ ଜଗନ୍ନାଥ ଧ୍ୱନିରେ ପୁରପଲ୍ଲୀ ମୁଖରିତ

## ପ୍ରତିଟି ପରିବାର ବଢ଼ାଇଦେଲେ ଅକ୍ଷତ ଓ ଗୁଆ

■ **ପୁରୀ, ୬।୧ (ସମିସ):** ପ୍ରତ୍ୟେକ ଓଡ଼ିଆଙ୍କ ସହଭାଗିତାରେ ବିଶ୍ୱନିୟନ୍ତାଙ୍କ ଐତିହାସିକ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ପୂର୍ଣ୍ଣାଙ୍ଗ କରିବା ଉଦ୍ଦେଶ୍ୟରେ ଶନିବାର ସାରା ରାଜ୍ୟରୁ ଶ୍ରୀକ୍ଷେତ୍ର ଅଭିମୁଖେ ଗଡ଼ିବା ଆରମ୍ଭ କରିଛି 'ଅର୍ପଣ ରଥ'। 'ଜୟ ଜଗନ୍ନାଥ' ଧ୍ୱନିରେ ମୁଖରିତ ହେଉଛି ଗାଁ ଦାଣ୍ଡ। ମହାପ୍ରଭୁଙ୍କ ପାଇଁ ଏକାକାର ହୋଇଯାଇଛନ୍ତି ନେତା, ଜନତା। ନାହିଁ ବାଛବିଚାର କି ନାହିଁ ଭେଦଭାବ। ସମାନତାର ଭାବରେ ଉଦ୍‌ବୁଦ୍ଧ ହୋଇଛନ୍ତି ପିଲାଠୁ ବୟସ୍କ।

ଦାସିଆ ବାଉରୀ ହାତରୁ ନଡ଼ିଆ ନେବା ଭଳି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରତିଟି ପରିବାର ଘର ଦୁଆରେ ଥାଇ ବଢ଼ାଇ ଦେଉଛନ୍ତି ଅକ୍ଷତ (ଅରୁଆ ଚାଉଳ) ଓ ଗୁଆ। ଶ୍ରଦ୍ଧା ଓ ଭଲପାଇବାର ଏହି ସମର୍ପଣକୁ 'ଅର୍ପଣ ରଥ'ରେ ହିଁ ସଂଗ୍ରହ କରାଯାଉଛି ।



ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁ ବ୍ଲକରେ ଗଡ଼ିଲା 'ଅର୍ପଣ ରଥ'

ଆସନ୍ତା ୧୭ ତାରିଖରେ ଲୋକାର୍ପିତ ହେବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନର ପ୍ରକଳ୍ପ 'ଶ୍ରୀମନ୍ଦିର ପରିକ୍ରମା'। ଏ ନେଇ ଶ୍ରୀକ୍ଷେତ୍ର ପୁରୀ ସମେତ ଉତ୍ସବମୁଖର ସମଗ୍ର ରାଜ୍ୟ। ପରିକ୍ରମା ପ୍ରକଳ୍ପ ଲୋକାର୍ପଣରେ ସବୁ ଲୋକେ ପୁରୀ ଆସିବା ସମ୍ଭବ ନ ଥିବାରୁ ପ୍ରତି ପରିବାରରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରାଯାଉଛି। ଅର୍ପଣ ରଥ ପ୍ରତ୍ୟେକ ପଞ୍ଚାୟତ ବୁଲି ଏହା ସଂଗ୍ରହ କଲା ପରେ ବ୍ଲକର ଏକ ମନ୍ଦିରରେ ସଂଗୃହିତ ଗୁଆ ଓ ଅକ୍ଷତ ରଖାଯିବ। ସେଠାରୁ ପରିକ୍ରମା ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ଗାଡ଼ିରେ ପୁରୀ ଅଣାଯାଇ ମହାପ୍ରଭୁଙ୍କୁ ସମର୍ପଣ ହେବ। ଏହି ନିଷ୍ପତ୍ତି ପରେ ଶନିବାରଠାରୁ ପୁରୀ ଜିଲ୍ଲାର ପ୍ରତି ବ୍ଲକରେ ଗଡ଼ିଛି ଅର୍ପଣ ବା ଜଗନ୍ନାଥ ରଥ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳି ହିଞ୍ଜିଳିକାଟୁ ବ୍ଲକ୍‌ରୁ ଗଞ୍ଜାମ ଜିଲ୍ଲା ପାଇଁ ଗୁଆ, ଅକ୍ଷତ ସଂଗ୍ରହ ଅଭିଯାନ ▶ପୃଷ୍ଠା-୧୩

# ଝଲସିବ ବଲାଙ୍ଗିରର ୩ ପୁରୁଣା ମନ୍ଦିର

**ବଲାଙ୍ଗିର, ୬ ।୧(ସମିସ)**

ବଲାଙ୍ଗିର ଜିଲ୍ଲାରେ ଥିବା ମଠ ମନ୍ଦିର ଉପରେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଫୋକସ । ସ୍ୱତନ୍ତ୍ର ଅନୁଦାନରେ ଝଲସୁଛି ମଠ ଓ ମନ୍ଦିର । ହରିଶଙ୍କର, ଯୋଗୀସର୍ଡା ଭଳି ପର୍ଯ୍ୟଟନସ୍ଥଳୀର ଉନ୍ନତିକରଣ କାମକୁ ମଞ୍ଜୁରି ମିଳିଥିବା ବେଳେ ବଲାଙ୍ଗିର ସହରର ତିନି ପ୍ରମୁଖ ମନ୍ଦିରର ହେବ ନବକଳେବର । ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିବା ବେଳେ ଖୁବଶୀଘ୍ର ଏହି ମନ୍ଦିର କାମ ଆରମ୍ଭ ହେବ ବୋଲି ଜଣାପଡ଼ିଛି । ମନ୍ଦିର ଉନ୍ନତିକରଣ, ସୌନ୍ଦର୍ଯ୍ୟକରଣ ଓ ଆବଶ୍ୟକ ନିର୍ମାଣ କାମ ପାଇଁ ଏହି ଅର୍ଥ ଖର୍ଚ୍ଚ ହେବ । ଏହି କାମ ସରିବା ପରେ ଉକ୍ତ ତିନି ମନ୍ଦିରର ଚେହେରା ବଦଳିଯିବ ବୋଲି ଜଣାପଡ଼ିଛି । ଯାହାକି ଲୋକଙ୍କୁ ଆକୃଷ୍ଟ କରିବ ଓ ଭିଡ଼ ମଧ୍ୟ ବଢ଼ିବ ବୋଲି ଆଲୋଚନା ହେଉଛି ।

ବଲାଙ୍ଗିର ସହରର ସବୁଠାରୁ ପୁରୁଣା ତିନି ମନ୍ଦିର ମା' ସମଲେଶ୍ୱରୀ, ମା' ପାଟଣେଶ୍ୱରୀ ଓ ଗୋପାଳଜୀ ମନ୍ଦିରର ଉନ୍ନତିକରଣ କାମକୁ ରାଜ୍ୟ ସରକାର ମଞ୍ଜୁରୀ ଦେଇଥିଲେ । ଗତ ୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗିର ଗସ୍ତରେ ଆସିଥିବା ସମୟରେ ଅନ୍ୟ ପ୍ରକଳ୍ପମାନଙ୍କ ସହ ଏହି ତିନି ମନ୍ଦିରର ଶିଳାନ୍ୟାସ କରିଥିଲେ । ସୂଚନା ଅନୁସାରେ ବଲାଙ୍ଗିର ପାଟଣେଶ୍ୱରୀ ମନ୍ଦିର ଦୀର୍ଘ ବର୍ଷ ହେଲା ବିଭିନ୍ନ ସମସ୍ୟା ଭିତରେ ଅବହେଳିତ ହୋଇ ରହିଥିବା ଅଭିଯୋଗ ହୋଇ ଆସୁଥିଲା । ଏପରିକି ବର୍ଷା ସମୟରେ ଏକାଧିକ ଥର ମନ୍ଦିର ଭିତରକୁ ଡ୍ରେନ ପାଣି ପଶିବାର ମଧ୍ୟ ଦୃଶ୍ୟ ସାମ୍ନାକୁ ଆସିଥିଲା । ଯାହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଥିଲା । ତେବେ ଏହି ମନ୍ଦିରର ଉନ୍ନତିକରଣ ପାଇଁ ପୂର୍ବରୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ । କିଛି ମାସ ତଳେ ୫ଟି ଅଧ୍ୟକ୍ଷ ମନ୍ଦିର କମିଟି ସହ ଏନେଇ ଆଲୋଚନା କରିବା ପରେ ୧ କୋଟି ୧୨ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର କରିଥିଲେ । ଏହି ଟଙ୍କାରେ ମନ୍ଦିରର ଯଜ୍ଞ ମଣ୍ଡପ, ଦୀପ ଘର, ରୋଷେଇ ଘର, ବେଢ଼ା ନିର୍ମାଣ, ମନ୍ଦିରର ସୌନ୍ଦର୍ଯ୍ୟକରଣ, ଗୋଦାମ ଘର ନିର୍ମାଣ କରାଯିବ ବୋଲି ଜଣାପଡ଼ିଛି । ମନ୍ଦିରର ସମ୍ପୂର୍ଣ୍ଣ ନକ୍ସା ପରିବର୍ତ୍ତନ ହେବ ଯାହାକି ଆକର୍ଷଣୀୟ ହେବ ବୋଲି ଜଣାପଡ଼ିଛି । ସେହିପରି ଲୋକଙ୍କ ଭାବାବେଗ ସହ ଜଡିତ ଥିବା ସମଲେଶ୍ୱରୀ ମନ୍ଦିରକୁ ୫ଟି ଅଧ୍ୟକ୍ଷ ନିଜେ ପରିଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ । ଏହି ମନ୍ଦିର ଦେବୋତ୍ତର ବିଭାଗ ଅଧିନରେ ଥିବା ବେଳେ ମନ୍ଦିର ପାଇଁ ୩ କୋଟି ୧୫ ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇଛି । ଏହି ଟଙ୍କାରେ ପାଚେରୀ, ଡ୍ରେନ ନିର୍ମାଣ କରାଯିବ । ନୂତନ ପ୍ରବେଶ ଦ୍ୱାର, ଦୀପ ଘର, ରୋଷେଇ ଘର ଓ ଅନ୍ୟ ସୌନ୍ଦର୍ଯ୍ୟକରଣ କାମ କରାଯିବ ବୋଲି ଜଣାପଡ଼ିଛି । ସହରର ମଧ୍ୟସ୍ଥଳରେ ଥିବା ଏହି ମନ୍ଦିରରେ ଭକ୍ତଙ୍କ ଭିଡ ପ୍ରାୟ ସବୁଦିନ ଲାଗି ରହୁଥିବା ବେଳେ ଭକ୍ତଙ୍କ ସୁବିଧା ପାଇଁ ଅନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯିବ ବୋଲି ଜଣାପଡ଼ିଛି । ସେହିପରି ଅନ୍ୟତମ ପୁରାତନ ମନ୍ଦିର ଗୋପାଳଜୀ ମନ୍ଦିରର ଉନ୍ନତିକରଣ ସହ ନବକଳେବର ପାଇଁ ସ୍ୱତନ୍ତ୍ର ପ୍ରଦାନ କରିଛନ୍ତି ରାଜ୍ୟ ସରକାର । ଏହି ମନ୍ଦିର ପାଇଁ ୫ କୋଟି ୭୧ ଲକ୍ଷ ଅନୁଦାନ ମଞ୍ଜୁର କରିଥିବା ବେଳେ ଏହି ଟଙ୍କାରେ ସମ୍ପୂର୍ଣ୍ଣ ଭାବେ ମନ୍ଦିରର ଚେହେରା ପରିବର୍ତ୍ତନ ହେବ । ଏହି ମନ୍ଦିର ମଧ୍ୟ ଦେବୋତ୍ତର ବିଭାଗ ଅଧିନରେ ରହିଛି । ମନ୍ଦିରର ଉନ୍ନତିକରଣ ସହ ମନ୍ଦିର ପରିସରରେ ପାର୍କ, ରୋଷେଇ ଘର, ପୂଜକଙ୍କ ପାଇଁ ଘର, ଭୋଗ ମଣ୍ଡପ, ଦେବୋତ୍ତର ବିଭାଗର ଏକ କାର୍ଯ୍ୟାଳୟ ନିର୍ମାଣ ସହ ମନ୍ଦିର ସୌନ୍ଦର୍ଯ୍ୟକରଣ ଓ ଭକ୍ତଙ୍କ ସୁବିଧା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି । ଏହି ତିନି ମନ୍ଦିରର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କରାଯାଇଥିବା ବେଳେ ଟେଣ୍ଡର ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ଥିବା ଜଣାପଡ଼ିଛି । ଖୁବଶୀଘ୍ର କାମ ଆରମ୍ଭ ହୋଇ ଆସନ୍ତା ସାତ ମାସ ଭିତରେ ସମ୍ପୂର୍ଣ୍ଣ ହେବ ବୋଲି ଜଣାପଡ଼ିଛି । ଏହି ତିନି ମନ୍ଦିର ସହ ବଲାଙ୍ଗିରବାସୀଙ୍କ ଭାବାବେଗ ଜଡିତ ହୋଇଥିବାରୁ ଏହାର ଉନ୍ନତିକରଣ ପାଇଁ ଶିଳାନ୍ୟାସ ହେବା ପରେ ଲୋକେ ମଧ୍ୟ ଖୁସି ପ୍ରକଟ କରିବା ସହ ମୁଖ୍ୟମନ୍ତ୍ରୀ ଓ ୫ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି ।








- ୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଶିଳାନ୍ୟାସ ପରେ ଖୁସି ପ୍ରକଟ କଲେ ଶ୍ରଦ୍ଧାଳୁ
- ସାତ ମାସରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ
- ଶିଳାନ୍ୟାସ ପରେ କାମ ଆରମ୍ଭ ପାଇଁ ତତ୍ପରତା
- ସମଲେଶ୍ୱରୀ ମନ୍ଦିରକୁ ୩ କୋଟି୧୫ ଲକ୍ଷ
- ପାଟଣେଶ୍ୱରୀ ମନ୍ଦିରକୁ ୧ କୋଟି ୧୨ଲକ୍ଷ
- ଗୋପାଳଜୀ ମନ୍ଦିର ପାଇଁ ୫ କୋଟି ୭୧ ଲକ୍ଷ

### ବାନ୍ଧି ରଖିଥିଲା ସର୍ଦ୍ଦାର

## ଗଞ୍ଜାମରୁ ଉଦ୍ଧାର ହେଲେ ବଲାଙ୍ଗିରର ୨୮ ଦାଦନ ଶ୍ରମିକ

**ବଲାଙ୍ଗିର, ୬।୧(ସମିସ):** ଓଡ଼ିଶା ପୁଲିସ ଗଞ୍ଜାମ ଜିଲ୍ଲାର ଏକ ଇଟାଭାଟିରୁ ୬ ଜଣ ଶିଶୁଙ୍କ ସମେତ ୨୮ ଜଣ ଶ୍ରମିକଙ୍କୁ ଉଦ୍ଧାର କରିଛି । ଶ୍ରମିକମାନେ ବଲାଙ୍ଗିର ଜିଲ୍ଲାର ସାନବେଡା ଏବଂ ପାଟଣାଗଡ଼ ଅଞ୍ଚଳରୁ ଆସିଛନ୍ତି । ଜଣେ ସ୍ଥାନୀୟ ମଧ୍ୟସ୍ଥି ଏହି ଶ୍ରମିକମାନଙ୍କୁ ଗତ ନଭେମ୍ବରରେ ଗଞ୍ଜାମର ଏକ ଇଟା ଭାଟିରେ କାର୍ଯ୍ୟର ପ୍ରତିଶ୍ରୁତି ଦେଇ ଏବଂ ଉଚିତ ମଜୁରୀର ପ୍ରଲୋଭନ ଦେଖାଇ ନେଇଥିଲେ । ସେମାନଙ୍କ ଇଟା ଉତ୍ପାଦନ ପାଇଁ ଦେୟ ଦେବାର ପ୍ରତିଶ୍ରୁତି ସତ୍ତ୍ୱେ ମାଲିକ ସଠିକ୍ ରେକର୍ଡଗୁଡିକ ରଖିବାକୁ ମନା କରିଦେଲେ ଏବଂ ନିଜ ଇଚ୍ଛାରେ ଦେୟ ପ୍ରଦାନ କଲେ । ଯେତେବେଳେ ଶ୍ରମିକମାନେ ମଜୁରୀ ପାଇବାକୁ ଦାବି କଲେ ତାହା ଶାରୀରିକ ତଥା ଅଶାଳୀନ ବ୍ୟବହାରର କାରଣ ହୋଇଥିଲା । ଦୁଃଖଦ ଅବସ୍ଥାରେ ଶ୍ରମିକମାନଙ୍କୁ ରାତି ୧୧ଟା ପର୍ଯ୍ୟନ୍ତ ଏବଂ ଛୋଟ ପିଲାମାନଙ୍କୁ ମଧ୍ୟ ଖରାରେ କାମ କରିବାକୁ ବାଧ୍ୟ କରାଯାଉଥିଲା । ଶ୍ରମିକମାନେ ଅଗ୍ରୀମ ଫେରାଇ ନିଜ ଗ୍ରାମକୁ ଫେରିବାକୁ ଇଚ୍ଛୁକ ଥିଲେ କିନ୍ତୁ ମାଲିକ ସେମାନଙ୍କୁ ଯିବାକୁ ଦେଲେ ନାହିଁ । ଦିନେ ଯେତେବେଳେ ସେ ମହିଳାମାନଙ୍କ ଉପରେ ଆକ୍ରମଣ କରୁଥିଲେ ବିନୋଦ ନାମକ ଜଣେ ଶ୍ରମିକ ତାଙ୍କୁ ଅଟକାଇଥିଲେ । ଏଥିରେ ରାଗିଯାଇ ନିଶାସକ୍ତ ମାଲିକ ଶ୍ରମିକ ବିନୋଦ ଉପରେ ଆକ୍ରମଣ କରି ତାଙ୍କ ହାତ ଭାଙ୍ଗି ଦେଇଥିଲେ । ବିନୋଦଙ୍କ ପରିବାର ଜଣେ ସଦସ୍ୟ ସ୍ଥାନୀୟ ସାମାଜିକ କର୍ମୀ ଜନସନ ନାଗଙ୍କ ସହାୟତା ଲୋଡ଼ିଥିଲେ । ଫଳରେ ରାଜ୍ୟ ଆଇନ ଶୃଙ୍ଖଳା ପ୍ରାଧିକରଣରେ ମାମଲା ରୁଜୁ ହେବା ସହ ପୁଲିସ କାର୍ଯ୍ୟାନୁଷ୍ଠାନ ମଧ୍ୟ ହୋଇଥିଲା । ପୁଲିସ ସମସ୍ତ ୨୮ ଜଣ ଶ୍ରମିକଙ୍କୁ ଉଦ୍ଧାର କରି ସେମାନଙ୍କୁ ନିଜ ଗ୍ରାମକୁ ଫେରାଇ ଆଣିଛନ୍ତି ।



## ଭୀମଭୋଇ ମେଡିକାଲରେ ଚିକିତ୍ସାଧୀନ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

**ବଲାଙ୍ଗିର, ୬।୧(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଚିକିତ୍ସାଳୟରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ଜଣେ ବ୍ୟକ୍ତିଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ବଲାଙ୍ଗିର ଅଣାଯାଇଥିଲା । ମୃତକଙ୍କ ପରିଚୟ ମିଳି ନ ଥିବାବେଳ ବେଶଭୂଷାରୁ ଏକ ନିର୍ମାଣ ଶ୍ରମିକ ଭଳି ଜଣାପଡୁଛନ୍ତି । ମିଳିଥିବା ସୂଚନା ଅନୁସାରେ ଶନିବାର ଅପରାହ୍ନରେ ଉକ୍ତ ବ୍ୟକ୍ତିଙ୍କୁ କେହି ଜଣେ ପାଟଣାଗଡ଼ ଚିକିତ୍ସାଳୟକୁ ଆଣି ସେଠାରେ ଛାଡ଼ି ପଳାଇଥିଲା । ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ମୃତଦେହକୁ ଶବ ବ୍ୟବଚ୍ଛେଦ ଗୃହରେ ରଖାଯାଇଥିବା ଜଣାପଡ଼ିଛି ।



# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା 'ନବୀନ କାର୍ଡ' କାର୍ଯ୍ୟକ୍ରମର ଶୁଭାରମ୍ଭ

**ବଲାଙ୍ଗିର, ୬।୧(ସମିସ):** ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନବୀନ କାର୍ଡ ପଞ୍ଜିକରଣ ନିମନ୍ତେ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଜିଲ୍ଲାପାଳ ଚଞ୍ଚଳ ରାଣା ୩ଟି ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ୩ଟି ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗ୍ରାମପଞ୍ଚାୟତକୁ ଯାଇ ଏହି ରଥ ନୂଆ ବିଏସ୍‌କେୱାଇ ନବୀନ କାର୍ଡ ଉପରେ ଲୋକଙ୍କୁ ସଚେତନ କରିବା ସହ ହିତାଧିକାରୀମାନେ କିପରି ପଞ୍ଜୀକରଣ କରିବେ ସେ ବିଷୟରେ ସଚେତନ କରିବ । ଏହି ପଞ୍ଜୀକରଣ ଆଜିଠାରୁ ୧୬ ଜାନୁଆରୀ ପର୍ଯ୍ୟନ୍ତ ହେବ । ବିଏସକେୱାଇ ନବୀନ କାର୍ଡ ଅନ୍ତର୍ଭୁକ୍ତ ହୋଇ ନ ଥିବା ସବୁ ଗ୍ରାମୀଣ ପରିବାର (ନିୟମିତ ସରକାରୀ କର୍ମଚାରୀ, ପେନସନଧାରୀ ଏବଂ ଆୟକରଦାତାଙ୍କ ବ୍ୟତୀତ) ବିଏସକେୱାଇ ନବୀନ କାର୍ଡ ପାଇଁ ଯୋଗ୍ୟ ବିବେଚିତ ହେବେ । ବିଏସକେୱାଇ ନବୀନ କାର୍ଡ ହିତାଧିକାରୀମାନେ ତାଲିକାଭୁକ୍ତ ଘରୋଇ ମେଡିକାଲମାନଙ୍କରେ ନିର୍ଦ୍ଧାରିତ ଗୁରୁତର ରୋଗ ଗୁଡିକର ଦେୟମୁକ୍ତ ଚିକିତ୍ସା ପାଇବେ । ସେମାନେ ଓଡ଼ିଶା ବାହାରେ ମଧ୍ୟ ଅନ୍ତର୍ଭୁକ୍ତ ମେଡିକାଲରେ ଏହିସବୁ ରୋଗର ଦେୟମୁକ୍ତ ଚିକିତ୍ସା କରାଇ ପାରିବେ । ଏଥିରେ ପ୍ରତି ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳା ସଦସ୍ୟାଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ବ୍ୟବସ୍ଥା ରହିଛି । ଏହି ସୁବିଧା ୨୦୨୪ ମସିହା ମେ ମାସ ପହିଲାରୁ ଆରମ୍ଭ ହେବ । ତେବେ ଜାତୀୟ ଖାଦ୍ୟ ନିରାପତ୍ତା ବା ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନାରେ ନୂଆ ଭାବେ ଅନ୍ତର୍ଭୁକ୍ତ ହେଉଥିବା ହିତାଧିକାରୀମାନେ ବର୍ତ୍ତମାନ ଚାଲୁ ରହିଥିବା ବିଏସକେୱାଇରେ ସ୍ୱତଃ ଅନ୍ତର୍ଭୁକ୍ତ ହେବେ । ଉଦଘାଟନୀ ଉତ୍ସବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କୁବେର ଚନ୍ଦ୍ର ମହନ୍ତ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ସୁଦ୍ଧା ବାର୍ଲା, ବିଶେଷଜ୍ଞ ଡାକ୍ତର ତୁଷାରକାନ୍ତ ଠାକୁର, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ମୃତ୍ୟୁଞ୍ଜୟ ମୁଣ୍ଡ, ମେଡ଼ିକାଲ ସମ୍ପାଦନା ଅଧିକାରୀ ଇପ୍ସିତା ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ରିତାଞ୍ଜଳୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।



## ରାସ୍ତାରେ ପାଣି ପକାଇବାକୁ କେନ୍ଦ୍ର କରି ଗାଁରେ ବିବାଦ

**ବଲାଙ୍ଗିର, ୬।୧(ସମିସ):** ବଲାଙ୍ଗିର ଜିଲ୍ଲା ପୁଇଁତଲା ଥାନା ଅର୍ନ୍ତଗତ ଦୁର୍ଗାପାଲି ଗ୍ରାମରେ ରାସ୍ତାରେ ପାଣି ପକାଇବା ଘଟଣାକୁ କେନ୍ଦ୍ରକରି ବିବାଦ ଦେଖାଦେଇଛି । ମିଳିଥିବା ସୂଚନା ଅନୁସାରେ ଦୁର୍ଗାପାଲିସ୍ଥିତ ହରିଜନ ବସ୍ତିର ରାସ୍ତା ଉପରେ ପାଣି ଯାଉଥିବାରୁ ବର୍ଷସାରା ରାସ୍ତା କାଦୁଅ ହୋଇରହୁଛି । ଏଥିପାଇଁ ହରିଜନ ବସ୍ତିର ଲୋକେ ଗାଁ ଭିତରେ ରହୁଥିବା ଲୋକଙ୍କୁ ବାରମ୍ବାର ମନା କରୁଥିଲେ । ହେଲେ ସେମାନେ ତାଙ୍କର କଥା ନ ଶୁଣି ପୁଣି ପାଣି ପକାଇବାରେ ଲାଗିଲେ । ଏହାକୁ ବିରୋଧ କରି ଶନିବାର ସକାଳେ ଦଳିତ ବସ୍ତିର କିଛି ଏସଏଚଜି ମହିଳା ରାସ୍ତାରେ ଥିବା କାଦୁଅକୁ ଗୋଟିଏ ସ୍ଥାନରେ ଜମା କରିଥିଲେ । ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା । ଏ ସମ୍ପର୍କରେ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିବା ପାଇଁ ଚେଷ୍ଟା କରିଥିବା ଜଣାପଡ଼ିଛି ।

## ବାଇକ୍ ଧକ୍କାରେ ନାବାଳକ ଛାତ୍ର ଗୁରୁତର

ବଲାଙ୍ଗିର, ୬।୧(ସମିସ): ବଲାଙ୍ଗିର ଜିଲ୍ଲା ତୁଷୁରା ସହରରେ ବାଇକ ଧକ୍କାରେ ଜଣେ ନାବାଳକ ଛାତ୍ର ଗୁରୁତର ହୋଇଛନ୍ତି । ଛାତ୍ରଙ୍କ ନାମ ଅର୍ଜୁନ କୁମାର ହୋଇଥିବା ବେଳେ ତାଙ୍କର ବୟସ ୧୦ ବର୍ଷ । ସେ ତୁଷୁରା ପ୍ରାଥମିକ ବିଦ୍ୟାଳୟର ଛାତ୍ର ବୋଲି ଜଣାପଡ଼ିଛି । ମିଳିଥିବା ସୂଚନା ଅନୁସାରେ ଶନିବାର ତୁଷୁରା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଚାଲିଥିଲା । କାର୍ଯ୍ୟକ୍ରମରେ ଯୋଗଦେଇ ଅର୍ଜୁନ ଘରକୁ ଫେରୁଥିବାବେଳେ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଅର୍ଜୁନଙ୍କ ଗୋଡ ଭାଙ୍ଗିବା ସହିତ ଆହତ ହୋଇଥିଲେ । ସଙ୍ଗେସଙ୍ଗେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି ।

## ଏକଦିବସୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, କାଲସାଏପାଲି ଚାମ୍ପିଅନ

**ବଲାଙ୍ଗିର, ୬।୧(ସମିସ):** ବଲାଙ୍ଗିର ସହର ଉପକଣ୍ଠ ଖଲିଆପାଲି ଗ୍ରାମସ୍ଥିତ ଆମ୍ବେଦକର ଷ୍ଟାଡିୟମଠାରେ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି । ଏଥିରେ ସର୍ବୋତ୍କୃଷ୍ଟ ଖେଳ ପ୍ରଦର୍ଶନ କରି କାଲସାଏପାଲି ଫୁଟବଲ ଦଳ ବିଜୟୀ ହୋଇଛି । ଫାଇନାଲ ମ୍ୟାଚ କାଲସାଏପାଲି ଓ ମନୋହରପୁର ଏଫସି ମଧ୍ୟରେ ହୋଇଥିଲା । ମ୍ୟାଚ୍‌ଟି ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ହେବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ଦୁଇ ଦଳ ମଧ୍ୟରୁ କେହି କାହାକୁ ଗୋଲଦେଇ ପାରିନଥିଲେ । ଫଳରେ ଟାଇବ୍ରେକରର ଜରିଆରେ କାଲସାଏପାଲି ଦଳ ମନୋହରପୁରକୁ ୬-୫ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଛି । ଜଗନ୍ନାଥ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ୮ଟି ଦଳ ଭାଗ ନେଇଥିଲେ । ସେମି ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବରେ ପୁଇଁତଲା ବ୍ଲକ ଆମ୍ବାର ଅଧ୍ୟକ୍ଷ ଜ୍ୟୋତିଷ ମୁଗ୍ରୀ, ସମ୍ମାନିତ ଅତିଥି ଭାବରେ ଧନୁଯାତ୍ରା ସାଂସ୍କୃତିକ ପରିଷଦର ସଭାପତି ବ୍ରହ୍ମାନନ୍ଦ ନାଏକ ଉପସ୍ଥିତ ଥିଲେ । ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବରେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ଯୋଗଦେଇ ବିଜୟୀ ଦଳକୁ ଚାମ୍ପିଅନ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଶ୍ରମିକ ସଂଘ ସଭାପତି ତଥା କାଉନସିଲର ଶମ୍ଭୁ ନାଗ ଓ ସ୍ଥାନୀୟ କାଉନସିଲର ପ୍ରତିମା ଛତ୍ରିଆ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଟୁର୍ଣ୍ଣାମେଣ୍ଟର ସମସ୍ତ ଖେଳକୁ ଅଫିସିଆଲ ଭାବରେ ବେଣୁଧର ବାଗ, ଖୁସିରାମ କୁଅଁର, ମିଥୁନ ଭୁକ୍ତା ଓ ଆଶିଷ ବିଶ୍ୱାଳ ପରିଚାଳନା କରିଥିଲେ । ଜଗନ୍ନାଥ ସ୍ପୋର୍ଟିଂ କ୍ଲବର ସଭାପତି ମିଥୁନ ଭୁକ୍ତାଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିବା ବେଳେ ସମ୍ପାଦକ ସଞ୍ଜିବ ବିଶ୍ୱାଳ, ସତ୍ୟପୀର ପାତ୍ର, ବିକାଶ ପ୍ରଧାନ, ଦଲ ବିଶ୍ୱାଳ, ସୂର୍ଯ୍ୟମଣୀ ସୁନା, ହେମସାଗର ନନ୍ଦ, ଚିତ୍ତରଞ୍ଜନ ବିଶ୍ୱାଳ, ମନ ବିଶ୍ୱାଳ, ବୁଦ୍ଧିରାଜ ବିଶ୍ୱାଳ, ହଜାରୁ ଭୁକ୍ତା, ସିଙ୍କୁ ପ୍ରଧାନ, ନାରାୟଣ ବିଶ୍ୱାଳ, ପ୍ରଶାନ୍ତ ପ୍ରଧାନ, ମନୋଜ ନାଏକ ଓ ଅନ୍ୟମାନେ ସହଯୋଗ କରିଥିଲେ ।



### ବିଏସ୍‌କେୱାଇ ଯୋଜନା ଅପବ୍ୟବହାର ଚଳିବନି

# ଅଣତାଲିକାଭୁକ୍ତ ହେଲା ସ୍ୱରାଜ ଡାକ୍ତରଖାନା ଓ ଗବେଷଣା ପ୍ରତିଷ୍ଠାନ

**ବଲାଙ୍ଗିର, ୬।୧(ସମିସ)**

ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଶାସନ ଉପରେ ସବୁବେଳେ ଗୁରୁତ୍ୱ ଦେଇ ଆସୁଥିବା ବେଳେ ସରକାରୀ ଯୋଜନାରେ ଅନିୟମିତତା କରୁଥିବା ବ୍ୟକ୍ତି, ସଂସ୍ଥା ଉପରେ ରାଜ୍ୟ ସରକାର ସବୁବେଳେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଏହିକ୍ରମରେ ବଲାଙ୍ଗିର ସହରରେ ଥିବା ଏକ ବଡ ଡାକ୍ତରଖାନା ସ୍ୱରାଜ ହସପିଟାଲ ଓ ଗବେଷଣା ପ୍ରତିଷ୍ଠାନକୁ ବିଏସ୍‌କେୱାଇ ଯୋଜନାରୁ ଅଣତାଲିକାଭୁକ୍ତ କରାଯାଇଥିବା ଜଣାପଡ଼ିଛି । ଯୋଜନାରେ ଅନିୟମିତତା ଅଭିଯୋଗ ଆସିବା ପରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏପରି କଡ଼ା ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ମିଳିଛି ।

ବଲାଙ୍ଗିର ସହରରେ ନୂତନ ଭାବେ ଆରମ୍ଭ ହୋଇଥିବା ସ୍ୱରାଜ ଡାକ୍ତରଖାନା ଓ ଗବେଷଣା ପ୍ରତିଷ୍ଠାନକୁ ରାଜ୍ୟ ସରକାର ବିଏସକେୱାଇ ଯୋଜନାରେ ସାମିଲ କରିଥିଲେ । ଏହି ଡାକ୍ତରଖାନାକୁ ଯୋଜନାରେ ସେବା ପ୍ରଦାନକାରୀ ଡାକ୍ତରଖାନା ଭାବେ ରାଜ୍ୟ ସରକାର ମନୋନୀତ କରିଥିଲେ । କିନ୍ତୁ ସମ୍ପୃକ୍ତ ଡାକ୍ତରଖାନା ବିରୋଧରେ ଉକ୍ତ ଯୋଜନାରେ ଅନିୟମିତତା ଭଳି ସାଂଘାତିକ ଅଭିଯୋଗ ହୋଇଥିଲା । ଯାହାର ତଦନ୍ତ ପରେ ସ୍ୱରାଜ ଡାକ୍ତରଖାନାକୁ ବିଏସକେୱାଇ ସେବା ପ୍ରଦାନକାରୀ ତାଲିକାରୁ ଅଣତାଲିକାଭୁକ୍ତ କରିଛି । ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଚିଠି ସଂଖ୍ୟା ୧୦୮, ତାରିଖ ୬।୧।୨୦୨୪ ଅନୁସାରେ ରାଜ୍ୟ ସ୍ୱାସ୍ଥ୍ୟ ଏସୁରେନ୍ସ ସୋସାଇଟି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ବୃନ୍ଦା ଡି. ସ୍ୱରାଜ ଡାକ୍ତରଖାନା ଓ ଗବେଷଣା ପ୍ରତିଷ୍ଠାନର ମାଲିକଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି । ବିଏସକେୱାଇ ଯୋଜନାର ଅପବ୍ୟବହାର କରାଯାଉଥିବା ନେଇ ସମ୍ପୃକ୍ତ ଡାକ୍ତରଖାନା ବିରୋଧରେ ହୋଇଥିବା ଅଭିଯୋଗ ଉପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଚିଠିରେ ଦର୍ଶାଯାଇଛି ।

**ଯୋଜନା ଅପବ୍ୟବହାର ନେଇ ହୋଇଥିଲା ଅଭିଯୋଗ**







## ଲାୟନ୍ସ କ୍ଲବ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର

**ବେଲପଡ଼ା, ୬।୧(ସମିସ):** ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକ ଧୂମାଭଟା ଗାଁର ଜଲିଆ ଛକ ନିକଟରେ ପାଟଣାଗଡ଼ ଲାୟନ୍ସ କ୍ଲବ ତରଫରୁ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବିଭିନ୍ନ ବିଭାଗର ଡାକ୍ତରମାନେ ଉପସ୍ଥିତ ରହି ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନଙ୍କୁ ମାଗଣାରେ ଔଷଧ ବଣ୍ଟନ କରିଥିଲେ । ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଲୋକ ଏହି ଶିବିରରେ ନାମ ପଞ୍ଜିକରଣ କରି ନିଜର ସ୍ୱାସ୍ଥ୍ୟ ପରୀକ୍ଷା ପୂର୍ବକ ମାଗଣାରେ ଔଷଧ ଏବଂ ଚଷମା ପାଇଥିଲେ । ଏଥିରେ ଆଖପାଖ ଗାଁର ଲୋକମାନେ ମଧ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ରୋଗୀମାନଙ୍କୁ ଡାକ୍ତର ହେମନ୍ତ କୁମାର ମେହେର, ସୁବ୍ରତ ସାହୁ, ପ୍ରକାଶ ମେହେର, ମାନସ ପାଢ଼ୀ, ବେଣୁଧର ରାଉତ, ସ୍ନେହଶ୍ରୀ ମିଶ୍ର ପ୍ରମୁଖ ରୋଗୀଙ୍କ ରକ୍ତ ପରୀକ୍ଷା, ଆଖି ଚିକିତ୍ସା ଏବଂ ମଧୁମେହ ପରୀକ୍ଷା କରିଥିଲେ । ଟେକନିସିଆନ ଭାବେ ନିହାର ମେହେର, ସୁରଥ ମହାନନ୍ଦ, ସ୍ୱାସ୍ଥ୍ୟକର୍ମୀ ପ୍ରୟାଟି ମେହେର, ମିନାକ୍ଷୀ ବର୍ଗେ, ସଙ୍ଗୀତା ସ୍ୱାଇଁ ଏବଂ ଫାର୍ମାସିଷ୍ଟ ତାପସ ବେହେରା, ମୋହନ ମଲିକ, ମନୋଜ ଆଚାର୍ଯ୍ୟ ପ୍ରମୁଖ ଲୋକଙ୍କୁ ସେବା ଯୋଗାଉଥିଲେ । ଧୂମାଭଟା ଭଳି ଏକ ଅପହଞ୍ଚ ଗାଁରେ ଏପରି ସ୍ୱାସ୍ଥ୍ୟ ସେବା ଆୟୋଜନ ହୋଇଥିବାରୁ କ୍ଲବର ସଦସ୍ୟମାନଙ୍କୁ ସ୍ଥାନୀୟ ଜନସାଧାରଣ ଧନ୍ୟବାଦ ଦେଇଥିଲେ । କ୍ଲବର ସଭାପତି ବୀରେନ୍ଦ୍ର କୁମାର ପାତ୍ର, ପ୍ରଦୀପ ବଂଶଲ, କୁନା ସରାଫ, ଶ୍ରୀକାନ୍ତ ପାତ୍ର, ସୁନୀଲ ଅଗ୍ରୱାଲ, ଦର୍ପ ପଟ୍ଟନାୟକ, ସୁନୀଲ ଅଗ୍ରୱାଲ ଓ ଗଜାନନ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ ।





THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-193 ◆BHUBANESWAR ◆SUNDAY ◆7 JANUARY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୯୩ ◆ଭୁବନେଶ୍ୱର ◆ରବିବାର ◆୭ ଜାନୁଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦ (ସିନ୍ଦୂରା ସହ)

## ସରକାରୀ ଚାକିରିରେ ସୁନିଶ୍ଚିତ ହେବ ଭିନ୍ନକ୍ଷମଙ୍କ ସଂରକ୍ଷଣ

**ଭୁବନେଶ୍ୱର,୬ ।୧(ସମିସ):** ସରକାରୀ ଚାକିରିରେ ଭିନ୍ନକ୍ଷମ ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ପଦବୀରେ ଅନ୍ୟ ବର୍ଗର ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଇ ପାରିବ ନାହିଁ। ସମ୍ପୃକ୍ତ କ୍ୟାଡର୍‌ରେ ଅନୁମୋଦିତ ପଦ ମଧ୍ୟରୁ ୪% ଭିନ୍ନକ୍ଷମଙ୍କ ପାଇଁ ସଂରକ୍ଷିତ ରହିବ। ତେଣୁ ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନେବା ଲାଗି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ସମସ୍ତ ବିଭାଗ, ବିଭାଗୀୟ ମୁଖ୍ୟ ଓ ଜିଲ୍ଲାପାଳମାନଙ୍କୁ ପତ୍ର ଲେଖି କହିଛନ୍ତି। ଶ୍ରୀ ସେଠୀ ଚିଠିରେ ଦର୍ଶାଇଛନ୍ତି ଯେ କୌଣସି ପରିସ୍ଥିତିରେ ବି ଭିନ୍ନକ୍ଷମଙ୍କୁ ୪%ରୁ କମ୍ ସଂରକ୍ଷଣ ଦିଆଯାଇପାରିବ ନାହିଁ। ଦୃଷ୍ଟିହୀନ, ଶ୍ରବଣ ବାଧିତ, ସେରେବ୍ରାଲ ପାଲସି, କୁଷ୍ଠ ଆରୋଗ୍ୟ, ଡ୍ୱାର୍ଫିଜିମ୍, ଏସିଡ୍ ପୀଡ଼ିତ, ମସ୍କୁ୍ୟଲାର୍ ଡେଷ୍ଟ୍ରୋଫି, ଅଟିଜିମ୍, ଇଣ୍ଟେଲେକ୍‌ଚୁଆଲ ଡିଜାବିଲିଟି, ସ୍ପେଶିଫିକ୍ ଲର୍ଣ୍ଣିଂ ଡିଜାବିଲିଟି ଓ ମେଣ୍ଟାଲ ଇଲ୍‌ନେସ୍ ଭଳି ଦିବ୍ୟାଙ୍ଗ ବର୍ଗର ପ୍ରାର୍ଥୀମାନଙ୍କ ପାଇଁ ସ୍ଥାନ ସଂରକ୍ଷିତ ରହିବ। ପ୍ରତ୍ୟେକ ସରକାରୀ ବିଭାଗ ଗୋଷ୍ଠୀଭିତ୍ତିକ ୧୦୦ ପଏଣ୍ଟ ଖାଲି ପଦ ରୋଷ୍ଟର୍ ରେଜିଷ୍ଟ୍ରାର ପରିଚାଳନା କରିବା ନିୟମ ରହିଛି। ଏସ୍‌ସି, ଏସ୍‌ଟି, ଏସ୍‌ଇବିସି, ମହିଳା ବର୍ଗର ପ୍ରାର୍ଥୀଙ୍କୁ ସେମାନଙ୍କ ପାଇଁ ସଂରକ୍ଷିତ ସ୍ଥାନରେ ନିଯୁକ୍ତି ମିଳିବ। ଅନ୍ୟମାନେ ଅଣସଂରକ୍ଷିତ ପଦବୀ ପାଇଁ ଦାବି ଜଣାଇପାରିବେ।

**ମା' ସମଲେଶ୍ୱରୀ ପ୍ରକଳ୍ପର ଲୋକାର୍ପଣ ପର୍ବ**

# ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲିଙ୍ଗରାଜଙ୍କୁ ନିମନ୍ତ୍ରଣ



**ପୁରୀ,୬।୧(ସମିସ):** ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ପୀଠର ଚାଲିଛି ରୂପାନ୍ତରଣ। ଆଗାମୀ ୨୭ ତାରିଖରେ ହେବ ପ୍ରକଳ୍ପର ଲୋକାର୍ପଣ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ସଦସ୍ୟ ଓ ପୂଜାରୀମାନେ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ପାରମ୍ପରିକ ବିଧି ମୁତାବକ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ ନିମନ୍ତ୍ରଣକାରୀ ଦଳ ପହଞ୍ଚିବା ପରେ ସେମାନଙ୍କୁ ପୁରୀ ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବାୟତଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ର ନାରାୟଣ ମହାନ୍ତି ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିବା ସହ ଶ୍ରୀବିଗ୍ରହଙ୍କ ଲାଗି ଖଣ୍ଡୁଆ ପାଟ ଅର୍ପଣ କରିଥିଲେ। 'ଓଡ଼ିଶା ମୋ ପରିବାର'ର ସଂଯୋଜକ ଶୁଭାଶିଷ ଖୁଣ୍ଟିଆ, ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟ ବୋର୍ଡ ପକ୍ଷରୁ ସବୁ ଘରକୁ ନଡିଆ ଦିଆଯିବ ଏବଂ ସବୁ ଘରୁ ମା'ଙ୍କ ପାଇଁ ସିନ୍ଦୁର ଆସିବ ବୋଲି ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ କୁମାର ବାବୁ ସୂଚନା ଦେଇଥିଲେ। ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିର ଷୋଡଶ ଶତାବ୍ଦୀର ଏକ ପ୍ରସିଦ୍ଧ ପୀଠ। ଏହାର ଉନ୍ନତି ପାଇଁ ୨୦୨୧ ମସିହାରେ ମୁଖ୍ୟମନ୍ତ୍ରୀ ସମଲେଇ ପ୍ରକଳ୍ପ ଆରମ୍ଭ କରିଛନ୍ତି। ଏଥିପାଇଁ ୨୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମନ୍ଦିରର ସୌନ୍ଦର୍ଯ୍ୟକରଣ ସହିତ ଭକ୍ତ ମାନଙ୍କ ପାଇଁ ଏକ ଅଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି। ମନ୍ଦିର ସହିତ ମହାନଦୀ ଘାଟର ମଧ୍ୟ ଉନ୍ନତିକରଣ କରାଯାଉଛି ବୋଲି ଶ୍ରୀ ବାବୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକର ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ, ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ହେମନ୍ତ ମିଶ୍ର, ସନ୍ତୋଷ ପୃଷ୍ଟ, ପୂଜାକାଶ, ଅମ୍ବିକା ରାୟ, ଅମୀୟ ରାୟ, ପ୍ରକାଶ ରାୟ ଓ ଓକିଲ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

**ଭୁବନେଶ୍ୱର, ୬ ।୧(ସମିସ):** ଚଳିତ ମାସ ତୃତୀୟ ସପ୍ତାହ ଅର୍ଥାତ୍ ଆସନ୍ତା ୧୭ତାରିଖରେ ବହୁ ପ୍ରତୀକ୍ଷିତ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ସେହିଭଳି ତୃତୀୟ ସପ୍ତାହରେ ଜାନୁଆରୀ ୨୭ତାରିଖରେ ମା' ସମଲେଇ ପ୍ରକଳ୍ପର ଲୋକାର୍ପଣ ଉତ୍ସବ ମହାସମାରୋହରେ ପାଳିତ ହେବ। ଏଥିପାଇଁ ମ୍ୟୁନିସପାଲଟି କମିଶନର ବିଦୁଭୂଷଣଙ୍କ ସମେତ ପ୍ରଶାସନିକ ଅଧିକାରୀମାନଙ୍କୁ ନେଇ ଗଠିତ ପ୍ରତିନିଧି ଦଳ ଆସିଥିଲେ। ମହାପ୍ରଭୁ ଲିଙ୍ଗରାଜ ମନ୍ଦିରରେ ଆଡକଠା ନିକଟରେ ଛିଡ଼ା ହୋଇ ପାଳିଆ ବଡୁ ସେବାୟତଙ୍କ ଦ୍ୱାରା ନିମନ୍ତ୍ରଣ ପତ୍ର ଠାକୁରଙ୍କୁ ପ୍ରଦାନ କରିଥିଲେ। ଏହାପରେ ମା' ପାର୍ବତୀଙ୍କୁ ମଧ୍ୟ ନିମନ୍ତ୍ରିତ କରିଥିଲେ। ଏହାପରେ ବ୍ରାହ୍ମଣ ନିଯୋଗ



ଆଜି ମା' ସମଲେଇଙ୍କ ନିମନ୍ତ୍ରଣ ପତ୍ର ଧରି ଏକ ପ୍ରତିନିଧି ଦଳ ଏକାମ୍ର କ୍ଷେତ୍ର ଆସିଥିଲେ। ସେମାନେ ପ୍ରଥମେ ଏକାମ୍ର କ୍ଷେତ୍ରର ଅଧିଷ୍ଠିତ ଦେବତା ମହାପ୍ରଭୁ ଲିଙ୍ଗରାଜଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ତା'ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରକଳ୍ପରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଥିଲେ।

ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡର ସଞ୍ଜୟ ବାବୁଙ୍କ ନେତୃତ୍ୱରେ ପ୍ରକଳ୍ପ ନୀରିକ୍ଷକ ତଥା କଟକ ଉପ ଜିଲ୍ଲପାଳ ଉମାକାନ୍ତ ରାଜ, ସମ୍ବଲପୁର ଉପ ଜିଲ୍ଲପାଳ ପ୍ରଦୀପ ସାହୁ ଓ ପକ୍ଷରୁ ତାଙ୍କୁ ଶୁଖିଲା ଭୋଗ ଦିଆଯାଇଥିଲା। ଏହାପରେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରକଳ୍ପରେ ଯୋଗଦେଇ ପ୍ରକଳ୍ପକୁ ଉଦ୍‌ଘାଟନ କରିବା ପାଇଁ ନିମନ୍ତ୍ରଣ କରିଥିଲେ।

ସୂଚନାଯୋଗ୍ୟ, ଏହି ପ୍ରତିନିଧି ମଣ୍ଡଳୀ ମା' ସମଲେଶ୍ୱରୀ ମନ୍ଦିରରୁ ବାହାରି ସମ୍ବଲପୁରର ମା' ପାଟଣେଶ୍ୱରୀ, ମା' ଦଶମତି, ମା' ବାଟମଙ୍ଗଳା, ବାବା ସୋମନାଥ, ପୁରୀ ଶ୍ରୀମନ୍ଦିର ଯାଇ ପ୍ରଥମେ ନିମନ୍ତ୍ରଣ କରିଛନ୍ତି। ସମ୍ବଲପୁରର ବିଭିନ୍ନ ମନ୍ଦିରରେ ନିମନ୍ତ୍ରଣ ଦେଇ ସାରିବା ପରେ ଭୁବନେଶ୍ୱର ଆସିଥିଲେ।

## ଓଡ଼ିଶା ରାଜସ୍ୱ ଅମଲା ସଂଘର ଦାବି ପୂରଣ କଲେ ସରକାର

**କଟକ, ୬ ।୧(ସମିସ):** ଓଡ଼ିଶା ରାଜସ୍ୱ ଅମଲା ସଂଘର ୨୦୧୭ ମସିହାଠାରୁ ବହୁପ୍ରତୀକ୍ଷିତ ପୃଥକ୍ ପାହ୍ୟା ଦାବିକୁ ରାଜ୍ୟ ସରକାର ପୂରଣ କରିଛନ୍ତି। ସାଧାରଣ ପ୍ରାଶାସନ ଓ ଅଭିଯୋଗ ବିଭାଗ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଓଡ଼ିଶା ରାଜସ୍ୱ ଅମଲା ସଂଘର ପ୍ରତ୍ୟେକ ସଦସ୍ୟ ସଦସ୍ୟାଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ସମଗ୍ର ରାଜ୍ୟର ରାଜସ୍ୱ ଅମଲାମାନେ ଆଜିର ଦିନଟିକୁ ଐତିହାସିକ ଓ ସ୍ମରଣୀୟ ଦିବସ ବୋଲି ବିବେଚନା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହାକୁ ସାକାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ରାଜସ୍ୱ ଅମଲା ସଂଘର ମାର୍ଗଦର୍ଶକ ବିଧାୟକ ପ୍ରଣବ ପ୍ରକାଶ ଦାସ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ରାଜସ୍ୱ ବିପର୍ଯ୍ୟୟ ଓ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ପ୍ରଶାସନିକ ଅଧିକାରୀ ଲାଲା ମନୋଜ ରାୟ, ରବୀନ୍ଦ୍ର ସେଠୀ, ଆଦିତ୍ୟ ମହାପାତ୍ରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି ଐତିହାସିକ ମୁହୂର୍ତ୍ତର ଶ୍ରେୟ ଜିଲ୍ଲାସ୍ତରର ପ୍ରତ୍ୟେକ ରାଜସ୍ୱ ଅମଲାମାନଙ୍କ କଠିନ ପରିଶ୍ରମ ଓ ଧୈର୍ଯ୍ୟ ଦ୍ୱାରା ସମ୍ଭବ ହେଲା ବୋଲି ସଂଘର ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ଆଗାମୀ ଦିନରେ ସରକାରଙ୍କ ନିକଟରେ ଥିବା ସଂଘର ଅନ୍ୟାନ୍ୟ ଦାବିଗୁଡ଼ିକ ମଧ୍ୟ ଖୁବ୍‌ଶୀଘ୍ର ପୂରଣ ହେବ ବୋଲି ଶ୍ରୀ ମହାପାତ୍ର ଆଶାବ୍ୟକ୍ତ କରିଛନ୍ତି।

## ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ଡାକ୍ତରଙ୍କୁ ଠିକ ସମୟରେ ମିଳିବ ଦରମା

**ଭୁବନେଶ୍ୱର, ୬ ।୧(ସମିସ):** କାର୍ଯ୍ୟରୁ ଛୁଟି ନେଇ ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ମେଡିକାଲ ଅଫିସର୍‌ମାନଙ୍କୁ ଦରମା ଠିକ୍ ସମୟରେ ପ୍ରଦାନ କରାଯିବ। ପିଜି କିମ୍ବା ସ୍ପେସିଆଲାଇଜେସନ୍ ପାଇଁ ଷ୍ଟଡି ଲିଭ୍‌ରେ ଥିବା ଡାକ୍ତରମାନଙ୍କ ଦରମା ପ୍ରଦାନରେ କୌଣସି ପ୍ରକାର ଅବହେଳା କରାଯିବ ନାହିଁ। ଏନେଇ ବିହିତ ପଦକ୍ଷେପ ନେବା ଲାଗି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ରାଜ୍ୟର ସମସ୍ତ ସିଡିଏମ୍‌ଓ/ପିଏଚ୍‌ଓମାନଙ୍କୁ ପତ୍ର ଲେଖି ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀମତୀ ପଣ୍ଡିତ ନିଜ ପତ୍ରରେ ଦର୍ଶାଇଛନ୍ତି ଯେ ଓଏମ୍‌ଏଚ୍‌ଏସ୍ କ୍ୟାଡର୍‌ରେ ନିଯୁକ୍ତି ପାଇଥିବା ମେଡିକାଲ ଅଫିସର୍‌ମାନେ ଉଚ୍ଚଶିକ୍ଷା ପାଇଁ ଷ୍ଟଡି-ଲିଭ୍‌ରେ ଗଲେ ମଧ୍ୟ ସେମାନଙ୍କୁ ଦରମା ମିଳିବ। ଏଥିରେ ବିଳମ୍ବ କରାଯିବ ନାହିଁ। ଯଦି କୌଣସି ମେଡିକାଲ ଅଫିସର୍ ଉଚ୍ଚଶିକ୍ଷା ଅଧାରୁ ଛାଡ଼ନ୍ତି, ସେ ଷ୍ଟଡି-ଲିଭ୍ ସମୟରେ ଗ୍ରହଣ କରିଥିବା ପୂରା ଦରମା ଫେରସ୍ତ କରିବେ।




ସପ୍ତାହେ ହେଲା ଡାଲଗୁମା ମଣ୍ଡିରୁ ଉଠୁନି ଧାନ

# ପଡ଼ିରହିଛି ୨୫୦୦ କ୍ୟୁଣ୍ଟାଲ୍; ଚିନ୍ତାରେ ଚାଷୀ

କୋକସରା,୬ ।୧(ସମିସ)

କୋକସରା ବ୍ଲକ୍ ଡାଲଗୁମା ଧାନ ମଣ୍ଡିରେ ପ୍ରାୟ ସପ୍ତାହେ ହେବ ଚାଷୀଙ୍କ କୁଇଣ୍ଟାଲ କୁଇଣ୍ଟାଲ ଧାନ ପଡ଼ି ରହିଛି। ଏଣେ ମିଲର୍ସ ଆସୁ ନ ଥିବା, ଡ୍ରାଇଭର ସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଓ ବିଭିନ୍ନ ବନ୍ଦ ପାଳନ ମଣ୍ଡି ଉପରେ ତା'ର ପ୍ରଭାବ ପଡ଼ିଛି। ଯାହା ଫଳରେ ଧାନ ବିକ୍ରୀ କରି ନ ପାରି ମଣ୍ଡିରେ ଜଗିବସି ଚାଷୀ ଶୀତ କାକରରେ ହନ୍ତସନ୍ତ ହେଉଛନ୍ତି।



ଏହି ଧାନ ମଣ୍ଡିରେ ମା' ତାରିଣୀ ସ୍ୱଙ୍ଗ ସହାୟକ ଗୋଷ୍ଠୀ ଦ୍ୱାରା ଧାନ କ୍ରୟ କରାଯାଉଛି। ସମୁଦାୟ ୬୩୮ ଜଣ ଚାଷୀ ମଣ୍ଡିରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ସେଥିରୁ ୪୩୬ ଜଣ ଚାଷୀଙ୍କ ୧୭ ହଜାର ୪ ଶହ ୪୫ କୁଇଣ୍ଟାଲ ୧୬ କିଲୋ ଧାନ କ୍ରୟ ହୋଇ ସାରିଛି। ମଣ୍ଡିରେ ସମୁଦାୟ ୨୦ ହଜାର କୁଇଣ୍ଟାଲ ଧାନ ଟାର୍ଗେଟ ମିଳିଥିବାବେଳେ ଜେକେ. ଫୁଡ, ବୈଷ୍ଣେଦେବୀ ଓ ଗଣପତି ରାଇସ୍ ମିଲକୁ ଟେଗ୍ କରାଯାଇଛି। ତେବେ ବୈଷ୍ଣେଦେବୀ ରାଇସ୍ ମିଲ ଓ ଜେକେ. ଫୁଡର ଟାର୍ଗେଟ ସରିଯାଇଛି। ବର୍ତ୍ତମାନ ଗଣପତି ରାଇସ୍ ମିଲର ଟାର୍ଗେଟ ରହିଥିବାବେଳେ ମଣ୍ଡିରେ ୨୫୫୪.୮୪ କୁଇଣ୍ଟାଲ ଧାନର ଟାର୍ଗେଟ ରହିଛି। ଏଣେ ବିଭିନ୍ନ ବନ୍ଦ ପାଳନ ଓ ଡ୍ରାଇଭର ସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁଁ ମିଲର୍ସଙ୍କ ଗାଡ଼ି ଆସୁ ନ ଥିବା ଯୋଗୁଁ ମଣ୍ଡିରୁ ଧାନ ଉଠାଣରେ ବାଧାପ୍ରାପ୍ତ ହୋଇଛି। ଏପଟେ ଅନେକ ଚାଷୀଙ୍କ ଟେକନ ଅବଧି ସରିବାକୁ ବସିଥିବାବେଳେ ସପ୍ତାହେ ହେବ ମୁଠାଏ ମଧ୍ୟ ଧାନ ଉଠାଣ ହୋଇନାହିଁ। ଫଳରେ ଧାନ ଉଠାଣ ବନ୍ଦ ଯୋଗୁଁ ଚିନ୍ତାରେ ପଡ଼ିଯାଇଛନ୍ତି ଚାଷୀ। ଏହି ମଣ୍ଡିରେ ଆବଶ୍ୟକ ଭିତ୍ତିଭୂମି ବ୍ୟବସ୍ଥା ନ ଥିବାରୁ ଏକାଧିକ ଚାଷୀଙ୍କ ଧାନ ଖୋଲା ଆକାଶ ତଳେ ପଡ଼ିରହିଛି। ଏପଟେ ଜିଲ୍ଲାରେ ହାଡ଼ଭଙ୍ଗା ଶୀତ ଜାରି ରହିଥିବାବେଳେ ମଣ୍ଡିକୁ ଧାନ ବିକ୍ରି କରିବା ପାଇଁ ଆସିଥିବା ଚାଷୀ ଶୀତକାକରରେ ପଡି ରହୁଥିବା ପ୍ରକାଶ କରିଛନ୍ତି। ଧାନ ଉଠାଣ ବନ୍ଦ ଯୋଗୁଁ ମଣ୍ଡିରେ ସପ୍ତାହେ ହେଲା ଧାନ ଗଦା ହୋଇ ରହିଥିବାବେଳେ ଅନେକ ଚାଷୀ ଟୋକନ୍ ଡୋଟ୍ ହୋଇଥିଲେ ମଧ୍ୟ ଡ୍ରାଇଭର ସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁଁ ମଣ୍ଡିକୁ ଧାନ ବିକ୍ରି ପାଇଁ ଆଣି ପାରୁ ନାହାଁନ୍ତି। ଏଣେ ମଣ୍ଡିରେ ପଡି ରହିଥିବା ସମସ୍ତ ଚାଷୀଙ୍କ ଧାନ ଶୀଘ୍ର ଉଠାଣ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଏପଟେ ଯେଉଁ ଚାଷୀଙ୍କ ଟୋକନ୍ ଅବଧି ଦିନେ ଦୁଇ ଦିନ ଭିତରେ ସରିବାକୁ ଯାଉଛି ସେମାନଙ୍କ ଧାନ ଆଗୁଆ ପରଚେଜ୍ କରି ଦିଆଯାଉଛି, ଗାଡ଼ି ଚଳାଚଳ ସ୍ୱାଭାବିକ ହେଲେ ଉଠାଣ ହେବ ବୋଲି ପ୍ୟାକ୍ସ ପକ୍ଷରୁ କୁହାଯାଇଛି।

## ଆଦିବାସୀ ସଂସ୍କୃତି ଗବେଷକ ଗୁରୁତର ; ଆଇସିୟୁରେ ଭର୍ତ୍ତି



**ନର୍ଲା,୬ ।୧(ସମିସ):** ଆଦିବାସୀ ସଂସ୍କୃତି ଗବେଷକ ମେଦିନୀଧର ଜାନୀ ବାଥ୍‌ରୁମରେ ପଡ଼ି ଯିବାରୁ ସେ ଗୁରୁତର ହୋଇଛନ୍ତି। ଜାତୀୟ ଜନଜାତି ଆୟୋଗ ରାଜ୍ୟ ସଂଯୋଜକ ତଥା ରାଜ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ପ୍ରତିଷ୍ଠାନର ସଭ୍ୟ ମେଦିନୀଧର ଜାନୀ ଗତ ଡିସେମ୍ବରରେ ଦୁଇଦିନିଆ ଗସ୍ତରେ ଝାଡ଼ଖଣ୍ଡ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯାଇଥିଲେ। ଜାମସେଦପୁର ପୂର୍ବୀ ସିଙ୍ଗଭୂମସ୍ଥିତ ଚେମ୍ବର୍ ଅଫ୍ କମର୍ସ ଓ କମ୍ପାନୀ ଠାରେ ଆୟୋଜିତ ଜାତୀୟସ୍ତରୀୟ ଜନଜାତି ଚିନ୍ତନ ଶିବିରରେ ଯୋଗଦେବା ପାଇଁ ସ୍ୱତନ୍ତ୍ର ଅତିଥି ଭାବରେ ଯାଇଥିଲେ। କାର୍ଯ୍ୟକ୍ରମ ସମାପନ ପରେ ଅତିଥି ଗୃହର ବାଥ୍‌ରୁମରେ ଗାଧୁଆ ସମୟରେ ପଡିଯାଇଥିଲେ। ସାମାନ୍ୟ ଆଘାତ ଭାବି ପ୍ରତ୍ୟାବର୍ତ୍ତନ ସମୟରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବା ଯୋଗୁଁ ତାଙ୍କୁ ରାୟପୁରସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଆଘାତ ଯୋଗୁଁ ତାଙ୍କର ଛାତିରେ ରକ୍ତସ୍ରାବ ହେବାସହ ଖାଦ୍ୟ ନଳୀରେ ସମସ୍ୟା ସୃଷ୍ଟି ହୋଇଛି। ତାଙ୍କର ଅସ୍ତ୍ରୋପଚାର ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି।

## ଷ୍ଟିୟରିଂ ଛାଡ଼ି ଆନ୍ଦୋଳନରେ ଡ୍ରାଇଭର

**କେସିଙ୍ଗା,୬ ।୧(ସମିସ):** ଓଡ଼ିଶା ଡ୍ରାଇଭର ସଂଘ ପକ୍ଷରୁ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବୋରିଙ୍ଗଠାରେ ଶନିବାର ଡ୍ରାଇଭର ଭାଇମାନେ ଷ୍ଟିୟରିଙ୍ଗ ଛାଡି ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରି ଆନ୍ଦୋଳନ ରେ ବସିଛନ୍ତି। ଡ୍ରାଇଭର ମାନଙ୍କ ଆନ୍ଦୋଳନର ପ୍ରଥମ ଦିନରେ କିଛି ବିଶେଷ ପ୍ରଭାବ ପଡ଼ିନ ଥିବା ବେଳେ ଆଗକୁ ଆନ୍ଦୋଳନ ପ୍ରତ୍ୟାହାର ନ ହେଲେ ଏହାର ପ୍ରଭାବ ବଜାର ରେ ପରିଲକ୍ଷିତ ହେବା ସହିତ ଜନସାଧାରଣ ନାହାନଥିବା ଅସୁବିଧାର ସମ୍ମୁଖୀନ ହେବେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। କେସିଙ୍ଗା ଡ୍ରାଇଭର ସଂଘ ସଭାପତି ଇଶ୍ୱର ଭାଇଙ୍କ ନେତୃତ୍ୱରେ ଶହଶହ ସଂଖ୍ୟାରେ ଡ୍ରାଇଭର ଭାଇମାନେ ଆନ୍ଦୋଳନରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଉପ ସଭାପତି ରବୀନ୍ଦ୍ର ଭାଇ, ବ୍ଲକ୍ ଏଡମିନ ଅକ୍ଷୟ ଭାଇ, ବ୍ଲକ ସମ୍ପାଦକ ପ୍ରେମାନନ୍ଦ ଭାଇ, ବ୍ଲକ ସହ ସମ୍ପାଦକ ମନୋଜ ଭାଇ, ବ୍ଲକ୍ କୋଷାଧ୍ୟକ୍ଷ ପ୍ରତାପ ଭାଇ ଓ ବ୍ଲକ ସହ କୋଷାଧ୍ୟକ୍ଷ ତେଜରାଜ ଭାଇ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ପ୍ରସ୍ତୁତି



**ଧର୍ମଗଡ଼,୬ ।୧(ସମିସ):** ଧର୍ମଗଡ଼ଠାରେ ଆସନ୍ତା ଜାନୁଆରୀ ୧୫,୧୬ ଓ ୧୭ ତାରିଖରେ ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଧର୍ମଗଡ଼ ତହସିଲଦାର ସଞ୍ଜୟ କୁମାର ସାମନ୍ତରା, ଅତିରିକ୍ତ ତହସିଲଦାର ଅଜିତ କୁମାର ମହନ୍ତ, ଅର୍ଥ କମିଟିର ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ଅଗ୍ରୱାଲ, ପଡ଼ିଆବ୍ୟବସ୍ଥା କମିଟିର ସୁରେନ୍ଦ୍ର କୁମାର ମୁନି, କୋର୍ କମିଟିର ସଦସ୍ୟ ଇଙ୍ଗିତ କୁମାର ପଣ୍ଡା, ବିଶ୍ୱବେହେରା ପ୍ରମୁଖ ଉତ୍ସବ ପଡ଼ିଆ ତଦାରଖ କରିଥିଲେ। ପଡ଼ିଆ ଭିତରେ ଦର୍ଶକମାନେ କିପରି ଶୃଙ୍ଖଳିତ ଭାବେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରି ପାରିବେ ଓ ଷ୍ଟଲ ଗୁଡ଼ିକ କିପରି ବ୍ୟବସ୍ଥିତ ଭାବେ ରହିବ ତାହା ବୁଲି ଦେଖିଥିଲେ। ଉପଖଣ୍ଡ ପୁଲିସ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ଡିପିଓ ଧୀରଜ ଚୋପଦାର ଓ ଥାନା ଅଧିକାରୀ ଦାମୋଦର ବିହାରୀ ତଥା ଉତ୍ସବ ଉପ କମିଟିର ବିଭିନ୍ନ ସଦସ୍ୟ ଯୋଗ ଦେଇଥିଲେ। ଅର୍ଥ କମିଟି ମୁଖ୍ୟ ବିଷ୍ଣୁ ପ୍ରସାଦ ଅଗ୍ରୱାଲ, କୋର୍ କମିଟିର ସଦସ୍ୟ ପ୍ରଦୀପ ଦାସ, ବିଦ୍ୟାଧର ସାହୁ, ସନ୍ତୋଷ କୁମାର ମେହେର, ଘନଶ୍ୟାମ ଅଗ୍ରୱାଲ, ଲିଙ୍ଗରାଜ ପାତ୍ର, ବିରଞ୍ଚି ନାରାୟଣ ଜାଲ, ଇଙ୍ଗିତ କୁମାର ପଣ୍ଡା, ଅଂଶୁମାନ ପାତ୍ର, ଉମେଶ ନାଏକ, ସୁନୀଲ ମେହେର ବାଜି ପ୍ରଧାନ, ପ୍ୟାରୀଦୁର୍ଗା ଓ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ସିଂ ପ୍ରମୁଖ ଉକ୍ତ ବୈଠକରେ ଯୋଗ ଦେଇଥିଲେ।

## 'ନୂଆ-ଓ' 'ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଭବାନୀପାଟଣା,୬ ।୧(ସମିସ):** ଯୁବଶକ୍ତିର ବିକାଶ ତଥା ସେମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଅଧିକରୁ ଅଧିକ କ୍ରିୟାଶୀଳ କରିବା ପାଇଁ ରାଜ୍ୟ ସରକାରଙ୍କ 'ନୂଆ-ଓ-ଯୁବ ଓଡିଶା ନବୀନ ଓଡିଶା' କାର୍ଯ୍ୟକ୍ରମ ସ୍ଥାନୀୟ କୃଷି ମହାବିଦ୍ୟାଳୟରେ ଉଦ୍‌ଯାପିତ ହୋଇଛି। ଏହି ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଗତ ସୋସିଆଲ ୱାର୍କସ ଆଣ୍ଡ ଆକ୍ଟିଭିଟିଜ୍ ଶାଖାର ବିଭିନ୍ନ ଜନହିତକର ସାମାଜିକ କାର୍ଯ୍ୟ ମହାବିଦ୍ୟାଳୟର ଶତାଧିକ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ସମ୍ପନ୍ନ ହୋଇଥିଲା। ଡ.ସନ୍ଦୀପ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ପରିଷ୍କାର କରିଥିବାବେଳେ ସହର ମଧ୍ୟରେ ଥିବା ରାମସ୍ୱାମୀ ମନ୍ଦିର ପରିସର, କୃଷିବିଜ୍ଞାନ କେନ୍ଦ୍ର, କୃଷି ବିଜ୍ଞାନ କଲେଜ ପରିସର ମଧ୍ୟ ପରିଷ୍କାର କରିଥିଲେ। ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମରେ ଭବାନୀପାଟଣାର ଅଗ୍ନିଶମ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ଆର୍ଟ ଅଫ୍ ଲିଭିଂ ପକ୍ଷରୁ ଯୋଗଗୁରୁ ଭୋଳାନାଥ ଜେନା ଓ ଡାକ୍ତର ମେହେର ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଶରୀର ତଥା ମନକୁ ସୁସ୍ଥ ରଖିବା ପାଇଁ ଯୋଗର ଉପଯୋଗିତା ସମ୍ପର୍କରେ କହିଥିଲେ। ପ୍ରଫେସର ମନୋରଞ୍ଜନ ଶତପଥୀ ଓ ନୋଡାଲ ଅଫିସର ଡ.ସୁଦୀପ୍ତ ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା ବେଳେ ଡ. ସିମଲି ଦାସ, ଡ. ସଞ୍ଜୀବ କୁମାର ସାହୁ ଓ ଡ. ସାଧନା ସ୍ୱସ୍ତିକା ଏଥିରେ ସହଯୋଗ କରିଥିଲେ।



## ଧର୍ମପରାୟଣା ମହିଳାଙ୍କ ପରଲୋକ

**ଭବାନୀପାଟଣା,୬ ।୧(ସମିସ):** ଭବାନୀପାଟଣା ମହାବୀରପଡ଼ା ନିବାସୀ ପଦ୍ମାଳୟା ବେହେରାଙ୍କ ୯୮ ବର୍ଷ ବୟସରେ ପରଲୋକ ଘଟିଛି। ସେ ଜଣେ ପରୋପକାରୀ, ସ୍ନେହୀ, ଧର୍ମପରାୟଣା ମହିଳା ଭାବରେ ସହରରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପୁଅ କଳାହାଣ୍ଡି କ୍ରୀଡ଼ା ସଂସ୍ଥାର କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ବେହେରା, ଅନୋଦ, ସୁବୋଧ, ଅବୋଧ ଏବଂ ନାତି ଶୈଳେଶ ଓ ସମସ୍ତ ପୁତ୍ରବଧୂ ପରିବାର ବର୍ଗ ଉପସ୍ଥିତ ଥିଲେ। ଭବାନୀପାଟଣାସ୍ଥିତ ପରଦେଶୀପଡ଼ା ଆଶାସାଗରଠାରେ ଥିବା ସ୍ମଶାନଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜିଲ୍ଲାର ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ରାସବିହାରୀ ବେହେରା, ଜଗନ୍ନାଥ ପଟ୍ଟନାୟକ, ଭୂପେନ୍ଦର ସିଂ, ରାଜ୍ୟସଭା ସଦସ୍ୟ ସୁଜିତ କୁମାର, ଦିବ୍ୟଶଙ୍କର ମିଶ୍ର, ରାଜ୍ୟ ଆଥେଲେଟିକ୍ ଆସୋସିଏସନ୍‌ର ସଭାପତି ଜଗମୋହନ ପଟ୍ଟନାୟକ, କଳାହାଣ୍ଡି ବାର୍ ଆସୋସିଏସନ୍‌ର ସଭାପତି ସନ୍ତୋଷ କୁମାର ପଣ୍ଡା, କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ତଥା ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଶାନ୍ତନୁ କୁମାର ବେହେରା, ବରିଷ୍ଠ ଆଇନଜୀବୀ ଭିଜିଲାନ୍ସ ପିପି ଅଶ୍ୱିନ କୁମାର ସାହୁ, ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ ଅଶୋକ କୁମାର ପାତ୍ର, ବରିଷ୍ଠ ସାମ୍ବାଦିକ ଲଳିତ କାନୁନ୍‌ଗୋ, କଳାହାଣ୍ଡି ଜିଲ୍ଲା ସ୍କାଉଡ୍ ଗାଇଡ୍‌ର ମହେନ୍ଦ୍ର ପଣ୍ଡା, ଧୀରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ।



## 'ନୂଆ-ଓ' ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**ମ.ରାମପୁର,୬ ।୧(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ମହାବିଦ୍ୟାଳୟ ରେ ନୂଆ-ଓ ଯୁବଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୁପିନ୍ଦର ସିଂହ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ବକ୍ତାଭାବେ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ ଶତପଥୀ, ଭଗବତ ଘିଭେଲା, ସୁଧାଂଶୁ ଶେଖର ପଣ୍ଡା ସଭାପତିତ୍ୱ କରିଥିଲେ। ଅଧ୍ୟାପକ ରାଜେଶ ସାହୁ ସଭା ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ କ୍ରୀଡ଼ା, କଳା ସଂସ୍କୃତି ଉପରେ ଗୁରୁତ୍ୱ ଦେବାକୁ ଅତିଥି ମାନେ କହିଥିଲେ। ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ଜଣେଜଣେ କ୍ରୀଡ଼ାବିତ, କଳାକାର ଓ ସମାଜରେ ଭଲ ନାଗରିକ କିପରି ହୋଇପାରିବ ସେ ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ଖେଳ ଶିକ୍ଷକ ତୋଫାନ ଗୌଡ଼ିଆଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ପ୍ରକାଶ ଚନ୍ଦ୍ର ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ନୋଡାଲ ଅଫିସର ଭାବେ ଅଧ୍ୟାପକ ସାମନ୍ତ ମାଝୀ, କୈଳାସ ଚନ୍ଦ୍ର ପତି ପ୍ରମୁଖ ସହଯୋଗ କରିଥିଲେ।




## 'ନୂଆ-ଓ' କାର୍ଯ୍ୟକ୍ରମ ମାଧ୍ୟମରେ କ୍ରୀଡ଼ା ମହାକୁମ୍ଭ ଉଦ୍‌ଯାପିତ

**କେସିଙ୍ଗା,୬ ।୧(ସମିସ):** ଗତ ୫ ତାରିଖରୁ କଳାହାଣ୍ଡି ଜିଲ୍ଲା କେସିଙ୍ଗା ମହାବିଦ୍ୟାଳୟରେ ଆରମ୍ଭ ହୋଇଥିବା 'ନୂଆ-ଓ' କାର୍ଯ୍ୟକ୍ରମ ମାଧ୍ୟମରେ ଆରମ୍ଭ ହୋଇଥିବା ଖେଳ ମହାକୁମ୍ଭ ଉଦ୍‌ଯାପିତ ହୋଇଛି। ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢ଼ୀ ଏହି ଖେଳକୁ ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନରେ ମହାବିଦ୍ୟାଳୟ ଖେଳପଡ଼ିଆରେ ଉଭୟ ଛାତ୍ର ଓ ଛାତ୍ରୀ ମାନଙ୍କ ପାଇଁ ଦୌଡ଼, ଲମ୍ବଡିଆଁ, ଉଚ୍ଚ ଡିଆଁ, ହେମର ଫିଙ୍ଗା, ପୁଟିଂ ଦ ସଟ୍, ଟ୍ରିପଲ୍ ଜମ୍ପ, ଡିସକସ୍ ଫିଙ୍ଗା ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ଫ୍ୟାନ୍ସି ଡ୍ରେସ ପ୍ରତିଯୋଗିତା ଓ ଇଭେଣ୍ଟ ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବରେ ବିଜେଡି ବରିଷ୍ଠ ନେତା ତଥା ନର୍ଲା ବିଧାୟକ ଭୂପିନ୍ଦର ସିଂ ଯୋଗଦାନ କରି କ୍ରୀଡ଼ାର ମହତ୍ୱ ସମ୍ପର୍କରେ ବୁଝାଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ପ୍ରଦୀପ କୁମାର ରଥ, ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢ଼ୀ, ଅଶ୍ୱିନୀ କୁମାର ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ୱାଗତ ଭାଷଣ ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢ଼ୀ ପ୍ରଦାନ କରିଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ଅଧ୍ୟାପକ ଡକ୍ଟର ରାକେଶ କୁମାର ବିଶି ଓ ସମସ୍ତ ଖେଳ ପରିଚାଳନା କରିଥିଲେ ଖେଳଶିକ୍ଷକ ଆଶ୍ୱୀନ କୁମାର ପାଇକରାଏ।



## ଜିଲ୍ଲା ସମ୍ପାଦକଙ୍କ ନେତୃତ୍ୱରେ ଛାତ୍ର ବିଜେଡି ବୈଠକ



**ଭବାନୀପାଟଣା,୬ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ନିର୍ବାଚନ ମଣ୍ଡଳୀର ଥୁଆପଦର ପଞ୍ଚାୟତରେ କଳାହାଣ୍ଡି ଛାତ୍ର ବିଜେଡି ଜିଲ୍ଲା ସଂପାଦକ ଅରବିନ୍ଦ ସାହୁ ଓ ସ୍ଥାନୀୟ ଅଧିବାସୀ ଏବଂ ଯୁବ-ଛାତ୍ର ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଥିଲେ। ବିଜେଡି ସଂଗଠନକୁ କିଭଳି ତୃଣମୂଳସ୍ତରରେ ଅଧିକ ମଜଭୁତ ଓ କ୍ରିୟାଶୀଳ କରିହେବ ସେ ନେଇ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ମେଘରାଜ ଦାସ, ଟିକନୁ ଗଉଡ଼, ପୀତବାସ ସାହୁ, ଟେନୋଜ ମାଝୀ, ସଞ୍ଜୀବ ସାହୁ, ମଦନ ଭୋଇ, ହିମାଂଶୁ ଗଉଡ଼, ଜିତୁରଣା, କରଣ ସାହୁ, ବିଷ୍ଣୁସାହୁ, ନିଖିଳ ସାହୁ, ଦୀପକ ଦାସ, ସାଗର ଦାସ, ଅଭିଜିତ ସାହୁ ଉପସ୍ଥିତ ଥିଲେ।

● ୮ରେ ରବି ଚାଷ ପାଇଁ ଜଳ ଯୋଗାଣ

## ଯୁଦ୍ଧକାଳୀନ ଭିତ୍ତିରେ ହେଉଛି କେନାଲ ମରାମତି କାମ

ଜୟପାଟଣା,୬ ।୧(ସମିସ)

ଚଳିତବର୍ଷ ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପରୁ ଜିଲ୍ଲାର ମୋଟ ୭୧, ୨୭୪ ହେକ୍ଟର ଜମିରେ ଜଳସେଚନ ଯୋଗାଇ ଦିଆଯିବ ନେଇ ପ୍ରସ୍ତୁତି ଶେଷ ହୋଇଥିବାବେଳେ ମୁଖ୍ୟ କେନାଲଠାରୁ ଆରମ୍ଭ କରି ମାଇନର ଓ ସବ୍ ମାଇନର କେନାଲ ଗୁଡ଼ିକର ପଙ୍କ ଉଦ୍ଧାର ତଥା ମରାମତି କାର୍ଯ୍ୟ ଯୋରସୋରରେ ଚାଲିଛି। ଜଳ ସେଚନ ପ୍ରକଳ୍ପର ବାମ, ଦକ୍ଷିଣ ଓ ମେଗା ଲିଫ୍ଟ କେନାଲ ଆସନ୍ତା ୮ ତାରିଖରେ ଜଳ ଯୋଗାଣ ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। କଳାହାଣ୍ଡି ଜିଲ୍ଲାର ଇନ୍ଦ୍ରାବତୀ ଜଳସେଚନ ଦ୍ୱାରା ଏଠାକାର ଚାଷୀ ଦୁଇ ଫସଲ ଚାଷୀ କରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିପାରୁଛନ୍ତି। ତେବେ ବାମ ମୁଖ୍ୟ କେନାଲରେ ୩୪,୩୧୫, ଦକ୍ଷିଣ ମୁଖ୍ୟ କେନାଲରେ ୨୦,୦୭୩, ଓ ମେଗା ଲିଫ୍ଟ କେନାଲରେ ୧୬, ୪୪୫ ହେକ୍ଟର ମୋଟ ୭୧, ୨୭୪ ହେକ୍ଟର ଜମିରେ ଜଳସେଚନ ଲକ୍ଷ ରଖାଯାଇ ଥିବା ସୂଚନା ମିଳିଛି। ଇନ୍ଦ୍ରାବତୀ ଜଳଭଣ୍ଡାରରେ ବର୍ତ୍ତମାନ ଜଳସ୍ତର ୬୪୨ ମିଟରରୁ ୬୩୬.୪୫ମିଟର ରହିଛି। ଗତବର୍ଷ ଏହା ୬୩୮.୧୯ ,ମିଟର ରହିଥିଲା। ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୪୨ମିଟର ଅର୍ଥାତ୍ ୧,୪୮, ୫୫୦ହେକ୍ଟର ମିଟର ରହିଥିବାବେଳେ ବର୍ତ୍ତମାନ ଜଳସ୍ତର ୬୩୬.୪୫ମିଟର ସାଙ୍ଗକୁ ୫୯ପ୍ରତିଶତ ରେ ପହଞ୍ଚି ୮୭, ୯୬୬ହେକ୍ଟର ମିଟର ପାଣି ସଂରକ୍ଷଣକୁ ପହଞ୍ଚି ସାରିଥିବା ସୂତ୍ରରୁ ପ୍ରକାଶ। ଗତବର୍ଷ ଏହି ଦିନରେ ଜଳ ଭଣ୍ଡାରର ଜଳସ୍ତର ୬୩୮.୨୦୫ ମିଟର ସହିତ ୭୦ ପ୍ରତିଶତ ପାଣି ଥାଇ ସେହି ସମ୍ବଳ ମଧ୍ୟରେ ମାତ୍ର ୫୮ ହଜାର ଜମିରେ ଜଳସେଚନ ରଖାଯାଇ ଥିଲା। ଚଳିତବର୍ଷ ଦୁଇ ମିଟର କମ୍ ସଂରକ୍ଷଣ ଥାଇ ମଧ୍ୟ ରେକର୍ଡ ପରିମାଣରେ ୭୧, ୨୭୪ ହେକ୍ଟର ଜମିରେ ଜଳସେଚନ ଲକ୍ଷ୍ୟ ରଖା ଯାଇଥିବାରୁ ଚାଷୀଙ୍କ ମଧ୍ୟରେ ଏବେଠୁ ସୁରକ୍ଷିତ ଜଳସେଚନକୁ ନେଇ ଆଶଙ୍କା ବଢ଼ିବାରେ ଲାଗିଲାଣି। ବିଭାଗୀୟ ପକ୍ଷରୁ ଚାଷୀଙ୍କୁ ୯୦ ଦିନିଆ ଧାନ ଫସଲ କରିବା ପାଇଁ ପରାମର୍ଶ ଦେଇଥିବାବେଳେ ବ୍ୟବଧାନ ରୂପରେ ଜଳ ଯୋଗାଣ ହେବ ବୋଲି ସୂଚନା ମିଳିଛି।



## ଶିକ୍ଷାବିତ୍ ଦେବୀଚରଣ ମେହେରଙ୍କ ସ୍ମୃତିସଭା

**ସିନାପାଲି,୬ ।୧(ସମିସ):** ନୂଆପଡ଼ା ଜିଲ୍ଲାର ଶିକ୍ଷାବିତ ତଥା ସିନାପାଲି ନିବାସୀ ସ୍ୱର୍ଗତ ଦେବୀଚରଣ ମେହେରଙ୍କ ଏକଦଶାହରେ ସ୍ଥାନୀୟ ଅଗ୍ରସେନ ଭବନଠାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ଏହିସଭାରେ ନୂଆପଡ଼ା ଜିଲ୍ଲା ମେହେର ସମାଜ, ସିନାପାଲି ଗ୍ରାମ୍ୟ ମେହେର ସମାଜ, କର୍ମକର୍ତ୍ତାଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ନୂଆପଡ଼ା ଜିଲ୍ଲା ମେହେର ସମାଜର ସମ୍ପାଦକ ରୂପେଶ ଚନ୍ଦ୍ର ମେହେର ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ସଭାରେ ନରହରି ମେହେର, ଫଣିନ୍ଦ୍ରନାଥ ମେହେର, ଲୋକନାଥ ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ରାହାସ ବିହାରୀ ମେହେର, ସୁରେଶ୍ୱର ମେହେର, ଟେଣୋ ମେହେର, କ୍ଷୀରସିନ୍ଧୁ ମେହେର, ଗଣପତି ମେହେର, ବାସୁଦେବ ମେହେର, ମୋତିରାମ ମେହେର, ନିଳାଞ୍ଚଳ ମେହେର, ବିଦ୍ୟାଧର ମେହେର, ରାମକୃଷ୍ଣ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ବୈଷ୍ଣବ ମେହେର ଧନ୍ୟବାଦ ଦେଇଥିଲେ।

## ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ

**ଗାଇଗାଁ,୬ ।୧(ସମିସ):** କେସିଙ୍ଗା ବ୍ଲକ୍‌ର ଚାଞ୍ଚେର ଏବଂ ଗାଇଗାଁ ପଞ୍ଚାୟତ ପରିସରରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଳିତ ହୋଇଯାଇଛି। ଏଥିରେ ସରପଞ୍ଚ ପ୍ରମୋଦ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ କୁମାର ସେନାପତି ଯୋଗଦେଇଥିବା ବେଳେ ସମ୍ମାନିତ ଭାବେ ଜିଲ୍ଲା ସରପଞ୍ଚ ସଙ୍ଘ ସଭାପତି ସୁବୋଧ ରଣା ଯୋଗଦେଇ ଥିଲେ। ଏଥିରେ ସମିତିସଭ୍ୟ ଭୁବନେଶ୍ୱର ଶବର କାର୍ଯ୍ୟନିର୍ବାହୀ ଅଧିକାରୀ, ପଞ୍ଚାୟତ ୱାର୍ଡ ସଭ୍ୟସଭ୍ୟା ଏସ୍‌ଏଚ୍‌ଜି ଏବଂ ସିଆର୍‌ପି ମହିଳା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସରପଞ୍ଚ ଅଞ୍ଜୁ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କଳାହାଣ୍ଡି ଉତ୍ସବରେ ମୁଖ୍ୟଅତିଥି ଭାବେ କେସିଙ୍ଗା ବିଡିଓ ପଦ୍ମନାଭ ପୁରୋହିତ ଏବଂ ସମ୍ମାନିତ ଅତିଥି ଭାବେ କେସିଙ୍ଗା ଆଦର୍ଶ ଥାନାଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର ଯୋଗଦେଇ ଥିଲେ।

## କୋକସରା ବ୍ଲକ୍ ଡ୍ରାଇଭର ସଂଘ ପକ୍ଷରୁ ଦାବିପତ୍ର

**କୋକସରା,୬ ।୧(ସମିସ):** କେନ୍ଦ୍ର ସରକାରଙ୍କ ନୂତନ ପରିବହନ ନୀତିକୁ ବିରୋଧ କରି ସମଗ୍ର ଦେଶରେ ଡ୍ରାଇଭରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଡ୍ରାଇଭରମାନେ ଦୁର୍ଘଟଣା କଲେ ୭ଲକ୍ଷ ଟଙ୍କା ଜରିମାନା ଏବଂ ଦଶ ବର୍ଷ ଜେଲ ଦଣ୍ଡ ରହିଥିବା ହିଟ୍ ଆଣ୍ଡ ରନ୍ ଆଇନ୍‌କୁ କୋକସରା ଡ୍ରାଇଭର ସଂଘ ପକ୍ଷରୁ ମଧ୍ୟ ବିରୋଧ କରାଯାଇଛି। ଏହି କ୍ରମରେ ଶନିବାର ବ୍ଲକ୍ ଡ୍ରାଇଭର ମହାସଂଘର ସଭାପତି ଜଗନ୍ନାଥ ଦଳପତିଙ୍କ ନେତୃତ୍ୱରେ ଶତାଧିକ ଡ୍ରାଇଭର ଏକତ୍ରିତ ହୋଇ କୋକସରା ଥାନା ଅଧିକାରିଣୀଙ୍କୁ ଏକ ଦାବିପତ୍ର ଦେବାସହ ରାସ୍ତା କଡ଼ରେ ରହି ସଂଘର ନିଷ୍ପତ୍ତିକୁ ଅମାନିଆ କରି ଗାଡ଼ି ଚଢୁଥିବା ଡ୍ରାଇଭର ମାନଙ୍କୁ ସଚେତନ କରିଛନ୍ତି। ଏବଂ ସରକାର ଡ୍ରାଇଭର ମାନଙ୍କ ଦାବିକୁ ନମାନିଲେ ଆଜି ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାସ୍ତା କଡ଼ରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ଉପସଭାପତି ଲକ୍ଷ୍ମଣ ଭାଟି, ସମ୍ପାଦକ ନାରାୟଣ ଶଗଡ଼ିଆ, ସହସମ୍ପାଦକ କମଳ ଭାଇ, କୋଷାଧ୍ୟକ୍ଷ ଭୂପେନ୍ଦ୍ର ସୁନାନୀ, ଲାଲା ପଟ୍ଟନାୟକ, ବୃନ୍ଦାବନ ଦୁର୍ଗା, ଲିଙ୍ଗରାଜ ପୂଝାରୀ, ଶ୍ରୀବତ୍ସ ଗୋପାଳ, ଲୁଲୁ ଯାଦବ, କାହ୍ନା ବାଗ, ତୁଲାରାମ ନାଏକ, ସରତ ଗୋପାଳ, ସୋଭନ ପୁଝାରୀ ପ୍ରମୁଖ ସାମିଲ ହୋଇଥିଲେ।

# ପୃଥକ୍ ଦୁର୍ଘଟଣା; ୩ ଗୁରୁତର, ୨ ଆହତ

**କୋକସରା, ୬ ।୧(ସମିସ) :** ଶନିବାର ସନ୍ଧ୍ୟାରେ ୨୬ ନମ୍ବର ଜାତୀୟ ରାଜପଥର କୁସୁମଖୁଣ୍ଟି ଓ ବିଜୁ ଏକ୍ସପ୍ରେସ୍‌ୱେର ଭୂର୍ଣାଗୁଡ଼ା-ଘଣ୍ଟିଗୁଡା ରାସ୍ତାରେ ପୃଥକ୍ ଦୁଇଟି ଦୁର୍ଘଟଣା ଘଟିଛି । ଉଭୟ ସ୍ଥାନର ଦୁର୍ଘଟଣାରେ ୩ଜଣ ଗୁରୁତର ଓ ୨ଜଣ ଆହତ ହୋଇଥିବା ଜଣାପଡ଼ିଛି । କୁସୁମଖୁଣ୍ଟି ଠାରେ ଘଟିଥିବା ଦୁର୍ଘଟଣାରେ ବାଇକ୍‌ରେ ଥିବା ଦୁଇଜଣଙ୍କ ସହ ଦୁଇ ପଥଚାରୀ ମଧ୍ୟ ଆହତ ହୋଇଛନ୍ତି । ଛିଲପାମାଲ ଗ୍ରାମର ରବି ପୁଞ୍ଜି ଓ କୁସୁମଖୁଣ୍ଟିର କେଶବ ସବର ଗୁରୁତର ହୋଇଥିବାବେଳେ ରେଙ୍ଗାଲପାଲି ଗ୍ରାମର ବଳରାମ ନାଏକ ଓ କୁସୁମଖୁଣ୍ଟିର ନନ୍ଦେ ଶବର ଆହତ ହୋଇଥିବା ଜଣାପଡ଼ିଛି । ନବରଙ୍ଗପୁର ପଟୁ ଦ୍ରୁତଗତିରେ ଆସୁଥିବା ଏକ କାର୍ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍‌କୁ ଧକ୍କା ଦେବାରୁ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାରେ ଯାଉଥିବା ଅନ୍ୟ ଦୁଇ ଜଣଙ୍କ ଉପରେ ପଡ଼ି ଯାଇଥିଲା । ଫଳରେ ବାଇକ୍ ଆରୋହୀଙ୍କ ସହ ଅନ୍ୟଦୁଇ ଜଣ ପଥଚାରୀ ମଧ୍ୟ ଆହତ ହୋଇ ରାସ୍ତାରେ ପଡ଼ିଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ମୋଟେର ପୁଲିସକୁ ଖବର ଦେବାପରେ ସମସ୍ତ ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ କୋକସରା ଡାକ୍ତରଖାନାକୁ ପଠାଯାଇଛି । ତେବେ ପ୍ରାଥମିକ ଚିକିତ୍ସା ପରେ ରବି ପୁଞ୍ଜି ଓ କେଶବ ସବର ଗୁରୁତର ଥିବାରୁ ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭବାନୀପାଟଣା ସ୍ଥାନାନ୍ତ କରାଯାଇଥିବା ଜଣାପଡ଼ିଛି । ଅନ୍ୟପଟେ ଦୁର୍ଘଟଣା ଘଟାଇ ଥିବା କାର୍ ଫେରାର ମାରିଥିବାବେଳେ ପୁଲିସର ତଦନ୍ତ ଆରମ୍ଭ ହୋଇଛି । ସେହିପରି ବିଜୁ ଏକ୍ସପ୍ରେସ୍ ୱେର କୋକସରା ବ୍ଲକ ଭୂର୍ଷାଗୁଡା-ଘଣ୍ଟିଗୁଡା ଠାରେ ମଧ୍ୟ ଭାରସାମ୍ୟ ହରାଇ ଏକ ବାଇକ୍ ଦୁର୍ଘଟଣା ଘଟିଛି । ଏଥିରେ ବାଇକ୍‌ଚାଳକ ଚଞ୍ଚାଣବାହେଲି ପଞ୍ଚାୟତ ବେହେରାଗୁଡାର ମଣ୍ଟୁ ଭଁଏଷାଲ(୨୦) ଗୁରୁତର ଆହତ ହୋଇଛନ୍ତି । କୋକସରା ଡାକ୍ତରଖାନାରେ ଭର୍ତ୍ତି କରାଯିବାପରେ ଅବସ୍ଥା ଅଧିକ ଗୁରୁତର ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଡାକ୍ତର ସ୍ଥାନାନ୍ତର କରିଥିବା ଜଣାପଡ଼ିଛି ।

## କଳାହାଣ୍ଡି ଉତ୍ସବ ‘ଘୁମୁରା’ ଉଦ୍‌ଘାଟିତ

# ଲୋକକଳା ଓ ଲୋକ ସଙ୍ଗୀତର ବାର୍ତ୍ତା ବହନ କରେ ଉତ୍ସବ

**ଜୁନାଗଡ଼, ୬ ।୧(ସମିସ)**

କଳାହାଣ୍ଡି ହେଉଛି କଳାର ହାଣ୍ଡି, ଏହି ମାଟି ଅନେକ କଳାକାର ସୃଷ୍ଟି କରିବା ସହ ଅନେକ ରାଜ୍ୟ ତଥା ଜାତୀୟସ୍ତରର କଳାକାର ସୃଷ୍ଟି କରିଛି । ଏହି ମାଟିର ଲୋକବାଦ୍ୟ, ଲୋକ ନୃତ୍ୟ, ଲୋକ ସଂସ୍କୃତି, ଲୋକ ସଙ୍ଗୀତକୁ ବଞ୍ଚାଇବାରେ ବାର୍ତ୍ତା ବହନେ କରେ ବୋଲି କଳାହାଣ୍ଡି ଉତ୍ସବ ଅବସରରେ ଅତିଥିମାନେ ମତ ପ୍ରକାଶ କରିଥିଲେ । କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ର ହାଇସ୍କୁଲ ଖେଳପଡ଼ିଆ ସ୍ଥିତ ମାଁ ଲଙ୍କେଶ୍ୱରୀ ମଞ୍ଚରେ ଆଜି ଜୁନାଗଡ଼ ବ୍ଲକ ଓ ଏନ୍‌ଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଘାଟିତ ହୋଇଛି । ଶନିବାର ପର୍ବାହ୍ନରେ ଉତ୍ସବ କମିଟି ପକ୍ଷରୁ ପ୍ରଥମେ ମା’ ଲଙ୍କେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରାଗଲା । ପରେ ଏକ ମଶାଲ ଶୋଭାଯାତ୍ରା ବ୍ଲକସ୍ଥିତ ତ୍ରିନାଥ ମନ୍ଦିରରୁ ବାହାରି ପୂଜାର୍ଚ୍ଚନା ପରେ ଏକ ବିରାଟ ସଂସ୍କୃତିକ ମଶାଲ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲା । ଉଦ୍‌ଘାଟନୀ ଉତ୍ସବରେ ଜୁନାଗଡ଼ ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଉପାଧ୍ୟକ୍ଷ ପ୍ରମୋଦ ବେହେରା, ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ, ଉପନଗରପାଳ ହିମାଦ୍ରୀ ନାଏକ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଧିରଜ କୁମାର ଚୋପଦାର, ଏନ୍‌ଏସି ଇଓ ପ୍ରେମଲାଲ ହିଆଲ, ବ୍ଲକ ସରପଞ୍ଚ ସଙ୍ଘ ସଭାପତି ତାରାଶଙ୍କର ରାୟଗୁରୁ, କଳାହାଣ୍ଡି ସମ୍ବାଦିକ ସଙ୍ଘର ଜିଲ୍ଲା ସମ୍ପାଦକ ସନ୍ତୋଷ ସିଂହଦେଓ, ପୂର୍ବ ଏନଏସି ଇଓ ଈଶ୍ୱର ପୂଝାରୀ ପ୍ରମୁଖ ଯୋଗଦେଇ ଥିଲେ । ବିନୟ କୁମାର ସାହୁଙ୍କ ନେତୃତ୍ୱରେ ମନୋଜ କୁମାର ମେହେର, ସ୍ମିତାରାଣୀ ସାହୁ, ଡିଙ୍ଗର ନାଏକ, ବେଣୁଧର ବାଗ, ଅନୁବନ୍ଧନ ଭରଦ୍ୱାଜ, ଏଞ୍ଜେଲ ପ୍ରହରାଜ, ସନ୍ତୋଷ ମେହେର, ଖୋଲାନନ୍ଦ ଝଙ୍କର ପ୍ରମୁଖ ଶିଶୁ ବିଚିତ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଡିଓ ଦେବାଶିଷ କରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଶ୍ରୀ ଧୀରଜ ଚୋପଦାର ଯୋଗଦାନ କରିଥିଲେ ଏବଂ ସମ୍ମାନିତ ଅତିଥି ଭାବେ ଜୁନାଗଡ଼ ବ୍ଲକ ଅଧ୍ୟକ୍ଷା ସବିତା ମେହେର, ନଗରପାଳ ମୁକେଶ ଅଗ୍ରୱାଲ, ଉପନଗରପାଳ ହିମାଦ୍ରୀ ନାଏକ, ଜୁନାଗଡ଼ ତହସିଲଦାର ସୁର୍ମି ସୋରେନ, ଏନଏସି ଇଓ ପ୍ରେମଲାଲ ହିଆଲ ପ୍ରମୁଖ ଯୋଗ ଦେଇ ଥିଲେ । ପ୍ରମୋଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ହିମାଂଶୁ ଶେଖର ବରାଡ଼ ଏବଂ ପୁରସ୍କାର ବିତରଣ ସଭାକୁ ପରିଚାଳନା କରିଥିଲେ ସରୋଜ ପଣ୍ଡା । ଏଥିରେ ଜୁନାଗଡ଼ କଳାବିକାଶ କେନ୍ଦ୍ରର ଓଡ଼ଶୀ, ନୁପୁରର ବଜାଶାଲ, ଭଇଁରିଗୁଡାର ଘୁମୁରା, ଆସାମର ବିହୁ, ମହାବୀର ସାଂସ୍କୃତିକ ଅନୁଷ୍ଠାନର ଘୁମୁରା, ଦୁଆଶନିର ଦୂରଦୁରୀ ନୃତ୍ୟ, ବକ୍ସିତୁଲସିପାଲିର ଘୁମୁରା, ଭୀମରାଜପୁରର ପ୍ରଭାନୃତ୍ୟ, ନକଟିଗୁଡ଼ାର ସଂକୀର୍ତ୍ତନ, ସୁହାଜପୁରର ବଜାଶାଲ ଦର୍ଶକଙ୍କୁ ମୁଗ୍ଧ କରିଥିଲା ।



## ■ ବିଶାଖାପାଟଣା ନାବାଳିକା ଦୁଷ୍କର୍ମ ଘଟଣା

# ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଦାବିକଲା ଅଲ୍ ଓଡ଼ିଶା ସିଡ୍ୟୁଲ୍ଡକାଷ୍ଟ

**ଭବାନୀପାଟଣା, ୬ ।୧(ସମିସ):** ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ କଳାହାଣ୍ଡି ଜିଲ୍ଲା ନର୍ଲା ଥାନାଅଞ୍ଚଳର ଜଣେ ନାବାଳିକାଙ୍କ ପ୍ରତି ଘଟିଯାଇଥିବା ପାଶବିକ ଓ ବର୍ବରୋଚିତ କାଣ୍ଡ ସମ୍ପର୍କରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଏହା ଉପରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି କରିଛି ସାମାଜିକ ଓ ବୈଚାରିକ ସଂଗଠନ ଅଲ୍ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେସନ । ଫେଡେରେସନର କାର୍ଯ୍ୟକାରୀ ରଷିସୂଦନ ଛତ୍ରପାଲ, ସାଧାରଣ ସମ୍ପାଦକ ସୂର୍ଯ୍ୟ ନାରାୟଣ କୁମାର, କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ନାଏକ, ଯୋଜନା ଓ ସମ୍ମନ୍ୱୟ କମିଟି ସଂଯୋଜକ ବିଭୀଷଣ ନାଏକ, ନଗର ସଭାପତି ପୃଥ୍ୱୀରାଜ ଛତ୍ରିଆ, ନଗର ସାଧାରଣ ସମ୍ପାଦକ ବିନୋଦ ନାଏକ, ଉପଦେଷ୍ଟା ଯୋଗେଶ୍ୱର ସାଗର, ରଜନୀକାନ୍ତ ସମର୍ଲିଆ, କାର୍ଯ୍ୟକାରୀ କମିଟି ସଭ୍ୟ ସୁଶୀଲ କୁମାର ବାଗ ପ୍ରମୁଖ କଳାହାଣ୍ଡି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ତ୍ରିଲୋଚନ ପାତ୍ରଙ୍କୁ ସାକ୍ଷାତ କରି ତାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି । ବିଶାଖାପାଟଣା ଘଟଣାରେ ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରିବା ସହିତ ମହିଳା ନିର୍ଯାତନା ଓ ବଳାତ୍କାର ଉପରେ ରାଜ୍ୟ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ଏହି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ।



ନିଜ ପରିବାର ସହିତ ଦାଦନ ଖଟିବାକୁ ଯାଇଥିବା କଳାହାଣ୍ଡି ଜିଲ୍ଲା ନର୍ଲା ଥାନା ଅଞ୍ଚଳର ଜଣେ ନାବାଳିକା ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ଗଣ ଦୁଷ୍କର୍ମର ଶିକାର ହୋଇଥିବା ଅଭିଯୋଗ ହୋଇଛି । ଗତ ଡିସେମ୍ବର ୧୭ରୁ ୨୨ ତାରିଖ ମଧ୍ୟରେ ତାଙ୍କର ପୁରୁଷ ବନ୍ଧୁ, ତାଙ୍କର ଜଣେ ସାଙ୍ଗ ଏବଂ ଆହୁରି ୧୧ଜଣ ତାଙ୍କୁ ଦୁଷ୍କର୍ମ କରିଥିବା ଭଳି ଲଜ୍ଜାଜନକ ଘଟଣା ସମଗ୍ର ଆନ୍ଧ୍ରପ୍ରଦେଶରେ ହଇଚଇ ସୃଷ୍ଟି କରିଛି । ଏହି ମାମଲାରେ ଆନ୍ଧ୍ରପ୍ରଦେଶ ପୁଲିସ ୧୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଦୁଇଜଣ ଫେରାର ଅଛନ୍ତି । ରାଜ୍ୟ ସରକାର ଏହି ମାମଲାରେ ହସ୍ତକ୍ଷେପ କରିବା ସହିତ ଦୋଷୀମାନଙ୍କୁ କଠୋରରୁ କଠୋର ଦଣ୍ଡ ପାଇଁ ଆନ୍ଧ୍ରପ୍ରଦେଶ ସରକାରକୁ ଅନୁରୋଧ କରିବାକୁ ସିଡ୍ୟୁଲ୍ଡ କାଷ୍ଟ ଫେଡେରେସନ ଦାବି କରିଛି ।

# ଶତାୟୁ ମହିଳାଙ୍କ ପରଲୋକ

**ଭବାନୀପାଟଣା, ୬ ।୧(ସମିସ):** ଭବାନୀପାଟଣା ପେଲେସ ରୋଡ୍‌ରେ ରହୁଥିବା ଧର୍ମପ୍ରାଣା ମହିଳା ଶଶୀମୁଖୀ ସାହୁଙ୍କ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୧୦୦ବର୍ଷ ହୋଇଥିବା ପରିବାର ପକ୍ଷରୁ ଜଣାପଡ଼ିଛି । ସ୍ୱର୍ଗତା ସାହୁ ଅସୁସ୍ଥ ହେବାପରେ ତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ବୁର୍ଲା ରେଫର କରିଥିଲେ । ବୁର୍ଲା ଯିବା ପୂର୍ବରୁ ଆଜି ସନ୍ଧ୍ୟା ୬ଟା ସମୟରେ ଦେହାନ୍ତ ଘଟିଥିଲା । ତିନିପୁଅ ବିଭୁତି ଭୂଷଣ ସାହୁ, ଫନିନ୍ଦ୍ର ଭୂଷଣ ସାହୁ ଓ ଦେବେନ୍ଦ୍ର ଭୂଷଣ ସାହୁ, ଝିଅ ଅମୃତା ସାହାଣୀ ଏବଂ ନିର୍ମଳା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ରବିବାର ଅନ୍ତିମ ସଂସ୍କାର କରାଯିବ । ମୃତ୍ୟୁବରଣ କରିଥିବା ଶତାୟୁ ଜୀବଦଶାରେ ସାତ ପିଢିଙ୍କୁ ଦେଖି ଆସିଛନ୍ତି । ଯୌଥ ପରିବାରର ୫୪ଜଣ ସଦସ୍ୟଙ୍କ ଭିତରେ ସମସ୍ତଙ୍କ ପ୍ରିୟ ଓ ଆଦରର ମଣିଷଟିଏ ଥିଲେ ।



# ଚାଷୀଙ୍କ ଚିନ୍ତା ବଢ଼ାଇଲା ଡ୍ରାଇଭର ମହାସଂଘର ଆନ୍ଦୋଳନ

**ଜୟପାଟଣା, ୬ ।୧(ସମିସ):** ଖରିଫ ଧାନ ଅମଳ ଶେଷ କରି ଏ ଯାଏଁ ସଂଗ୍ରହ ପ୍ରକ୍ରିୟା ସରିନାହିଁ । ଆଉ ଚାଷୀଙ୍କ ଦୁଃଖ ବଢ଼ାଇ ଦେଇଛି ଡ୍ରାଇଭରଙ୍କ ଆନ୍ଦୋଳନ । ଡ୍ରାଇଭର ମହାସଂଘର ଷ୍ଟିୟରିଙ୍ଗ ଛାଡ଼ ଆନ୍ଦୋଳନ ଚିନ୍ତାରେ ପକାଇଛି କଳାହାଣ୍ଡି ଜିଲ୍ଲାର ଚାଷୀଙ୍କୁ । ଏବେ ବି ମଣ୍ଡିରେ ପଡ଼ି ରହିଛି ହଜାର ହଜାର ଧାନ ବସ୍ତା । ଜୟପାଟଣା ମଣ୍ଡିରେ ଏଯାଏଁ ୧ଲକ୍ଷ ୫ହଜାର ୨୭ କ୍ୱିଣ୍ଟାଲ ଧାନ ଉଠି ସାରିଥିବାବେଳେ ଆହୁରି ପାଖାପାଖି ୪୨ ହଜାର କ୍ୱିଣ୍ଟାଲ ଧାନ ବିକ୍ରି ଅପେକ୍ଷାରେ ପଡ଼ିରହିଛି । ଜୟପାଟଣା ଜଳ ସେଚିତ ଅଞ୍ଚଳ ହୋଇଥିବାରୁ ଉଭୟ ଖରିଫ ଓ ରବି ଋତୁରେ ପାଖାପାଖି ୮୦ ଭାଗ ଲୋକେ ଚାଷ ଉପରେ ନିର୍ଭର କରିଥାନ୍ତି । ଏବେ ଧାନ ରୁଆ ସମୟ ହେଲାଣି ହେଲେ ଚାଷୀ ତାର ଧାନ ବିକ୍ରି କରିପାରୁ ନାହିଁ । କିଭଳି ଚାଷି ତାର ଧାନ ବିକ୍ରି କରିବ ଏବଂ ଚାଷ ପାଇଁ ଆଣି ଥିବା ଧାର କରଜ ସୁଝିବ ତାକୁ ନେଇ ଚିନ୍ତିରେ ପଡ଼ିଯାଇଛି ।

# ଭୀମକେଲା ଉଚ୍ଚ ବିଦ୍ୟାପୀଠରେ ସଡ଼କ ସୁରକ୍ଷା

**ନର୍ଲା, ୬ ।୧(ସମିସ):** ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଛି । ନର୍ଲା ବ୍ଲକ ଭୀମକେଲା ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠର ରେଡ୍‌କ୍ରସ ଛାତ୍ରଛାତ୍ରୀମାନଙ୍କୁ ନେଇ ଗ୍ରାମ ପରିକ୍ରମା କରାଯାଇ ସଡ଼କ ସୁରକ୍ଷା ପରିବାର ରକ୍ଷାର ବାର୍ତ୍ତା ଦିଆଯାଇ ଥିଲା । ସମଗ୍ର ଭାରତରେ ମୃତ୍ୟୁ ସଂଖ୍ୟାକୁ ଅନୁଧ୍ୟାନକଲେ ଜଣାଯାଏ ଯେ ପ୍ରାୟ ବାର୍ଷିକ ଲକ୍ଷାଧିକ ଲୋକ ସଡ଼କଜନିତ ଦୁର୍ଘଟଣାରେ ମୃତ୍ୟୁବରଣ କରିଥାନ୍ତି । ଓଡ଼ିଶାରେ ୫୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁରାସ୍ତା ଦୁର୍ଘଟଣାରେ ଘଟିଥାଏ । ଦୁର୍ଘଟଣାକୁ ରୋକିବାକୁ ହେଲେ ଜନସଚେତନତା ଜରୁରୀ ମନେକରି ଏହି ସଚେତନତା କାର୍ଯ୍ୟକ୍ରମ ବିଦ୍ୟାଳୟ ପକ୍ଷରୁ ହାତକୁ ନିଆଯାଇ ଥିଲା । ପ୍ରଧାନଶିକ୍ଷକ ମଧୁସୂଦନ ଦାଶ, ବରିଷ୍ଠ ଶିକ୍ଷକ ବିନୟ କିଶୋର ଦାଶ, ରାଜୀବ ଲୋଚନ ଦାଶ, ନୃସିଂହଚରଣ ଦଳାଇ, କେଶବ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇ ଥିଲା ।




# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ବୋଡ଼େନ, ୬ ।୧(ସମିସ):** ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଡୁଡ଼ୁକି ବାହାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରେ କର୍ଲାକୋଟ ସାଧନକେନ୍ଦ୍ରର ଶିକ୍ଷକ ସୁଦର୍ଶନ ପଣ୍ଡାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ସମ୍ବର୍ଦ୍ଧନା ସଭାରେ ଡୁଡ଼କିବାହାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ରୁ ହରିଜନ ସଭାପତିତ୍ୱ କରିଥିବାବେଳେ ସଭାରେ ମୁଖ୍ୟଅତିଥି ଭାବରେ ଆଦର୍ଶ ଶିକ୍ଷକ ସୁଦର୍ଶନ ପଣ୍ଡା ମଞ୍ଚାସୀନ ଥିଲେ । ବୋଡେନ ବିଆରସି ତଥା ଅତିରିକ୍ତ ଗୋଷ୍ଠୀଶିକ୍ଷା ଅଧିକାରୀ ଦିଲୀପ କୁମାର ଦାସ ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀଶିକ୍ଷା ଅଧିକାରୀ ବୋଡ଼େନ ନେପାଳଚନ୍ଦ୍ର ଦେ, କର୍ଲାକୋଟ ସାଧନ କେନ୍ଦ୍ର ସଂଯୋଜକ ସଞ୍ଜୟ କୁମାର ଯୋଷୀ, ଖଇରା ସାଧନକେନ୍ଦ୍ର ସଂଯୋଜକ ନବ ବସନ୍ତ ଯୋଶୀ ଓ ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ଭଜରାମ ମାଝୀ ପ୍ରମୁଖ ଯୋଗଦାନ କରିଥିଲେ ।



# ଘରୋଇ ହିଂସା ନିରୋଧ କାର୍ଯ୍ୟକ୍ରମ




**ଧର୍ମଗଡ଼, ୬ ।୧ (ସମିସ):** ମହିଳା ଓ ଶିଶୁ ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ହିଂସା ନିରୋଧ ଦିବସ ପରିପ୍ରେକ୍ଷୀରେ ଧର୍ମଗଡ଼ ସ୍ଥିତ ଜାଗୃତି ଗୃହ ସହଯୋଗରେ ଚାଲିଥିବା ୧୬ ଦିନିଆ ଅଭିଯାନ ‘ଘରୋଇ ହିଂସା ନିରୋଧ’ ସଂକ୍ରାନ୍ତୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶନିବାର ଏଥିରେ ବରିଷ୍ଠ ସାମ୍ବାଦିକ ବିଦ୍ୟାଧର ସାହୁ ଯୋଗଦେଇ ସାଇବର କ୍ରାଇମ୍ ଓ ଅନଲାଇନ୍ ସୁରକ୍ଷା ଉପରେ ଜାଗୃତି ଗୃହର ଅନ୍ତେବାସୀଙ୍କ ସହିତ ଆଲୋଚନା କରିଥଲେ । ଜାଗୃତି ଗୃହର ପରିଚାଳିକା ନିବେଦିତା ପ୍ରଧାନ, କର୍ମୀ ଅନୁସୁୟା ନାଏକ ଓ ଖଦୀ ଭଣ୍ଡାରର ମ୍ୟାନେଜର ଦେବରାଜ ମହାନନ୍ଦ ଏହି ଅବସରରେ ଉପସ୍ଥିତ ଥିଲେ । ମହିଳା ହିଂସାକୁ ଦୂର କରିବା ପାଇଁ ସରକାରୀସ୍ତରରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଓ ଜନସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ଅନ୍ତେବାସୀଙ୍କୁ ଅବଗତ କରାଯାଇଥିଲା ।

# ବିଜେଡିରେ ମିଶିଲେ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ

## ■ ବିଜେଡିର କର୍ମୀ ସମାବେଶ
## ■ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ନିର୍ବାଚନୀ ରଣହୁଙ୍କାର

**ନୂଆପଡ଼ା, ୬।୧(ସମିସ)**

ଓଡ଼ିଶାର ବରପୁତ୍ର ବିଜୁବାବୁଙ୍କ ଜୀବନାଦର୍ଶକୁ ଆଜି ବିଜେଡି ତାରି ଆଦର୍ଶ କରି ରାଜ୍ୟରେ ଶଙ୍ଖଧ୍ୱନୀ ବଜାଉଛି । ଉଭୟ ବିଧାନସଭା ଏବଂ ପାର୍ଲାମେଣ୍ଟରେ ବିଜେଡିର ବହୁମତ ସମଗ୍ର ଦେଶ ଦେଖିବ । ଏଥିପାଇଁ ବିଜେଡିର ସମସ୍ତ କର୍ମୀଙ୍କୁ ସାରଥୀ ସାଜିବାକୁ ପଡ଼ିବ । ଜଣେ ଜଣେ କର୍ମୀ ବିଜେଡିର ଅଦୃଶ୍ୟ ପତାକା ସଦୃଶ । ଆମକୁ ପ୍ରତିବୁଥ୍‌କୁ ଯାଇ ବିଜେଡିର ଶଙ୍ଖ ଧ୍ୱନୀ ବଜାଇବାକୁ ପଡ଼ିବ ବୋଲି ବିଜେଡିର ନୂଆପଡ଼ା ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି । ଶନିବାର ନୂଆପଡ଼ାଗସ୍ତରେ ଆସି ଉଭୟ ନୂଆପଡ଼ା ଏବଂ ଖଡ଼ିଆଳ ବିଧାନସଭାସ୍ତରୀୟ ଦୁଇଟି ଭିନ୍ନ ଭିନ୍ନସ୍ଥାନରେ ଆୟୋଜିତ କର୍ମୀ ସମ୍ମିଳନୀରେ କର୍ମୀମାନଙ୍କୁ ପରୋକ୍ଷରେ ଏକ ନିର୍ବାଚନୀ ରଣ ହୁଙ୍କାର ଦେଇଛନ୍ତି । ଖଡ଼ିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀର ବାଦିବାହାଲଠାରେ ଆୟୋଜିତ କର୍ମୀ ସମ୍ମିଳନୀରେ ପର୍ଯ୍ୟବେକ୍ଷକ ଛୁରିଆ ଯୋଗଦେଇ କର୍ମୀମାନଙ୍କୁ ସମ୍ବୋଧିତ କରିଥିଲେ । ବିଜେଡିର ସାଧାରଣ ସମ୍ପାଦକ ତଥା ବିଧାୟକ ପ୍ରାର୍ଥୀ ଲମ୍ବୋଦର ନିଆଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀଙ୍କ ସମେତ ସମସ୍ତ ବ୍ଲକସ୍ତରୀୟ କର୍ମକର୍ତ୍ତା, ଜିଲ୍ଲାପରିଷଦ ସଭ୍ୟସଭ୍ୟାମାନେ ଯୋଗ ଦେଇଥିଲେ । ଏହି ଅବସରରେ ଶତାଧିକ କଂଗ୍ରେସ ଏବଂ ବିଜେପି କର୍ମକର୍ତ୍ତା ବିଜେଡିରେ ଯୋଗ ଦେଇଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ଖରିଆରରୋଡଠାରେ ସମ୍ମିଳନୀ ଆୟୋଜିତ ହୋଇଥିଲା । ଏଥିରେ ଜିଲ୍ଲା ବିଜେଡି ସଭାପତି ମନୋଜ କୁମାର ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ପର୍ଯ୍ୟବେକ୍ଷକ ଛୁରିଆ ସମେତ ଗତ ନିର୍ବାଚନରେ ଖଡ଼ିଆଳ ବିଧାନସଭାରୁ ନିର୍ବାଚନ ଲଢିଥିବା ଲମ୍ବୋଦର ନିଆଲ, ବିଧାୟକ ପ୍ରତିନିଧି ଜୟ ଢୋଲକିଆ, ରାଜ୍ୟ ସମ୍ପାଦକ ରାଜେଶ କୁମାର ନିଗମ, ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ କାର୍ତ୍ତିକ ଦୀପ, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଦୀପିକା କୌଶଲ୍ୟା ଦୀପ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ଖରିଆରରୋଡ ନଗର ସଭାପତି ତଥା ଏନଏସି ଉପାଧ୍ୟକ୍ଷ, ପୂର୍ବତନ ନଗରପାଳ ରାଜୁ ଚୌହାନ, ଉପସଭାପତି ଧନୀରାମ ସାହୁ, ଜିଲ୍ଲାପରିଷଦ ସଭ୍ୟ ମୁରଲୀଧର ଭୋଇ, କ୍ଷମା ସିଂ ନିଆଲ, ଯଶୋବନ୍ତି ମେହେର ପ୍ରମୁଖ ଯୋଗଦେଇ ଥିଲେ । ଏହି ସମ୍ମିଳନୀରେ ନୂଆପଡ଼ା ଏବଂ କୋମନା ବ୍ଲକର ସମସ୍ତ ପଞ୍ଚାୟତର କର୍ମକର୍ତ୍ତା ଯୋଗ ଦେଇଥିଲେ । ଜଗନ୍ନାଥ ପରିକ୍ରମା ରଥ ସମସ୍ତ ପଞ୍ଚାୟତ, ବ୍ଲକ ତଥା ଜିଲ୍ଲାସ୍ତରରେ ପରିଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି ।



# ସରକାରୀ ମହିଳା କଲେଜରେ ଶୀତକାଳୀନ ଶିବିର

**ଭବାନୀପାଟଣା, ୬ ।୧ (ସମିସ):** ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ନିକଟସ୍ଥ ପୋଷ୍ୟଗ୍ରାମ ରିଷି ଗାଁ ଗ୍ରାମଠାରେ ଜାତୀୟ ସେବା ଯୋଜନା ଅଧିକାରୀ ଡ. ରାଧାରାଣୀ ନାୟକଙ୍କ ତତ୍ତ୍ୱାବଧାନରେ ଶୀତକାଳୀନ ଶିବିର ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି କର୍ଣ୍ଣେଲ ପ୍ରଫେସର ସଞ୍ଜୟ କୁମାର ଶତପଥୀ ଉଦ୍‌ଘାଟନ କରିବା ସହିତ ଛାତ୍ରୀମାନଙ୍କୁ ମହାବିଦ୍ୟାଳୟରୁ ଗାଁକୁ ଯାଇ ବିଭିନ୍ନ ବିଷୟରେ ଲୋକମାନଙ୍କୁ ସାହାଯ୍ୟ ତଥା ସଚେତନ କରିବା ପାଇଁ ଉଦ୍‌ବୋଧନ ଦେଇଥିଲେ । ଏହି ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତ୍ରିଲୋଚନ ଜେନା ସଭାପତିତ୍ୱ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ରିଷିଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନୀତା ମହାନ୍ତି ଯୋଗ ଦେଇଥିଲେ । ଡ. ରାଧାରାଣୀ ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଡ. ପ୍ରତାପ କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିରରେ ସ୍ୱେଚ୍ଛାସେବୀମାନେ ଯଥା ସାତ୍ତ୍ୱିକ ମାଝୀ, ଶିବାନୀ ବାଗ, ରିଙ୍କି ମେହେର, ସିପ୍ରା ପଟ୍ଟନାୟକ, କୁମୁଦିନୀ ଶବର ପ୍ରମୁଖ ସହଯୋଗ କରିଥିଲେ ।



# ସାହିତ୍ୟ ସାଧନା ମୋ ଜୀବନଯାତ୍ରା ପଥର ନାନ୍ଦନିକ ବ୍ୟଞ୍ଜନା

## - ମମତା ଦାଶ



ଲେଖିବା ମୋ ପାଇଁ ଏତେ ସ୍ୱତଃସ୍ଫୂର୍ତ୍ତ ଭାବରେ ଆସିଥିଲା ଯେ ମୁଁ କାହିଁକି ଲେଖେ, ତାହା ଅତି ସ୍ପଷ୍ଟ ଭାବରେ କହିବା ମୋ ପକ୍ଷରେ ହୁଏତ ସମ୍ଭବ ନୁହେଁ।

ଚତୁର୍ଥ/ପଞ୍ଚମ ଶ୍ରେଣୀରେ ପଢ଼ିଲା ବେଳେ ମୋର ବାପା ପ୍ରତିବର୍ଷ ଦେଉଥିବା ଡାଏରି ଖାତାରେ ମୁଁ ଲେଖୁଥିଲି ନୂଆବର୍ଷର ସ୍ୱାଗତିକା ଓ ବିଦାୟ ଦେଉଥିଲି ପୁରୁଣା ବର୍ଷକୁ, ସବୁ କବିତାରେ,ଗଦ୍ୟରେ ନୁହେଁ। ଯେ କୌଣସି ଘଟଣା, ଦୃଶ୍ୟ, ଅନୁଭବ ମୋର ଅନ୍ତରରେ ପ୍ରଥମେ ଝଲସି ଯାଇ ଶବ୍ଦରେ, ବାକ୍ୟରେ ପରିଣତ ହୋଇ, କବିତା ହୋଇ ଯାଉଥିଲା। ପ୍ରଥମେ ମୁଁ ଛନ୍ଦ କବିତା ଲେଖୁଥିଲି। ମନକୁ ଛୁଉଁଥିବା ଚରିତ୍ରମାନେ ବି ଗପ ତିଆରି କରୁଥିଲେ ଓ ମୁଁ ପରେ ପରେ ଗପ ଲେଖିବା ଆରମ୍ଭ କରିଥିଲି। ସେସବୁ କିନ୍ତୁ ମୋର ଖାତାରେ ଲୁଚି ରହୁଥିଲେ। ମୁଁ କାହିଁକି ଏସବୁ ଲେଖୁଛି ଜାଣି ନଥିଲେ ବି ମୋତେ ଲେଖିବାରୁ ପ୍ରଚୁର ଆନନ୍ଦ ମିଳୁଥିଲା, ଏହା ନିଶ୍ଚିତ। ମୁଁ ବେଳେବେଳେ ମୋ' ଭଉଣୀଙ୍କୁ ସେ ସବୁ ପଢ଼ିବାକୁ ଦେଉଥିଲି ଓ ସେ ମତ ଦେଲେ ମୋତେ ଆହୁରି ଆନନ୍ଦ ମିଳୁଥିଲା।

ତା' ପରେ ମୁଁ ଜାଣିଲି ମୋର କିଛି ପାଠକ ଦରକାର। କେହି ପଢ଼ି ଆନନ୍ଦିତ ହେଲେ ମୋତେ ବେଶି ଭଲ ଲାଗିବ। ତା'ପରେ ପତ୍ରିକାମାନଙ୍କୁ ପଠାଇବା, ପ୍ରକାଶିତ ହେବାକୁ ଅପେକ୍ଷା କରିବା, ଆହୁରି ପରିଶ୍ରମ କରିବା। ଓଡ଼ିଆ, ଇଂରାଜୀ, ବଙ୍ଗଳା ସାହିତ୍ୟ ପଢ଼ିବା ମୋର ଅପରିହାର୍ଯ୍ୟ କର୍ମରେ ପରିଣତ ହେଲା।



ମୁଁ କାହିଁକି ଲେଖେ

ରହସ୍ୟମୟ ରାତିର ଅନ୍ଧକାରରେ କେବେ, କୋଟି କୋଟି ନକ୍ଷତ୍ର, ଚନ୍ଦ୍ରଭର୍ତ୍ତି ଆକାଶକୁ ଚାହିଁ ଦେଖିଲା ବେଳେ କେବେ, କେବେ ବା ଭୋରର ନାଲି ସୂର୍ଯ୍ୟ ଏକ ପରିପୂର୍ଣ୍ଣ ସମ୍ଭାବନାର ସକାଳର ଇଙ୍ଗିତ ଦେଲାବେଳେ, ମୁଁ ହଠାତ୍ ଆଉ ଗୋଟିଏ ଜଗତ ଭିତରେ ବୁଡ଼ିଯାଏ। ଏ ସଂସାର,ତା'ର ସଂଘର୍ଷ, ତା'ର ସୀମାବଦ୍ଧତା, ତା'ର ଛୋଟ ବଡ଼ ଆଶା ହତାଶା, ଏସବୁ ଯେମିତି ପ୍ରତ୍ୟାହୃତ ହୋଇ ଯାଆନ୍ତି ଓ ମୁଁ ନିଜକୁ ଖୋଜିପାଏ ଏକ ଅଦ୍ଭୁତ ଆନନ୍ଦ ଓ ସୌନ୍ଦର୍ଯ୍ୟ ଭିତରେ। ମୋତେ ଜୀବନର ସବୁ କିଛି ଆଉ ପ୍ରକାରେ ଦିଶେ, ଆଉ ଏକ ପ୍ରକାର ଅର୍ଥରେ ପ୍ରତିଭାତ ହୁଏ ,ଏଇ ସାଧାରଣ ଜୀବନ ଓ ତା'ର ବାସ୍ତବତା।

ଏ ସୃଷ୍ଟି ର ଅର୍ଥ କ'ଣ? ଉଦ୍ଦେଶ୍ୟ କ'ଣ? ଏ ଜଗତ କ'ଣ ଗୋଟିଏ ସମସ୍ୟା? ଏହାର ସମାଧାନ ସମ୍ଭବ? ଏ ଜୀବନ କ'ଣ ଉଦ୍ଭଟ? ଏଭଳି ଅବବୋଧ ଭିତରେ ପହଞ୍ଚିଲେ ଆଉ ସାଧାରଣ ଜୀବନରେ ବଞ୍ଚିବା ସମ୍ଭବ ହୁଏନା। ନିଜକୁ ଏକେଲା ଓ ଭିନ୍ନ ମନେ ହୁଏ।

ସେଇ ଏକେଲା ଓ ଭିନ୍ନ ମଣିଷଟି,ନିଜକୁ ଚିହ୍ନିବାକୁ ଚାହେଁ। ବୁଝିବାକୁ ଚାହେଁ, ନିଜକୁ ବ୍ୟକ୍ତ କରିବାକୁ ଚାହେଁ। ଚାହେଁ ନିଜର ସମସ୍ତ ଆବେଗ, ଅନୁଭବ, ଅବବୋଧକୁ ପୁନର୍ବାର ସର୍ଜନା କରିବାକୁ। ଅନ୍ୟମାନେ ତା'ର ଅବବୋଧ ଭିତରେ ଏକାତ୍ମ୍ ହୁଅନ୍ତୁ,ମଗ୍ନ ହୁଅନ୍ତୁ ଓ ସେମାନଙ୍କ ଭିତରେ ବି ଖୋଲିଯାଉ ଏହି ଚେତନାର ଦ୍ୱାର, ଏହି ଆସ୍ପୃହା ହିଁ ମୋତେ ଲେଖିବାକୁ ପ୍ରେରଣା ଦିଏ।

ମୁଁ ବିଶେଷ ଭାବରେ କବିତା ହିଁ ଲେଖିଥାଏ। ଆଧୁନିକ କବିତା ଅନେକ ପ୍ରକାର ଲେଖାଯାଏ। କେତେ କବିତାର ଶୈଳୀ, ଉପସ୍ଥାପନାର ଭଙ୍ଗୀ ତାହାକୁ ଆକର୍ଷଣୀୟ କରିଥାଏ। କେତେ କବିତାରେ ଚମକ ଥାଏ, ଯାହା ବେଶି ଦିନ ସ୍ଥାୟୀ ହୁଏ ନାହିଁ। କେତେ କବିତା କୌଣସି 'ବାଦ'ର ସମର୍ଥନରେ ଲେଖାଯାଏ,ପ୍ରଚାରଧର୍ମୀ ବି ଲେଖାଯାଏ।

ମୋର କବିତା ଏସବୁ ଧାରାରେ ଯାଇନାହିଁ। ମୁଁ କବିତା ଲେଖିଲା ବେଳେ ଯେଉଁ ଜଗତରେ ପ୍ରବେଶ କରେ, ତାହା ମୋତେ କହେ ଜୀବନର ହତାଶା, ବିଫଳତା, ଦୁର୍ଭାଗ୍ୟ ବାହାରେ କୌଣସି ଏକ ସମ୍ଭାବନାର ଉତ୍ସ ଖୋଜିବାକୁ। ପ୍ରେମ ସୌନ୍ଦର୍ଯ୍ୟ ଓ ଆନନ୍ଦର ଝଲକକୁ ଦେଖିବା ପାଇଁ ଅନ୍ୟ ଗୋଟିଏ ଆଖି ଓ ଦୁଆର ଖୋଲିବାକୁ ଏବଂ ଏଭଳି ପ୍ରଗାଢ଼ ଭାବରେ ଏ ଆବେଦନକୁ ପ୍ରକାଶ କରିବାକୁ,ଯେପରି କି ପାଠକ ବିହ୍ୱଳ ହୋଇଯିବ, ପାଠକର ଅନ୍ତର୍ମନରେ ଗୋଟିଏ ଲୁକ୍କାୟିତ ଦ୍ୱାର ଖୋଲି ଯିବ ଓ ସେ କହିବ "ଓ ଜୀବନକୁ ଏଭଳି ଭାବରେ ବି ଦେଖା ଯାଇପାରେ, ବୁଝାଯାଇ ପାରେ।"

ମୁଁ ବିଗତ ଅଠଚାଳିଶ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ କବିତା ଲେଖିଆସିଛି। ମଝିରେ ମଝିରେ ସଂସାରର ଯନ୍ତ୍ରଣା କଷ୍ଟ ଓ ଭାଗ୍ୟ ମୋତେ ତଳକୁ ଠେଲି ଦେଇଛି। ମୁଁ ଗତାନୁଗତିକ ଜୀବନରେ ଘାଉଁରୀ ଖାଇ ଛଟପଟ ହୋଇଚି। କବିତା ଲେଖା ଧିମେଇ ଯାଇଛି। ସେତେବେଳେ ମନେ ହୋଇଚି ସତେକି ମୁଁ ବଞ୍ଚିନାହିଁ, ମୋର ବଞ୍ଚିବାର କାରଣ ବି ନାହିଁ। ମୁଁ ପୁଣି ଉଠିଛି ପୁଣି ପ୍ରାଣଦାନ କରିଛି ମୋର ନାନ୍ଦନିକତାକୁ। ମୋର ଅସ୍ତିତ୍ୱର ଏହି ନାନ୍ଦନିକ ଅଂଶ ଟି ହିଁ ମୋର ସର୍ବସ୍ୱ।

ମୁଁ ତେଣୁ ଲେଖେ ଏହି ସର୍ଜନଶୀଳ ଆନନ୍ଦ ପାଇବାକୁ ଓ ଅନ୍ୟମାନଙ୍କୁ ମଧ୍ୟ ଏହି ଆନନ୍ଦର ଉପସ୍ଥିତି ସମ୍ବନ୍ଧରେ ଜଣାଇବାକୁ। ଲେଖିବା ମୋ' ପାଇଁ ଏକ କୌଶଳ ନୁହେଁ, ଏକ ଅଭ୍ୟାସ ନୁହେଁ, ସମୟ ବିତାଇବାର ଉଦ୍ଦେଶ୍ୟ ନୁହେଁ। ଏହା ମୋର ସାଧନା, ମୋର ଜୀବନଯାତ୍ରା ପଥର ନାନ୍ଦନିକ ବ୍ୟଞ୍ଜନା। ନିଜକୁ ପୂର୍ଣ୍ଣତାର କରିବାର ଇଚ୍ଛାରୁ ମୋର ଲେଖିବା ଆରମ୍ଭ ହୋଇଛି ଓ ତାହା ଏ ଯାଏଁ ଅବ୍ୟାହତ ରହିଛି।

୪୦୫ ଅର୍କିଡ୍ ପ୍ରାଇଡ୍
ସାମନ୍ତରାପୁର, ଭୁବନେଶ୍ୱର-୭୫୧୦୦୨
ମୋ: ୯୪୩୮୧୦୭୩୧୭

# ଅଚିହ୍ନା



## ସୁପ୍ରିୟା ମଲିକ

"ଆରତୀ।"

ସାଇକେଲ୍ ଅଟକାଇ ଓହ୍ଲାଇ ପଡ଼ିଲା ଆରତୀ।

"ନମସ୍କାର!" କହିଲା ସେ, ତା'ର ଆଖି ଦୁଇଟିରେ ଜମି ଯାଇଥିଲା ଦୁଃଖ।

ଜୀବନର ଦୁଃଖ, ସୁଖକୁ ଅଣଦେଖା କରି ଭାସି ଯାଉଥିବା ପବନ ଭଳି ସେ ସାଇକେଲ୍ ଚଳାଇ ଚାଲିଯାଉଥିଲା; କିନ୍ତୁ ଅଟକିଗଲା ତ? ଲାଗୁଛି ଯେମିତି ସେ ପୁଞ୍ଜିଭୂତ ଦୁଃଖ-ଘନୀଭୂତ ବେଦନା ବିଷାଦର କଳା ସ୍ତୂପଟିଏ।

'ଭଲ ଅଛୁ?' ବୋଲି ପଚାରିସାରିଥିଲି ମୁଁ।

'ହଁ' ବୋଲି କହିସାରିଥିଲା ସେ; କିନ୍ତୁ ସେଠି ଯେ ଯନ୍ତ୍ରଣା ସହିତ ହୃଦୟର ନିରବ ବାର୍ତ୍ତାଳାପ ଅବ୍ୟାହତ ଥିଲା।

ଅପରାହ୍ଣର ଖରା ପଡ଼ିଥିଲା, ତା' ସାଇକେଲ୍ ଓ ମୋ ଗାଡ଼ି ଉପରେ। ସେହି ଖରାରେ ଉଜ୍ଜ୍ୱଳ ଦିଶୁଥିଲା ଆମର ଆଠତାଲା ଆପାର୍ଟମେଣ୍ଟର ହତା ଓ ସିମେଣ୍ଟ ଚଟାଣ।

ଆରତୀ କହିଲା, " ଝିଅ ସବୁବେଳେ କାନ୍ଦୁଛି।"

ଆରତୀ ଛାତି ଭିତରର ଦୁଃଖର ଗାର ତା' ମୁହଁ ଉପରେ ଫୁଟି ଦିଶିଲା। ତାହା ଯେ, ତା' ମନତଳର ଦୁଃଖ-ଶୋକର ପାହାଡ଼ର କିୟତ୍ଅଂଶ ମାତ୍ର।

'ହଉ, ଠାକୁରଙ୍କର ଯାହା ଇଚ୍ଛା,ଏଠି ମଣିଷ କ'ଣ କରିପାରିବ? ଯେଉଁ ବାକ୍ୟକୁ ମୋର ନିରୀଶ୍ୱରବାଦୀ ମନ ଅବିଶ୍ୱାସ କରେ, ସେହି ବାକ୍ୟରେ ଆରତୀକୁ ସାନ୍ତ୍ୱନା ଦେବାକୁ ଚେଷ୍ଟା କଲି। ମୁଁ ଜାଣିଛି, ଏକ ବାକ୍ୟ ତା'ଉପରେ ସାମାନ୍ୟ ପ୍ରଭାବ ଆଣିପାରିବ ନାହିଁ।

ଆମେ ଉଭୟେ ନିଜ ନିଜ ବାଟରେ ଚାଲିଗଲୁ।

ଆରତୀ ଜୀବନ-ସଂଘର୍ଷର ସୈନିକ ଭଳି ଲଢ଼ୁଥିଲା। ପାଞ୍ଚ ଘରେ କାମ କରୁଥିଲା। କେଇଟା ଟଙ୍କା ନେଇ ଘର ଚଳାଉଥିଲା। ତା'ର ଉପାର୍ଜନକ୍ଷମ ଅଠର/ଉଣେଇଶ ବର୍ଷର ପୁଅ। ଏଇ କେଇଦିନ ତଳେ ଚାଲି ଯାଇଥିଲା।

ମୁଁ ଜୀବନ-ଯୁଦ୍ଧକୁ ପଛ କରି ପଳାୟନ କରୁଥିଲି। ମତେ ଲାଗୁଥିଲା କ'ଣ ଦରକାର ଚାକିରି କରିବା, ମୁଣ୍ଡ ବିକିବା, ଟଙ୍କା ଉପାର୍ଜନ ପାଇଁ ନିଜର ମୁକ୍ତିକୁ ବଳି ଦେବା?

ଆରତୀ ପାଞ୍ଚଘରେ କାମ କରିବାକୁ କେତେ ଲୋକଙ୍କର ନିର୍ଦ୍ଦେଶ ମାନୁଥିଲା, କେତେ ଲୋକଙ୍କୁ ସନ୍ତୁଷ୍ଟ କରିବା ପାଇଁ ଚେଷ୍ଟା କରୁଥିଲା। ବାସନ ଚିକ୍‌ଚିକ୍ ହେଉନି, ଘର ସଫା ହେଇନି, ଘର ପୋଛାକନା ବାଲ୍‌ଟି ସର୍ଫରେ ସଫା ହେଉନି କି ପରିବା ଛୋଟ ଛୋଟ ଖଣ୍ଡ ହୋଇ କଟା ହୋଇନି, ଏମିତି କେତେ ଅଭିଯୋଗର ସାମ୍ନା କରି ସେ ତା'ର କାମକୁ ସୁଧାରୁ ଥିଲା, ହେଲେ ଦଶବାର ଦିନ ତଳର ଘଟଣା ତ ଏମିତି ଥିଲା। ବଳି ଥିବା ବିରିୟାନୀ, ଡାଲି, ତରକାରି, ମିଠା ଏ ସବୁ ଫ୍ରିଜ୍‌ରୁ କାଢ଼ି ପ୍ୟାକ୍ କରି ମୁଁ ତାକୁ ଦେଇଥିଲି। ଯେଉଁ ଗରମ ଗରମ ପିଠା ଦିଇଟା କଲି, ତାକୁ ସୁଦ୍ଧା ନଖାଇକି ଆରତୀ ପଲିଥିନ୍‌ରେ ପୂରାଇ ନେଇଗଲା ଘରକୁ। ସବୁ ଖାଦ୍ୟ ପୁଅ ପାଇଁ ନେଉଥିଲା ସେ। ଆଉ ସେହି ପୁଅ....ସେହି ପୁଅ ଆଜି ନାହିଁ।

ବର୍ଷେ ହେଲାଣି ମୋ ଘରେ ସେ ଆଉ କାମ କରୁନି, ହେଲେ ଏମିତି ଦେଖିଲେ, ଆପାର୍ଟମେଣ୍ଟରେ ମୋ'ଠାରୁ ଅଧିକ ପଇସା ତାକୁ କେହି ଦେଉନଥିବେ। ତଥାପି ସେ କାମ ଛାଡ଼ି ଦେଲା।

ମୁଁ ବିରକ୍ତ ହୋଇଥିଲି। ହଇରାଣ ହୋଇଥିଲି। ଶୁଭଶ୍ରୀକୁ ଯେତେବେଳେ ମୋ ସମସ୍ୟା କଥା କହିଲି, 'ସେ କହିଥିଲା ଏମାନଙ୍କର ଅଭ୍ୟାସ ଏଇଆ। ଆଗରୁ ନକହି, କିଛି ନଜଣାଇ, ହଠାତ୍ ଦିନେ କାମ ବନ୍ଦ କରିଦେବେ।'

ବାସନ ମାଜିବା ବେଳେ ମୋର ଆଙ୍ଗୁଠି ସବୁ ଫାଟି ଯାଉଥିଲା। ଘର ସଫା କରିବାବେଳେ ମୁଁ ବ୍ୟସ୍ତ ହୋଇଯାଉଥିଲି। ନଇଁ ନଇଁ ଝାଡୁ କଲେ ଅଣ୍ଟା କାଟୁ ଥିଲା। ଘର ପୋଛିଲେ ପୂରା ଝାଳରେ ଗାଧୋଇ ପଡ଼ିବାକୁ ହେଉଥିଲା। ଦିନେ ନଇଁ ନଇଁ ଘର ପୋଛୁଛି। ଲାଇଜଲ ମିଶା ଜଳରେ କପଡ଼ା ବୁଡ଼ାଇ ଚିପୁଡ଼ିଛି, ଶୁଭଶ୍ରୀ ଆସିଲା। ସେ ମୋର ପଡ଼ୋଶିନୀ।

କହିଲା , "ଅପା! ଲୋକ କେହି ମିଳି ନାହାନ୍ତି? ସବୁ କାମ ଆପଣ ନିଜେ କରୁଛନ୍ତି? " କପଡ଼ା ଛାଡ଼ିଦେଇ ଛିଡ଼ା ହେଲି ମୁଁ।

କହିଲି "ହଁ , ନିଜେ କରିଦେଉଛି।"

'ହଁ, ଭଲ ଯେ, ଘର କାମ କଲେ ଏକ୍ସର୍‌ସାଇଜ୍ ହେଇଯିବ, ହେଲେ କାମ ବେଶି ହେଇଯାଉଥିବ, କେମିତି କରୁଛନ୍ତି ନିଜେ ସବୁ?"

"ରେଣୁ ବୋଲି ଯେଉଁ ମୋଟୀ ସ୍ତ୍ରୀଲୋକଟି ଆସୁ ନଥିଲା? ତାକୁ କହିବେ କି? ସେ ମୋ ଘରେ କାଲିଠୁଁ କାମ ଆରମ୍ଭ କରିଛି। ଆଉ କେଉଁଠି ପାଇନି। ଆପଣ ଯଦି କହିବେ, ସେ ଏଇ ପାଖାପାଖି ଦିଅଟା ଘରେ କରନ୍ତା।"

ମୋ ପାଟିରୁ ଆରତୀର ନାଁଟା ଖସି ଆସିଲା।

"ତାକୁ କାହିଁକି କହିବେ? ସେ ଅଧା କଥା ତ ମିଛ କହେ। ତା' ଛଡ଼ା ଥିବ ଥିବ ହଠାତ୍ କାମ ବନ୍ଦ କରିଦେବ। ଆଗରୁ ନକହିକି, କିଛି ନଜଣାଇ ହଠାତ୍ କାମ ଛାଡ଼ିଦେଲେ କେମିତି ହେବ? ହଇରାଣ ନୁହଁ? ହଉ ଅପା ମୁଁ ଯାଉଛି। ଠାକୁର ପୂଜା ହେଇନି। ଖାଲି ଆପଣଙ୍କ କବାଟ ଖୋଲା ଥିଲା, ପରଦା ଫାଙ୍କରେ ଆପଣଙ୍କୁ ଦେଖିଲି ତ, ଘର ପୋଛୁଛନ୍ତି, ଚାଲିଆସିଥିଲି।"

ଶୁଭଶ୍ରୀ ଚାଲିଗଲା।

ମୁଁ ନଇଁପଡ଼ି ବାଲ୍‌ଟି ପାଣିରେ ଘରପୋଛା କପଡ଼ାକୁ ବୁଡ଼ାଇଲି। ଭାବୁଥିଲି,ଆଗରୁ ନଜଣାଇ, ଯିଏ ତମର ନିଜ ଲୋକଙ୍କୁ ଛଡ଼ାଇ ନେଇପାରନ୍ତି, ତାଙ୍କୁ ତ ତମେ ଈଶ୍ୱର କହି ପୂଜା କରୁଛ!"

ଚଟାଣ ଉପରେ ଓଦା କପଡ଼ା ଘଷି ଆଣିଛି ତ, ମୋର କଲିଂବେଲ୍‌ର ଶବ୍ଦ ଶୁଭିଲା, ବେଲ୍ ବାଜି ଉଠିବା ପୂର୍ବରୁ ଯେଉଁ ପାଦଶବ୍ଦ ଶୁଣିଥିଲି, ଲାଗୁଥିଲା ଚିହ୍ନା ଚିହ୍ନା।

ଆରତୀ କି?

Email: malliksupriya@gmail.com

## ଏ ସପ୍ତାହର କବିତା

### ବୋଉ ରାଗିଲେ



**ସେନାପତି ପ୍ରଦ୍ୟୁମ୍ନ କେଶରୀ**

ବୋଉ ରାଗିଲେ ମିଛ ଅଭିମାନରେ
ମୋ ଗାଲରେ ଗୋଟେ ଖୁନ୍ଦା ଦିଏ
ସେ ଖୁନ୍ଦା ତା'ର ମିଠା ଗେଲ ପରି
ମୋ' ଭିତରେ ଦରଜ ବଦଳରେ
ପ୍ରେମର ଦରୋଟି ଖେଳାଇଦିଏ।

ଟିକେ ପରେ ବୋଉ ମୁହଁରୁ
ରାଗ ଉଭେଇ ଉଜ୍ଜ୍ୱଳ ହସର ଫୁଆରା ଧରି
ସକାଳ ଖରା ଝଲସିଉଠେ।

ଉଡ଼ା ମେଘ ପରି ଉଭେଇଯାଏ ବୋଉର ରାଗ,
ଉଭେଇଯାଏ ସବୁ ଅଭିମାନ
ମେଘ ଖରା ବର୍ଷା ବିଜୁଳି ବଦଳରେ
ପହଁରି ଆସେ ଦକ୍ଷିଣା ପବନ
ଆକାଶ ସାରା ଖେଳିବୁଲେ ରଣିଫୁଲିଆ ଜହ୍ନ !

ପିଲାବେଳେ ଯେବେ ମୋର ପିଠି କୁଣ୍ଡେଇ ହୁଏ
ମୁଁ ବୋଉକୁ ଖୋଜେ।
ଆହା କି ଶାନ୍ତି !
ଶିଙ୍ଗ ପାନିଆ ଧରି
ମୋ ବୋଉ ଯେବେ ଶରଧାରେ ମୋ ପିଠିକୁ କୁଣ୍ଡେଇଦିଏ
ମୋ ପାଖରେ ହସିହସି ପହଞ୍ଚିଯାଏ ନିଦ ମାଉସୀ।

ଘିମିରିଯାକ ହଠାତ୍ ଛାଇ ପଡ଼ି ଯାଆନ୍ତି
ବୋଉର ରାଗ ଦେଖି
ସେମାନେ ବୋଧେ ଡରିମରି
ମୋତେ କଲବଲ କରିବା ଭୁଲିଯାଆନ୍ତି।

ମୋର ପେଟ ପୂରିଥିଲେ
ଶାନ୍ତିରେ ଶୋଇଯାଏ ବୋଉ
ବାପାଙ୍କ ଚେହେରାରେ ଚିନ୍ତାର ରେଖା ଆଉ ଦିଶେନି
ମୋତେ ଲାଗେ ସେମିତି ପୁଣ୍ୟ ନକରିଥିଲେ
ମୁଁ କ'ଣ ପାଇଥାନ୍ତି,ଏମିତିକା ଠାକୁରଙ୍କ ପରି ବାପା ବୋଉ !

ଘରେ ଡିମ୍ବ ଦେଇଥିବା ପାରାଟି ବି ଡରଭୟ ଭୁଲି
କେତେବେଳେ ଆମ ଘରକୁ ନିଜର ମଣେ, ଜାଣି ହୁଏନି।

ବେଳେ ବେଳେ ସ୍ୱପ୍ନରେ ଈଶ୍ୱରଙ୍କ ସହିତ ଦେଖାହେଲେ
ମୁଁ ତାଙ୍କୁ ପଚାରେ
କାହିଁକି ବାପା ବୋଉଙ୍କର ସମାଧି ତୋଳିବାକୁ
ପୁଅକୁ କୋଦାଳ ଧରିବାକୁ ପଡ଼େ ?

କାହିଁକି ନବଜାତକ ହୋଇ ପୁଅ କୋଳକୁ ଫେରି ଆସନ୍ତିନି
ବାପା ବୋଉମାନେ ?
କୁନି କୁନି ଶିଶୁଙ୍କ ପରି ତାଙ୍କୁ
ନିଜ ପିଲାଙ୍କ କାନ୍ଧରେ ବସେଇ ଦେଖାଇବାକୁ ଜହ୍ନମାମୁଁ।

ବୋଉ ରାଗିଲେ ଅଶାନ୍ତିମୟ ଲାଗେ ଏ ଜୀବନ
କେମିତି କେଜାଣି ସ୍ନେହ ସରସର ବର୍ଷା ହାତର
ସ୍ପର୍ଶ ବୁଲିଆସେ ଦେହରେ
ଜଣା ପଡ଼େନି କେମିତିଫୁଲ ପାଖୁଡ଼ାରେ ସଜା
ଗୋଟେ ଖୁସିବାସିଆ ସକାଳ ପରି ଉଦାସ ଅପରାହ୍ଣ !

'ସାଇ ସର୍ଜନା' ଜଗନ୍ନାଥ କଲୋନୀ
ବାଲିକୁଦା, କଟକ -୭୫୩୦୧୧
ମୋ: ୬୩୭୧୫୨୩୫୯୮

### ପାଉଁଶରେ ଫୁଲଟିଏ

**ହରିହର ମିଶ୍ର**



ମନେପଡ଼େ ସେ ଶୂନ୍ୟକାଳରେ
ଏ ସମୁଦ୍ର ଶୋଇ ପଡ଼ିଥିଲାବେଳେ
କଙ୍କାଳର ଛାଇ ମୋର ଚାରିପାଖେ
ନାଚୁଥିଲା ଚଉପାଶ ଘେରି ଏ କାଛରେ।
ରକ୍ତମାଂସ ଫେରିଆସିଲା ପରେ
ଆଉଁଶି ଦେଉଥିଲି ଏକାଏକା ଆପଣା ଦେହକୁ
ମନେହେଲା ଆଉ କିଏ ଆଉଁଶି ଦେଇ ଦେହ ମୋର
ଫେରିଗଲା ଗହନ ସ୍ୱପ୍ନକୁ।

ଯିଏ ଆଉଁଶି ଦେଉଥିଲା ଆପାଦ ମସ୍ତକ ମୋର
ତା'କୋଳରେ ମୁଣ୍ଡରଖି ଶୋଇପଡ଼ିଥିଲାବେଳେ
ଡାହାଳ କୁକୁର ସବୁ ଘେରିଥିଲେ
ଖିନ୍ନଭିନ୍ନ କରିବାକୁ ଦେହ ମୋର
ନିଦରୁ ଉଠିଲେ ସେ ସାଗର ବେଳାରେ
ନା ସେ ଥିଲା ନା ଥିଲା ଜହ୍ନ ମଝି ଆକାଶରେ।

ଏକା ଏକା ଆସିଥିଲି ଏକା ଚାଲିଯିବା ପାଇଁ
ଛାଇଟିଏ ପାଇଥିଲା ଯାହା ଏ ଦେହର
ତାକୁ ବି ହଜାଇଦେଲି ଆଲୋକିତ ଚଉମୁହାଣିରେ।

ଏ ଦେହ ଜଳିଗଲା ପରେ
କଙ୍କାଳର ଚିହ୍ନ ଥିଲା ପାଉଁଶରେ
ଫୁଲଟେ ଫୁଟାଇଦେଇ ଏ ମାଟିରେ
କିବା ତମେ ଆସିଥିଲ ଖୋଜିଖୋଜି ମୋ ମୁର୍ଦ୍ଦାର
ଫୁଲଟିଏ ରଖି ସେଠି ଫେରିଗଲ
ଅଧରାତି ସେ ଶୂନ୍ୟକାଳରେ।।

ମାର୍କଣ୍ଡେଶ୍ୱର ସାହି
ଛ' ଭାଗ, ପୁରୀ-୧

## ପୁସ୍ତକ ପରିଚୟ

### କିଛି କଥା କହି ହୁଏ ଆଉ କିଛି ବାକି ରହେ

**ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ**

ଜୀବନ ବଡ଼ ବିଚିତ୍ର। ସବୁ କଥା କହି ହୁଏନା ସମସ୍ତଙ୍କୁ। ଜୀବନରେ କିଛି କଥା ରହିଯାଏ ନେପଥ୍ୟରେ। ଏଭଳି କିଛି ବାସ୍ତବତାର ଅନ୍ତରଙ୍ଗ ଅନୁଭବକୁ ନେଇ ପ୍ରକାଶ ପାଇଛି ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସଙ୍କ 'କିଛି କଥା କହି ହୁଏ ଆଉ କିଛି ବାକି ରହେ' କବିତା ପୁସ୍ତକ। ନିରବରେ କବି କହିଛନ୍ତି ଅନେକ କଥା। ସ୍ୱପ୍ନ ସବୁ ବାସ୍ତବର ରୂପ ନେଇଛି କବିଙ୍କ କବିତାରେ। କଳ୍ପନା ବିଳାସୀ କବିପ୍ରାଣ ଖୋଜି ବୁଲେ ପ୍ରେମର ଟିକିଏ କୋମଳ ସ୍ପର୍ଶ ପାଇବା ପାଇଁ। ଏହି ପୁସ୍ତକରେ ସଂକଳିତ 'ବୋଉ ପାଇଁ ପଦେ', 'କବିତା ଲେଖୁଥିବା ଝିଅ', 'ଫୁଲ ବିକୁଥିବା ଝିଅ', 'ମିଛ ସହରର ଗପ', 'ପ୍ରେମିକାର ସହର', 'ଏବେ ଏମିତି ହୁଏ', 'ଭିଜା ମାଟିର ବାସ୍ନା','ତାକୁ ନେଇ ଲେଖା ହୁଏ କବିତା', 'ଶୁଣି ଯା'ରେ ମିତ', 'କିଛି କଥା କହି ହୁଏ ଆଉ କିଛି ବାକି ରହେ' ପ୍ରଭୃତି କବିତା ହୃଦୟସ୍ପର୍ଶୀ ହୋଇଛି। ପ୍ରେମ, ବିରହ, ଦୁଃଖ, ଯନ୍ତ୍ରଣା, ମାନବୀୟ ସଂପର୍କ, ସାମାଜିକ ବାସ୍ତବତାର ପ୍ରତିଛବି ପ୍ରସ୍ଫୁଟିତ ହୋଇଛି ଏହି ପୁସ୍ତକର ଅନେକ କବିତାରେ। ମାବନୀୟ ସଂପର୍କ ପ୍ରିୟଙ୍କାଙ୍କ କବିତାକୁ କରିଛି ଅଧିକ ଭାବୋଦ୍ଦୀପକ। ମାନବୀୟ ଭାବାବେଗର ପ୍ରାଣବନ୍ତ ପରିପ୍ରକାଶ ଏହି ପୁସ୍ତକର ଅନେକ କବିତାରେ ଉପଲବ୍ଧି କରିହୁଏ। 'କିଛି କଥା କହି ହୁଏ ଆଉ କିଛି ବାକି ରହେ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ।




ବର୍ଷା ପବ୍ଲିକେଶନ୍, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୩
ମୂଲ୍ୟ : ୧୫୦ ଟଙ୍କା

### ଲୁହରେ ଲେଖା

**ସୁଦାମବନ୍ଧୁ ଭଞ୍ଜମିଶ୍ର**

ପ୍ରେମିକା ପାଇଁ କେତେବେଳେ ସେ ଲୁହରେ ତ କେତେବେଳେ ଲହୁରେ ଲେଖନ୍ତି କମନୀୟ କବିତା। ପୁରୁଣା ପ୍ରେମଚିଠି ଦେଖି ମନେ ପକାନ୍ତି ପ୍ରେମିକାକୁ। ପୁଣି କେବେ ପ୍ରେୟସୀର ଅନୁପସ୍ଥିତିରେ ଅନୁଭବ କରନ୍ତି ଏକଲାପଣକୁ। ଏମିତି ପ୍ରେମ ଓ ଏକଲାପଣର ନିଆରା ଅନୁଭବ ରହିଛି ସୁଦାମବନ୍ଧୁ ଭଞ୍ଜମିଶ୍ରଙ୍କ 'ଲୁହରେ ଲେଖା' ପୁସ୍ତକର କବିତାଗୁଡ଼ିକରେ। ପ୍ରେମିକାକୁ ଦେବା ପାଇଁ ତାଙ୍କ ପାଖରେ ନଥାଏ ଦାମୀ ଉପହାର। ତେଣୁ କବି ନିଜ ହୃଦୟକୁ ସମର୍ପି କରିଦିଅନ୍ତି ପ୍ରେମିକା ପାଖରେ। ଏହି ପୁସ୍ତକର 'ପ୍ରେମ', 'ଉପହାର', 'ନୟନିକା ମିଶ୍ର', 'ସଂପର୍କ', 'ତମେ ହସିଦେଲେ', 'ଛୁଇଁଦେଲି ତ', 'ନିରବରେ', 'ବାକିଥିବା ସ୍ୱପ୍ନ ପାଇଁ...', 'ପୌରୁଷ', 'ତମ ଅପେକ୍ଷାରେ...', 'ନଷ୍ଟ କବିତା', 'ଦୁଃଖ ସୁଖ', 'ପୁରୁଣା ପ୍ରେମଚିଠି', 'ଲୁହରେ ଲେଖା' ପ୍ରଭୃତି କବିତା ବେଶ୍ ମନଛୁଆଁ ହୋଇଛି। କେବଳ ପ୍ରେମ ନୁହେଁ, ମାନବୀୟ ଭାବାବେଗ ଓ ସମ୍ବେଦନଶୀଳତା ମଧ୍ୟ ଉକୁଟି ଉଠିଛି ଏହି ପୁସ୍ତକର କେତୋଟି କବିତାରେ। ଜୀବନର ତମାମ୍ ଦୁଃଖ ଓ ବେଦନାରେ ମଧ୍ୟ କବି ସ୍ୱପ୍ନ ଦେଖନ୍ତି ପ୍ରେମମୟ ପୃଥିବୀକୁ ନେଇ। ଅନୁଭବ କରନ୍ତି ମଣିଷକୁ ନିବିଡ଼ ଭାବେ ଭଲପାଇବାର ବାସ୍ନାକୁ। ଅଳ୍ପ ଶବ୍ଦରେ କବି ଅନେକ କଥା କହିଛନ୍ତି କବିତାରେ। ମାନବୀୟ ପ୍ରେମ, ମୂଲ୍ୟବୋଧ ଓ ସାମାଜିକ ପ୍ରତିବଦ୍ଧତା ସୁଦାମଙ୍କ କବିତାକୁ ବେଶ୍ ଆକର୍ଷଣୀୟ କରିଛି। ସାଂକେତିକ ଭାଷା, ପ୍ରତୀକ, ଚିତ୍ରକଳ୍ପର ପ୍ରୟୋଗ ଏହି ପୁସ୍ତକର କବିତାଗୁଡ଼ିକକୁ ଅଧିକ ଅର୍ଥପୂର୍ଣ୍ଣ କରିଛି। 'ଲୁହରେ ଲେଖା' ପୁସ୍ତକର କବିତାଗୁଡ଼ିକ ପାଠକଙ୍କ ପ୍ରାଣକୁ ଛୁଇଁ ପାରିବ ବୋଲି ଆଶା କରାଯାଏ।




ବ୍ରହ୍ମପୁର ସାହିତ୍ୟ ପରିଷଦ, ବ୍ରହ୍ମପୁର
ଦ୍ୱିତୀୟ ସଂସ୍କରଣ: ୨୦୨୧
ମୂଲ୍ୟ : ୧୦୦ ଟଙ୍କା







# ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ

# ଆଉ ଏକ ସବୁଜ କ୍ରାନ୍ତି

ଷାଠିଏ ଦଶକରେ ହୀରାକୁଦ ଜଳଭଣ୍ଡାରରୁ ଜଳଯୋଗାଣ ଆରମ୍ଭ ହେବା ପରେ ବରଗଡ଼ ଜିଲ୍ଲାର ବରଗଡ଼, ଅତାବିରା, ଭେଡେନ ଓ ବରପାଲି ବ୍ଲକ୍ କମାଣ୍ଡ ଏରିଆରେ ସ୍ଥାନ ପାଇଥିଲା। ଏହି ଜଳସେଚନ ବ୍ୟବସ୍ଥା ଯୋଗୁଁ ବର୍ତ୍ତମାନ ବରଗଡ଼ ଜିଲ୍ଲାକୁ ଓଡ଼ିଶାର ଭାତହାଣ୍ଡି ବୋଲି କୁହାଯାଉଛି। ଏବେ ନବୀନ ପଟ୍ଟନାୟକଙ୍କ ସରକାର ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ବରଗଡ଼ ଜିଲ୍ଲାର ବିଜେପୁର ଓ ସୋହେଲା ବ୍ଲକ୍‌ର ୧୦୦ ଟି ଗାଁକୁ ଜଳସେଚନ ବ୍ୟବସ୍ଥା ଯୋଗାଇ ଦେବା ସହ ବରପାଲିର ୨୨ଟି ଓ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲିର ୭ଟି ଗାଁର ଚାଷୀ ଜଳସେଚନର ସୁବିଧା ପାଇପାରିବେ। ପରେ ଏହି ପ୍ରକଳ୍ପରେ ବରଗଡ଼ ବ୍ଲକ୍‌ର ୧୨ଟି ଏବଂ ବରପାଲି ବ୍ଲକ୍‌ର ଆଉ ୨ଟି ଗାଁକୁ ସାମିଲ କରାଯାଇଥିଲା। ୨୦୧୯ ଫେବୃଆରୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା ଏବଂ ଅତି ଦ୍ରୁତଗତିରେ କାର୍ଯ୍ୟକାରୀ କରାଯାଇ ଖୁବଶୀଘ୍ର ଏହା ଲୋକାର୍ପଣ ହେବାକୁ ଯାଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଜେପୁର ଓ ସୋହେଲା ବ୍ଲକ୍ ହୀରାକୁଦ କେନାଲରୁ ଭୂପୃଷ୍ଠର ଉପରେ ଥିବାରୁ ସାଧାରଣ କେନାଲରେ ଏହି ଅଞ୍ଚଳକୁ ଜଳଯୋଗାଣ ଏକ ପ୍ରକାର ଅସମ୍ଭବ ଥିଲା। ତେବେ ନୂତନ ଜ୍ଞାନକୌଶଳର ବ୍ୟବହାର କରାଯାଇ ହୀରାକୁଦ ଜଳଭଣ୍ଡାରରୁ ପାଣି ଅଣାଯାଇ ଏହାକୁ ଉପରକୁ ଉଠାଯିବା ପରେ ପୁଣି ଏହାକୁ ତଳକୁ ଅଣାଯାଇ ପମ୍ପ ଜରିଆରେ ଏହି ଉପର ଅଞ୍ଚଳଗୁଡିକୁ ଜଳଯୋଗାଣ କରାଯିବ। ମୋଟ ୫୩ କିଲୋମିଟର ଲମ୍ବ ମୁଖ୍ୟ ପାଇପ୍‌ଲାଇନର ପ୍ରଥମ ୩୨ କିଲୋମିଟର ୩ ମିଟର ସାଇଜ ପାଇପ ଜରିଆରେ ଜଳ ହୀରାକୁଦ ଜଳଭଣ୍ଡାରରୁ ତୁରୁଙ୍ଗା ଗ୍ରାମ ନିକଟକୁ ପହଞ୍ଚିବ। ଏହି ସ୍ଥାନରୁ ପୁଣି ୨୧ କିଲୋମିଟର କନାପାଲି ପର୍ଯ୍ୟନ୍ତ ୩.୮ ମିଟର ପାଇପ ଜରିଆରେ ଜଳ ଆଗକୁ ବଢ଼ିବ। ଏହାପରେ ପ୍ରାୟ ୩୧ ଶହ କିଲୋମିଟର ବିଭିନ୍ନ ସାଇଜ ପାଇପ ଦ୍ୱାରା ଚାଷୀମାନଙ୍କ କ୍ଷେତରେ ଜଳଯୋଗାଣ ହେବ। ଏଥିପାଇଁ ହୀରାକୁଦ, ତୁରଙ୍ଗା ଓ କନାପାଲିଠାରେ ତିନୋଟି ପମ୍ପ୍‌ହାଉସର ମଧ୍ୟ ପ୍ରତିଷ୍ଠା କରାଯାଇଛି। ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପରେ ଏହି ଚାରୋଟି ବ୍ଲକର ୧୨୯ଟି ଗ୍ରାମର ପ୍ରାୟ ୨୫ ହଜାର ୬୦୦ ହେକ୍ଟର ଜମିକୁ ପାଣି ପହଞ୍ଚିବ। ଏହି ଉଠାଜଳସେଚନ ପ୍ରକଳ୍ପ ହେବା ପୂର୍ବରୁ ଏହି ଅଞ୍ଚଳରେ କେବଳ ଖରିଫ ଫସଲ ହେଉଥିବା ବେଳେ ଏହା ବର୍ଷା ଜଳ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିଲା। ତେବେ ବର୍ତ୍ତମାନ ବର୍ଷା ନ ହେଲେ ମଧ୍ୟ ଖରିଫ ସମୟରେ ଏବଂ ସମ୍ପୂର୍ଣ୍ଣ ଭାବରେ ଏଠାରେ ରବି ଚାଷ ମଧ୍ୟ ହୋଇପାରିବ। ପୂର୍ବରୁ କେନାଲ ଅଞ୍ଚଳଗୁଡ଼ିକରେ ଅଧିକାଂଶ ଜମିରେ ଧାନ ଚାଷ ହେଉଥିବା ବେଳେ ଏହି ପ୍ରକଳ୍ପରେ ପାଇପ ଯୋଗେ ଜଳଯୋଗାଣ ହେଉଥିବାରୁ ଅନ୍ୟ ଫସଲଗୁଡ଼ିକ ମଧ୍ୟ ହୋଇପାରିବ। ବିଜେପୁର ଓ ସୋହେଲା ବ୍ଲକରେ ବର୍ତ୍ତମାନ ପରିବା ଚାଷ ବହୁ ପରିମାଣରେ ବୃଦ୍ଧି ପାଇଛି। ଏଣୁ ଏହି ଜଳସେଚନ ପ୍ରକଳ୍ପ ଏହି ଅଞ୍ଚଳ ପାଇଁ ଏକ ବରଦାନ ସଦୃଶ ହୋଇପାରିବ।

ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ ପାଇଁ ସୋହେଲା, ବିଜେପୁର, ବରପାଲି ଏବଂ ଡୁଙ୍ଗୁରିପାଲିର ୧୨୯ ଟି ଗାଁ ସାମିଲ କରାଯାଇଥିଲା। ତେବେ ଚାଷୀଙ୍କ ଦାବି ପରେ ବରଗଡ଼ ବ୍ଲକର ୧୨ଟି ଏବଂ ବରପାଲି ବ୍ଲକର ୨ଟି ଗାଁକୁ ପୁଣି ଏହି ପ୍ରକଳ୍ପରେ ସାମିଲ କରାଯାଇଥିଲା। ଫଳରେ ଏହି ପ୍ରକଳ୍ପ ଦ୍ୱାରା ଆହୁରି ୧୪ଟି ଗାଁର ପାଖପାଖି ୫୭୧୮ ହେକ୍ଟର ଜମି ଜଳସେଚିତ ହୋଇପାରିବ।

## ପ୍ରକଳ୍ପରେ ୧୪ ଗାଁ ସାମିଲ



ରିପୋର୍ଟ: ବଦ୍ରିପ୍ରସାଦ ସାହୁ

**ବରଗଡ଼ ଜିଲ୍ଲାବାସୀଙ୍କ ପାଇଁ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଭିନ୍ନଭିନ୍ନ ପ୍ରକଳ୍ପ ଘୋଷଣା କରାଯାଇଛି। ବିଶେଷକରି କୃଷି ଜଳସେଚନ ଦିଗରେ ରାଜ୍ୟ ସରକାରଙ୍କ ଅବଦାନ ଜିଲ୍ଲାର ଚାଷୀଙ୍କ ପାଇଁ ବିଭିନ୍ନ ସମୟରେ ସହାୟକ ହୋଇପାରିଛି। ଏପରିସ୍ଥଳେ ଗଙ୍ଗାଧର ଉଠା ଜଳସେଚନ ପ୍ରକଳ୍ପ ବରଗଡ଼ ଜିଲ୍ଲା ପାଇଁ ଆଉ ଏକ ସବୁଜ କ୍ରାନ୍ତି ଆଣିବାକୁ ଯାଉଛି।**



## ଚାଷୀ ହେବେ ଉପକୃତ

ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ବିଶେଷକରି ଅଣଜଳସେଚିତ ସୋହେଲା ଏବଂ ବିଜେପୁର ବ୍ଲକ୍ ବେଶ ଲାଭବାନ ହୋଇପାରିବେ। ଚାଷୀମାନେ ଖରିଫ ସହ ରବି ଚାଷ ପାଇଁ ଜଳସେଚନର ସୁବିଧା ପାଇ ପାରିବେ। ବିଶେଷକରି ଡାଲି ଜାତୀୟ ତଥା ତୈଳବୀଜ ସହ ଅନ୍ୟାନ୍ୟ ଫସଲ କରି ଚାଷୀମାନେ ଆର୍ଥିକ କ୍ଷେତ୍ରରେ ବେଶ ସ୍ୱାବଲମ୍ବୀ ହୋଇପାରିବେ।

## ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଅନୁଦାନ

ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଅନୁଦାନ ଯୋଗାଇ ଦେବା ସହ ଠିକ ସମୟରେ ଯେପରି କାର୍ଯ୍ୟ ଶେଷ ହେବ ସେ ଦିଗରେ ଚେଷ୍ଟିତ ଥିଲେ। ରାଜ୍ୟ ସରକାର ଗଙ୍ଗାଧର ମେହେର ଉଠା ଜଳସେଚନ ପାଇଁ ସର୍ବମୋଟ ୧୬୭୧ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। ଏଥିମଧ୍ୟରୁ ୩୮୧ କୋଟି ଟଙ୍କା ହୀରାକୁଦର ଜିରୋ ଆରଡିରୁ ତୁରୁଙ୍ଗା ପର୍ଯ୍ୟନ୍ତ କାର୍ଯ୍ୟ କରାଯାଇଥିବା ବେଳେ ତୁରୁଙ୍ଗାରୁ ସମଗ୍ର ପ୍ରକଳ୍ପ ପାଇଁ ୧୨୯୦ କୋଟି ଟଙ୍କା ବ୍ୟୟ କରାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ୨୦ କ୍ୟୁମେକ୍ସ ଜଳଯୋଗାଣ ହୋଇପାରିବ।







# ଜୟ ଜଗନ୍ନାଥ



## ଓଡ଼ିଆଙ୍କ ମୁରବି ଶ୍ରୀଜଗନ୍ନାଥ

ପ୍ରତିଟି ଓଡ଼ିଆ ଘରର ମୁରବି, ଜଗତବନ୍ଧୁ ଶ୍ରୀଜଗନ୍ନାଥ। ଓଡ଼ିଆଙ୍କ ପାଇଁ ଶ୍ରୀଜଗନ୍ନାଥଙ୍କୁ କେବଳ ଠାକୁର ବୋଲି ବିବେଚନା କରାଯାଇ ପାରେନା। ପ୍ରତିଟି ଓଡ଼ିଆଙ୍କ ପିଣ୍ଡର ପ୍ରାଣ ସେ; ଅନ୍ତରଙ୍ଗ, ଆତ୍ମୀୟଙ୍କଠାରୁ ବଳି। ଆଉ ତାଙ୍କ ଧାମ ନୀଳକନ୍ଦର ଶ୍ରୀକ୍ଷେତ୍ର ପ୍ରତିଟି ଓଡ଼ିଆଙ୍କ ପାଇଁ ମୁକ୍ତି ଆଉ ମୋକ୍ଷର ସ୍ଥାନ। ଶ୍ରୀକ୍ଷେତ୍ରରେ ପାଦ ଦେବା ମାତ୍ରେ ନିଜକୁ ହଜେଇଦିଏ ଭକ୍ତ, ଅଜାଣତରେ ଆନନ୍ଦାଶ୍ରୁ ଗଡ଼ାଏ, ବିଭୋର ହୁଏ। ଠିକ୍ ଏମିତି ନିଜର ପ୍ରତିଟି ପୁରୀ ଗସ୍ତ ସମୟରେ ବିଭୋର ହୋଇ ଉଠୁଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପୁରୀକୁ ଆସୁଥିବା ପ୍ରତିଟି ଶ୍ରଦ୍ଧାଳୁ ଏଠାରୁ କିପରି ଚତୁର୍ଦ୍ଧାମୂରତିଙ୍କୁ ଆନନ୍ଦରେ ଦର୍ଶନ କରି ଦିବ୍ୟ ଅନୁଭବ ନେଇ ଘରକୁ ଫେରିବେ, ମନ୍ଦିର ଚତୁଃପାର୍ଶ୍ୱରେ ସୁରକ୍ଷା ସୁନିଶ୍ଚିତ ସହ କିପରି ସମସ୍ତ ସୁବିଧା ଉପଲବ୍ଧ କରାଯାଇପାରିବ ସେନେଇ ସବୁବେଳେ ମୁଖ୍ୟମନ୍ତ୍ରୀ ଚିନ୍ତିତ ଥିଲେ। ଶ୍ରୀମନ୍ଦିରର ସୁରକ୍ଷା, ଭକ୍ତଙ୍କ ସୁବିଧା ଏବଂ ନିରାପତ୍ତା ସହ ଆଗନ୍ତୁକ ଭକ୍ତଙ୍କ ପାଇଁ ସୁନ୍ଦର ଆଧ୍ୟାତ୍ମିକ ପରିବେଶ ସୁନିଶ୍ଚିତ କରିବା ଥିଲା ମୁଖ୍ୟମନ୍ତ୍ରୀଙ୍କ ପ୍ରାଥମିକତା। ଏହି ପ୍ରାଥମିକତାକୁ ସାକାର ରୂପ ଦେବାକୁ ଯାଇ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଥିଲେ ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ।

ନୀଳାଦ୍ରୌ ଶଙ୍ଖମଧ୍ୟେ ଶତଦଳକମଳେ ରତ୍ନସିଂହାସନସ୍ଥମ୍
ସର୍ବାଲଙ୍କାରଯୁକ୍ତମ୍ ନବଘନରୁଚିରଂ ସଂଯୁକ୍ତଂ ଚାଗ୍ରଜେନ,
ଭଦ୍ରାୟାଃ ବାମଭାଗେ ରଥଚରଣଯୁକ୍ତଂ ବ୍ରହ୍ମରୁଦ୍ରେନ୍ଦ୍ରୈ ବନ୍ଦ୍ୟମ୍
ବେଦାନାଂ ସାରମୀଶଂ ସ୍ୱଜନ ପରିବୃତଂ ବ୍ରହ୍ମଦାରୁ ସ୍ମରାମି ॥



## ପରିକ୍ରମା ପରିକଳ୍ପନାର 'ନବୀନ' ପରିଭାଷା

# ଶ୍ରୀସେତୁରୁ ଶ୍ରୀଦାଣ୍ଡ

କୋଟି ବ୍ରହ୍ମାଣ୍ଡ ନାଥ, ପତିତପାବନ, କରୁଣାସାଗର ଶ୍ରୀଜଗନ୍ନାଥ ସର୍ବବ୍ୟାପୀ, ସନାତନୀ। ତାଙ୍କ ଗୁଣ କୀର୍ତ୍ତନ, ଭଜନ, ଜଣାଣ, ସମର୍ପଣ, ଭକ୍ତିନୈବେଦ୍ୟ ଯେତେ ବଖାଣିଲେ ବି ଭକ୍ତଙ୍କୁ ନିଅଣ୍ଟ ପଡ଼େ। ବହୁ ଜନ୍ମର ପୁଣ୍ୟଫଳ ଥିଲେ, ତାଙ୍କ ସାନ୍ନିଧ ଲଭିବାର, ସେବା କରିବାର ସୁଯୋଗ ମିଳେ। ଭାବଗ୍ରାହୀ, ଭାବବିନୋଦିଆ କଳାଠାକୁର କିନ୍ତୁ ଭକ୍ତର ଦୁଃଖରେ ଦୁଃଖୀ, ଭକ୍ତର ସୁଖରେ ସୁଖୀ ହୋଇଥାନ୍ତି। ଯିଏ ତା'ର ଭକ୍ତକୁ ପୀଡ଼ା ଦିଏ, ସେ ସହି ପାରନ୍ତିନି। ଭକ୍ତର ଆକୁଳ ଡାକରେ ସେ ତତ୍କାଳ ଉଭା ହୋଇ ଦୁଷ୍ଟକୁ ଶାସ୍ତି ଦେଇ ଭକ୍ତର ଆନନ୍ଦରେ ଆନନ୍ଦିତ ହୁଅନ୍ତି। ପ୍ରଭୁଙ୍କ ଏହି ଭକ୍ତବତ୍ସଳ ଭାବକୁ ପାଥେୟ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଗନ୍ନାଥପ୍ରେମୀ ଭକ୍ତଙ୍କୁ ଟିକିଏ ସୁଖ ଓ ନିର୍ବିଘ୍ନ ଜଗାଦର୍ଶନର ସୁଯୋଗ ଦେବା ନିମନ୍ତେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପରିକଳ୍ପନା କରିଛନ୍ତି। ଏ କଳିଯୁଗରେ ଦାରୁଦେବତା ରୂପରେ ଭାଇଭଉଣୀଙ୍କ ସହ ଲୌକିକ ଲୀଳାଖେଳା କରୁଥିବା ପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ବିଜେସ୍ଥଳୀକୁ ନିଜ ନାମ ପରିବର୍ତ୍ତେ ମହାଲକ୍ଷ୍ମୀଙ୍କ ନାମରେ ଶ୍ରୀମନ୍ଦିର ରଖି ନାରୀକୁ ଉପଯୁକ୍ତ ସମ୍ମାନ ଦେବାପାଇଁ ମାନବ ସମାଜକୁ ବାର୍ତ୍ତା ଦେଇଛନ୍ତି। ଏହି ଦୀକ୍ଷାରେ ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପିତ ପରିକ୍ରମା ପ୍ରକଳ୍ପର ପରିଭାଷା। ଏହି ପ୍ରକଳ୍ପରେ ବଡ଼ ଠାକୁରଙ୍କ ବଡ଼ଦାଣ୍ଡର ସମାନ୍ତରାଳରେ ଭକ୍ତଙ୍କ ପାଇଁ ଆଉ ଏକ ଯାତ୍ରାପଥ ନିର୍ମାଣ କରାଯାଇଛି, ଯାହାର ନାମ ରଖାଯାଇଛି ଶ୍ରୀଦାଣ୍ଡ। ସେହିପରି ଶ୍ରୀମନ୍ଦିର ଯାତ୍ରାପଥକୁ ବାଧାମୁକ୍ତ କରିବା ପାଇଁ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ରାଜପଥ ଉପରେ ଅଭିନବ ଢଙ୍ଗରେ ନିର୍ମାଣ କରାଯାଇଛି ଅତ୍ୟାଧୁନିକ ଶ୍ରୀସେତୁ। ଏହି ଶ୍ରୀସେତୁରୁ ଶ୍ରୀଦାଣ୍ଡ ପରିକ୍ରମା ପ୍ରକଳ୍ପ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।

## ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ସଂକଳ୍ପ

୨୦୨୧ ମସିହା ଫେବୃଆରୀ ୨୭ ତାରିଖ। ସେଦିନକୁ ଓଡ଼ିଶାବାସୀଙ୍କ ପାଇଁ ଏକ ଐତିହାସିକ ଦିନ ବୋଲି ନିଃସନ୍ଦେହରେ କୁହାଯାଇପାରେ। ସାଢ଼େ ଚାରିକୋଟି ଓଡ଼ିଆଙ୍କ ସମେତ ସାରା ବିଶ୍ୱର କୋଟି କୋଟି ଶ୍ରଦ୍ଧାଳୁଙ୍କ ବିଶ୍ୱାସର ପ୍ରାଣକେନ୍ଦ୍ର ଶ୍ରୀଜଗନ୍ନାଥ, ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ର ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ବିଧାନସଭାରେ ଆଗତ କରିଥିଲେ 'ଶ୍ରୀକ୍ଷେତ୍ର ପରିକ୍ରମା' ସଂକଳ୍ପ। ଯାହାକୁ ଦଳମତ ନିର୍ବିଶେଷରେ ବିଧାନସଭାରେ ଅକୁଣ୍ଠ ସମର୍ଥନ ମିଳିଥିଲା। ଶ୍ରୀକ୍ଷେତ୍ର ପରିକ୍ରମା ସଂକଳ୍ପ ପ୍ରସ୍ତାବ ବେଳେ ସେଦିନ ଅତ୍ୟନ୍ତ ଭାବପ୍ରବଣ ହୋଇ ପଡ଼ିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେ କହିଥିଲେ ଓଡ଼ିଆ ଜାତିର ସବୁଠାରୁ ବଡ଼ ପରିଚୟ ହେଉଛନ୍ତି ଶ୍ରୀଜଗନ୍ନାଥ। ଆମ ଇତିହାସ, ସଂସ୍କୃତି, ପରମ୍ପରା ଓ ଆମ ବିଶ୍ୱାସ ସବୁକିଛି ମହାପ୍ରଭୁଙ୍କୁ କେନ୍ଦ୍ରକରି ଗଢ଼ିଉଠିଛି। ସେହିପରି ଶ୍ରୀଜଗନ୍ନାଥ ଓଡ଼ିଆ ଅସ୍ମିତାର ପ୍ରତୀକ, ଓଡ଼ିଆ ସ୍ୱାଭିମାନର ପ୍ରତିଫଳନ। ସାମ୍ପ୍ରତିକ ସମୟରେ ମହାପ୍ରଭୁଙ୍କ ଧାମର ବିକାଶ ପାଇଁ ସେ ଆମକୁ ସୁଯୋଗ ଦେଇଛନ୍ତି ତାହା ଆମର ସୌଭାଗ୍ୟ। ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଶ୍ରୀମନ୍ଦିର ଆସୁଥିବା ସବୁ ଭକ୍ତ ତଥା ଜଗନ୍ନାଥ ପ୍ରେମୀ ସମସ୍ତଙ୍କ ହୃଦୟରେ ଗୋଟିଏ ଇଚ୍ଛା ଥାଏ ଯେ, ସେମାନେ କିପରି ଏକ ଶାନ୍ତ, ସୁନ୍ଦର ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଜଗନ୍ନାଥ ମନ୍ଦିରକୁ ଜୀବନକାଳ ମଧ୍ୟରେ ଥରୁଟିଏ ଆସିବା ଏବଂ ମହାପ୍ରଭୁଙ୍କ ଦର୍ଶନ ପାଇବା ହେଉଛି ଲକ୍ଷ ଲକ୍ଷ ଭକ୍ତଙ୍କର ଜୀବନର ଏକମାତ୍ର କାମନା। ସବୁ ଭକ୍ତ ଯେଭଳି ଏକ ଦିବ୍ୟ ଅନୁଭବ ନେଇ ଫେରିବେ ତାହା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଭାବବିହ୍ୱଳ ହୋଇ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଯେତେବେଳେ ଜଷ୍ଟିସ ବି.ପି ଦାସ କମିଟି ଶ୍ରୀମନ୍ଦିର ନିରାପତ୍ତା କରିଡର୍ ପାଇଁ ସୁପାରିଶ କଲେ, ସେତେବେଳେ ୩ଟି ଲକ୍ଷ୍ୟ ନେଇ ଶ୍ରୀମନ୍ଦିର ପରିକ୍ରମା ଯୋଜନା ବିଷୟ ଚିନ୍ତା କରାଯାଇଥିଲା। ଶ୍ରୀମନ୍ଦିରର ନିରାପତ୍ତା, ମହାପ୍ରଭୁ ଦର୍ଶନ ପାଇଁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତମାନଙ୍କର ନିରାପତ୍ତା ଏବଂ ଭକ୍ତମାନଙ୍କ ପାଇଁ ଏକ ସୁନ୍ଦର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ଥିଲା ଏହାର ପ୍ରମୁଖ ଲକ୍ଷ୍ୟ। ସର୍ବୋପରି ଏହି ଯୋଜନାକୁ ଆଗେଇ ନେବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀକ୍ଷେତ୍ରର ସମସ୍ତ ସେବାୟତ ବନ୍ଧୁ ତଥା ପୁରୀର ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଯାହାଙ୍କ ଅକୁଣ୍ଠ ସହଯୋଗରେ ଆଜି ଏହି ଐତିହାସିକ ଯୋଜନା ଫଳବତୀ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଯୋଜନା କେବଳ ସରକାରଙ୍କର ନୁହେଁ, ଶ୍ରୀମନ୍ଦିର ପ୍ରଶାସନର ମଧ୍ୟ ନୁହେଁ। ଏ ଯୋଜନା ହେଉଛି ସାଢ଼େ ଚାରିକୋଟି ଓଡ଼ିଶାବାସୀଙ୍କର ନିଜ ଯୋଜନା। ଗଣତନ୍ତ୍ରର ପବିତ୍ର ମନ୍ଦିର ତଥା ବିଧାନସଭା ସାଢ଼େ ଚାରିକୋଟି ଓଡ଼ିଆଙ୍କର ପ୍ରତିନିଧିତ୍ୱ କରୁଛି ଏବଂ ଏହି ଯୋଜନା ଆଗତ କରି ସେ ନିଜକୁ ଗୌରବାନ୍ୱିତ ମନେ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



- ବଡ଼ଦାଣ୍ଡରୁ ଗହଳି ହ୍ରାସ ପାଇଁ ସମାନ୍ତରାଳ ପଥ
- ଶ୍ରୀକ୍ଷେତ୍ରର ପ୍ରଥମ 'ସବୁଜ କରିଡର' ହେବ ଶ୍ରୀଦାଣ୍ଡ
- ଜଗନ୍ନାଥ ବଲ୍ଲଭ ପାର୍କିଂଠାରୁ ଦୋଳବେଦୀ ପର୍ଯ୍ୟନ୍ତ
- ପ୍ରକଳ୍ପର ବ୍ୟୟଅଟକଳ ପ୍ରାୟ ୧୪ କୋଟି ଟଙ୍କା
- ପୁରୀର ୮୪ ପରିବାର ସ୍ୱେଚ୍ଛାରେ ଦେଇଛନ୍ତି ଜମି
- ୩୬ ଫୁଟ ଓସାର ରାସ୍ତାରେ ରହିଛି ଦୁଇଟି ଛକ
- ବ୍ୟାଟେରୀ ଗାଡ଼ି ଯୋଗେ ସହଜ ହେବ ଯାତାୟାତ
- ବଡ଼ଦାଣ୍ଡରୁ ହ୍ରାସ ପାଇବ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି
- 'ପରିକ୍ରମା' ଲୋକାର୍ପଣ ପୂର୍ବରୁ ଶେଷ ହେବ ସମସ୍ତ କାର୍ଯ୍ୟ

ଭକ୍ତି ଓ ଭାବର ଠାକୁର ସିଏ; ବିଶ୍ୱ ବ୍ରହ୍ମାଣ୍ଡର ଠାକୁର। ଜଗତରନାଥ ଶ୍ରୀଜଗନ୍ନାଥ। ଯାହାଙ୍କ ସମ୍ମୁଖରେ ଠିଆ ହୋଇଗଲେ ବିମୋହିତ ହୁଏ ଭକ୍ତ। ଲୋତକାପ୍ଲୁତ ହୁଏ ଆଖି, ବାୟୁଠାରୁ ହାଲୁକା ହୋଇଯାଏ ତନୁମନ। ପ୍ରଭୁଙ୍କୁ କୋଳାଗ୍ରତ କରିବାକୁ ପ୍ରଲମ୍ବିତ ବାହୁରେ ନିଜକୁ ହଜାଇ ଦିଏ ଭକ୍ତ, ବଡ଼ବଡ଼ ଚକା ଆଖିର ସାଗରରେ ହଜିଯାଏ ଶ୍ରଦ୍ଧାଳୁ। ଗୋଲ ଗୋଲ ଆଖି ପରି ତାଙ୍କର ସବୁକିଛି ବଡ଼। ମନ୍ଦିର ହେଉଛି ଶ୍ରୀମନ୍ଦିର, ଚକ୍ର ହେଉଛି ଶ୍ରୀ ଚକ୍ର। ସେହି କଳା ଶ୍ରୀମୁଖଙ୍କ ସୁଖଦ ଦର୍ଶନ ପାଇଁ ରାଜ୍ୟ ସରକାର ପରିକଳ୍ପନା କରିଛନ୍ତି ଆକାଂକ୍ଷୀ ପରିକ୍ରମା ପ୍ରକଳ୍ପ। ଏହି ପ୍ରକଳ୍ପର ଦୁଇ ଅଭିନ୍ନ ଅଂଶ 'ଶ୍ରୀଦାଣ୍ଡ' ଓ 'ଶ୍ରୀସେତୁ' ସମ୍ପର୍କରେ ସ୍ୱତନ୍ତ୍ର ଉପସ୍ଥାପନା...

# ଶ୍ରୀଦାଣ୍ଡ

- ବ୍ୟୟଅଟକଳ ୨୩୦ କୋଟି ୭୨ ଲକ୍ଷ ଟଙ୍କା
- ୭୭୫୬୮ ବର୍ଗମିଟରରେ ୫ ମହଲା ଅଟ୍ଟାଳିକା
- ଚାରି ମହଲାରେ ମୋଟ ୧୭୦ଟି ଦୋକାନ ଗୃହ
- ପ୍ରତି ମହଲାରେ ଦୁଇ ଓ ଚାରିଚକିଆ ଯାନ ପାର୍କ ବ୍ୟବସ୍ଥା
- ଉପର ମହଲାରେ ରହିଛି ୬୯୩୬ ବର୍ଗମିଟର ଧ୍ୟାନକେନ୍ଦ୍ର
- ଏକ ସଙ୍ଗରେ ଧ୍ୟାନ କରିପାରିବେ ୨୨୦୦ରୁ ଊର୍ଦ୍ଧ୍ୱ ଭକ୍ତ
- ଯାତ୍ରୀ, ସାମଗ୍ରୀ ଓ କାର ପାଇଁ ୧୧ଟି ସ୍ଥାନରେ ଲିଫ୍ଟ
- ୨୪ ଘଣ୍ଟିଆ ବିଦ୍ୟୁତ୍ ସହିତ ଅଗ୍ନି ନିର୍ବାପକ ବ୍ୟବସ୍ଥା
- ଫୁଡ୍ କୋର୍ଟରେ ମିଳିବ ଶୁଦ୍ଧ ଶାକାହାରୀ ଖାଦ୍ୟ

## ଜଗନ୍ନାଥବଲ୍ଲଭରୁ ଦୋଳବେଦୀ 'ଶ୍ରୀଦାଣ୍ଡ'

ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ବିକଶିତ ହେଉଛି ଶ୍ରୀକ୍ଷେତ୍ର ପୁରୀ। ବଦଳିବାରେ ଲାଗିଛି ଏହାର ରୂପରେଖ। ଭକ୍ତ, ପର୍ଯ୍ୟଟକ ତଥା ପୁରୀବାସୀଙ୍କୁ ଅତ୍ୟାଧୁନିକ ସେବା ସୁବିଧାକୁ ଦିଆଯାଉଛି ଅଗ୍ରାଧିକାର। ଏଥିପାଇଁ ଭିତ୍ତିଭୂମିର ବିକାଶ, ନୂଆରାସ୍ତା, ସେତୁ, ହ୍ରଦ, ମାର୍କେଟ କମ୍ପ୍ଲେକ୍ସ, ପାର୍କ ଆଦି ବିକଶିତ କରାଯାଇଛି। ଫଳରେ ଦିନକୁଦିନ ପୁରୀକୁ ଭକ୍ତ, ପର୍ଯ୍ୟଟକଙ୍କ ସଂଖ୍ୟାବୃଦ୍ଧି ପାଉଛି। ପୂର୍ବରୁ ସାଧାରଣ ଦିନରେ ପୁରୀକୁ ଯେତିକି ଭକ୍ତ, ପର୍ଯ୍ୟଟକ ଆସୁଥିଲେ ଏବେ ପ୍ରାୟ ତା'ର ଦୁଇଗୁଣ ବଢ଼ିଯାଉଛି। ଏହାଦ୍ୱାରା ବଡ଼ଦାଣ୍ଡ ଉପରେ ଅଧିକ ଚାପ ରହୁଛି। ତେଣୁ ବଡ଼ଦାଣ୍ଡ ଉପରୁ ଯାତାୟାତ ଭାର ହ୍ରାସ କରିବା ଉଦ୍ଦେଶ୍ୟରେ ଶ୍ରୀଜଗନ୍ନାଥବଲ୍ଲଭରୁ ଦୋଳବେଦୀକୁ ସଂଯୋଗ ହେଉଛି ଏକ ନୂଆରାସ୍ତା। ଜଗନ୍ନାଥବଲ୍ଲଭ ପିଲିଗ୍ରୀମ ସେଣ୍ଟର(ଜେବିପିସି)ରୁ ଦୋଳବେଦୀ ପର୍ଯ୍ୟନ୍ତ ଏହା ଲମ୍ବିବ। ଗ୍ରୀନ୍ କରିଡର୍ ଭଳି କାମ କରିବାକୁ ଥିବା ଏହି ରାସ୍ତାର ନାଁ ରହିବ 'ଶ୍ରୀଦାଣ୍ଡ'। ଏବେ ଦ୍ରୁତଗତିରେ ଚାଲିଛି ଶ୍ରୀଦାଣ୍ଡ କାମ, ଯାହାକି ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ପୂର୍ଣ୍ଣାଙ୍ଗ ରୂପନେଇ ଶ୍ରଦ୍ଧାଳୁଙ୍କ ସେବାରେ ଲାଗିବ।

### ଦୈର୍ଘ୍ୟ ୮୦୦ ମିଟର, ୧୨ ମିଟର ପ୍ରସ୍ଥ

ଶ୍ରୀଦାଣ୍ଡ ଜଗନ୍ନାଥ ବଲ୍ଲଭ ପାର୍କିଂଠାରୁ ଆରମ୍ଭ ହୋଇ ଦାଣ୍ଡିମାଳ ସାହି ଓ ଚୁଡ଼ଙ୍ଗ ସାହି ମଧ୍ୟ ଦେଇ ଦୋଳବେଦୀ ପର୍ଯ୍ୟନ୍ତ ପ୍ରଲମ୍ବିତ। ରାସ୍ତାର ଲମ୍ବ ୮୦୦ ମିଟର, ପ୍ରସ୍ଥ ୧୨ ମିଟର ଓ ମଧ୍ୟରେ ଦୁଇଟି ଛକ ରହିଛି। ପ୍ରକଳ୍ପ ପାଇଁ ଚୁଡ଼ଙ୍ଗ ସାହିରୁ ୦.୮୭୯୮ ଏକର ଓ ଦାଣ୍ଡିମାଳ ସାହିରୁ ୦.୨୬୫ ଏକର ସମୁଦାୟ ୧.୧୪୪୮ ଏକର ବେସରକାରୀ ଜମି ଅଧିଗ୍ରହଣ କରାଯାଇଛି। ରାସ୍ତା ପାଇଁ ଆବଶ୍ୟକ ଜାଗା ମଧ୍ୟରୁ ୬୮ ପ୍ରତିଶତ ଜଗନ୍ନାଥ ମନ୍ଦିର ଓ ସରକାରୀ ଜାଗା ଏବଂ ୩୨ ପ୍ରତିଶତ ଘରୋଇ ଜମି ରହିଛି। ଆଲୋକୀକରଣ ସହ ଅନ୍ୟାନ୍ୟ ସୌନ୍ଦର୍ଯ୍ୟକରଣ କାମ ସମ୍ପୂର୍ଣ୍ଣହେବା ଉପରେ। ଏହି ରାସ୍ତାର ଦୁଇ ପାର୍ଶ୍ୱରେ ଫୁଟ୍‌ପାଥ୍, ଛୋଟ ଶେଡ୍ ଏବଂ ବ୍ୟାଟେରୀ ଅଟୋ ଚଳାଚଳ ସୁବିଧା ବ୍ୟବସ୍ଥା ମଧ୍ୟ କରାଯାଉଛି। ଏଥିପାଇଁ ୧୪ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ରାଜ୍ୟ ସରକାର। ଏହି ନୂଆ ରାସ୍ତା ପାଇଁ ଚୁଡ଼ଙ୍ଗସାହିର ୬୬ ପରିବାର ଓ ଦାଣ୍ଡିମାଳସାହିର ୧୮ ପରିବାର ଏହିପରି ମୋଟ୍ ୮୪ ପରିବାର ପ୍ରଭାବିତ ହୋଇଛନ୍ତି। ହେଲେ ମହାପ୍ରଭୁଙ୍କ କାମ ପାଇଁ ସାହିବାସୀ ସେମାନଙ୍କ ଭିଟାମାଟିକୁ ସମର୍ପି ଦେଇଛନ୍ତି। ସରକାରଙ୍କ କଥାରେ ହଁ ଭରି ସେମାନଙ୍କ ସମର୍ପଣ ଭାବର ପ୍ରମାଣ ଦେଇଛନ୍ତି। ଫଳରେ ରାସ୍ତାକାମ ଦ୍ରୁତଗତିରେ ଚାଲିଛି। ଓଡ଼ିଶା ସେତୁ ନିର୍ମାଣ ନିଗମ (ଓବିସିସି) ପକ୍ଷରୁ ଏହି କାମ କରାଯାଉଛି। ଆସନ୍ତା ୧୭ ତାରିଖରେ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବ। ଏହା ପୂର୍ବରୁ ଏହି ରାସ୍ତାକାମ ସମ୍ପୂର୍ଣ୍ଣ କରିବା ଲାଗି ଲକ୍ଷ୍ୟ ରଖାଯାଇ କାମ ଚାଲିଛି।

### ସହଜ ହେବ ଯାତାୟାତ

ଏହି ରାସ୍ତା ଶ୍ରୀମନ୍ଦିରକୁ ଯୋଗାଯୋଗର ଏକ ପ୍ରମୁଖ ମାଧ୍ୟମ ସାଜିବ। ବର୍ତ୍ତମାନ ଶ୍ରୀମନ୍ଦିରକୁ ତୀର୍ଥଯାତ୍ରୀମାନେ ବଡ଼ଦାଣ୍ଡରେ ଯାତାୟାତ କରୁଛନ୍ତି, ଯାହାଦ୍ୱାରା ପ୍ରବଳ ଗହଳି ହେଉଛି। ଯେଉଁଥିପାଇଁ ଯିବାଆସିବା କରିବାରେ ସ୍ଥାନୀୟ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ମଧ୍ୟ ହେଉଛନ୍ତି। ବିଶେଷକରି ରଥଯାତ୍ରା ଓ ଅନ୍ୟାନ୍ୟ ପର୍ବପର୍ବାଣି ସମୟରେ ଜନଗହଳିକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡୁଛି। ତେଣୁ ଏହି ଅସୁବିଧାକୁ ଦୂର କରିବା ପାଇଁ ଶ୍ରୀଦାଣ୍ଡ ତିଆରି ହେଉଛି। ଏହା ନରେନ୍ଦ୍ର ପୁଷ୍କରିଣୀ ପାର୍ଶ୍ୱ ଜଗନ୍ନାଥବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ରଠାରୁ ଦୋଳବେଦୀକୋଣ ପର୍ଯ୍ୟନ୍ତ ବଡ଼ଦାଣ୍ଡର ସମାନ୍ତରାଳରେ ନିର୍ମାଣ କରାଯାଉଛି। ଏହା ବଡ଼ଦାଣ୍ଡର ବିକଳ୍ପ ହେବ। ଶ୍ରଦ୍ଧାଳୁମାନେ ମନ୍ଦିରରେ ସଅଳ ପହଞ୍ଚି ପାରିବେ ଏବଂ ବଡ଼ଦାଣ୍ଡ ଗହଳିମୁକ୍ତ ହୋଇପାରିବ। ରଥଯାତ୍ରା ଓ ବିଭିନ୍ନ ପର୍ବପର୍ବାଣିରେ ଠାକୁରଙ୍କ ଦର୍ଶନ ସଅଳ ଓ ସହଜସାପେକ୍ଷ ହୋଇପାରିବ। ବାହାରୁ ଆସୁଥିବା ଗାଡ଼ିଗୁଡ଼ିକ ଶ୍ରୀସେତୁ ନେଇ ଜେବିପିସି ପାର୍କିଂସ୍ଥଳରେ ପହଞ୍ଚିବ। ସେଠାରୁ ସମସ୍ତ ଯାତ୍ରୀ ପାଦରେ ଚାଲି ଚାଲି ଓ ବ୍ୟାଟେରୀଚାଳିତ ଗାଡ଼ିରେ ଶ୍ରୀମନ୍ଦିରକୁ ଯିବେ। ମହାପ୍ରଭୁଙ୍କୁ ଦର୍ଶନ କରି ପୁନଶ୍ଚ ଜଗନ୍ନାଥବଲ୍ଲଭ ପରିସରରେ ପହଞ୍ଚି ଶୀଘ୍ର ଫେରିପାରିବେ। ଜରୁରିକାଳୀନ ସେବାଗୁଡ଼ିକ ମଧ୍ୟ ଏହି ରାସ୍ତା ଦେଇ ସହଜରେ ଯୋଗାଇ ଦିଆଯାଇ ପାରିବ। ଏହିସବୁ ଦୃଷ୍ଟିରୁ ପ୍ରକଳ୍ପର ସକାରାତ୍ମକ ପ୍ରଭାବ ଅଧିକ ବୋଲି କୁହାଯାଉଛି।







## ଟ୍ରାଫିକ୍ ଯନ୍ତ୍ରଣାରୁ ମିଳିବ ମୁକ୍ତି

ବିଶ୍ୱନିୟନ୍ତାଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କୁ ଆଉ ଟ୍ରାଫିକ୍ ଭିତରେ ଫସିବାକୁ ପଡ଼ିବନି। ଘଣ୍ଟାଘଣ୍ଟା ଧରି ସେମାନଙ୍କ ସମୟ ଅପଚୟ ହେବନି। ଏଣିକି ପୁରୀକୁ ଆରାମଦାୟକ ଯାତ୍ରା କରି ସହଜରେ ଶ୍ରୀମନ୍ଦିର ନିକଟରେ ପହଞ୍ଚିପାରିବେ ଭକ୍ତ। ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରି ସାଉଣ୍ଟିବେ ସୁଖଦ ଅନୁଭୂତି। ଏଥିପାଇଁ ରାଜ୍ୟ ସରକାର ଏକ ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର (ଜେବିପିସି) ତିଆରି କରିଛନ୍ତି। ଏହା ଏବେ ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ନିର୍ମାଣାଧୀନ। ଖୁବ୍ ଶୀଘ୍ର ଏହା ପୂର୍ଣ୍ଣାଙ୍ଗ ରୂପ ନେଇ ଭକ୍ତ, ପର୍ଯ୍ୟଟକଙ୍କୁ ସେବା ଯୋଗାଇଦେବ। ଏଥିପାଇଁ ରାଜ୍ୟ ସରକାର 'ଅବଢ଼ା' ଯୋଜନାରେ ୨୩୦କୋଟି ୭୨ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଓଡ଼ିଶା ସେତୁ ନିର୍ମାଣ ନିଗମ (ଓବିସିସି) ଏହାର ନିର୍ମାଣ ଦାୟିତ୍ୱ ଦେଇଛି। ଭକ୍ତ, ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଏହା ଅନ୍ୟତମ ବୃହତ୍ ପ୍ରକଳ୍ପ ବୋଲି କୁହାଯାଉଛି।

### ବହୁମୁଖୀ ଜଗନ୍ନାଥବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର

ପୁରୀକୁ ଆସୁଥିବା ଭକ୍ତମାନେ ଯେପରି କୌଣସି ଅସୁବିଧାରେ ନ ପଡ଼ନ୍ତି, ତା' ଉପରେ ଗୁରୁତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭକ୍ତ, ପର୍ଯ୍ୟଟକଙ୍କୁ ଅତ୍ୟାଧୁନିକ ସେବା ସୁବିଧା ଯୋଗାଇବା ହାତ ଖୋଲି ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଏଥିପାଇଁ ପର୍ଯ୍ୟଟନ ତଥା ଆଧ୍ୟାତ୍ମିକ ସହର ପୁରୀରେ ଅନେକ ମେଗା ପ୍ରକଳ୍ପ ହାତକୁ ନିଆଯାଇଛି। ତନ୍ମଧ୍ୟରୁ ଜେବିପିସି ଅନ୍ୟତମ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଗାଡ଼ିରେ ଆସୁଥିବା ଭକ୍ତ, ପର୍ଯ୍ୟଟକମାନେ ଯେପରି ଟ୍ରାଫିକ୍ ସମସ୍ୟାରେ ନ ପଡ଼ନ୍ତି, ସେଥିଲାଗି ଜଗନ୍ନାଥ ବଲ୍ଲଭ ପରିସରରେ ତିଆରି ହୋଇଛି। ବହୁମୁଖୀ ତୀର୍ଥଯାତ୍ରୀ କେନ୍ଦ୍ର। ଏଠାରେ ପାର୍କିଂ ସୁବିଧା ସାଙ୍ଗକୁ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ୟ ସମସ୍ତ ପ୍ରକାର ଆନୁଷଙ୍ଗିକ ସୁବିଧା କରାଯାଉଛି। ୭୭,୫୬୮ ବର୍ଗ ମିଟର ଜାଗାରେ ବେସ୍‌ମେଣ୍ଟ ଓ ଗ୍ରାଉଣ୍ଡ ଫ୍ଲୋର୍ ସହ ୫ମହଲା କୋଠା ନିର୍ମାଣ ହୋଇଛି। ଏଠାରେ ବହୁତଳ ପାର୍କିଂ ସୁବିଧା ସାଙ୍ଗକୁ ୧୮୯ଟି ଦୋକାନ ଘର, ସବୁ ମହଲାରେ ଲବି, ୧,୮୪୦ ବର୍ଗମିଟର ଅଞ୍ଚଳରେ ଫୁଡ୍‌କୋର୍ଟ ଏବଂ ଏଣ୍ଟରଟେନମେଣ୍ଟ ଜୋନ୍, ଉପର ମହଲାରେ ୬,୯୩୬ ବର୍ଗ ମିଟର ଅଞ୍ଚଳରେ ଧ୍ୟାନକେନ୍ଦ୍ର ଆଦି ନିର୍ମାଣ ହୋଇଛି।

### ୧,୪୨୦ କାର୍, ୩୦୮ ଦୁଇଚକିଆ ଯାନ ପାର୍କିଂ ସୁବିଧା

ପାର୍କିଂ ଦୃଷ୍ଟିରୁ ଦେଖିଲେ ଏଠାରେ ଏକକାଳୀନ ୧,୪୨୦ କାର୍ ଏବଂ ୩୦୮ ଦୁଇଚକିଆ ଯାନ ପାର୍କିଂ କରାଯାଇପାରିବ। ବେସ୍‌ମେଣ୍ଟ ୩୫୦ କାର୍, ତଳ ମହଲାରେ ୨୬୦ କାର୍, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ମହଲାରେ ୨୭୦ଟି ଲେଖାଏଁ କାର୍ ରହିପାରିବ। ସେହିପରି ବେସ୍‌ମେଣ୍ଟରେ ୭୪ଟି ବାଇକ୍, ତଳ ମହଲାରେ ୭୨ଟି, ପ୍ରଥମ ମହଲା, ତୃତୀୟ ମହଲା ଏବଂ ଚତୁର୍ଥ ମହଲାରେ ୫୪ଟି ଲେଖାଏଁ ଅର୍ଥାତ୍ ମୋଟ ୩୦୮ଟି ବାଇକ୍ ପାର୍କିଂ କରିହେବ।

### ଶ୍ରୀସେତୁରୁ ଶ୍ରୀମାର୍ଗ

ଯାତ୍ରୀମାନେ ଶ୍ରୀସେତୁ ଦେଇ ସିଧାସଳଖ ଏହି ତୀର୍ଥଯାତ୍ରୀ କେନ୍ଦ୍ରରେ ପହଞ୍ଚିବେ। ଏହିଠାରେ ଗାଡ଼ି ପାର୍କିଂ କରିବା ପରେ ବ୍ୟାଟେରୀ ଚାଳିତ ଅଟୋରେ ଶ୍ରୀ ମାର୍ଗ ଦେଇ ଶ୍ରୀମନ୍ଦିର ନିକଟକୁ ଯିବେ। ମହାପ୍ରଭୁଙ୍କୁ ଦର୍ଶନ କରି ପୁନଶ୍ଚ ଏଠାରେ ପହଞ୍ଚି ଗାଡ଼ି ଧରି ଫେରିପାରିବେ। ଫଳରେ ସେମାନଙ୍କୁ ସହର ଭିତରେ କୌଣସି ଜାଗାରେ ଟ୍ରାଫିକ୍ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ସେହିପରି ଏଠାରେ ବିଭିନ୍ନ ପ୍ରକାର ଦୋକାନ ଖୋଲିବାକୁ ଯାଉଥିବାରୁ ସେମାନଙ୍କ ମନପସନ୍ଦ ଜିନିଷ ମଧ୍ୟ କିଣିପାରିବେ। ଫୁଡ୍‌କୋର୍ଟରୁ ସେମାନଙ୍କ ଚାହିଦା ଅନୁଯାୟୀ ଖାଦ୍ୟ ମଧ୍ୟ ଖାଇପାରିବେ। ଏଠାରେ ଉନ୍ନତମାନର କାର୍ ପାର୍କିଂ ମ୍ୟାନେଜମେଣ୍ଟ ସିଷ୍ଟମ୍ ରହିଛି। ଫଳରେ ଶ୍ରୀସେତୁରେ ଚଢ଼ିବା ମାତ୍ରେ କିଏ କେଉଁଠି ପାର୍କିଂ କରିବେ, ତାହା ଜାଣିପାରିବେ।

# ଗୁଡ ମର୍ଣ୍ଣିଂ ରିପୋର୍ଟର



# ବିପଦ ମୁହଁରେ ନାଲି କଙ୍କଡ଼ା

ରାଜ୍ୟରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳର ରହିଛି ସ୍ୱତନ୍ତ୍ର ପରିଚୟ। ତେବେ କେନ୍ଦ୍ରାପଡ଼ା ଜିଲ୍ଲାର ଭିତରକନିକା ପର୍ଯ୍ୟଟନସ୍ଥଳର ରହିଛି ଅନେକ ସ୍ୱତନ୍ତ୍ରତା। ଭିତରକନିକା ନଦୀ ପଠା ତଥା ପେଣ୍ଠ ବେଳାଭୂମି, ସାତଭାୟା ଓ ହବାଲିଖଟି ବେଳାଭୂମିରେ ଦେଖାଯାଉଥିବା ନାଲି କଙ୍କଡ଼ାର ବିଶେଷ ଆକର୍ଷଣ ପର୍ଯ୍ୟଟକଙ୍କୁ ବିମୋହିତ କରେ । ଏପରିସ୍ଥଳେ ବିରଳ କଙ୍କଡ଼ାମାନଙ୍କ ପାଇଁ ବିପଦ ପାଲଟିଛି ପ୍ଲାଷ୍ଟିକ୍‌ଯୁକ୍ତ ବିଷାକ୍ତ ବର୍ଜ୍ୟ।



ଭିତରକନିକା ଜାତୀୟ ଉଦ୍ୟାନ ଅଧୀନରେ ଥିବା ସାତଭାୟାରୁ ହବାଲିଖଟି ମଧ୍ୟରେ ଲକ୍ଷଲକ୍ଷ ସଂଖ୍ୟାରେ ନାଲି ରଙ୍ଗର କଙ୍କଡ଼ା ଦେଖିବାକୁ ମିଳେ। ଏହି ପ୍ରଜାତିର କଙ୍କଡ଼ାକୁ ଲାଲ ଫିଡଲର୍ କ୍ରାବ ବା ନାଲି କଙ୍କଡ଼ା ବୋଲି କୁହାଯାଇଥାଏ। ଅତି ନିକଟରେ ଥିଲେ ମଧ୍ୟ ଏଗୁଡ଼ିକୁ ଧରିବା ପାଇଁ ଗଲେ ଦ୍ରୁତ ଗତିରେ ବାଲି ଓ କାଦୁଅରେ କରିଥିବା ଗାତରେ ପଶିଯିବାରେ କୌତୁକିଆ ଦୃଶ୍ୟ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ସବୁଠୁ ଆଶ୍ଚର୍ଯ୍ୟ କଥା ଅଲିଭରିଡ୍‌ଲେ ଶାବକ ବସାରୁ ବାହାରି ସମୁଦ୍ରକୁ ଯିବା ବେଳେ ନାଲି କଙ୍କଡ଼ା ସେମାନଙ୍କୁ ଟାଣି ନେବାର ଦୃଶ୍ୟ ଦେଖିବାକୁ ମିଳିଥାଏ। ଏହାଛଡ଼ା ମହାକାଳପଡ଼ା ଉପକୂଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ଅଞ୍ଚଳର ଶୋଭାବର୍ଦ୍ଧନ କରୁଛନ୍ତି ଏହି ବିରଳ ପ୍ରଜାତିର କଙ୍କଡ଼ା। ଏହି ସାମୁଦ୍ରିକ ଅଭୟାରଣ୍ୟ ଅନ୍ତର୍ଗତ ହୁକିଟୋଲା, ତଣ୍ଡା, ମାଦଳୀ ଦୀପ, ଅଗରନାସି, ଲଞ୍ଚଘୋଲା ପ୍ରଭୃତି ଅଞ୍ଚଳରେ ଏହି କଙ୍କଡ଼ା ଦେଖିବାକୁ ମିଳନ୍ତି। ଏହି କଙ୍କଡ଼ାର ଲମ୍ବା ଦୁଇ ଇଞ୍ଚ ଭଳି ହୋଇଥିବା ବେଳେ ଏମାନେ ଦୁଇ/ତିନି ଫୁଟ ଗଭୀର ଗାତ କରି ସମୁଦ୍ର ବାଲିରେ ରହିଥାନ୍ତି। ସମୁଦ୍ରର ମଲା ମାଛ, ଶୈବାଳ ଏବଂ ଛୋଟଛୋଟ ଜୀବକୁ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି। ଏଭଳି କଙ୍କଡ଼ାଙ୍କ ଆୟୁଷ ପ୍ରାୟ ଦୁଇବର୍ଷ ହୋଇଥିବା ବେଳେ ଏହି ପ୍ରଜାତିର କଙ୍କଡ଼ା ଓଡ଼ିଶା ଉପକୂଳକୁ ଛାଡ଼ିଲେ ଅଷ୍ଟ୍ରେଲିଆ ଏବଂ ଶ୍ରୀଲଙ୍କାର ସମୁଦ୍ର ଉପକୂଳ ଅଞ୍ଚଳରେ ଅଧିକ ମାତ୍ରାରେ ଦେଖିବାକୁ ମିଳେ। ସାମୁଦ୍ରିକ ଝଡ଼, ସୁନାମୀ ଭଳି ପ୍ରାକୃତିକ ବିପର୍ଯ୍ୟୟ ଆସିବାର ସୂଚନା ଏମାନେ ଶୀଘ୍ର ବାରି ପାରନ୍ତି। ସମୁଦ୍ରର ସୁନେଲି ବାଲିଶଯ୍ୟା ଉପରେ ସିନ୍ଦୁର ଲାଲ ରଙ୍ଗର ଟୋପା ଭଳି ଏମାନଙ୍କ ଚଳପ୍ରଚଳ ଯୋଗୁଁ ବାଲୁକା ଶଯ୍ୟାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବହୁଗୁଣିତ ହୋଇଯାଇଥାଏ। ମାତ୍ର ସମୁଦ୍ର ବେଳାଭୂମିରେ ଚଳପ୍ରଚଳ କରୁଥିବା ବେଳେ କୁଆ, ଚିଲ ଭଳି ପକ୍ଷୀ ଏବଂ ଗଧିଆ, ଫେରେଣ୍ଡା ସମେତ ବନ୍ୟଜନ୍ତୁଙ୍କ ଖାଦ୍ୟ ପାଇଁ ସେମାନଙ୍କ ଶିକାର ପାଲଟିଥାନ୍ତି। ସେହିଭଳି ସମୁଦ୍ରରେ ମିଶୁଥିବା ପ୍ଲାଷ୍ଟିକଯୁକ୍ତ ବିଷାକ୍ତ ବର୍ଜ୍ୟବସ୍ତୁ, କଳାକାରଖାନାର ବର୍ଜ୍ୟବସ୍ତୁ ପାଇଁ ଏବେ ଏହି ବିରଳ ପ୍ରଜାତିର କଙ୍କଡ଼ା ବିଲୁପ୍ତ ହେବାକୁ ବସିଲାଣି ବୋଲି ମହାକାଳପଡ଼ା ଉପକୂଳ ପେଟଛେଲା ଅଞ୍ଚଳର ସୁବାସ ସ୍ୱାଇଁ, ସମରେନ୍ଦ୍ର ମାହାଳି କହିଛନ୍ତି।



ଦେବଦତ୍ତ ଦାଶ



# ହାରିଲା କର୍କଟ ଜିତିଲେ ଜୟନ୍ତୀ

ନିଜ ଦୃଢ଼ ଇଚ୍ଛାଶକ୍ତି ବଳରେ ମଣିଷ ଅସମ୍ଭବକୁ ମଧ୍ୟ ସମ୍ଭବ କରିପାରେ। ଯେତେ ଝଡ଼ଝଞ୍ଜା ଆସିଲେ ମଧ୍ୟ ପାହାଡ଼ ଭଳି ଠିଆ ହୋଇ ନିଜକୁ ସୁଦୃଢ଼ କରିଥାଏ। ସେହିପରି ଜଣେ ନାରୀ ମଧ୍ୟ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଆପ୍ରାଣ ଚେଷ୍ଟା କରିଥାଏ। ବାଲେଶ୍ୱରରେ ଏଭଳି ଏକ ଦୃଶ୍ୟ ଦେଖିବାକୁ ମଳିଛି। ଜଣେ ନାରୀ ଦୀର୍ଘ ୪ ବର୍ଷ ଧରି କର୍କଟ ରୋଗରେ ପୀଡ଼ିତ ଥାଇ ମଧ୍ୟ ଲୋକଙ୍କୁ ଚାହିଦା ମୁତାବକ ସୁଆଦିଆ ଖାଦ୍ୟ ପରଷୁଛନ୍ତି।





କଳିଙ୍ଗ କୁମାର ସାହୁ

ବାଲେଶ୍ୱର ଜିଲ୍ଲା ଭାସ୍କରଗଞ୍ଜ ଅଞ୍ଚଳର ଜୟନ୍ତୀ ପତି। ୨୦୧୯ ମସିହା ନଭେମ୍ବର ମାସରେ ତାଙ୍କୁ କର୍କଟ ରୋଗ ହୋଇଥିବା ଜଣାପଡ଼ିଥିଲା। ଏହି ସମୟରେ ସେ ଭାଙ୍ଗି ପଡ଼ିଥିଲେ। ଏହାରି ମଧ୍ୟରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ଚିକିତ୍ସା ଜାରିରହିଛି। ଏଭଳି ମାରାତ୍ମକ କର୍କଟ ରୋଗ କବଳରୁ ନିଜକୁ ଆଶ୍ୱସ୍ତି କରିବା ପାଇଁ ଚିନ୍ତା କରିଥିଲେ। ଆଉ ଏହାରି ମଧ୍ୟରେ ସେ ନିଜେ ଭାଙ୍ଗି ନ ପଡ଼ି ଆରମ୍ଭ କରିଥିଲେ ଜଲି କୁକମେଟ ନାମକ ଏକ ରୋଷେଇ ଚ୍ୟାନେଲ। ଏହାରି ମଧ୍ୟରେ ସେ ଦୈନିକ ନିଜର ସମସ୍ତ ରୋଷେଇ ଭିଡିଓ ଅପଲୋଡ କରୁଥିବା ବେଳେ ଲୋକେ ଏହାକୁ ଦେଖି ସୁସ୍ୱାଦୁ ଖାଦ୍ୟ ପାଇଁ ଅର୍ଡର କରନ୍ତି। ଏଥିରୁ ଆରମ୍ଭ ହୋଇଥିଲା ନିଜ ବଞ୍ଚିବାର ଆଉ ଏକ ସାହାରା। ଗତ ୪ ବର୍ଷ ଧରି ସେ କର୍କଟ ରୋଗ ସହିତ ଲଢେଇ କରୁଛନ୍ତି। ମାନସିକସ୍ତରରେ ଦୁର୍ବଳ ନ ହୋଇ ରୋଷେଇ ଘରେ ସମୟ କାଟୁଛନ୍ତି। ଆଉ ଅନ୍‌ଲାଇନ, ଅଫଲାଇନ୍‌ରେ ଲୋକଙ୍କୁ ଖାଇବା ଯୋଗାଇ ଟଙ୍କା ରୋଜଗାର କରୁଛନ୍ତି। ଆଉ ପ୍ରକୃତ ଜୀବନର ମଜା ଉଠାଉଛନ୍ତି। ଏହି କାମରେ ତାଙ୍କୁ ତାଙ୍କ ସ୍ୱାମୀ ଚନ୍ଦନ ସହଯୋଗ କରନ୍ତି। ଅର୍ଡ଼ର ଅନୁସାରେ ଖାଦ୍ୟ ପ୍ରସ୍ତୁତ ପାଇଁ ସେ ସାମଗ୍ରୀ କିଣି ଜୟନ୍ତୀଙ୍କୁ ଯୋଗାଇଦେବା ସହ ତାଙ୍କ ମନୋବଳକୁ ଦୃଢ କରିବାକୁ ସବୁବେଳେ ଉଦ୍ୟମ କରିଥାନ୍ତି। ଏନେଇ ଜୟନ୍ତୀଙ୍କ କହିବା ଅନୁସାରେ, ଦିନେ ସମସ୍ତେ ଯିବେ, ମୁଁ ବି ଯିବି। ତା'ହେଲେ ଯେତିକି ସମୟ ବଞ୍ଚିଛି, ଖୁସିରେ ବଞ୍ଚିବିନି କାହିଁକି ବୋଲି କହିଛନ୍ତି। ଜୟନ୍ତୀଙ୍କର ଏହି ଚିନ୍ତାଧାରା କର୍କଟ ରୋଗୀଙ୍କ ପାଇଁ ନିଶ୍ଚିତ ପ୍ରେରଣାଦାୟକ।



# କାଇରୁ ଜୀବିକା

ଦିନେ ବନବାସୀଙ୍କ ଏକ ସାଧାରଣ ଖାଦ୍ୟ ହୋଇଥିବା କାଇ, ଏବେ ଜୀବନଜୀବିକାର ରାହା ପାଲଟିଛି। ପୂର୍ବରୁ ସ୍ୱଳ୍ପ ମୂଲ୍ୟରେ ଏହି ଜଙ୍ଗଲଜାତ ଦ୍ରବ୍ୟ କାଇ ବିକୁଥିବା ବନବାସୀଙ୍କୁ ଏବେ ରୋଜଗାର ବାଟ ଦେଖାଇଛି ବନ ବିଭାଗ। ନନ୍ଦନକାନନର ବଜ୍ରକାପ୍ତାଙ୍କ ପାଇଁ କାଇ କିଣି ସେମାନଙ୍କୁ ଦେଉଛି ଲକ୍ଷ ଲକ୍ଷ ଟଙ୍କା। ଗତ ଅଢ଼େଇ ମାସରେ କେନ୍ଦୁଝରର ଜିଲ୍ଲାରୁ ୨୪ ଜଣଙ୍କ ଠାରୁ ୫ କ୍ୱିଣ୍ଟାଲରୁ ଅଧିକ କାଇ କିଣି ବନବିଭାଗ ଦେଇଛି ୧.୮୦ ଲକ୍ଷ ଟଙ୍କା



ଶରତ ଦାସ

କେନ୍ଦୁଝର ଜିଲ୍ଲାର ବିସ୍ତୀର୍ଣ୍ଣ ଜଙ୍ଗଲ ଗୁଡିକରେ ପ୍ରକୃତିଦତ୍ତ ଅନେକ ବନଜାତ ଦ୍ରବ୍ୟ ମିଳିଥାଏ। ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ ବନବାସୀମାନେ ସେମାନଙ୍କର ପରିବାରର ପ୍ରତିପୋଷଣ ନିମନ୍ତେ ଏହାକୁ ସଂଗ୍ରହ କରି ବିକ୍ରିବଟା କରିଥାନ୍ତି। ବର୍ଷସାରା ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା କଷ୍ଟକର ବ୍ୟାପାର ଥିଲେ ମଧ୍ୟ ବଣପାହାଡ଼ରେ ବସବାସ କରୁଥିବା ଲୋକଙ୍କ ପାଇଁ ବନଜାତ ଦ୍ରବ୍ୟ ରୋଜଗାରର ମାଧ୍ୟମ ସାଜିଥାଏ। ଏବେ ବିଭିନ୍ନ ବଣଜଙ୍ଗଲରୁ ସଂଗ୍ରହ ହେଉଥିବା କାଇ ଏବଂ ସେଥିରୁ ମିଳୁଥିବା ରୋଜଗାରକୁ ନେଇ ଚର୍ଚ୍ଚା ଚାଲିଛି। କାଇ ପିମ୍ପୁଡି ଆଗରୁ ମଧ୍ୟ ସଂଗ୍ରହ ହେଉଥିଲା। ବଜାର ହାଟରେ ଲୋକେ ଏହାକୁ କିଣି ନେଇ ଚଟଣି କରି ଖାଉଥିଲେ। ବିଭିନ୍ନ ପ୍ରକାରର ପାରମ୍ପରିକ ଜଙ୍ଗଲି ଖାଦ୍ୟ ମଧ୍ୟରେ କାଇ ଅନ୍ୟତମ ବୋଲି ବନବାସୀମାନେ କହୁଥିଲେ। ଏହାକୁ ସହର ବଜାର, ହାଟକୁ ଆଣି ବିକ୍ରୟ କରି ଭୂୟାଁ ଜୁଆଙ୍ଗମାନେ ଅଳ୍ପ ରୋଜଗାର କରୁଥିଲେ। ମାତ୍ର କାଇ ସଂଗ୍ରହ କରି ଅଢ଼େଇ ମାସ ମଧ୍ୟରେ ବାଁଶପାଳ ଓ ତେଲକୋଇ ବ୍ଲକ ଅଞ୍ଚଳର ୨୪ ଜଣ ଲୋକ ୧ ଲକ୍ଷ ୮୦ ହଜାରରୁ ଅଧିକ ଟଙ୍କା ରୋଜଗାର କରିସାରିଲେଣି। ଗତ ଅଢ଼େଇ ମାସରେ କେନ୍ଦୁଝର ଜିଲ୍ଲାରୁ ନନ୍ଦନକାନନକୁ ୫୧୬.୪ କେଜି କାଇ ପଠାଇ ଉକ୍ତ ୨୪ ଜଣ ଲୋକ ୧ଲକ୍ଷ ୮୦ ହଜାର ୭୪୦ ଟଙ୍କା ରୋଜଗାର କରିସାରିଲେଣି। ଆଗାମୀ ଦିନରେ



ମଧ୍ୟ ପ୍ରତ୍ୟେହ ୧୦/୧୨ କେଜି ଲେଖାଁଏ କାଇ ପିମ୍ପୁଡି ନନ୍ଦନକାନନକୁ ପଠାଯିବାର ସଂଗ୍ରହକାରୀମାନେ ସୁଯୋଗ ପାଇବେ ବୋଲି ଜଣାପଡ଼ିଛି। ନନ୍ଦନକାନନରେ ଥିବା ପାଙ୍ଗୋଲିନ ବା ବଜ୍ରକାପ୍ତାଙ୍କର ପ୍ରିୟ ଖାଦ୍ୟ କାଇ ହୋଇଥିବାରୁ ବନବିଭାଗର ସହଯୋଗରେ କାଇ ସଂଗ୍ରହକାରୀ ବନ ସୁରକ୍ଷା ସମିତିର ସହାୟତାରେ ପ୍ରତ୍ୟେକ ଦିନ ଏଠାରୁ ୧୦/୧୨ କେଜି କାଇ ନନ୍ଦନକାନନକୁ ପଠାଯାଉଛନ୍ତି। ସଂଗ୍ରହକାରୀମାନଙ୍କୁ ସେମାନଙ୍କର ଆକାଉଣ୍ଟରେ କେଜି ପ୍ରତି ୩୫୦ଟଙ୍କା ହିସାବରେ ଗତ ଅକ୍ଟୋବର ମାସରୁ ଡିସେମ୍ବର ୧୬ ତାରିଖ ପର୍ଯ୍ୟନ୍ତ ଅଢ଼େଇମାସ ମଧ୍ୟରେ ୧ ଲକ୍ଷ ୮୦ ହଜାର ଟଙ୍କା ପୈଠ ହୋଇସାରିଲାଣି। ଏଥିରେ ବନବିଭାଗର ଅନେକ ଭୂମିକା ରହିଛି। ସୂଚନା ଅନୁସାରେ ଅକ୍ଟୋବରରେ ବିଭିନ୍ନ ବନସୁରକ୍ଷା ସମିତରର ୧୬ ଜଣ ୩୫୦ କେଜି କାଇ ଦେଇଥିବା ବେଳେ ନଭେମ୍ବରରେ ୧୦୨.୬ କେଜି ଏବଂ ୩ ଜଣ ସଦସ୍ୟ ଡିସେମ୍ବର ୧୬ ମଧ୍ୟରେ ୬୩.୮ କେଜି କାଇ ଦେଇସାରିଛନ୍ତି।

# ଓଡ଼ିଶା ମାଟିରେ ଥାଇଲାଣ୍ଡ ବରକୋଳି





ସଂଗ୍ରାମ ଦାସ

ପେନ୍ଥା ପେନ୍ଥା ହୋଇ ଫଳିଛି ଥାଇଲାଣ୍ଡ ବରକୋଳି। ତାହା ପୁଣି ଓଡ଼ିଶା ମାଟିରେ। ଆମ ରାଜ୍ୟର ଜଳବାୟୁରେ ସବୁ କିଛି ସମ୍ଭବ ବୋଲି ପ୍ରମାଣିତ କରି ଦେଖାଇ ପାରିଛନ୍ତି ଅନୁଗୋଳ ବ୍ଲକ ବନ୍ଧାଣପଶି ଗାଁର କିଛି ଚାଷୀ। କାହାର ସହାୟତା ବିନା ସମ୍ପୂର୍ଣ୍ଣ ନିଜସ୍ୱ ଉଦ୍ୟମରେ ଏଭଳି ଏକ ଲାଭଦାୟକ ଫସଲ କରି ଅନ୍ୟ ଚାଷୀଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ଜଣେ ଚାଷୀ। ଏହି କୋଳି ଦେଖିବାକୁ ଯେମିତି ସୁନ୍ଦର ସେମିତି ସୁସ୍ୱାଦୁ। ତେଣୁ ଚାହିଦା ରହିଛି।

ଅନୁଗୋଳ ବ୍ଲକର ବନ୍ଧାଣପଶି ଗାଁର ପ୍ରଶାନ୍ତ କୁମାର ସାହୁ ନାମକ ଜଣେ ଚାଷୀ ପ୍ରଥମେ ଏହି କୋଳି ସମ୍ପର୍କରେ ଇଣ୍ଟରନେଟରୁ ଜାଣିବାକୁ ପାଇଥିଲେ। ଏହାପରେ କଲିକତାର ଏକ ନର୍ସରି ସହ ଯୋଗାଯୋଗ କରି ଗତ ବର୍ଷ ଚାରା ମଗାଇଥିଲେ। ଗତବର୍ଷ ମାତ୍ର ୧୦୦ଟି ଗଛ ଲଗାଇ ୨୦ କୁଇଣ୍ଟାଲରୁ ଅଧିକ କୋଳି ଅମଳ କରିଥିଲେ। ଏହି ଚାରା ଥରେ ଲଗାଇଲେ ପ୍ରାୟ ୭/୮ ବର୍ଷ ପର୍ଯ୍ୟନ୍ତ ରହେ। ପ୍ରତିବର୍ଷ କେବଳ ଡାଳ ଗୁଡିକ କାଟିବାକୁ ପଡେ। ଏହାଛଡା ବିଶେଷ ପାଣି ଓ ସାର ଔଷଧର ଆବଶ୍ୟକତା ପଡ଼େ ନାହିଁ। ଗୋଟିଏ ଗୋଟିଏ ଗଛରେ ୪୦ରୁ ୫୦ କେଜି ପର୍ଯ୍ୟନ୍ତ ଫଳ ହୁଏ। କେଜି ପ୍ରତି ଅତି କମରେ ୫୦ଟଙ୍କା ବିକ୍ରି ହୁଏ। ତେଣୁ ପ୍ରଚୁର ଲାଭ ହୁଏ। ଏହାକୁ ଦୃଷ୍ଟିରେ ରଖି ପ୍ରଶାନ୍ତ ଚଳିତ ବର୍ଷ ହଜାରରୁ ଅଧିକ ଗଛ ଲଗାଇଛନ୍ତି। ତାଙ୍କ ଠାରୁ ଦେଖି ଆଉ ୩ ଜଣ ଚାଷୀ ମଧ୍ୟ ହଜାର ହଜାର ସଂଖ୍ୟାରେ ଗଛ ଲଗାଇଛନ୍ତି। ଏହି ଚାଷରେ ଖର୍ଚ୍ଚ କମ ଏବଂ ଅମଳ ଅଧିକ ହୁଏ। ଫଳ ଧରିବା ସମୟରେ ଚଢେଇ ଏକମାତ୍ର ଶତ୍ରୁ। ତେଣୁ ଚାଷୀମାନେ ମଞ୍ଚରେ ରହି ଟିଣ ବଜାଇ ଚଢେଇ ଘଉଡାନ୍ତି। ଥାଇଲାଣ୍ଡ ବର କୋଳିର ଚାହିଦା ଏବଂ ଲାଭ ହେଉଥିବା ଦେଖି ଏବେ ଅନେକ ଚାଷୀ ଏହି ଚାଷ କରିବାକୁ ଆଗେଇ ଆସିଲେଣି। ଉଦ୍ୟାନ ବିଭାଗ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଲେ କେବଳ ଅନୁଗୋଳ ଜିଲ୍ଲା କାହିଁକି ସାରା ରାଜ୍ୟରେ ଏହି କୋଳି ଉତ୍ପାଦନ ବୃଦ୍ଧିପାଇବ।



ସକାଳ THE SAKALA



### ଆସନ୍ତା ସୋମବାରରୁ ଗୁଆ, ଚାଉଳ ସଂଗ୍ରହ ଅଭିଯାନ

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନରେ ସାମିଲ ହେବେ ପ୍ରତ୍ୟେକ ପରିବାର

**ବଲାଙ୍ଗିର, ୬।୧(ସମିସ)**

ଆଉ କିଛିଦିନ ପରେ ଲୋକାର୍ପଣ ହେବ ପୁରୀ ଜଗନ୍ନାଥ ଧାମର ପରିକ୍ରମା ପ୍ରକଳ୍ପ। ଏଥିପାଇଁ ଶ୍ରୀମନ୍ଦିର ସଜେଇ ହେଉଛି। ଜୋରସୋରରେ ଚାଲିଛି ପ୍ରସ୍ତୁତି କାମ। ପରିକ୍ରମା ପ୍ରକଳ୍ପର ଉଦଘାଟନ କାର୍ଯ୍ୟକ୍ରମକୁ ଉତ୍ସବ ଭାବରେ ପାଳନ କରିବାକୁ ସାରା ରାଜ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିବାବେଳେ ବଲାଙ୍ଗିର ଜିଲ୍ଲାରେ ଚାଲିଛି ଏକ ସ୍ୱତନ୍ତ୍ର ପ୍ରସ୍ତୁତି। ପୁରୀ ଶ୍ରୀମନ୍ଦିର ର ଉଦଘାଟନ କାର୍ଯ୍ୟକ୍ରମକୁ ବଲାଙ୍ଗିର ଜିଲ୍ଲାରୁ ଗୁଆ ଓ ଚାଉଳ ଯିବ ବୋଲି ଜଣାପଡ଼ିଛି। ଶନିବାର ସକାଳେ ସ୍ଥାନୀୟ ପୌର ପରିଷଦ କାର୍ଯ୍ୟାଳୟରେ ଏକ ଜରୁରୀକାଳୀନ ବୈଠକ ବସିଥିଲା। ପୌରାଧକ୍ଷା ଲିକା ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ସମସ୍ତ ନିର୍ବାଚିତ କାଉନସିଲର ଓ କର୍ମଚାରୀ ଉପସ୍ଥିତ ଥିଲେ।



ଏହି ବୈଠକରେ ଆସନ୍ତା ସୋମବାରଠାରୁ ସହରର ୨୧ଟି ୱାର୍ଡରୁ ଗୁଆ ଚାଉଳ ସଂଗ୍ରହ କରିବାକୁ ପୌରାଧକ୍ଷା ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମର ଦାୟିତ୍ୱ ସ୍ଥାନୀୟ କାଉନସିଲରଙ୍କ ହାତରେ ରହିବ। ଭଜନ, କୀର୍ତ୍ତନ କରି ଏକ ଭକ୍ତିମୟ ପରିବେଶ ମଧ୍ୟରେ ପ୍ରତ୍ୟେକ ଘରୁ ଏହା ସଂଗ୍ରହ କରାଯିବ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତି ପରିବାରରୁ ଗୁଆ ଚାଉଳ ସଂଗ୍ରହ କରିବାକୁ ପୌରାଧକ୍ଷା ନିର୍ଦ୍ଦେଶ ଦେଇଛନ୍ତି। ୧୪ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ। ୧୫ ତାରିଖ ଦିନ ସଂଗୃହୀତ ଗୁଆ ଚାଉଳକୁ ପୁରୀ ପଠାଯିବ। ତେବେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦଘାଟନ ସମୟରେ ପୂଜାରେ ଏହି ଗୁଆ ଚାଉଳ ଲାଗି ହେବ ବୋଲି ସୂଚନା ରହିଛି। ଶ୍ରୀଜଗନ୍ନାଥ ସମସ୍ତଙ୍କର। ତେଣୁକରି ଏହି ପୁଣ୍ୟତିଥିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସମଗ୍ର ଓଡ଼ିଶାବାସୀ ଜଡିତ ହୁଅନ୍ତୁ ବୋଲି ରାଜ୍ୟ ସରକାରଙ୍କ ତରଫରୁ ଏଭଳି ଅଭିନବ ପ୍ରୟାସ କରାଯାଇଛି। ବିଭିନ୍ନ ମହଲରେ ଏହାକୁ ସ୍ୱାଗତ କରାଯାଉଥିବାବେଳେ ଗ୍ରାମାଞ୍ଚଳରେ ମଧ୍ୟ ଏନେଇ ପ୍ରସ୍ତୁତି ଚାଲିଥିବା ଦେଖିବାକୁ ମିଳିଛି। ଗତ ଦୁଇଦିନ ତଳେ ପୁଇଁତଲା ବ୍ଲକ କାର୍ଯ୍ୟାଳୟରେ ଏହାର ପ୍ରସ୍ତୁତି ବୈଠକ ଚାଲିଥିଲା। ସରପଞ୍ଚମାନଙ୍କ ନେତୃତ୍ୱରେ ଗୁଆ ଚାଉଳ ସଂଗ୍ରହ କରାଯିବ ବୋଲି ନିଷ୍ପତ୍ତି ପ୍ରକାଶ ପାଇଥିଲା।

## ବିଏସ୍‌କେୱାଇ 'ନବୀନ କାର୍ଡ'ର ପୋଷ୍ଟର ରିଲିଜ୍

**ସୋନପୁର, ୬।୧ (ସମିସ):** ୬ ତାରିଖରୁ ସାରା ରାଜ୍ୟରେ ବିଏସକେୱାଇ ନବୀନ କାର୍ଡର ପଞ୍ଜୀକରଣ ଆରମ୍ଭ ହୋଇଛି। ଏହି ମହତ୍ୱକାଂକ୍ଷୀ ଯୋଜନାର ପୋଷ୍ଟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଦ୍ୱାରା ରିଲିଜ୍ ହୋଇଛି। ପାଞ୍ଚଦିନିଆ ସୁବର୍ଣ୍ଣପୁର ଲୋକ ମହୋତ୍ସବର ପ୍ରଥମ ଦିନରେ ପୋଷ୍ଟର ରିଲିଜ୍ ହୋଇଥିଲା। ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ, ଏଡିଏମ୍ ସୂର୍ଯ୍ୟନାରାୟଣ ଦାଶ, ଏସପି ଅମରେଶ ପଣ୍ଡା, ଭାରପ୍ରାପ୍ତ ସିଡିଏମଓ ଡାକ୍ତର ଦୁର୍ଗାଦତ୍ତ ଦାଶ, ଜିଲ୍ଲା ପରିଷଦ ବିଡିଓ ଅଶ୍ୱିନୀ ମେହେର, ଡିପିଏମ ବିଶ୍ୱମ୍ବର ବେହେରା, ବିଏସକେୱାଇ ଜିଲ୍ଲା ସଂଯୋଜିକା ପ୍ରଜ୍ଞା ପରିମିତା ଦାଶ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ବୃନ୍ଦାବନ ସାହୁ, ଗୀତାଞ୍ଜଳି ମେହେର, ପ୍ରମୋଦ ସାହୁ, ହରପ୍ରସାଦ ଦାସ, ଅନ୍ତର୍ଯ୍ୟାମୀ ଶତପଥୀ, କ୍ଷୀରୋଦ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ତେବେ ପୋଷ୍ଟର ରିଲିଜ୍ ପରେ ବହୁ ଜନ ସାଧାରଣ ବିଏସକେୱାଇ ଷ୍ଟଲକୁ ଆସି ବିଏସକେୱାଇ ନବୀନ କାର୍ଡ ସମ୍ପର୍କରେ ପଚାରି ବୁଝିଥିଲେ।



### ବଙ୍ଗୋମୁଣ୍ଡାରେ ବିଜେଡିର ମିଶ୍ରଣ ପର୍ବ

## ପଦ୍ମ ଛାଡ଼ି ଶଙ୍ଖ ଫୁଙ୍କିଲେ ୨୫ରୁ ଊର୍ଦ୍ଧ୍ୱ ବିଜେପି କର୍ମୀ

**ବଲାଙ୍ଗିର, ୬।୧ (ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ବଙ୍ଗୋମୁଣ୍ଡା ବ୍ଲକ କୁଣ୍ଡାବୁଟୁଲା ପଞ୍ଚାୟତ ଡୁମେରପଡ଼ା ଗାଁର ବରିଷ୍ଠ ବିଜେପି ନେତା ବ୍ରହ୍ମ ଅଦା ଯାଦବଙ୍କ ନେତୃତ୍ୱରେ ୨୫ରୁ ଊର୍ଦ୍ଧ୍ୱ ଭାରତୀୟ ଜନତା ପାର୍ଟି କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟରେ ଅନୁପ୍ରାଣିତ ହୋଇ କଣ୍ଟାବାଞ୍ଜି ବରିଷ୍ଠ ବିଜେଡି ନେତା ଅଜୟ ଦାସଙ୍କ ଉପସ୍ଥିତିରେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ବରିଷ୍ଠ ନେତା ଶ୍ରୀ ଦାସ ନୂତନ ଭାବେ ଯୋଗ ଦେଇଥିବା କର୍ମୀଙ୍କୁ ଦଳୀୟ ଉପଢୌକନ ଓ ଫୁଲମାଳ ଦେଇ ଦଳକୁ ସ୍ୱାଗତ କରିଥିଲେ। କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳର ସଂଗଠନ ସୁଦୃଢ଼ ହେବା ସହ ଦିନକୁ ଦିନ ଏକାଧିକ କର୍ମୀ ଅନ୍ୟ ଦଳ ଛାଡି ବିଜେଡିରେ ସାମିଲ ହେଉଛନ୍ତି। ଫଳରେ ବିରୋଧୀଙ୍କ ମଧ୍ୟରେ ଛନକା ପଶିଯାଇଛି। ଆଜିର ଏହି ମିଶ୍ରଣ ପର୍ବରେ ଧନି ଛତ୍ରିଆ, ବୁଟି ବାରିକ, କ୍ଷୀରସିନ୍ଧୁର ଛତ୍ରିଆ, ମୂରଲୀ ଛତ୍ରିଆ, ପ୍ରେମ ଛତ୍ରିଆ, ଝସକେତନ ବାଗ, ଶ୍ରୀଧର ଅଦା, ସୁଦର୍ଶନ ଅଦା, ଧୂବଳ ଅଦା, ରାଇଧର ଅଦା, ଶରତ ମଳିକ, ତ୍ରିନାଥ ଛତ୍ରିଆ, ମୁନଙ୍ଗା ବାଗ, ଗଣପତି ଅଦା, ଶ୍ୟାମ ଅଦା, ରାଜିବ ଛତ୍ରିଆ, ଗୌର ଅଦା, ସନ୍ତୋଷ ବାଗ, ବାସୁ ଅଦା, କନ୍ଦର୍ପ ହରପାଲ, କାଳିଆ ଠେଲାଙ୍କ ସହ ଶତାଧିକ ବିଜେଡି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## କଂଗ୍ରେସ କର୍ମୀ ସମ୍ମିଳନୀ

ବଲାଙ୍ଗିର ବ୍ଲକ ଅନ୍ତର୍ଗତ ଜୋନ ୨୨ର କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଯୁବନେତା ତଥା ଅଖିଳ ଭାରତୀୟ କଂଗ୍ରେସ କମିଟି ସଦସ୍ୟ ସମରେନ୍ଦ୍ର ମିଶ୍ର ଯୋଗଦେଇ କର୍ମୀଙ୍କୁ ଆଗାମୀ ନିର୍ବାଚନ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର କହିଥିଲେ ଯେ କଂଗ୍ରେସ କର୍ମୀ ଏକଜୁଟ ହୋଇ କାର୍ଯ୍ୟ କଲେ ବଲାଙ୍ଗିରର ଦ୍ରୁତ ବିକାଶ ହେବ। ବ୍ଲକ କଂଗ୍ରେସ ସଭାପତି ରାମପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ଦିଲୀପ ବେହେରା, ବିଡିସିସି ବ୍ୟାଙ୍କ ସଭାପତି ସ୍ମାରକ ରଞ୍ଜନ ମିଶ୍ର, ଶ୍ରୀଧର ବାରିକ, ସରପଞ୍ଚ ରମ୍ଭା ରଣା, ଲୋକନାଥ କୁମୁରା, ଅଶୋକ ନନ୍ଦ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସରପଞ୍ଚ ବନିତା ବାରିକ, ସୁବାସିନୀ ଅମାତ, ଉଗ୍ରସେନ ବରାଡ, ପିଙ୍କୁ ପଟେଲ, ଜରାର୍ଦ୍ଦନ ପଟେଲ, ଶ୍ରୀୟା ସାହୁ, ଭାରତ ଛତ୍ରିଆ, ଲକ୍ଷ୍ମୀ ନନ୍ଦ, ପଞ୍ଚାୟତ ସମିତି ସଦସ୍ୟ ସଙ୍ଗୀତା ପାଣିଗ୍ରାହୀ, ସରିତା ସେଠ, ସଞ୍ଜିବ ପ୍ରଧାନ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଯଶୋନ୍ତୀ ବଘାର, ଡା. ରାଧାକାନ୍ତ ଭୋଇ, ଅଜୟ ବାଲି ପ୍ରମୁଖ ମଞ୍ଚାସୀନ ଥଲେ।

## ସଡ଼କ ସୁରକ୍ଷା ସଚେତନତା ନେଇ ସାଇକଲ ଶୋଭାଯାତ୍ରା

**ବଲାଙ୍ଗିର, ୬।୧ (ସମିସ):** ବଲାଙ୍ଗିର ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ତରଫରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଶନିବାର ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲର ଛାତ୍ରମାନଙ୍କୁ ନେଇ ଏକ ସାଇକେଲ ଶୋଭାଯାତ୍ରା, ଆରଟିଓ ରାଜେଶ ମାରାଣ୍ଡିଙ୍କ ନେତୃତ୍ୱରେ ବଲାଙ୍ଗୀର ଜିଲ୍ଲାପାଳ ଚଞ୍ଚଳ ରାଣା ଓ ପୃଥ୍ୱୀରାଜ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଛାତ୍ରମାନେ ସଚେତନତା ଗୀତରେ ନୃତ୍ ପରିବେଷଣ ସହ ସ୍ଲୋଗାନ ଦେଇ ସଡକ ସୁରକ୍ଷାର ବାର୍ତ୍ତା ପ୍ରଦାନ କରିଥିଲେ। ପୃଥ୍ୱୀରାଜ ହାଇସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ହେଡ କ୍ଲର୍କ, କୃତାର୍ଥ କାଲସାଏ, ଦୀଲିପ କୁମାର ସାହୁ, ଶ୍ରୀକାନ୍ତ ନାୟକ, ପଦ୍ମ ସେଠ, ସରୋଜ ଦେହୁରୀ, ସାଗର ପାଣ୍ଡେ, ତୀର୍ଥ ବଗର୍ତ୍ତୀ ସାଇକେଲ ଶୋଭାଯାତ୍ରାଟି ସହର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନତା କରାଇଥିଲେ। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗର ସମସ୍ତ କର୍ମଚାରୀ ସୁନ୍ଦର ଭାବେ ପରିଚାଳନା କରିଥିଲେ।

## ତୁଷୁରା ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ତୁଷୁରା, ୬।୧(ସମିସ):** ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତୁଷୁରାର ପ୍ରଥମ ବାର୍ଷିକ ଉତ୍ସବ ଶନିବାର ଅପରାହ୍ନରେ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ହେମନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବକୁ ଗୁଡଭେଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ରଷିଆ ମେହେର ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ତୁଷୁରା ଏନ୍‌ଏସି ଅଧ୍ୟକ୍ଷ ଅଜୟ ଜୟସ୍ୱାଲ, ବିଶିଷ୍ଟ ଅତିଥି ଭାବେ ତୁଷୁରା ଥାନା ଆଇଆଇସି ସଞ୍ଜିବ କୁମାର ପ୍ରଧାନ, ସମ୍ମାନିତ ଅତିଥି ବିଶିଷ୍ଟ ସମାଜସେବୀ ପିଙ୍କୁ ଅଗ୍ରୱାଲ, ବିଶିଷ୍ଟ ସମାଜ ସଂସ୍କାରକ ବିଭୋର କେଡିଆ, ସିଆର୍‌ସିସି ଜଗମୋହନ ତ୍ରିପାଠୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ତୁଷୁରା ବାଳିକ ହାଇସ୍କୁଲର ପ୍ରଧାନଶିକ୍ଷକ ଭକ୍ତ ଚରଣ ଦାଶ ଯୋଗ ଦେଇଥିଲେ। ଏହି ଅବସରରେ ଗତ ଡ଼ିସେମ୍ବର ୩୧ ତାରିଖରେ ସରକାରୀ ଚାକିରୀରୁ ଅବସର ନେଇଥିବା ପ୍ରଧାନଶିକ୍ଷକ ଆର୍ତ୍ତତ୍ରାଣ ବେହେରାଙ୍କୁ ମାନପତ୍ର, ସ୍ମୃତି ଚିହ୍ନ, ଉପହାର ଓ ଉପଢ଼ୌକନ ଦେଇ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।




ଉକ୍ତ ବାର୍ଷିକ ଉତ୍ସବରେ ବିଶେଷ ସହଯୋଗ କରିଥିବାରୁ ବିଦ୍ୟାଳୟ ତରଫରୁ ଶିକ୍ଷକ ପ୍ରଭାତ କିଶୋର ରାଏଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବାର୍ଷିକ କ୍ରୀଡା ଓ ବାର୍ଷିକ ଉତ୍ସବ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଜିଲ୍ଲାସ୍ତରୀୟ ସୁରଭିରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ବିନ୍ଦୁ ମାହାଣା ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ପ୍ରଶାନ୍ତି ଦାସ, ସୁଶ୍ରୀ ରଞ୍ଜିତା ନାଗ ଓ ପରିଚାଳନା ସମିତିର ସଦସ୍ୟମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ମାନବ ସେବା ସଦନର ସମୀକ୍ଷା ବୈଠକ

**କନ୍ଧମାଳ, ୬।୧ (ସମିସ):** କନ୍ଧମାଳ ବ୍ଲକ ଖୁଣ୍ଟିଗୋରା ଠାରେ ମାନବ ସେବା ସଦନ ସ୍ୱେଚ୍ଛାସେବୀ ସଂଗଠନ ରୁଗୁଡ଼ିପାଲି ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗତ ବାର୍ଷିକ ଉତ୍ସବର ଆୟବ୍ୟୟ ହିସାବ କରାଯିବା ସହିତ ସଦସ୍ୟତା ଦେୟ ପ୍ରଦାନ, ନୂତନ ସଦସ୍ୟଙ୍କୁ ସାମିଲ କରାଯିବା ଏବଂ ଆଗାମୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ଅଜିତ କୁମାର ସାହୁ, ରୀତିବନ୍ତ ସାହୁ, ଅମରେନ୍ଦ୍ର ପ୍ରଧାନ, ବିଶ୍ୱରଞ୍ଜନ ନାଏକଙ୍କୁ ନୂତନ ସଦସ୍ୟ ଭାବେ ସାମିଲ କରାଗଲା। ସଭାପତି ବଳରାମ ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପଦେଷ୍ଟା ସଞ୍ଜୀବ ବେହେରା, ସମ୍ପାଦକ ବଂଶୀଧର ମାଝୀ, କୋଷାଧ୍ୟକ୍ଷ ଜିତେନ୍ଦ୍ର ଭୋଇ, ସଦସ୍ୟ ସୁଶାନ୍ତ ବାରିକ, ଗଜାନନ ପ୍ରଧାନ, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରୀତିବନ୍ତ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲାସ୍ତରୀୟ ଯୁବ ରେଡ୍‌କ୍ରସ୍ ତାଲିମ ଶିବିର ଉଦ୍‌ଯାପିତ

**ବଲାଙ୍ଗିର, ୬।୧ (ସମିସ):** ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ତରଫରୁ ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ତିନି ଦିନ ଧରି ଚାଲୁଥିବା ବଲାଙ୍ଗିର ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ ତାଲିମ ଶିବିର ଶନିବାର ଉଦଯାପିତ ହେଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ ରେଡକ୍ରସ ସଂଯୋଜକ ଗୋପାଳକୃଷ୍ଣ ମିଶ୍ର ମୁଖ୍ୟଅତିଥି, ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି କାହ୍ନୁଚରଣ ଦର୍ଜି, ଜିଲ୍ଲା ରେଡକ୍ରସ ସଂଯୋଜକ ଡକ୍ଟର ଦୈତାରୀ ପୂଜାରୀ ଓ ଜିଲ୍ଲା ଯୁବ ରେଡକ୍ରସ ସମ୍ପାଦକ ଡକ୍ଟର ଅମୃତ ସିଂ ବରିହା ପ୍ରଭୃତି ସମ୍ମାନିତ ଅତିଥି ଭାବରେ ଯୋଗଦେଇ ରେଡକ୍ରସ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ଯୁବ ରେଡକ୍ରସର ଉପଦେଷ୍ଟା ଡକ୍ଟର ଲିଙ୍ଗରାଜ ମେହେର ସଭା ସଂଯୋଜନା କରିଥିବା ବେଳେ ଅଧ୍ୟାପକ ବାମଦେବ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଦୀର୍ଘ ତିନି ଦିନ ଧରି ହୋଇଥିବା ଏହି ଶିବିରରେ ବଲାଙ୍ଗିର ଜିଲ୍ଲାର ତିରିଶି ଗୋଟି ମହାବିଦ୍ୟାଳୟର ୧୫୦ ଜଣ ରେଡକ୍ରସ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଓ ଉପଦେଷ୍ଟା ଯୋଗ ଦେଇଥିଲେ। ଏହି ଶିବିରରେ



ରେଡକ୍ରସ ଇତିହାସ, ଲକ୍ଷ ଓ ଉଦେଶ୍ୟ, ଏଚ୍‌ଆଇଭି/ଏଡସ, ରକ୍ତଦାନ, ଯୋଗଶିକ୍ଷା, ସଡକ ସୁରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ଓ ପରିଚାଳନା, ସ୍ୱେଚ୍ଛାକୃତ ରକ୍ତଦାନ, ପ୍ରାଥମିକ ଚିକିତ୍ସା ସେବା ଆଦି ଆଠ ଗୋଟି ଶୀର୍ଷକରେ ଅଭିଜ୍ଞ ବ୍ୟକ୍ତିମାନଙ୍କ ଦ୍ୱାରା ଶିକ୍ଷା ଓ ତାଲିମ ଦିଆଯାଇଥିଲା। ଏହି ଅବସରରେ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ମାନ ଆୟୋଜିତ ହୋଇଥିଲା। ପ୍ରବନ୍ଧରେ ସୁନି ଖମାରୀ, ରେଶମା ସା, ଝରଣା ମଲ୍ଲିକ, ତର୍କରେ ସୁନି ଖମାରୀ, ବବୁଲ ସାହୁ, ଆଦର୍ଶ ସାହୁ, ସଙ୍ଗୀତରେ ଅମିତ ସାହୁ, ଚନ୍ଦ୍ରିକା ବାଘ, ପ୍ରମିତା ଷାଣ୍ଡ, ଏକକ ଅଭିନୟରେ ସୁବ୍ରତ ପଧାନ, ଅମିତ ସାହୁ, ମୋହିତ ଅଗ୍ରୱାଲ, ନୃତ୍ୟରେ ପ୍ରମିଳା ଷାଣ୍ଡ, ଅର୍ପଣ ବାରିକ, ମିନତୀ ରାଉତ, କୁଇଜରେ ଶଙ୍କର ଗୁରୁ, ସଞ୍ଜୟ ସାହୁ, ବବଲୁ ମହାକୁଡ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ରେଡକ୍ରସର ସ୍ୱେଚ୍ଛାସେବୀ ଓ ଉପଦେଷ୍ଟାମାନଙ୍କୁ ପ୍ରମାଣପତ୍ର ଓ ସ୍ମାରକୀ ପ୍ରଦାନ କରାଯାଇଛି। ଏହି ଶିବିରରେ ପି.ଏସ୍. କଲେଜ ଦେଗାଁର ଅଧ୍ୟାପକ ମଳୟ ରଞ୍ଜନ ରଣା ଶ୍ରେଷ୍ଠ ରେଡକ୍ରସ ଉପଦେଷ୍ଟା ଭାବେ ପୁରସ୍କୃତ ହୋଇଥିବା ବେଳେ ଦଶଜଣ ଶ୍ରେଷ୍ଠ ସ୍ୱେଚ୍ଛାସେବୀଙ୍କୁ ରାଜ୍ୟସ୍ତରୀୟ ଯୁବ ରେଡକ୍ରସ ତାଲିମ ଶିବିରକୁ ମନୋନୀତ କରାଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମକୁ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ରେଡକ୍ରସ ସ୍ୱେଚ୍ଛାସେବୀ ଓ ଉପଦେଷ୍ଟାଙ୍କ ସମେତ ରୋତ୍ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବିଶେଷ ସାହାଯ୍ୟ ସହଯୋଗ କରି ସଫଳ କରିଥିଲେ।

## ସଡ଼କ ସୁରକ୍ଷା ସପ୍ତାହ ପାଳନ ଓ ଜନ ସଚେତନତା କାର୍ଯ୍ୟକ୍ରମ




**ମୁରିବାହାଲ, ୬।୧ (ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମାସ୍ଥିତ ପଞ୍ଚାୟତି ହାଇସ୍କୁଲ ତରଫରୁ ଶନିବାର ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁନିଲ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ସଡକ ସୁରକ୍ଷା ସପ୍ତାହ ପାଳନ ସହିତ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଛାତ୍ରଛାତ୍ରୀ ପ୍ରଥମେ ବିଦ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ସ୍ଲୋଗାନ ମାଧ୍ୟମରେ ସଡକ ସୁରକ୍ଷାର ଜନ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁରିବାହାଲ ଏବିଇଓ କୋଦଣ୍ଡଧର ଭୋଇ, ଶିକ୍ଷୟତ୍ରୀ ରଶ୍ମୀଲତା ପାତ୍ର, ଡି ରିତେଲ ନାଗ, ଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତି, ବିକ୍ରମ ପୁରୋହିତ, ମନୋଜ କୁମାର ସ୍ୱାଇଁ, ଚନ୍ଦ୍ରଧ୍ୱଜ ଭୋଇ, ସୋମନାଥ ମାଝୀ, ପିଇଟି ସ୍ୱାଗତ ମେହେର, ବରିଷ୍ଠ କିରାଣି ପ୍ରଦୀପ କୁମାର ପୁଟେଲ, କର୍ମଚାରୀ ନିଳାମ୍ବର ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ବାର୍ଷିକ ଉତ୍ସବ 'ଫୋନିକ୍ସ' ଉଦ୍‌ଯାପିତ

**ବଲାଙ୍ଗିର, ୬।୧ (ସମିସ):** ବଲାଙ୍ଗିର ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ 'ଫୋନିକ୍ସ' ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ପ୍ରଦୀପ ଷଡଙ୍ଗୀ ଯୋଗଦେଇ ବର୍ତ୍ତମାନ ସ୍ଥିତିରେ ପ୍ରତିଯୋଗିତାମୂଳକ ପରିବେଶରେ ଛାତ୍ରଛାତ୍ରୀମାନେ ନିଜ ଭବିଷ୍ୟତ ଗଢିବା ପାଇଁ ଚେଷ୍ଟା କରିବା ସହ ନିଜର ଓ ନିଜ ଦକ୍ଷତା ଉପରେ ବିଶ୍ୱାସ ରଖିବାକୁ ପରାମର୍ଶ ଦେଇଥିଲେ। ସିଏଚଏସଇ ଯୁକ୍ତ ଦୁଇ ବିଜ୍ଞାନର ଅଧ୍ୟକ୍ଷ ଅନଙ୍ଗ ଉଦୟ ନାୟକ, ଉପାଧ୍ୟକ୍ଷା ଅଙ୍କିତା ଶୁଭ୍ରସ୍ମିତା ଗଡ଼ତ୍ୟା, ବିଏସସିର ଅଧ୍ୟକ୍ଷ ସୋମନାଥ ଷଡଙ୍ଗୀ, ଫାର୍ମାସୀର ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ କୁମାର ସାହୁ, ଏକାଡେମିକ ସଂଯୋଜକ ଜୟକୃଷ୍ଣ ମେହେର, ସେଞ୍ଚୁରିଆନ ସ୍କୁଲର ଅଧ୍ୟକ୍ଷ ତମାଲ ଚକ୍ରବର୍ତ୍ତୀ, ଉପାଧ୍ୟକ୍ଷା ପୂର୍ଣ୍ଣତୋୟା ବିଶ୍ୱାଳ, ହେଲୋ କିଡ୍ସର ଅଧ୍ୟକ୍ଷା ସୁଷମା ମୁଣ୍ଡ ପ୍ରମୁଖଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା। ଏହି ଅବସରରେ ସିବିଏସଇ ଯୁକ୍ତ ଦୁଇ ବିଜ୍ଞାନର ଛାତ୍ର ସୌମ୍ୟରଞ୍ଜନ ଡାଙ୍ଗ, ସିଏଚଏସଇ ବିଜ୍ଞାନର ଛାତ୍ରୀ ପୁନମ ମେହେର, ବିଏସସି ଛାତ୍ରୀ ଶ୍ରିୟାରାଣୀ ହୋତା, ଏମଏସସିର ସସ୍ମିତା ବାଗ, ବି ଫାର୍ମ ଛାତ୍ର ନିହାର ରଞ୍ଜନ ଦାଶ, ଡି ଫାର୍ମର ସୁନୀଲ କୁମାର ସାହୁ, ଡିଏମଏଲଟି ଛାତ୍ରୀ ପ୍ରତୀକ୍ଷା ପଟ୍ଟନାୟକ, ସେଞ୍ଚୁରିଆନ ବିଦ୍ୟାଳୟର ଛାତ୍ରୀ ଦିଶା ଅଗ୍ରୱାଲଙ୍କୁ ନିଜ ନିଜ ବିଭାଗରେ ବେଷ୍ଟ ଷ୍ଟୁଡେଣ୍ଟ ଅଫ ଦି ଇୟର ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ସ୍କୁଲର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଅଧ୍ୟାପକ ଅରିନ୍ଦମ ପରିଚ୍ଛା ଓ ଅଧ୍ୟାପିକା ଭକ୍ତି ପଢ଼ିଆରିଆ ମଞ୍ଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଙ୍ଗୀତ, ନୃତ୍ୟ ଓ ନାଟକ ପ୍ରଦର୍ଶନ କରାଯାଇଥିଲା। ଅରିନ୍ଦମ ପରିଚ୍ଛା ଧନ୍ୟବାଦ ଦେଇଥିଲେ।



# ସରିଲା ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା

### ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ୫୦ ଲକ୍ଷ ଟଙ୍କାର ବ୍ୟବସାୟ






**ବୌଦ୍ଧ, ୬।୧ (ସମିସ)**

ବୌଦ୍ଧ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ, ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ, ଓରମାସ୍ ଓ ବୟନିକାର ମିଳିତ ସହଯୋଗରେ ପ୍ୟାରେଡ ପଡ଼ିଆଠାରେ ଅନୁଷ୍ଠିତ ହେଉଥିବା ବୌଦ୍ଧ ମହୋତ୍ସବ ପଲ୍ଲିଶ୍ରୀ ମେଳା ଶନିବାର ପଞ୍ଚମ ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବରେ ଓରମାସ ଦ୍ୱାରା ଆୟୋଜିତ ପଲ୍ଲିଶ୍ରୀ ମେଳାରେ ସ୍ୱୟଂ ସହାୟକ ଗୋଷ୍ଠୀମାନେ ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ ବ୍ୟବସାୟ କରିଥିବା ଜଣାପଡ଼ିଛି। ମହୋତ୍ସବ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇଥିଲେ। ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କନ୍ଧମାଳ ସାଂସଦ ଡ଼. ଅଚ୍ୟୁତ ସାମନ୍ତ, ପୂର୍ବତନ ବୌଦ୍ଧ ଜିଲ୍ଲାପାଳ ମଧୁସୂଦନ ମିଶ୍ର, ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର ଯୋଗଦେଇଥିଲେ। ଅତିଥିମାନେ ମଞ୍ଚାସୀନ ହେବାପରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବୌଦ୍ଧର ଛାତ୍ରୀଛାତ୍ରମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସ୍ୱାଗତ ଭାଷଣ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପାତ୍ର ପ୍ରଦାନ କରିଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ପ୍ରମୋଦ କୁମାର ପ୍ରଧାନ। ଏହି ଅବସରରେ ମହୋତ୍ସବ ସ୍ମରଣିକା 'ଯଶୋଧାରା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ଏବଂ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଏହି ମହୋତ୍ସବକୁ ସଫଳ କରିଥିବା ସମସ୍ତ ମହୋତ୍ସବ କମିଟିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡା ବୌଦ୍ଧ ଜିଲ୍ଲାରୁ କ୍ରୀଡା, ଶିକ୍ଷା, କଳା ଇତ୍ୟାଦିରେ ଉତ୍କର୍ଷ ଲାଭ କରିଥିବା ପ୍ରତିଭା ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦଯାପନୀ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ହଜାର ହଜାର ସଂଖ୍ୟାରେ ଦର୍ଶକ ଉପଭୋଗ କରିଥିଲେ।

## ଦୁର୍ଘଟଣାରେ ଯୁବକ ଗୁରୁତର

**ହରଭଙ୍ଗା, ୬।୧ (ସମିସ):** ପୁରୁଣାକଟକ ଧଳପୁର ପୂର୍ତ୍ତ ରାସ୍ତାରେ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକ ଗୁରୁତର ହୋଇଛି। ହରଭଙ୍ଗା ବ୍ଲକ ଧଳପୁର ପଞ୍ଚାୟତ ଜବଲପୁର ଗ୍ରାମର ସପନ ବେହେରା (୨୧) ଏକ ବାଇକ ଯୋଗେ ପୁରୁଣାକଟକ -ଧଳପୁର ପୂର୍ତ୍ତରାସ୍ତାରେ ଧଳପୁର କୌଣସି କାର୍ଯ୍ୟରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଧଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଏକ ଘରକୁ ଧକ୍କା ଦେଇଥିଲା । ଫଳରେ ସପନ ର ମୁଁହ ମୁଣ୍ଡ ରେ ଆଘାତ ହେବା ସହିତ ଏକ ଗୋଡ଼ ଭାଙ୍ଗି ଯାଇ ଗୁରୁତର ହୋଇଥିଲା। ଗୁରୁତର ଅବସ୍ଥାରେ ସପନକୁ ୧୦୮ ଆମ୍ବୁଲାନ୍ସ ଯୋଗେ ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ବୌଦ୍ଧ ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

## କଉଡ଼ିଆମୁଣ୍ଡାରେ ଚକ୍ଷୁ ଚିକିତ୍ସା ଶିବିର

**ବିନିକା, ୬।୧(ସମିସ):** ବିନିକା ବ୍ଲକ କୌଡ଼ିଆମୁଣ୍ଡା ଗ୍ରାମ ଭାଗବତ ମଣ୍ଡପ ଠାରେ ହେଲ୍ପ ଟୁ ଅଦର୍ଶ ବିନିକା ଓ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲିର ମିଳିତ ସହଯୋଗରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଆଖ ପାଖ ଗ୍ରାମର ୬୫ ଜଣଙ୍କ ଆଖି ପରୀକ୍ଷା କରାଯାଇଥିଲା। ସେଥି ମଧ୍ୟରୁ ୧୫ ଜଣଙ୍କ ଆଖି ଅପରେସନ ପାଇଁ ପଣ୍ଡାପାଲି ମହାନଦୀ ନେତ୍ର ଚିକିତ୍ସାଳୟକୁ ପଠାଯାଇଛି। ସୂଚନା ଯୋଗ୍ୟ ଯେ ଏପର୍ଯ୍ୟନ୍ତ ବିନିକା ବ୍ଲକର ୧୦ଟି ପଞ୍ଚାୟତରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର କରାଯାଇ ପ୍ରାୟ ୧୦୦୦ରୁ ଅଧିକ ରୋଗୀଙ୍କ ଚକ୍ଷୁ ପରୀକ୍ଷଣ କରାଯାଇଛି। ଆଗାମୀ ଦିନରେ ବ୍ଲକର ଆଉ ୬ଟି ପଞ୍ଚାୟତରେ ଏହି ଶିବିର ଆୟୋଜନ କରାଯିବ ଓ ଲୋକଙ୍କୁ ସେବା ଯୋଗାଇ ଦିଆଯିବ ବୋଲି ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲ୍ପ ଟୁ ଅଦର୍ଶର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ସେହିପରି ଗାଁ ମାନଙ୍କରେ ଯେଉଁ ବୃଦ୍ଧ ବୃଦ୍ଧା ମାନେ ଆଖି ପରୀକ୍ଷା ଚିକିତ୍ସା ପାଇପାରୁ ନାହାନ୍ତି ସେମାନଙ୍କର ମଧ୍ୟ ଆଖି ପରୀକ୍ଷା କରାଯାଇ ଉତ୍ତମ ଚିକିତ୍ସା ପାଇଁ ଗ୍ରାମ ଗୁଡିକରେ ଏହି ଶିବିର ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି।

## ହରଭଙ୍ଗା ବ୍ଲକ୍ ଡ୍ରାଇଭର ମହାସଂଘର ଆନ୍ଦୋଳନ



**ହରଭଙ୍ଗା, ୬।୧(ସମିସ):** ସାରା ଭାରତ ବର୍ଷ ରେ ଡ୍ରାଇଭର ମହାସଂଘ ଷ୍ଟିୟରିଙ୍ଗ ଛାଡ଼ ଆନ୍ଦୋଳନକୁ ଓହ୍ଲାଇଛି। ଧର୍ମଘଟର ତୃତୀୟ ଦିନରେ ପହଂଚିଥିବା ବେଳେ "ଡ୍ରାଇଭର ଏକତା ଜିନ୍ଦାବାଦ" ଜୟ ଜଗନ୍ନାଥ ନାରାବାଜି ଦେଇଥିଲେ। ଆଗାମୀ ଦିନରେ କେନ୍ଦ୍ର ସରକାର କଳା ଆଇନ ନ ଉଠାଇବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘ ର ସଭାପତି ସୂଚନା ଦେଇଛନ୍ତି। ଅନ୍ୟ ପଟେ ଡ୍ରାଇଭର ଆନ୍ଦୋଳନ ହେଉଥିବାରୁ ହରଭଙ୍ଗା ବ୍ଲକର ପ୍ରତ୍ୟେକ ଧାନ ମଣ୍ଡି ରୁ ଧାନ ଉଠି ନ ପାରିବାରୁ ସବୁ ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ପଡ଼ି ରହିଛି। ଫଳରେ ଚାଷୀ ହଇରାଣ ହରକତ ହେଉଛି।

## ଧଳପୁର ଶିଶୁ ମନ୍ଦିରର ବାର୍ଷିକ ଖେଳକୁଦ ପ୍ରତିଯୋଗିତା

**ହରଭଙ୍ଗା/ଚାରିଛକ, ୬।୧(ସମିସ):** ପୌଷ କୃଷ୍ଣ ନବମୀ ତିଥି ଦିନ ହରଭଙ୍ଗା ବ୍ଲକ୍ ଧଳପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ସପ୍ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବର ମୁଖ୍ୟଅତିଥି ଭାବେ ଧଳପୁର ଇଣ୍ଡିଆନ ବ୍ୟାଙ୍କ ମ୍ୟାନେଜର ସୁରଜିତ ବାରା ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଶିଶୁମନ୍ଦିରର ଅବସରପ୍ରାପ୍ତ ସଭାପତି ପବିତ୍ର ମୋହନ ଭୋକ୍ତା ଯୋଗଦେଇଥିଲେ। ସେହିପରି ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଧଳପୁର ସରପଞ୍ଚ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଆର୍‌ଏନ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ କୈଳାସ ପ୍ରଧାନ ଯୋଗଦେଇଥିଲେ। ଅତିଥି ପରିଚୟ ସ୍ୱୟମ୍ବର ଦନ୍ତା ଦେଇଥିବା ବେଳେ ଧନ୍ୟବାଦ୍ ଅର୍ପଣ ଭରତ କୁମାର ପ୍ରଧାନ କରିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉକ୍ତ ଉତ୍ସବରେ ଶିଶୁ ମନ୍ଦିର ର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ। ଖେଳ ପରିଚାଳନାରେ ହାଇସ୍କୁଲର ଖେଳ ଶିକ୍ଷକ ଶ୍ରୀକାନ୍ତ ନାୟକ ଓ ଶିଶୁ ମନ୍ଦିରର ଖେଳ ଶିକ୍ଷକ ଉମେଶ ପାତ୍ର ସହଯୋଗ କରିଥିଲେ।

## ବ୍ଲକ୍‌ସ୍ତରୀୟ ପ୍ରଧାନ ଶିକ୍ଷକଙ୍କ ସମୀକ୍ଷା ବୈଠକ

**ହରଭଙ୍ଗା, ୬।୧(ସମିସ) :** ହରଭଙ୍ଗା ବ୍ଲକ ଚାରିଛକ ପଞ୍ଚାୟତ ହାଇସ୍କୁଲ ପଡିଆଠାରେ ବ୍ଲକ ସ୍ତରୀୟ ପ୍ରଧାନ ଶିକ୍ଷକମାନଙ୍କ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମୀକ୍ଷା ବୈଠକ କୁ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ଲୁହା ଉଦ୍‌ଘାଟନ କରିଥିଲେ । ବୈଠକରେ ବିଦ୍ୟାଳୟର ସାମଗ୍ରୀକ ଉନ୍ନତି ପାଇଁ ଶୈକ୍ଷିକ, ଭୌତିକ ସହ ଶୈକ୍ଷିକ କାର୍ଯ୍ୟକ୍ରମ ଉପରେ ବିଇଓ ମାର୍ଗ ଦର୍ଶନ ଦେଇଥିଲେ। ଏହି ବୈଠକରେ ବି ଆର ସିସି ସତ୍ୟନାରାୟଣ ମିଶ୍ର, ଏବିଓ ଅଖିଳ ପ୍ରଧାନ, ଜୋଶ୍ନା ରାଣୀ ମହାପାତ୍ର,ବାଲ ଗୋପାଲ ସ୍ୱାମୀ, ବିଆରଟି ରଜତ ପ୍ରଧାନ, ସତ୍ୟ ନାରାୟଣ ପୂର୍ଣ୍ଣ ପ୍ରମୁଖ ତାଲିମ ପ୍ରଦାନ କରିଥିବା ବେଳେ ସମୀକ୍ଷା ବୈଠକରେ ବିଭିନ୍ନ ସ୍କୁଲର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ।

# ସୁବର୍ଣ୍ଣ ଲୋକ ମହୋତ୍ସବ ଉଦ୍‌ଘାଟିତ





**ସୋନପୁର, ୬।୧ (ସମିସ)**

ନୃତ୍ୟ ଗୀତର ମହାକୁମ୍ଭ ସୁବର୍ଣ୍ଣ ଲୋକ ମହୋତ୍ସବ ଆରମ୍ଭ ହୋଇଛି। ରାଜ୍ୟ ତଥା ରାଜ୍ୟ ବାହାରର ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଞ୍ଚ ଦିନ ଦୁଲୁକିବ ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ଜିଲ୍ଲାପରିଷଦ ଅଧ୍ୟକ୍ଷା ସୁପାର ଠେଲା, କୃଷି ଅଧୀକ୍ଷଣ ଯନ୍ତ୍ରୀ ପୃଥ୍ୱୀରାଜ ମହାନ୍ତି ପ୍ରମୁଖ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ଜିଲ୍ଲାପାଳ ବିମଳେନ୍ଦୁ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ମାନେ ଉତ୍ସବ କମିଟି ତଥା ଜନସାଧାରଣଙ୍କ ଉତ୍ସାହ ଦେଖି ପ୍ରଶଂସା କରିଥିଲେ। ଆସନ୍ତା ୧୦ ତାରିଖ ଯାଏଁ ପାଞ୍ଚ

**● ପାଞ୍ଚ ଦିନ ଜମିବ ନାଚଗୀତର ଆସର**

ଦିନ ଧରି ଅନୁଷ୍ଠିତ ହେବ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ। ଲୋକ କଳାର ପ୍ରଚାର ପ୍ରସାର ପାଇଁ ସୁବର୍ଣ୍ଣ ଲୋକ ମହୋତ୍ସବ ଆୟୋଜିତ ହେଉଥିବାରୁ ଜିଲ୍ଲାବାସୀ ଖୁବ୍ ଉତ୍ସାହିତ ଅଛନ୍ତି। ପ୍ରଥମ ଦିନରେ ଓଡିଶାର ବଛା ବଛା କଣ୍ଠଶିଳ୍ପୀଙ୍କ ମନଛୁଆଁ ଗୀତରେ ଉପସ୍ଥିତ ହଜାର ହଜାର ଦର୍ଶକ ଖୁବ୍ ଝୁମିଥିଲେ। ଉଲୁଣ୍ଡା ପତର ସଉରା, ଗଞ୍ଜାମର ପଶୁ ନୃତ୍ୟ, ଡୁଙ୍ଗୁରିପାଲିର ମାନ୍ଦଲ ନୃତ୍ୟ ଆଦିରେ ଦୁଲୁକିଲା ମଞ୍ଚ। ଏହା ସହ ପଲ୍ଲିଶ୍ରୀ ମେଳାର ଟେରାକୋଟା ସାମଗ୍ରୀ, ହସ୍ତତନ୍ତ, ବଡି ଆଚାର ପ୍ରଭୃତି ଲୋକେ ଆଦରରେ କିଣୁଥିବା ଦେଖିବାକୁ ମିଳିଥିଲା। ଉତ୍ସବର ଅନ୍ୟ ଦିନରେ କନ୍ଧମାଳ, ରାୟଗଡା, ସମ୍ବଲପୁର, ବରଗଡ, ବଲାଙ୍ଗିର, ସୁନ୍ଦରଗଡ ଜିଲ୍ଲାର ଲୋକ ନୃତ୍ୟ ଦଳ କଳା ପରିବେଷଣ କରିବେ। ଜିଲ୍ଲାର ବଛା ବଛା ସାଂସ୍କୃତିକ ଦଳ ମଧ୍ୟ ନୃତ୍ୟ ଗୀତ ପ୍ରଦର୍ଶନ କରିବେ। ୫ ଦିନ ଧରି ରାମେଶ୍ୱର ନିକଟସ୍ଥ ଷ୍ଟାଡିୟମରେ ପଲ୍ଲିଶ୍ରୀ ମେଳା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ।

## ମାଁ ଦେବୀ ଦୁର୍ଗାଙ୍କ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ମହିଷାସୁର ବରଣ

**ବିନିକା, ୬।୧(ସମିସ):** ବିନିକା ସହରରେ ନୂତନ କରି ପ୍ରତିଷ୍ଠା ହେବାକୁ ଯାଉଥିବା ଜଗତ ଜନନୀ ମାଁ ଦୁର୍ଗାଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ସମାରୋହରେ ଯୋଗଦେବାକୁ ଥିବା ଶ୍ରଦ୍ଧାଳୁ ଭକ୍ତଙ୍କ ମନୋରଞ୍ଜନ ସକାଶେ ମହିଷାସୁର ଦରବାର ଅନୁଷ୍ଠିତ ହେବ। ଏଥିପାଇଁ ଆଜି ଅପରାହ୍ନରେ ପୁରୁଣା ବସ୍‌ଷ୍ଟାଣ୍ଡ ଦୁର୍ଗାପୂଜା କମିଟି ତରଫରୁ ମହିଷାସୁର ବରଣ କାର୍ଯ୍ୟକ୍ରମ ବେଶ ଉତ୍ସାହ ଉଦ୍ଦୀପନା ମଧ୍ୟରେ ସମ୍ପନ୍ନ ହୋଇଛି। ସୂଚନା ଯୋଗ୍ୟ ଯେ ବିନିକା ସହର ମଧ୍ୟମ ସ୍ଥଳ ପୁରୁଣା ବସଷ୍ଟାଣ୍ଡ ପରିସରରେ ଦୀର୍ଘ ୫୨ବର୍ଷ ଧରି ମାଁ ଶକ୍ତିରୁପାଙ୍କ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇ ଆସୁଥିଲା। କମିଟି କର୍ମକର୍ତ୍ତା ଓ ଅଞ୍ଚଳ ବାସୀଙ୍କ ସହଯୋଗ କ୍ରମେ ଦେବୀ ଦୁର୍ଗାଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଚଳିତ ମାସ ୧୫ତାରିଖରୁ ୨୪ତାରିଖ ପର୍ଯ୍ୟନ୍ତ ମାଁ ଦେବୀ ଦୁର୍ଗାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଦେବୀଙ୍କ ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହେବାର ଆଶଙ୍କା ରହିଛି। ଆଧ୍ୟାତ୍ମିକ ପରିବେଶକୁ ସରଗରମ କରିବା ସହିତ ଶ୍ରଦ୍ଧାଳୁ ଭକ୍ତଙ୍କ ମନୋରଂଜନ ପାଇଁ ଆଜି ପୂଜା କମିଟି ସଭାପତି ସନ୍ତୋଷ କୁମାର ପଣ୍ଡାଙ୍କ ନେତୃତ୍ୱରେ କମିଟି କର୍ମକର୍ତ୍ତା ଓ ଅଞ୍ଚଳବାସୀ ଏକ ବାଇକ ଶୋଭାଯାତ୍ରାରେ ଗ୍ରାମକୁ ପହଞ୍ଚିଥିଲେ। ସ୍ଥାନୀୟ ଗ୍ରାମ୍ୟ ମଣ୍ଡପ ଠାରେ ଆୟୋଜିତ ବର୍ଣ୍ଣାଢ଼୍ୟ ଉତ୍ସବରେ



ବ୍ରାହ୍ମଣ ମାନଙ୍କ ଦ୍ୱାରା ଶ୍ଳୋକ ପଠନ କରାଯାଇଥିଲା। ପରେ ପୂଜା କମିଟି ତଥା ଅଞ୍ଚଳବାସୀଙ୍କ ତରଫରୁ ସୁନିଲ କୁମାର ପାତ୍ର ମହିଷାସୁର ଭୂମିକାରେ ଅଭିନୟ କରୁଥିବା ଦୁର୍ଦ୍ଦାନ୍ତ ଖଳନାୟକ ତଥା ଅଭିନେତା ଗୋପାଳ ପଣ୍ଡାଙ୍କୁ ଉପଢୌକନ ଦେଇ ବରଣ କରିଥିଲେ। ଏହି ଅବସରରେ ମହିଷାସୁର ପରିବାର ତରଫରୁ ନିମନ୍ତ୍ରଣ ପାଇଁ ଆସିଥିବା ଅତିଥିମାନଙ୍କୁ ଆତିଥ୍ୟ ସତ୍କାର କରାଯାଇଥିଲା।

## ଗଙ୍ଗାଧର ମେହେର ଉଚ୍ଚ ବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ



**ଶଗଡା, ୬।୧ (ସମିସ):** କଣ୍ଟାମାଳ ବ୍ଲକ ଶିମିଳି ପଦର ପଞ୍ଚାୟତ ଅନ୍ତର୍ଗତ ଗବଜୋର୍ ଗ୍ରାମରେ ଥିବା ଗଙ୍ଗାଧର ମେହେର ଉଚ୍ଚ ବିଦ୍ୟାଳୟ ର ୩୫ତମ ସ୍ୱନକ୍ଷତ୍ର ଦିବସ ଆଜି ପାଳିତ ହୋଇ ଯାଇଛି । ଗତକାଲି ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଆଜି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଣ୍ଟାମାଳ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନୋଜ୍ ସେଠୀ, ପ୍ରଧାନଶିକ୍ଷକ ଅର୍ଜୁନ ବସ୍ତିଆ, ଅବସରପ୍ରାପ୍ତ ଶିକ୍ଷକ ସତ୍ୟନାରାୟଣ ଦାସ, କମିଟି ସଭାପତି ମିତ୍ରଭାନୁ ସାହୁ ଓ ସମ୍ପାଦକ ସାର୍ଦ୍ଦୁଳ ନାଗ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବ ପରେ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିବା ବେଳେ କ୍ରୀଡା ପ୍ରତିଯୋଗିତା ରେ ବିଜୟୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟା ଅଧିବେଶନରେ ମୁଖ୍ୟଅତିଥି ଭାବରେ ଜଙ୍ଗଲ, ପରିବେଶ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ବିଧାୟକ ମହିଧର ରଣା, ସମ୍ମାନିତ ଅତିଥି ଭାବରେ ଉପଜିଲ୍ଲାପାଳ ରବୀନ୍ଦ୍ରନାଥ କହଁର, ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି, ଜିଲ୍ଲା ପରିଷଦ ସଭ୍ୟ ସୁମିତ୍ରା ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଓ ମୁଖ୍ୟବକ୍ତା ଭାବରେ ଅଧ୍ୟାପକ ମଦନ ସୁନ୍ଦର କ୍ଷେତୀ ପ୍ରମୁଖ ଯୋଗଦାନ କରିଥିଲେ।

## ରାସ୍ତା ଓ ପିଇବା ପାଣି ସମସ୍ୟାରେ କାଙ୍କେନଜୋର ଗ୍ରାମବାସୀ



**ଶଗଡା, ୬।୧ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଂଚାୟତ ର କାଙ୍ଗେନଜୋର ଗ୍ରାମରେ ୫୦ ପରିବାର ବସବାସ କରନ୍ତି । ପ୍ରତିଦିନ ପିଇବା ପାଣି ପାଇଁ ଗ୍ରାମବାସୀଙ୍କୁ ସଂଘର୍ଷ କରିବାକୁ ପଡେ ଓ ଗ୍ରାମରେ ପିଇବା ପାଣି ପାଇଁ ଉପଯୋଗୀ ନଳକୂପ ମଧ୍ୟ ନାହିଁ । ଫଳରେ ଗ୍ରାମର ମହିଳା ପୁରୁଷମାନେ ଗ୍ରାମରୁ ୧କିଲୋମିଟର ଦୂରରେ ଥିବା ଏକ ନାଳରୁ ପାଣି ଆଣି ରୋଷେଇ କରିବା ସହ ପିଇବା ପାଇଁ ମଧ୍ୟ ବ୍ୟବହାର କରନ୍ତି ଓ ଏପରିକି ଯେଉଠୁ ପାଣି ଆଣିଥାନ୍ତି ସେଠି ମଧ୍ୟ ଗାଧୋଇ ଥାନ୍ତି । ଫଳରେ ଏହି ପାଣି ପିଇ ଅନେକ ଲୋକ ରୋଗାକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି ଓ କେବଳ ଏତିକି ନୁହେ ଗ୍ରାମକୁ ଆସିବାକୁ ହେଲେ ଅବାଡା ଖବଡା ରାସ୍ତା ଦେଇ ଆସିବାକୁ ପଡେ । ରାସ୍ତା ର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ରହିବା ସହ ସ୍ଥାନେ ସ୍ଥାନେ ପଥର ବାହାରି ଥିବା ଫଳରେ ଅନେକ ସମୟ ରେ ଦୁର୍ଘଟଣା ମଧ୍ୟ ହୋଇଥାଏ । ଟିକିଏ ବର୍ଷା ହେଲେ ଗାଡିମଟର ତ ଦୂରର କଥା ଚାଲିକି ଯିବା ମଧ୍ୟ କଷ୍ଟକର ହୁଏ ଓ ଯଦି ଗ୍ରାମର କେହି ରୋଗାକ୍ରାନ୍ତ କି ପ୍ରସବ ଯନ୍ତ୍ରଣା ହୁଏ ତେବେ ଗ୍ରାମବାସୀ ୩କିଲୋମିଟର ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ପଡେ ବୋଲି ଗ୍ରାମବାସୀ କହିଛନ୍ତି । ଉକ୍ତ ସମସ୍ୟାର ସମାଧାନ ପାଇଁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି।

## ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ



**ବୌଦ୍ଧ, ୬।୧(ସମିସ):** ସ୍ଥାନୀୟ ଟାଉନହଲଠାରେ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା ସପ୍ତାହ ଉଦଯାପିତ ହୋଇଯାଇଛି। ଆଞ୍ଚଳିକ ପରିବହନ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଆଞ୍ଚଳିକ ପରିବହନ ଅଧିକାରୀ ବସନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ୟ ଭଞ୍ଜନ ମଦନମୋହନ ପାତ୍ର, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ କୈଳାସ ଚନ୍ଦ୍ର ସେଠୀ, ଟ୍ରକ ମାଲିକ ସଂଘ ସଭାପତି ଶିବ ପ୍ରସାଦ ମିଶ୍ର , ନେହେରୁ ଯୁବ କେନ୍ଦ୍ର ଜିଲ୍ଲା ଯୁବ ଅଧିକାରୀ ନବନୀତ କୁମାର ପ୍ରମୁଖ ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା ଅଧ୍ୟାପକ ପ୍ରବୀର କୁମାର ଦାସ କରିଥିଲେ। ଅତିଥିମାନେ ମୋବାଇଲରେ କଥା ହୋଇ ଗାଡି ନଚଲାଇବାକୁ, ଗାଡି ଚଲାଇଲା ବେଳେ ହେଲମେଟ୍ ପିନ୍ଧିବାକୁ, ଗାଡିର ସିଟ୍ ବେଲଟ ବାନ୍ଧିବାକୁ , ଟ୍ରାଫିକ ନିୟମ ମାନିବାକୁ, ଦ୍ରୁତଗତିରେ ଗାଡି ନଚଲାଇବାକୁ, ମଦ୍ୟପାନ କରି ଗାଡି ନଚଲାଇବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏକ ସଚେତନ ଶୋଭାଯାତ୍ରାରେ ଛାତ୍ରଛାତ୍ରୀ ଏବଂ ସାଧାରଣ ନାଗରିକ ସାମିଲ ହୋଇ ଟାଉନହଲ ପରିସରରୁ ବାହାରି ସହର ପରିକ୍ରମା କରି ପୁଣି ଟାଉନହଲଠାରେ ପହଞ୍ଚିଥିଲେ।

## ଜମଟାଙ୍ଗୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



**ମନମୁଣ୍ଡା, ୬।୧ (ସମିସ):** ବୌଦ୍ଧ ବ୍ଲକ ମନୁପାଲି ପଞ୍ଚାୟତ ଜମଟାଙ୍ଗୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସଦାନନ୍ଦ ମିଶ୍ରଙ୍କ ନେତୃତ୍ୱ ଏବଂ ସହକାରୀ ଶିକ୍ଷକ କୌସ୍ତୁବ ମିଶ୍ର, ମିଳନ ଲେଙ୍କା, ଶିକ୍ଷୟିତ୍ରୀ ସଂଯୁକ୍ତା ଦେହୁରୀ, ସୁନୀତା ପ୍ରଧାନଙ୍କ ସହଯୋଗରେ ଏହା ଅନୁଷ୍ଠିତ ହୋଇଥିଲା। ବାଳକ ଓ ବାଳିକା କନିଷ୍ଠ ଏବଂ ବରିଷ୍ଠ ବିଭାଗରେ ଦୌଡ, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ବସ୍ତା ଦୌଡ, ମ୍ୟୁଜିକ ଚୌକି ଖେଳ, ଚାମୁଚ - ବାଟି ଦୌଡ ଇତ୍ୟାଦି ଅନେକ ପ୍ରତିଯୋଗିତା କରାଯାଇଥିଲା। ମୋଟ ୧୨୦ ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ବାର୍ଷିକ ଉତ୍ସବରେ କୃତି କ୍ରୀଡାବିତ୍‌ମାନଙ୍କୁ ପୁରସ୍କୃତ କରାଯିବ।

### ଗୁଣ୍ଡିଚା ମନ୍ଦିରର ଗଛ କେବେ ସଫା ହେବ?

# ପୁରାତନ ମନ୍ଦିରର ରକ୍ଷଣାବେକ୍ଷଣ ଦାବି

**ସୋନପୁର, ୬।୧ (ସମିସ)**

ମନ୍ଦିର ମାଳିନୀ ସହର ସୁବର୍ଣ୍ଣପୁରରେ ୧୦୮ ଟି ଦେବଦେବୀଙ୍କ ମନ୍ଦିର ଅବସ୍ଥିତ। ତେଣୁ ଏହି ସହରକୁ ଦ୍ୱିତୀୟ ବାରଣାସୀ ବୋଲି କୁହାଯାଏ। ତେବେ ଏଠାରେ ବହୁ ପ୍ରାଚୀନ ତଥା ଐତିହାସିକ ମନ୍ଦିର ରହିଥିବାବେଳେ ଏହି ପୁରାତନ ମନ୍ଦିର ଗୁଡିକର ଠିକ୍ ଭାବେ ରକ୍ଷଣାବେକ୍ଷଣ କରାଯାଉ ନାହିଁ। ଗୁଣ୍ଡିଚା ମନ୍ଦିରର କାନ୍ଥରେ ବହୁ ଗଛଲତା ଉଠିଲାଣି। ଏହି ଗଛ ବର୍ଷେରୁ ଅଧିକ ସମୟ ହେବ ସଫା କରାଯାଉ ନଥିବାରୁ ମନ୍ଦିର ପ୍ରତି ବିପଦ ସୃଷ୍ଟି ହୋଇଛି। ଗଛ ଗୁଡିକ ବଡ ହୋଇ ମନ୍ଦିର ପ୍ରତି ବିପଦ ସୃଷ୍ଟି କରୁଥିବାରୁ ଗୁଣ୍ଡିଚା ମନ୍ଦିରର ଗଛ କେବେ ସଫା କରାଯିବ ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି। ସୋନପୁର ବଡବଜାରଠାରେ ରହିଛି ଗୁଣ୍ଡିଚା ମନ୍ଦିର। ରାଣୀ ଗୁଣ୍ଡିଚା ଦେବୀ ୧୮୩୭ ମସିହାରେ ଏହି ମନ୍ଦିର ନିର୍ମାଣ କରିଥିଲେ। ଏହି ମନ୍ଦିର ପଶ୍ଚିମ ଓଡିଶାର ସବୁଠାରୁ ଉଚ୍ଚତମ ମନ୍ଦିର। ମନ୍ଦିରରେ ନୃସିଂହ ଭଗବାନ ପୂଜା ପାଆନ୍ତି। ମନ୍ଦିରର ନାଟ ମଣ୍ଡପରେ କଳିକତାରୁ ଅଣା ଯାଇଥିବା ଲୁହା ପିଲାର ଲଗାଇ ଖୁବ୍ ଶକ୍ତିଶାଳୀ



ଭାବରେ ନିର୍ମିତ ହୋଇଛି। ଏହି ମନ୍ଦିର ଖୁବ୍ କାରୁକାର୍ଯ୍ୟପୂର୍ଣ୍ଣ ଏବଂ ସୋନପୁର ଗୁଣ୍ଡିଚା ମନ୍ଦିର ସମସ୍ତ ପୂଜା ପାର୍ବଣରେ ଏକ ପ୍ରମୁଖ ଭୂମିକା ନିଭାଉ ଥିଲେ ମଧ୍ୟ ଏହି ମନ୍ଦିରକୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ମନ୍ଦିରର କାନ୍ଥ ସାରା ଗଛ ଭର୍ତ୍ତି ହୋଇ ଗଲାଣି। ମନ୍ଦିରର ଚୂଳ ଯାଏଁ ବିଭିନ୍ନ ସ୍ଥାନର ୧୦ରୁ ଅଧିକ ପିପ୍ପଳ ଗଛ ଉଠିଥିବା ଦେଖାଯାଉଛି। ଏହା କଟା ନଯିବାରୁ ଧିରେ ଧିରେ ବଢି ଚାଲିଛି। କିଛି ଗଛ ଅଣ୍ଟାଏ ପର୍ଯ୍ୟନ୍ତ ଉଚ୍ଚ ହୋଇଥିଲେ ମଧ୍ୟ ଏହି ଗଛ ଉପରେ କାହାରି ନଜର ପଡୁନାହିଁ। ଗଛ ସଫା କରିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଉନାହିଁ। ଶୀଘ୍ର ଗଛ କଟା ନ ଗଲେ ମନ୍ଦିର ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ରଥ ଯାତ୍ରା ସମୟରେ ତିନି ଠାକୁର ଏହି ମନ୍ଦିରକୁ ବିଜେ ହୁଅନ୍ତି। ପ୍ରତିବର୍ଷ ଏହି ମନ୍ଦିରରେ ପ୍ରବଳ ଗହଳି ଲାଗେ। ସହରର ଏଭଳି ଏକ ପ୍ରମୁଖ ମନ୍ଦିରର ମଧ୍ୟ ରକ୍ଷଣାବେକ୍ଷଣର ଅଭାବ ଦେଖାଯାଉଛି । ବର୍ଷ ବର୍ଷ ହେଲା ମନ୍ଦିରରେ ଏଭଳି ଗଛ ଉଠିଛି। ମନ୍ଦିରର ସୁରକ୍ଷା ଦୃଷ୍ଟିରୁ କାନ୍ଥରେ ଉଠିଥିବା ଗଛ ସବୁକୁ ଶୀଘ୍ର ସଫା କରିବା ପାଇଁ ଦାବି ହୋଇଛି।

## ଅଣ ଆନୁଷ୍ଠାନିକ ବ୍ୟବସ୍ଥାରେ ରହିଥିବା ଶିଶୁ ସମାବେଶ

**ବୌଦ୍ଧ, ୬।୧(ସମିସ):** କୌଣସି ପରିସ୍ଥିତିରେ ପାରିବାରିକ ସ୍ନେହ, ସୁରକ୍ଷା, ପୃଷ୍ଟାପୋଷକତାରୁ ବଞ୍ଚିତ ଶିଶୁ ମାନଙ୍କୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱାଇସିଡିଏ ଦ୍ୱାରା ଅନ୍ୟ ପରିବାରରେ ଥଇଥାନ କରାଯାଉଛି। ସ୍ଥାନୀୟ ମହାନଦୀ ବିହାର ପାର୍କସ୍ଥିତ ଗୋଷ୍ଠୀ କେନ୍ଦ୍ରଠାରେ ୱାଇସିଡିଏ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ମିଳିତ ସହଯୋଗରେ ପୃଷ୍ଟପୋଷକତା ତଥା ଅଣଆନୁଷ୍ଠାନିକ ଯତ୍ନ ଓ ସୁରକ୍ଷା ବ୍ୟବସ୍ଥା ଭିତରେ ରହୁଥିବା ଶିଶୁ ତଥା ସେମାନଙ୍କର ଅଭିଭାବକ ଓ ଅଭିଭାବିକାଙ୍କୁ ନେଇ ଏକ ବାର୍ଷିକ ସମାବେଶ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମ ଏହି ଭଳି ଶିଶୁ ମାନଙ୍କୁ ଏଭଳି ଏକ ମଞ୍ଚ ଯୋଗାଇଥିଲା ଯେଉଁ ଥିରେ ଶିଶୁ ମାନେ ପରସ୍ପର ଭିତରେ ମିଳାମିଶା କରିବା ସହ ପରସ୍ପରକୁ ଚିହ୍ନିବା ଓ ଜାଣିବାର ସୁଯୋଗ ପାଇଥିଲେ। ବୌଦ୍ଧ ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱାଇସିଡିଏର ମୁଖ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମେହେର, ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଦମୋଦର ସାହୁ, ସଦସ୍ୟ ରାଜୀବ ନାୟକ, ପୂର୍ବତନ ଅଧ୍ୟକ୍ଷ ସାକ୍ଷୀଗୋପାଳ ପ୍ରଧାନ , ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୋପାଳ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପୂଜାହାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟ ନାରାୟଣ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶିଶୁ ମାନଙ୍କୁ ଉତ୍ସାହିତ କରିବା ସହ ବୌଦ୍ଧ ଜିଲ୍ଲାରେ ପୃଷ୍ଟପୋଷୋକତା ବ୍ୟବସ୍ଥାକୁ କିପରି ଅଧିକରୁ ଅଧିକ ସଂଖ୍ୟାରେ ପରିବାର ଚୟନ କରିବେ ଏବଂ ବିକଳ୍ପ ବ୍ୟବସ୍ଥାକୁ ଅପେକ୍ଷା କରିଥିବା ଶିଶମାନଙ୍କୁ କିପରି ଥଇଥାନ କରାଯାଇ ପାରିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୋମଳମତି ଶିଶୁମାନଙ୍କୁ ୱାଇସିଡିଏ



ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏଲଡବ୍ଲୁବି ତରଫରୁ ଶୀତ ବସ୍ତ୍ର, କମ୍ବଳ ଏବଂ ସ୍କୁଲ ବ୍ୟାଗ ସହିତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସହାୟତାରୁ ଉଇଣ୍ଟର କ୍ୟାପ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଶେଷରେ ଶିଶୁମାନେ ଜିଲ୍ଲା ସଂଗ୍ରହାଳୟ ଏବଂ ବୌଦ୍ଧ ମହୋତ୍ସବ ଉପଭୋଗ କରିବାର ସୁଯୋଗ ପାଇଥିଲେ। ସୁଶାନ୍ତ କୁମାର ଭୋଇ ଏବଂ ଅନ୍ୟାନ୍ୟ ଶିଶୁ ସୁରକ୍ଷା କମିଟିର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ୱାଇସିଡିଏ ପ୍ରୋଗ୍ରାମ ମ୍ୟାନେଜର ସୁଭ୍ରାତା ଜେନା ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ ୱାଇସିଡିଏ ର ପ୍ରୋଗ୍ରାମ ଡାଇରେକ୍ଟର ଅରୁଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଏଆଇ ଭଏସ୍ କ୍ଲୋନିଂ

## ଅନ୍‌ଲାଇନ୍ ଠକେଇର ନୂଆ ହତିଆର

## ଫୋନ୍ ଉଠାଇବା କ୍ଷଣି ଆକାଉଣ୍ଟ ସଫା

ଦେଶରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଅନ୍‌ଲାଇନ୍ ଠକେଇ। ସାଇବର ଅପରାଧିମାନେ ନୂଆ ନୂଆ ତରିକାରେ ଠକେଇ କରୁଛନ୍ତି। ଏହାମଧ୍ୟରୁ ଗୋଟିଏ ହେଉଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ଏଆଇ ଭଏସ୍ କ୍ଲୋନିଂ। ଭାରତରେ ଏବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଦୁରୁପୋଯୋଗ କରି ଭଏସ୍ କ୍ଲୋନିଂ ଜରିଆରେ ଠକେଇ ଘଟଣା ଦ୍ରୁତ ଗତିରେ ବଢ଼ିଚାଲିଛି। ଏଥିରେ ଏଆଇ ସାହାଯ୍ୟରେ ଲୋକଙ୍କ ଭଏସ୍ ବା ସ୍ୱରକୁ କପି କରାଯାଉଛି, ତା'ପରେ ଠକେଇ ହେଉଛି। ଏହା ଏବେ ସାଇବର ଅପରାଧିମାନଙ୍କ ଲାଗି ଏକ ନୂଆ ଅସ୍ତ୍ରରେ ପରିଣତ ହୋଇଛି।

ଏଥିରେ ଅପରାଧିମାନେ ପରିବାରର ଜଣେ ସଦସ୍ୟଙ୍କ ସ୍ୱରକୁ ନକଲ କରି ଫୋନ୍ କଥାବର୍ତ୍ତା କରନ୍ତି ଆଉ ଜରୁରୀକାଳୀନ ବାହାନା ଦେଖାଇ ଅର୍ଥ ମାଗିଥାନ୍ତି ଆଉ ଫୋନ୍ ଉଠାଇବା କ୍ଷଣି ଆକାଉଣ୍ଟ ସଫା ହୋଇଯାଉଛି। କଲ୍‌ରେ ଅପରାଧୀମାନେ ବେଳେବେଳେ ବ୍ୟକ୍ତିଗତ ସୂଚନା ମଧ୍ୟ ମାଗିଥା'ନ୍ତି। ଏଆଇ ଯୋଗୁ ଅପରାଧୀଙ୍କ ପାଇଁ ଭଏସ୍ କ୍ଲୋନ କରିବା ସହଜ ହୋଇଯାଇଛି। ଏହି କାରଣରୁ ଅନଲାଇନ୍ ଠକେଇରେ ବୃଦ୍ଧି ଘଟିଛି। ଏଆଇ ଭଏସ୍ କ୍ଲୋନିଂ ଭଏସ୍ ସିନ୍ଥେସିସ୍ ଏବଂ ଭଏସ୍ ମିମିକ୍ରି ଭାବରେ ମଧ୍ୟ ଜଣାଶୁଣା। ଏହା ହେଉଛି ଏକ ଟେକ୍ନୋଲୋଜି ଯେଉଁଥିରେ ମଣିଷର ସ୍ୱରକୁ ଅନୁକରଣ କରିବା ପାଇଁ ମେସିନ୍ ଲର୍ଣ୍ଣିଂ କିମ୍ବା ଏଆଇ ବ୍ୟବହାର କରାଯାଉଛି। ଏଥିପାଇଁ ସେହି ବ୍ୟକ୍ତିଙ୍କ ଏକ ନିର୍ଦ୍ଦିଷ୍ଟ ପରିମାଣର ଭଏସ୍ ଡାଟା ଆବଶ୍ୟକ। ଏହି ତଥ୍ୟ ଭଏସ୍ ଡାଟା ବିଶ୍ଳେଷଣ କରିବା ଏବଂ ଅନନ୍ୟ ଭୋକାଲ୍ ବୈଶିଷ୍ଟ୍ୟ ଶିଖିବାରେ ଅପରାଧୀମାନେ ବ୍ୟବହାର କରିଥାନ୍ତି।

### କଥାବାର୍ତ୍ତା ଶୈଳୀ

ଜଣଙ୍କର ସ୍ୱରକୁ ଏଆଇ ମାଧ୍ୟମରେ ନକଲ କରାଯାଇପାରେ; କିନ୍ତୁ ତାଙ୍କର କଥାବାର୍ତ୍ତା ଏବଂ ଅନ୍ୟାନ୍ୟ ଶୈଳୀକୁ ନକଲ କରାଯାଇପାରିବ ନାହିଁ। ଏହିପରି କଲ୍‌ଗୁଡିକୁ ଭଲଭାବେ ଶୁଣନ୍ତୁ ଏବଂ ସ୍ଥିର କରନ୍ତୁ ଯେ ଏହା ଏକ ରୋବୋଟିକ୍ କଲ୍ କିମ୍ବା ଏହା ମନୁଷ୍ୟ ଦ୍ୱାରା କରାଯାଇଛି କି ନାହିଁ। କଥାବାର୍ତ୍ତା କରିବାବେଳେ ଶବ୍ଦର ଉଚ୍ଚାରଣରେ ତ୍ରୁଟି କିମ୍ବା ସ୍ୱରରେ ପରିବର୍ତ୍ତନ ହେଉଥିଲେ ତାହା ଭଲ ଭାବେ ଯାଞ୍ଚ କରନ୍ତୁ।





### ଏଆଇ ଭଏସ୍ ସ୍କାମ୍‌କୁ କେମିତି ଏଡ଼ାଇବେ...

#### ନିକଟ ସମ୍ପର୍କୀୟଙ୍କ ନାମ ନେଇ ଆସିଥାଏ ଅଜଣା କଲ୍

ଯଦି ଆପଣ ନିଜର ଜଣେ ଘନିଷ୍ଠ ବ୍ୟକ୍ତିଙ୍କ ସମ୍ପର୍କରେ ଏକ ନୂତନ ନମ୍ବରରୁ କୌଣସି ଅଜଣା କଲ୍ ପାଉଥାନ୍ତି, ତେବେ ସମ୍ପୂର୍ଣ୍ଣ ସତର୍କ ହେବା ଆବଶ୍ୟକ। କଲ୍ ଆସିବାର ସମୟକୁ ମଧ୍ୟ ମନେରଖନ୍ତୁ। ଏଆଇ ମାଧ୍ୟମରେ ସ୍ୱରକୁ କ୍ଲୋନ୍ କରି, ଏହି ଠକମାନେ ଜରୁରିକାଳୀନ ବାହାନା ଦେଖାଇ ଟଙ୍କା ମାଗିଥା'ନ୍ତି। ଯଦିଓ ଏଥିରେ ଅନୁଭବ କରୁଥାନ୍ତି କି ଏହା ଆପଣ ଜାଣିଥିବା ବ୍ୟକ୍ତିଙ୍କ ସ୍ୱର ଏବଂ ସେ ଆପଣଙ୍କୁ ଟଙ୍କା କିମ୍ବା ବ୍ୟକ୍ତିଗତ ସୂଚନା ମାଗୁଛନ୍ତି, ତେବେ ତୁରନ୍ତ ହଁ କୁହନ୍ତୁନାହିଁ। ଆପଣ ସେମାନଙ୍କୁ କିଛି ପ୍ରଶ୍ନ ପଚାରିପାରିବେ ଯାହା କେବଳ ଆପଣ ତୁମେ ଦୁହେଁ ଜାଣିଥିବେ।

### ଟଙ୍କା ଦେବା ପୂର୍ବରୁ ଅଧିକ ସତର୍କ ରୁହନ୍ତୁ

ସାଇବର ଅପରାଧୀମାନେ ସାଧାରଣତଃ ଏପରି ଭାବରେ ଟଙ୍କା ଠକି ନେଇଥାନ୍ତି ଯେ ଏହାକୁ ଫେରି ପାଇବା ବହୁତ କଷ୍ଟକର। ଏପରି ପରିସ୍ଥିତିରେ, ଟଙ୍କା ଦେବା ପୂର୍ବରୁ ଦୁଇଥର ଚିନ୍ତା କରନ୍ତୁ। ଆପଣଙ୍କ ସହିତ ଉପଲବ୍ଧ ନମ୍ବରକୁ କଲ୍ କରନ୍ତୁ ଏବଂ କେବଳ ସେତେବେଳେ ନିଷ୍ପତ୍ତି ନିଅନ୍ତୁ।

---

**ହ୍ୱାଟ୍ସଆପ୍ ୟୁଜର୍ସଙ୍କୁ ଖୁବଶୀଘ୍ର ମିଳିବ ନୂଆ ଫିଚର**

## ଚୟନ କରିପାରିବେ ଇନ୍‌ପୁଟ୍, ଆଉଟପୁଟ୍ ଡିଭାଇସ୍

ହ୍ୱାଟ୍ସଆପ୍ ନିଜ ୱିଣ୍ଡୋଜ୍ ଆପ୍ ପାଇଁ ଏକ ନୂଆ ଫିଚର ଉପରେ କାମ କରୁଛି। ଖୁବଶୀଘ୍ର ଆପଣଙ୍କୁ ୱିଣ୍ଡୋଜ୍ ଆପରେ ଭିଡିଓ ଆଣ୍ଡ ଭଏସ୍‌ର ଏକ ବିକଳ୍ପ ମିଳିବ। ଯାହା ସାହାଯ୍ୟରେ ଆପଣ ଇନ୍‌ପୁଟ ଏବଂ ଆଉଟପୁଟ୍ ଡିଭାଇସ୍ ବାଛିପାରିବେ। ଅର୍ଥାତ ଆପଣ ସ୍ପିକର, ଲ୍ୟାପଟପ ସ୍ପିକର, ହେଡ୍‌ଫୋନ, ଇୟରଫୋନ ଆଦି ମଧ୍ୟରେ ସ୍ୱିଚ୍ କରିପାରିବେ।




ଯଦି ଆପଣଙ୍କ କ୍ୟାମେରା ଲ୍ୟାପଟପ ସହ ସଂଯୁକ୍ତ ଅଛି ତେବେ ତାକୁ ମଧ୍ୟ ଆପଣ ଚେଞ୍ଜ କରିପାରିବେ। ବର୍ତ୍ତମାନ ୱିଣ୍ଡୋଜ୍ ଆପରେ ଏପରି କୌଣସି ସୁବିଧା ନାହିଁ। ୟୁଜର୍ସଙ୍କୁ ଏହି କାମକୁ ସେଟିଂକୁ ଯାଇ କରିବାକୁ ପଡେ।

ଏହି କାମକୁ ସହଜ କରିବା ପାଇଁ କମ୍ପାନୀ ନୂଆ ଅପସନ୍ ଆପ୍ ଭିତରେ ଦେଉଛି। ଏହି ଅପଡେଟ୍ ୱିଣ୍ଡୋଜ୍ ବିଟାର ୨.୨୪୦୧.୦.୦ ଭର୍ଜନରେ ଦେଖାଦେଇଛି। ଆଗାମୀ ସମୟରେ କମ୍ପାନୀ ଏହି ସମସ୍ତଙ୍କ ପାଇଁ ରୋଲଆଉଟ କରିବ। ଇନପୁଟ ଏବଂ ଆଉଟପୁଟ ଡିଭାଇସ ବାଚିବାର ସୁବିଧାରେ ଅଡିଓ ଏବଂ ଭିଡିଓ କଲ କ୍ୱାଲିଟିରେ ମଧ୍ୟ ପରିବର୍ତ୍ତନ ଆସିବ ଏବଂ ଆପଣଙ୍କ ଏକ୍ସପେରିଏନ୍ସ ବଦଳିବ। ହ୍ୱାଟ୍ସଆପ ଚଳିତବର୍ଷ ଆଉଣଙ୍କୁ ୟୁଜରନେମ, ମେଟା ଏଆଇ, ପିନ୍ ଚାଟ୍ସ, ଚାଟ୍ ଫିଲଟର ସମେତ ଅନେକ ନୂଆ ଫିଚର ମିଳିବ। ସବୁଠାରୁ ଖାସ ୟୁଜରନେମ ଫିଚର ରହିବ, ଯାହା ସାହାଯ୍ୟରେ ଆପଣ ଜଣେ ଅନ୍ୟ ଜଣଙ୍କ ବିନା ନମ୍ବରରେ ମଧ୍ୟ କନେକ୍ଟ ହୋଇପାରିବେ। ପ୍ରତ୍ୟେକ ବ୍ୟକ୍ତିର ଏକ ୟୁନିକ ୟୁଜରନେମ ହେବ ଏବଂ ଏହା ସାମ୍ନାପଟ ଲୋକଙ୍କୁ ଚାଟ କରିବାବେଳେ ଦେଖାଯିବ।

---

## ଯୁଦ୍ଧ ଘନଘଟାରେ ବି ଶସ୍ତା ଇଣ୍ଟରନେଟ୍ ସେବା

**ୟୁକ୍ରେନ୍‌ରେ ମାସିକ ଇଣ୍ଟରନେଟ୍ ପ୍ୟାକ୍ ବିଶ୍ୱରେ ସବୁଠୁ କମ୍**

**ୟୁଏଇ ଏବଂ ସାଉଦି ଆରବରେ ସବୁଠାରୁ ମହଙ୍ଗା**

**ତୃତୀୟ ସ୍ଥାନରେ ଭାରତ**

ସାମ୍ପ୍ରତିକ ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି) ମନୁଷ୍ୟ ଜୀବନରେ ବେଶ ଗୁରୁତ୍ୱ ବହନ କରୁଛି। ଆଇଟିରେ ଇଣ୍ଟରନେଟ୍‌ର ବ୍ୟବହାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ଇଣ୍ଟରନେଟ୍ ସେବା ପାଇଁ ନେଟିଜନ୍ସଙ୍କୁ କିଛି ଚାର୍ଜ ଦେବାକୁ ପଡିଥାଏ। ତେବେ ମାସିକ ଆଧାରରେ ହିସାବ କଲେ ଏହି ଇଣ୍ଟରନେଟ୍ ପ୍ୟାକ୍ର ମାସିକ ଚାର୍ଜ ଦୁନିଆର ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ରହିଛି। ତେବେ ସବୁଠାରୁ କୌତୂହଳର ବିଷୟ ହେଉଛି ଯେ, ଯୁଦ୍ଧ ଘନଘଟାରେ ଲିପ୍ତ ଥିବା ଦେଶଗୁଡିକ ବି ଲୋକଙ୍କୁ ଦେଉଛନ୍ତି ସବୁଠାରୁ ଶସ୍ତା ଇଣ୍ଟରନେଟ୍ ପ୍ୟାକ୍। ଏଥିରେ ୟୁକ୍ରେନ୍ ବିଶ୍ୱରେ ଶୀର୍ଷରେ ରହିଛି। ୟୁକ୍ରେନ୍‌ରେ ମାସିକ ଇଣ୍ଟରନେଟ୍ ପ୍ୟାକ୍ ବିଶ୍ୱରେ ସବୁଠୁ କମ୍। ଏହାପଛକୁ ରୁଷ ରହିଛି। ଏ କ୍ଷେତ୍ରରେ ଭାରତର ସ୍ଥାନ ତୃତୀୟ। ୟୁଏଇ ଏବଂ ସାଉଦି ଆରବରେ ମାସିକ ଇଣ୍ଟରନେଟ୍ ପ୍ୟାକ୍ ବିଶ୍ୱରେ ସବୁଠାରୁ ଅଧିକ ରହିଛି।

ଦୀର୍ଘ ଦିନ ହେବ ଯୁଦ୍ଧରେ ଲିପ୍ତ ଥିଲେ ମଧ୍ୟ ଲୋକଙ୍କୁ ସ୍ୱଳ୍ପ ମୂଲ୍ୟରେ ଇଣ୍ଟରନେଟ୍ ସେବା ଯୋଗାଇବାରେ ୟୁକ୍ରେନ ଏବଂ ରୁଷ ବିଶ୍ୱରେ ଶୀର୍ଷରେ ରହିଛନ୍ତି। ଭାରତ ତୃତୀୟ ସ୍ଥାନରେ ରହିଛି। ଏକ ମାସ ପାଇଁ ୟୁକ୍ରେନରେ ଇଣ୍ଟରନେଟ୍ ସେବା ମାସିକ ୫.୮୬ ଡଲାର(ଭାରତୀୟ ମୁଦ୍ରାରେ ୪୮୭ ଟଙ୍କା) ରହିଛି। ରୁଷରେ ଏହା୬ ଡଲାର (୪୯୮ ଟଙ୍କା)। ଯେତେବେଳେ କି ଭାରତରେ ୬୦ ଏମ୍‌ବିପିଏସ୍ କିମ୍ବା ଅଧିକ ବେଗରେ ଇଣ୍ଟରନେଟ୍ ସେବା ପାଇଁ ଆପଣଙ୍କୁ ପ୍ରତି ମାସରେ ୮ ଡଲାର୍ (ଭାରତୀୟ ମୁଦ୍ରାରେ ୬୯୨ ଟଙ୍କା) ଖର୍ଚ୍ଚ କରିବାକୁ ପଡିବ। ଅନ୍ୟପକ୍ଷରେ, ଦୁନିଆର ସବୁଠାରୁ ଦାମୀ ଇଣ୍ଟରନେଟ୍ ସେବା ୟୁଏଇରେ ରହିଛି। ସେଠାରେ ପ୍ରତି ମାସରେ ଇଣ୍ଟରନେଟ୍ ସେବା ପାଇବା ପାଇଁ ୮୪୯୪ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ଏହା ବ୍ୟତୀତ ସାଉଦି ଆରବ, ଆମେରିକା, କାନାଡା, ଅଷ୍ଟ୍ରେଲିଆ, ନରୱେ, ଜର୍ମାନୀ ଏବଂ ଦକ୍ଷିଣ ଆଫ୍ରିକାରେ ଇଣ୍ଟରନେଟ୍ ସେବା ଢ଼େର ମହଙ୍ଗା। ବିଶ୍ୱର ନାମୀ କଷ୍ଟ ଅଫ୍ ଲିଭିଂ ଡାଟାବେସ୍ ନବ୍‌ବିଓର ରିପୋର୍ଟ ଅନୁଯାୟୀ, ୟୁକ୍ରେନ, ରୁଷ ଏବଂ ଭାରତ ପରେ ରୋମାନିଆରେ ମାସିକ ଇଣ୍ଟରନେଟ୍ ପ୍ୟାକ୍ ଶସ୍ତା ରହିଛି। ସେଠାରେ ଏକ ମାସ ପାଇଁ ଇଣ୍ଟରନେଟ୍ ସେବା ଉପଭୋଗ କରିବାକୁ ଆପଣଙ୍କୁ ୯.୧୭ ଡଲାର ବା ୭୬ ଟଙ୍କା ଦେବାକୁ ପଡିବ। ସେହିପରି ଭିଏତନାମରେ ମାସିକ ଇଣ୍ଟରନେଟ୍ ଚାର୍ଜ ୯.୭୮ ଡଲାର, ତୁର୍କୀରେ ଏହା ୯.୮୫ ଡଲାର, ନେପାଳରେ ୧୦.୦୧ ଡଲାର, ଇରାନ ୧୦.୩୪ ଡଲାର, ବେଲା ରୁଷରେ ୧୦.୪୯ ଡଲାର ଏବଂ ଇଜିପ୍ଟରେ ଏହା ୧୦.୮୮ ଡଲାର ରହିଛି। ଶ୍ରୀଲଙ୍କାରେ ଏକ ମାସ ପାଇଁ ଇଣ୍ଟରନେଟ୍ ବ୍ୟବହାର କରିବାକୁ ହେଲେ ଆପଣଙ୍କୁ ୧୨.୧୨ ଡଲାର, ଚାଇନାରେ ୧୨.୩୯ ଡଲାର, କାଜାଖସ୍ତାନରେ ୧୨.୪୩ ଡଲାର, ବୁଲଗେରିଆରେ ୧୩.୧୨ ଏବଂ ପାକିସ୍ତାନରେ ୧୪.୬୮ ଡଲାର ଦେବାକୁ ପଡିବ। ଆହୁରିମଧ୍ୟ ଏଥିପାଇଁ ଆପଣଙ୍କୁ ଆର୍ଜେଣ୍ଟିନାରେ ୧୮.୫୯ ଡଲାର ଏବଂ ବାଂଲାଦେଶରେ ୧୮.୯୦ ଡଲାର ଖର୍ଚ୍ଚ କରିବାକୁ ପଡିବ। ୟୁଏଇ ଏବଂ ସାଉଦି ଆରବ ପରେ ମାସିକ ଇଣ୍ଟରନେଟ୍ ପ୍ୟାକ୍ ଆମେରିକାରେ ୭୪.୧୨ ଡଲାର, କାନାଡାରେ ୬୫.୩୫ ଡଲାର, ଅଷ୍ଟ୍ରେଲିଆରେ ୫୯.୪୨ ଡଲାର ଏବଂ ବ୍ରିଟେନରେ ଏହା ୩୮.୩୮ ଡଲାର ରହିଛି।



---

**କାର୍ ରିଭ୍ୟୁ**

## ଟାଟା ପଞ୍ଚ୍ ଇଭି

ଟାଟା ମୋଟର୍ସ ପକ୍ଷରୁ ଦେଶର ପ୍ରଥମ କ୍ଷୁଦ୍ର ଇଲେକ୍ଟ୍ରିକ୍ ଏସ୍‌ୟୁଭି ଟାଟା ପଞ୍ଚ୍ ଇଭି ଉନ୍ମୋଚନ କରାଯାଇଛି। ସମ୍ପୂର୍ଣ୍ଣ ଚାର୍ଜରେ ଏହି କାର ୩୦୦-୪୦୦ କିଲୋମିଟର ଯିବ। ତେବେ ଏହାର ମାଇଲେଜ୍ ବ୍ୟାଟେରୀ ପ୍ୟାକ୍ ଉପରେ ନିର୍ଭର କରିବ। ଟାଟା ପଞ୍ଚ୍ ଇଭିର ବଜାର ମୂଲ୍ୟ ୧୦-୧୩ ଲକ୍ଷ ଟଙ୍କା। ଶୁକ୍ରବାରଠାରୁ ଏହି ଇଭିର ବୁକିଂ ଆରମ୍ଭ ହୋଇଛି। ୨୧,୦୦୦ ଟଙ୍କା ଦେଇ ଏହାକୁ ବୁକ୍ କରାଯାଇପାରିବ। ଟାଟା ପଞ୍ଚ୍ ଇଭି ସାଇଟ୍ରୋନ୍ ଇସିଏସ୍ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବ। ପଞ୍ଚ୍ ଇଭି ହେଉଛି ଭାରତର ସବୁଠାରୁ ଛୋଟ ଇଲେକ୍ଟ୍ରିକ୍ ଏସ୍‌ୟୁଭି। ଟାଟା ପୋର୍ଟଫୋଲିଓରେ ଏହା ଚତୁର୍ଥ ଅଲ-ଇଲେକ୍ଟ୍ରିକ୍ କାର୍। ନେକ୍ସନ୍ ପରେ ଏହା ମଧ୍ୟ ଟାଟାର ଦ୍ୱିତୀୟ ଇଲେକ୍ଟ୍ରିକ୍ ଏସ୍‌ୟୁଭି। ଏହା ହେଉଛି ଟାଟାର ପ୍ରଥମ ମଡେଲ୍ ଯାହା ଜେନେରେସନ୍ ୨ ଇଭି ସ୍ଥାପତ୍ୟ ଉପରେ ବିକଶିତ ହୋଇଛି। ଟାଟା ପଞ୍ଚ୍ ଇଭି ଦୁଇ ପ୍ରକାର ଷ୍ଟାଣ୍ଡାର୍ଡ ଏବଂ ଲଙ୍ଗ ରେଞ୍ଜରେ ବଜାରକୁ ଆସିଛି। ଷ୍ଟାଣ୍ଡାର୍ଡରେ ୨୫ କେଡବ୍ଲ୍ୟୁଏଚ୍ ବ୍ୟାଟେରୀ ପ୍ୟାକ୍ ଏବଂ ଲଙ୍ଗ ରେଞ୍ଜରେ ୩୫କେଡବ୍ଲ୍ୟୁଏଚ୍ ବ୍ୟାଟେରୀ ପ୍ୟାକ୍ ରହିବ ବୋଲି ଆଶା କରାଯାଉଛି। ଷ୍ଟାଣ୍ଡାର୍ଡରେ କେବଳ ୩.୩ କେଡବ୍ଲ୍ୟୁ ଏସି ଚାର୍ଜର ଉପଲବ୍ଧ ଥିବାବେଳେ ଲଙ୍ଗ ରେଞ୍ଜରେ ୭.୨ କେଡବ୍ଲ୍ୟୁ ଏସି ଚାର୍ଜର ସହିତ ୧୫୦ କେଡବ୍ଲ୍ୟୁ ଡିସି ଫାଷ୍ଟ ଚାର୍ଜିଂ ସହିତ ଆସୁଛି। ଷ୍ଟାଣ୍ଡାର୍ଡ ପଞ୍ଚ୍ ଇଭି ୫ ଟି ଟ୍ରିମ୍ସରେ ଉପଲବ୍ଧ। ତାହା ହେଉଛି ସ୍ମାର୍ଟ, ସ୍ମାର୍ଟ ପ୍ଲସ୍, ଆଡଭେଞ୍ଚର, ଏମ୍ପାୱାରଡ ଏବଂ ଏମ୍ପାୱାରଡ ପ୍ଲସ୍। ଏହା ୫ ଡୁଆଲ୍-ଟୋନ୍ କଲର ବିକଳ୍ପରେ ଉପଲବ୍ଧ।




### କେତେକ ବୈଶିଷ୍ଟ୍ୟ...

ପଞ୍ଚ୍ ଇଭି ଡ୍ୟାସବୋର୍ଡର ମୁଖ୍ୟ ଆକର୍ଷଣ ହେଉଛି ନୂତନ ୧୦.୨୫-ଇଞ୍ଚ ଇନଫୋଟେନ୍‌ମେଣ୍ଟ ସ୍କ୍ରିନ୍। ଏଥିରେ ୧୦.୨୫ ଇଞ୍ଚ୍‌ର ଇନ୍‌ଷ୍ଟ୍ରୁମେଣ୍ଟ କ୍ଲଷ୍ଟର ଏବଂ ଏକ ବଡ଼ ଦୁଇ-ସ୍ପୋକ୍ ବିଶିଷ୍ଟ ଷ୍ଟିଅରିଂ ହ୍ୱିଲ୍ ରହିଛି। ତଥାପି, ଲୋୟର ଭାରିଆଣ୍ଟରେ ୭.୦-ଇଞ୍ଚ ଇନଫୋଟେଡ୍‌ମେଣ୍ଟ ସ୍କ୍ରିନ୍ ଏବଂ ଡିଜିଟାଲ୍ କ୍ଲଷ୍ଟର ରହିବ। ନେକ୍ସନ୍ ଇଭିରେ ମିଳୁଥିବା ରୋଟାରୀ ଡ୍ରାଇଭ୍ ଚୟନକର୍ତ୍ତା କେବଳ ଲମ୍ବା ପରିସର ପ୍ରକାରରେ ଉପଲବ୍ଧ ହେବ। ଏହାବ୍ୟତୀତ ପଞ୍ଚ୍ ଇଭିରେ ୩୬୦ ଡ଼ିଗ୍ରୀ କ୍ୟାମେରା, ଚମଡ଼ା ସିଟ୍, ଅଟୋ ହୋଲ୍ଡ ସହିତ ଇଲେକ୍ଟ୍ରୋନିକ୍ ପାର୍କିଂ ବ୍ରେକ୍, ସଂଯୁକ୍ତ କାର୍ ଟେକ୍, ଏକ ୱେରଲେସ୍ ଚାର୍ଜର, ଭେଣ୍ଟିଲେଟେଡ୍ ସାମ୍ନା ସିଟ୍, କ୍ରୁଜ୍ କଣ୍ଟ୍ରୋଲ୍ ଏବଂ ନୂତନ ଆରକେଡ୍.ଭି ଆପ୍ ସୁଟ୍ ରହିଛି। ଏଥିରେ ଏକ ବିକଳ୍ପ ଭାବରେ ସନ୍‌ରୁଫ୍ ମଧ୍ୟ ଉପଲବ୍ଧ। ନିରାପତ୍ତା ପାଇଁ, ଏଥିରେ ୬ ଟି ଏୟାରବ୍ୟାଗ, ଏବିଏସ୍ ଏବଂ ଇଏସ୍‌ସି ରହିବ। ଏହାଛଡା ବ୍ଲାଇଣ୍ଡ ଭିୟୁ ମନିଟର, ସମସ୍ତ ସିଟ୍ ପାଇଁ ତିନି-ପଏଣ୍ଟ ସିଟ୍ ବେଲ୍ଟ, ଇସୋଫିକ୍ସ ମାଉଣ୍ଟ ଏବଂ ଏସ୍‌ଓଏସ୍ ଫଙ୍କସନ୍ ରହୁଛି। ଟାଟା ପଞ୍ଚ୍ ଏହାର ସାମ୍ନାରେ ଏକ ପ୍ରଶସ୍ତ ଏଲ୍‌ଇଡି ଲାଇଟ୍ ବାର୍ ଏବଂ ଏକ ସ୍ପ୍ଲିଟ ହେଡଲ୍ୟାମ୍ପ ସେଟଅପ୍ ରହିଛି। ଏଠାରେ ମୁଖ୍ୟ ହେଡଲ୍ୟାମ୍ପ ନେକ୍ସନ୍ ଇଭି ପରି। ଏହାସହିତ, ପ୍ରଥମ କରି କମ୍ପାନୀ ପଞ୍ଚ୍ ଇଭିର ସାମ୍ନାରେ ଏକ ଚାର୍ଜିଂ ସକେଟ୍ ରଖିଛି।




# କ୍ରିକେଟର କୁନି ବିସ୍ମୟ



ଭାରତୀୟ କ୍ରିକେଟରେ ଆଉ ଜଣେ କୁନି ପ୍ରତିଭାଙ୍କ ଆବିର୍ଭାବ ହୋଇଛି। ସେ ହେଉଛନ୍ତି ବିହାରର ବୈଭବ ସୂର୍ଯ୍ୟବଂଶୀ। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ରଣଜୀ ଟ୍ରଫିରେ ସେ ମୁମ୍ବାଇ ବିପକ୍ଷରେ ପଦାର୍ପଣ କରିଛନ୍ତି। ମାତ୍ର ୧୨ ବର୍ଷ ୨୮୪ ଦିନ ବୟସରେ ରଣଜୀ ଖେଳି ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦ୍ୱିତୀୟ ସର୍ବକନିଷ୍ଠ କ୍ରିକେଟର ଭାବେ ସେ ରଣଜୀ ପଦାର୍ପଣ କରି ରେକର୍ଡ କରିଛନ୍ତି। ପ୍ରଥମ ପାଳିରେ ଓପନିଂ କରି ସେ ୧୯ ରନ ସଂଗ୍ରହ କରି ଆଉଟ ହୋଇଛନ୍ତି। ବୈଭବ ଗତ ଗୋଟିଏ ବର୍ଷରେ ବିଭିନ୍ନ ସ୍ତରରେ ମ୍ୟାଚ୍ ଖେଳି ୪୯ଟି ଶତକ ହାସଲ କରି ନିଜ ଅସାଧାରଣ ପ୍ରତିଭା ଓ ଦକ୍ଷତାର ପ୍ରମାଣ ଦେଇଛନ୍ତି।

## ବୈଭବ ସୂର୍ଯ୍ୟବଂଶୀ

ବିହାର ସମସ୍ତିପୁର ଜିଲ୍ଲା ତାଜପୁରରେ ଜନ୍ମ ଗ୍ରହଣ କରିଥିବା ବୈଭବ ଭାରତୀୟ କ୍ରିକେଟ ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିଛନ୍ତି। ତାଙ୍କ ପୂର୍ବରୁ ଅଲିମୁଦ୍ଦିନ ୧୨ ବର୍ଷ ୨ ମାସ ୧୮ ଦିନରେ ରଣଜୀ ଖେଳି ସର୍ବକନିଷ୍ଠ ଖେଳାଳି ସାବ୍ୟସ୍ତ ହୋଇଥିଲେ। ତେବେ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ୧୫ ବର୍ଷ ୨୩୨ ଦିନରେ ପ୍ରଥମଥର ପାଇଁ ରଣଜୀ ଖେଳିଥିଲେ। ସଚିନଙ୍କଠାରୁ କମ୍ ବୟସରେ ବୈଭବ ରଣଜୀ ପଦାର୍ପଣ କରିଛନ୍ତି।

### ଚାଷୀ ବାପାର ବିସ୍ଫୋରକ ବ୍ୟାଟର୍ ପୁଅ

ବୈଭବଙ୍କ ପିତା ସଞ୍ଜୀବ ସୂର୍ଯ୍ୟବଂଶୀ ଜଣେ ଚାଷୀ। ସେ ଜଣେ କ୍ରିକେଟର ହୁଅନ୍ତୁ ବୋଲି ଆରମ୍ଭରୁ ଅଭିଳାଷ ପୋଷଣ କରିଥିଲେ ପିତା ସଞ୍ଜୀବ। ଜଣେ ଚାଷୀ ହୋଇଥିଲେ ମଧ୍ୟ ବୈଭବଙ୍କୁ ସବୁ ପ୍ରକାର ସହାୟତା କରିବାକୁ ସବୁବେଳେ ପ୍ରସ୍ତୁତ ରହିଆସିଛି। ବୈଭବଙ୍କ ପ୍ରତିଭାରେ ୱାସିମ ଜାଫର ଓ ଭିଭିଏସ୍ ଲକ୍ଷ୍ମଣଙ୍କ ଭଳି ପୂର୍ବତନ କ୍ରିକେଟର ବେଶ୍ ପ୍ରଭାବିତ ହୋଇଥିଲେ ଓ ଭବିଷ୍ୟତରେ ଭଲ ଖେଳି ସେ ବିହାର ପାଇଁ ଗୌରବ ଆଣିଦେଉ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

### ୫ବର୍ଷରୁ ଧରିଥିଲେ ବ୍ୟାଟ୍

ପିଲାଟି ବେଳୁ ସେ କ୍ରିକେଟ ପ୍ରତି ଆକୃଷ୍ଟ ରହିଆସିଥିଲେ। ଆରମ୍ଭରୁ ସେ ଲେଦର ବଲ୍‌ରେ ଅଭ୍ୟାସ କର ଆସୁଛନ୍ତି। ମାତ୍ର ୫ ବର୍ଷ ବୟସରେ ସେ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ୫ମ ଜନ୍ମ ଦିବସରେ ପିତା ତାଙ୍କୁ ଏକ ବ୍ୟାଟ ଉପହାର ଦେଇଥିଲେ। ଦୁଇ ବର୍ଷ ସେ ଘରେ ହିଁ କ୍ରିକେଟ ଖେଳିଥିଲେ। ତାଙ୍କୁ ଯେତେବେଳେ ୭ ବର୍ଷ ହୋଇଥିଲା ପିତା ତାଙ୍କୁ ସମସ୍ତିପୁରର କ୍ରିକେଟ ଏକାଡେମୀ ନେଇଥିଲେ ଖେଳିବା ପାଇଁ। ସେଠାରେ ସେ ୩ ବର୍ଷ ଖେଳିବା ପରେ ତାଙ୍କୁ ପାଟଣାର ସମ୍ପଦଚକସ୍ଥିତ ଏକ୍ସ କ୍ରିକେଟ ଏକାଡେମୀରେ ଭର୍ତ୍ତି କରାଯାଇଥିଲା। ୧୦ ବର୍ଷ ବୟସରେ ସେ ବଡ଼ ବଡ଼ ମ୍ୟାଚ୍ ଖେଳିବା ଆରମ୍ଭ କରିଥିଲେ ଓ ସିନିଅରସ୍ତରରେ କ୍ରିକେଟ ଖେଳି ରନ ସଂଗ୍ରହ କରିଥିଲେ।

### ହାସଲ କରିଛନ୍ତି ୪୯ ଶତକ, ୩ ଦ୍ୱିଶତକ

ବୈଭବ ବାମହାତୀ ବ୍ୟାଟିଂ କରିବା ସହ ବାମହାତୀ ସ୍ପିନ୍ ବୋଲିଂ କରିଥାନ୍ତି। ଗତ ଗୋଟିଏ ବର୍ଷ ମଧ୍ୟରେ ସେ ୪୯ଟି ଶତକ ହାସଲ କରିଛନ୍ତି। ଗତବର୍ଷ ଆନ୍ତଃଜିଲ୍ଲା ଟୁର୍ଣ୍ଣାମେଣ୍ଟ କୁହାଯାଉଥିବା ହେମନ ଟ୍ରଫିର ସୁପର ଲିଗ୍‌ରେ ସେ ସର୍ବାଧିକ ୬୭୦ ରନ ସଂଗ୍ରହ କରିଥିଲେ। ଏଥିରେ ୩ଟି ଲେଖାଏ ଶତକ ଓ ଅର୍ଦ୍ଧଶତକ ସାମିଲ ଥିଲା। ଗତବର୍ଷ ଅକ୍ଟୋବରରେ ୧୯ ବର୍ଷରୁ କମ୍ ବିନୁ ମଙ୍କଡ ଟ୍ରଫି ପାଇଁ ତାଙ୍କର ଚୟନ ହୋଇଥିଲା। ଚଣ୍ଡିଗଡ଼ରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ସେ ୭୮.୬୦ ହାରରେ ବିହାର ପାଇଁ ସର୍ବାଧିକ ୩୯୩ ରନ ସଂଗ୍ରହ କରିଥିଲେ। ଏଥିରେ ଗୋଟିଏ ଶତକ ଓ ୩ଟି ଅର୍ଦ୍ଧଶତକ ସାମିଲ ଥିଲା।

### ଇଂଲଣ୍ଡ, ବାଂଲାଦେଶ ବିପକ୍ଷରେ ଅର୍ଦ୍ଧଶତକ

ଏହାପରେ ତାଙ୍କୁ ସିକେ ନାଯୁଡୁ ଟ୍ରଫି ଖେଳିବା ପାଇଁ ବେଙ୍ଗାଲୁରୁ ପଠାଯାଇଥିଲା। ୧୯ ବର୍ଷରୁ କମ୍ ଚ୍ୟାଲେଞ୍ଜର ଟ୍ରଫି ପାଇଁ ତାଙ୍କର ଚୟନ ହୋଇଥିଲା। ସେଠାରୁ ସେ ଗୁଆହାଟୀ ଯାଇଥିଲେ। ଏହାପରେ ତାଙ୍କୁ ୧୯ ବର୍ଷରୁ କମ୍ ଭାରତୀୟ ଦଳରେ ସାମିଲ କରାଯାଇଥିଲା। ଆନ୍ଧ୍ର ପ୍ରଦେଶରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଚତୁଃରାଷ୍ଟ୍ରୀୟ ସିରିଜର ସେ ଭାରତୀୟ-ବି ଦଳ ତରଫରୁ ଏକ ମ୍ୟାଚ୍‌ରେ ସେ ଇଂଲଣ୍ଡ ବିପକ୍ଷରେ ୫୦ ରନ ସଂଗ୍ରହ କରିଥିଲେ। ବାଂଲାଦେଶ ଭଳି ଅନ୍ୟଦଳ ବିପକ୍ଷରେ ମଧ୍ୟ ସେ ଅର୍ଦ୍ଧଶତକ ହାସଲ କରି ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସେ ୬ଟି ପାଳି ଖେଳି ୧୭୭ ରନ ସଂଗ୍ରହ କରିଥିଲେ। ଏଥିରେ ଦୁଇଟି ଅର୍ଦ୍ଧଶତକ ସାମିଲ ରହିଥିଲା। ଏହାପରେ କୁଚ୍ ବିହାର ଟ୍ରଫି ପାଇଁ ତାଙ୍କୁ ଜାମସେଦପୁର ପଠାଇ ଦିଆଯାଇଥିଲା। ସେଠାରେ ସେ ଶତକ ହାସଲ କରିଥିଲେ। ଫଳରେ ସେ ଆଜି ରଣଜୀ ଟ୍ରଫିରେ ପଦାର୍ପଣ କରିବାର ସୁଯୋଗ ପାଇଛନ୍ତି। ■

# ଭାଷ୍ୟକାର ହେବେ ୱାର୍ଣ୍ଣର



ଘରୋଇ ଅଷ୍ଟ୍ରେଲିଆ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଟେଷ୍ଟ ସିରିଜର ୩ୟ ମ୍ୟାଚ୍ ଶନିବାର ଶେଷ ହୋଇଛି। ଏହି ମ୍ୟାଚକୁ ଅଷ୍ଟ୍ରେଲିଆ ୮ ୱିକେଟ୍‌ରେ ଜିତିବା ସହ ସିରିଜକୁ ୩-୦ରେ ମୂଳପୋଛ କରିନେଇଛି। ଅଭିଜ୍ଞ ଅଷ୍ଟ୍ରେଲିଆ ଖେଳାଳି ଡେଭିଡ୍ ୱାର୍ଣ୍ଣରଙ୍କ ଟେଷ୍ଟ କ୍ୟାରିୟର ଏଥିସହ ଶେଷ ହୋଇଯାଇଛି। ୱାର୍ଣ୍ଣର ନିକଟରେ ଦିନିକିଆ ଓ ଟେଷ୍ଟରୁ ଅବସର ନେବେ ବୋଲି ଘୋଷଣା କରିଥିଲେ। ପାକିସ୍ତାନ ବିପକ୍ଷ ୩ୟ ଟେଷ୍ଟ ଶେଷ ହେବା ସହ ଏହି ବାମହାତୀ ବ୍ୟାଟର୍ ଆଉ ଧଳା ଜର୍ସିରେ ଦେଖିବାକୁ ମିଳିବେ ନାହିଁ। ଟେଷ୍ଟ ଓ ଦିନିକିଆରୁ ଅବସର ନେବାପରେ ୩୭ ବର୍ଷୀୟ ୱାର୍ଣ୍ଣର ଏବେ ନୂଆ ରୂପରେ ଦେଖାଦେବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ, ସେ ଟେଷ୍ଟ ସିରିଜରେ ଭାଷ୍ୟକାର ଭୂମିକା ତୁଲାଇବେ। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚଳିତ ମାସ ଶେଷ ଭାଗରେ ଆରମ୍ଭ ହେବାକୁ ଥିବା ୫ ମ୍ୟାଚ୍‌ବିଶିଷ୍ଟ ବର୍ଡର-ଗାଭାସ୍କର ଟ୍ରଫି ୱାର୍ଣ୍ଣରଙ୍କ ଲାଗି ଭାଷ୍ୟକାର ଭାବେ ପ୍ରଥମ ଟେଷ୍ଟ ସିରିଜ ହେବ। ଏହି ସିରିଜ ଖେଳିବାକୁ ଭାରତ ଗସ୍ତରେ ଅଷ୍ଟ୍ରେଲିଆ କ୍ରିକେଟ୍ ଦଳ ଆସିବ। ଯେଉଁଥିରେ ୱାର୍ଣ୍ଣର ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇବେ ବୋଲି ଜଣାପଡ଼ିଛି। ■

# ରାମଭକ୍ତ କୋହଲି

ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଜଣେ ବଡ଼ ରାମ ଭକ୍ତ। ସଦ୍ୟ ସମାପ୍ତ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଏହା ଦେଖିବାକୁ ମିଳିଛି। ଦକ୍ଷିଣ ଆଫ୍ରିକା ଟସ୍ ଜିତି ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମାତ୍ର ୫୫ ରନରେ ଅଲଆଉଟ ହୋଇଥିଲା। ଘରୋଇ ଦଳର ଷଷ୍ଠ ୱିକେଟର ପତନ ପରେ ଯେତେବେଳେ ସ୍ପିନର ତଥା ଭାରତୀୟ ବଂଶୋଦ୍ଭବ କ୍ରିକେଟର କେଶବ ମହାରାଜ ବ୍ୟାଟିଂ କରିବାକୁ ଆସିଥିଲେ, ସେତେବେଳେ 'ରାମ ସିୟା ରାମ' ଗୀତରେ କେପ୍‌ଟାଉନର ନ୍ୟୁଲାଣ୍ଡ୍ସ ଷ୍ଟାଡିୟମ ଝୁମିଉଠିଥିଲା। ଏହି ସମୟରେ ସ୍ଲିପ୍‌ରେ କ୍ଷେତ୍ରରକ୍ଷଣ କରୁଥିବା କୋହଲି ଭଗବାନ ରାମଙ୍କ ଭଙ୍ଗୀରେ ଧନୁ ଓ ତୀର ଚଳାଇବାର ମୁଦ୍ରା ଆପଣାଇଥିଲେ ଓ ହାତଯୋଡ଼ି ପ୍ରଣାମ କରୁଥିବାରୁ ଦେଖାଯାଇଥିଲା। ଏଥିରୁ ରାମଙ୍କ ପ୍ରତି କୋହଲିଙ୍କ ଭକ୍ତିଭାବ ଓ ସମ୍ମାନର ପ୍ରମାଣ ମିଳିଥିଲା। କିନ୍ତୁ ଏହାପରେ ମହାରାଜ ୧୩ଟି ବଲ୍ ଖେଳି ମାତ୍ର ୩ ରନକରି ପ୍ୟାଭିଲିୟନ ଫେରିଥିଲେ। ମିଡ୍ ୱିକେଟରେ ଯଶପ୍ରୀତ ବୁମ୍‌ରାଙ୍କୁ କ୍ୟାଚ୍ ଦେଇ ସେ ମୁକେଶ କୁମାରଙ୍କ ପ୍ରଥମ ଟେଷ୍ଟ ୱିକେଟ ଭାବେ ଆଉଟ ହୋଇଥିଲେ। ଦେଢ଼ ଦିନ ମଧ୍ୟରେ ଶେଷ ହୋଇଥିବା ଏହି ଟେଷ୍ଟରେ ଭାରତ ୭ ୱିକେଟରେ ବିଜୟୀ ହୋଇ ସିରିଜକୁ ୧-୧ରେ ଅମୀମାଂସିତ ରଖିଥିଲା। ■



# ସୁପରଷ୍ଟାରଙ୍କ ମାଲିକାନାରେ ଆଇଏସ୍‌ପିଏଲ୍



ଭାରତରେ କ୍ରିକେଟ ଖେଳର ଲୋକପ୍ରିୟତା ଅନ୍ୟଖେଳଠାରୁ ବହୁ ଆଗରେ। ଏହି ଖେଳରେ ଫ୍ରାଞ୍ଚାଇଜ୍‌ଭିତ୍ତିକ କ୍ରିକେଟ ବା ଇଣ୍ଡିଆନ ପ୍ରିମିୟର ଲିଗ୍ ଆରମ୍ଭ ହେବା ପରେ ସବୁ ଖେଳ ଏହାକୁ ଗ୍ରହଣ କରିନେଇଛନ୍ତି। ଏବେ ପ୍ରାୟ ସମସ୍ତ ଲୋକପ୍ରିୟ ଖେଳରେ ଫ୍ରାଞ୍ଚାଇଜ୍ ଭିତ୍ତିକ ପେସାଦାର ଲିଗ୍ ଭାରତରେ ଖେଳାଯାଉଛି। ଏହି ଖେଳର ମାଲିକାନା ନେବାକୁ ଭାରତରେ ତାରକା ଏବଂ ଶିଳ୍ପପତିଙ୍କ ବେଶ ଆଗ୍ରହ ରହିଛି। ଏବେ ଟେନିସ ବଲ କ୍ରିକେଟର ଲୋକପ୍ରିୟତା ମଧ୍ୟ ବୃଦ୍ଧି ପାଇଛି। କ୍ରିକେଟ ଅପେକ୍ଷା ଏହି ଖେଳକୁ ଅଧିକ ଯୁବପିଢ଼ି ଓ ବୟସ୍କ ବ୍ୟକ୍ତି ବିଶେଷ ମଧ୍ୟ ଖେଳୁଛନ୍ତି। ଟି-୧୦ ବା ୧୦ ଓଭର ବିଶିଷ୍ଟ ଇଣ୍ଡିଆନ ଟେନିସ ପ୍ରିମିୟର (ଆଇଏସ୍‌ପିଏଲ) ଖେଳ ଏବେ ଭାରତରେ ଆରମ୍ଭ ହେବାକୁ ଯାଉଛି। ଏଥିରେ ୬ଟି ଫ୍ରାଞ୍ଚାଇଜ୍‌ଭିତ୍ତିକ ଦଳ ଅଂଶଗ୍ରହଣ କରିବେ। ଏହି ୬ଟି ଦଳକୁ ଭାରତୀୟ ଚଳଚ୍ଚିତ୍ର ଜଗତର ସୁପରଷ୍ଟାର କବ୍‌ଜା କରିଛନ୍ତି। ସହରଭିତ୍ତିରେ ଦଳର ନାମକରଣ କରାଯାଇଛି। ସୁପରଷ୍ଟାର ଅମିତାଭ ବଚ୍ଚନ ମୁମ୍ବାଇ ଦଳର, ଅକ୍ଷୟ କୁମାର ଶ୍ରୀନଗର ଦଳର, ହିତ୍ରିକ ରୋଶନ ବେଙ୍ଗାଲୁରୁ ଦଳର, ଦକ୍ଷିଣ ସୁପରଷ୍ଟାର ସୁରିଆ ଚେନ୍ନାଇ ଦଳର, ରାମଚରଣ ହାଇଦ୍ରାବାଦ୍ ଦଳର ମାଲିକାନା ନେଇଛନ୍ତି। କରୀନା କପୁର ଓ ସୈଫ ଅଲୀ ଖାନ୍ ବାକିଥିବା କୋଲକାତା ଦର ମାଲିକାନା ପାଇଛନ୍ତି। ଭାରତରେ ଏହି ତାରକା ଫ୍ରାଞ୍ଚାଇଜ୍ ମାଲିକଙ୍କ ଅନେକ କ୍ରେଜ୍ ରହିଛି। ଟେନିସ ବଲ୍‌ରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ମୁମ୍ବଇରେ ମାର୍ଚ୍ଚ ୨ରୁ ୧୯ ତାରିଖଯାଏ ଖେଳାଯିବ। ଏଥିରେ ମୋଟ ୧୯ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହା ପ୍ରକୃତ କ୍ରିକେଟ ଖେଳ ହୋଇ ନ ଥିଲେ ମଧ୍ୟ ତାରକାଖଚିତ ମାଲିକାନାରେ ଏହି ଟୁର୍ଣ୍ଣାମେଣ୍ଟ ରହିଥିବାରୁ କିଛି ଖେଳାଳି ଉପକୃତ ହେବା ନିଶ୍ଚିତ। ଏହା ମଧ୍ୟ କ୍ରିକେଟ ଖେଳିପାରୁ ନ ଥିବା ଖେଳାଳିଙ୍କ ମଧ୍ୟରେ ଲୋକପ୍ରିୟ ହେବ ବୋଲି ନିଃସନ୍ଦେହରେ କୁହାଯାଇପାରେ। ■

# ବଦଳିଲା ଡିଆର୍‌ଏସ୍ ନିୟମ



କ୍ରିକେଟ ଖେଳରେ ବୈଷୟିକ ଜ୍ଞାନର ପ୍ରୟୋଗ ଫଳରେ ଅନେକ ମନୁଷ୍ୟକୃତ ତ୍ରୁଟିରେ ସୁଧାର ଆସିଛି। ଏଥିରୁ ଖେଳାଳି ଓ ଦଳ ଗୁଡିକ ମଧ୍ୟ ଫାଇଦା ନେଉଛନ୍ତି। ଏଭଳି ଫାଇଦାକୁ ଏଡାଇବା ଲାଗି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଡିସିସନ ରିଭ୍ୟୁ ସିଷ୍ଟମ ବା ଡିଆର୍‌ଏସ ନିୟମରେ ପରିବର୍ତ୍ତନ ଆଣିଛନ୍ତି। ପରିବର୍ତ୍ତିତ ନିୟମ ଅନୁଯାୟୀ ଯଦି ୱିକେଟ ରକ୍ଷକ ଷ୍ଟମ୍ପିଂ ଲାଗି ଆବେଦନ କରନ୍ତି ତେବେ କେବଳ ଷ୍ଟମ୍ପିଂ ଲାଗି ନିଷ୍ପତ୍ତି ନିଆଯିବ। ପୂର୍ବରୁ ଏଥିରେ କଟ ବିହାଇଣ୍ଡକୁ ସାମିଲ କରାଯାଉଥିଲା। ଏବେ କଟବିହାଇଣ୍ଡ ଲାଗି ଅଲଗା ଡିଆର୍‌ଏସ୍‌ର ସହାୟତା ନେବାକୁ ହେବ। ଦ୍ୱିତୀୟ ନିୟମ ପରିବର୍ତ୍ତନ ହେଉଛି କନକସନ। ଯଦି ଜଣେ ଖେଳାଳି କନକସନ ନିୟମରେ ପରିବର୍ତ୍ତିତ ହେବାପୂର୍ବରୁ ବୋଲିଂ ଲାଗି ବାସନ୍ଦ ହୋଇଥାନ୍ତି, ତେବେ ବଦଳ ଖେଳାଳି ବୋଲିଂ କରିପାରିବେ ନାହିଁ। ଫଳରେ ଖେଳାଳି ବଦଳ କରିଥିବା ଦଳକୁ ଅଯଥାରେ ଫାଇଦା ମିଳିବ ନାହିଁ। ସେହିପରି ଏବେ ଜଣେ ଖେଳାଳି ଆହତ ହେଲେ ପଡ଼ିଆରେ ଚିକିତ୍ସା ହେଉ କିମ୍ବା ଆହତ ସମସ୍ୟା ଜାଣିବା ଲାଗି ୪ ମିନିଟ୍‌ରୁ ଅଧିକ ସମୟ ନେଇ ହେବ ନାହିଁ। ଯଦି ଖେଳାଳି ଜଣଙ୍କ ଏହି ୪ ମିନିଟ୍‌ରେ ଠିକ୍ ହୋଇ ନପାରନ୍ତି, ତେବେ ସେ ରିଟାୟର୍ଡ ହର୍ଟ ହୋଇ ବାହାରକୁ ଆସିବେ। କିନ୍ତୁ ସେ ଯଦି ଶେଷ ଯୋଡିଭାବେ ବ୍ୟାଟିଂ କରୁଥିବେ ସେ ସମ୍ପର୍କରେ କିଛି କୁହାଯାଇନାହିଁ। ଏହି ପରିବର୍ତ୍ତିତ ନିୟମ ଦଳକୁ ଅଯଥା ଫାଇଦାରୁ ରକ୍ଷା କରିବ ବୋଲି ଆଇସିସି ପକ୍ଷରୁ କୁହାଯାଇଛି। ■

# ରାଜନୀତିରୁ ରାୟୁଡୁଙ୍କ ୟୁ ଟର୍ଣ୍ଣ

ମାତ୍ର ୯ ଦିନ ମଧ୍ୟରେ ଭାରତୀୟ ପୂର୍ବତନ କ୍ରିକେଟର ଅମ୍ବତି ରାୟୁଡୁଙ୍କ ମୋହ ଭଙ୍ଗ ହୋଇଛି। ଗତ ଡିସେମ୍ବର ୨୮ ତାରିଖରେ ସେ ରାଜନୀତିରେ ଯୋଗ ଦେଇଥିଲେ। କିନ୍ତୁ ଏବେ ସେ ରାଜନୀତି ଛାଡିବାକୁ ନିଷ୍ପତ୍ତି ନେଇଛନ୍ତି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀଙ୍କ ଉପସ୍ଥିତିରେ ତାଙ୍କ ବାସଭବନରେ ୩୮ ବର୍ଷୀୟ ରାୟୁଡୁ ୱାଇଏସ୍‌ଆର କଂଗ୍ରେସ୍ ଦଳରେ ଯୋଗ ଦେଇଥିଲେ। କିନ୍ତୁ ଏବେ ସେ ୟୁ ଟର୍ଣ୍ଣ ନେଇଛନ୍ତି। ପାର୍ଟି ଛାଡିବା ସହ ସେ ରାଜନୀତିରୁ ଦୂରେଇ ରହିବାକୁ ମନସ୍ଥ କରିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସ'ରେ ସେ ଏନେଇ ସୂଚନା ଦେଇଛନ୍ତି। ଆଗାମୀ କିଛିଦିନ ମଧ୍ୟରେ ସେ ତାଙ୍କର ଭବିଷ୍ୟତ କାର୍ଯ୍ୟକ୍ରମ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇବେ ବୋଲି ସେ କହିଛନ୍ତି। ଆଗାମୀ ନିର୍ବାଚନରେ ସେ



ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଆଶା କରାଯାଉଥିଲା। ରାଜନୀତିରେ ଯୋଗ ଦେବାର କିଛିଦିନ ପରେ ସେ ରାଜ୍ୟ ସରକାରଙ୍କ କ୍ରୀଡ଼ାଉତ୍ସବ 'ଅଦୁଦାମ ଆନ୍ଧ୍ର'ର ବ୍ରାଣ୍ଡ ଆମ୍ବାସେଡର ନିଯୁକ୍ତ ହୋଇଥିଲେ। ତେବେ ସେ କ'ଣ ପାଇଁ ରାଜନୀତି ଛାଡିଛନ୍ତି ସେ ନେଇ କିଛି କହିନାହାନ୍ତି। ଜଣେ ଉଚ୍ଚକୋଟୀର ମଧ୍ୟକ୍ରମ ବ୍ୟାଟର ଭାବେ ଜଣାଶୁଣା ଥିବା ରାୟୁଡୁ ଭାରତ ପାଇଁ ୫୫ ଦିନିକିଆ ଓ ୬ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନାଇ ସୁପର କିଙ୍ଗ୍‌ସ ତରଫରୁ ଆଇପିଏଲ ଖେଳି ବେଶ୍ ସଫଳତା ଅର୍ଜନ କରିଥିଲେ।

■ ଲାଲବାଗ କୂଳସାହିରେ ଅଭାବନୀୟ ଘଟଣା

# ନାଳରେ ବୁଡ଼ି ଭାଇ-ଭଉଣୀ ମୃତ

**ଦଶରଥପୁର/କୁଆଁଗୋଲା,୬ ।୧(ସମିସ):** ଦଶରଥପୁର ବ୍ଲକ୍ ତଥା ମଙ୍ଗଳପୁର ଥାନା ଅନ୍ତର୍ଗତ ଲାଲବାଗ କୂଳସାହି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ନାଳରେ ବୁଡ଼ି ସମ୍ପର୍କୀୟ ଭାଇ-ଭଉଣୀ ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ, କୂଳସାହି ଗ୍ରାମର ମାନସ ଜେନାଙ୍କ ପୁଅ କାହ୍ନା ଜେନା(୩) ଓ ମିଥୁନ୍ ଜେନାଙ୍କ ଝିଅ ରୁପା ଜେନା (୨) । ସୂଚନା ମୁତାବକ, ଆଜି ଦିନ ପ୍ରାୟ ୧ଟା ବେଳେ ୨ ପରିବାର ରୋଷେଇରେ ବ୍ୟସ୍ତ ଥିବା ବେଳେ ଭାଇ-ଭଉଣୀ ଖେଳୁଖେଳୁ ନିକଟସ୍ଥ ନାଳରେ ପଡ଼ି ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ପରିବାରଲୋକେ ବ୍ୟସ୍ତ ହୋଇ ବିଭିନ୍ନ ଆଡ଼େ ଖୋଜାଖୋଜି କରିଥିଲେ। ଶିଶୁଦ୍ୱୟ ନାଳ ନିକଟରେ ଖେଳୁଥିବା ସ୍ଥାନୀୟ ଜଣେ ମହିଳାଙ୍କଠାରୁ ସୂଚନା ପାଇ ପରିବାରଲୋକ ନାଳରେ ଖୋଜାଖୋଜି କରି ଦୁହିଁଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ପ୍ରଥମେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ମଙ୍ଗଳପୁର ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

■ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

# ପୂର୍ବତନ ଔଷଧ ନିରୀକ୍ଷକଙ୍କୁ ୨ବର୍ଷ ଜେଲ୍

**ବ୍ରହ୍ମପୁର,୬ ।୧(ସମିସ):** ଏକ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାର ବିଚାର କରି ଶନିବାର ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ଡାଃ ଅରୁଣ କୁମାର ସାହୁ ଅଭିଯୁକ୍ତ ତଥା ପୂର୍ବତନ ଔଷଧ ନିରୀକ୍ଷକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀଜଣଙ୍କ ହେଲେ, ଗଞ୍ଜାମ ଜିଲ୍ଲା ଛତ୍ରପୁରର ପୂର୍ବତନ ଔଷଧ ନିରୀକ୍ଷକ ରବିଚନ୍ଦ୍ର ପଣ୍ଡା। ଏହାସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୩ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ରବିଚନ୍ଦ୍ରଙ୍କ ପେନ୍‌ସନ ବନ୍ଦ କରିବାକୁ ସରକାରଙ୍କୁ ସୁପାରିଶ କରାଯିବ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ୨୦୦୭ ମସିହାଠାରୁ ରବିଚନ୍ଦ୍ର ଛତ୍ରପୁରରେ ଔଷଧ ନିରୀକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ନାମରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ନେଇ ଅଭିଯୋଗ ଆସିବାରୁ ଭିଜିଲାନ୍ସ ବିଭାଗ ପକ୍ଷରୁ ରବିଚନ୍ଦ୍ରଙ୍କ କାର୍ଯ୍ୟାଳୟ, ବାସଭବନ ସମେତ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ରବିଚନ୍ଦ୍ରଙ୍କଠାରୁ ୧୬ଲକ୍ଷ ୧୨ହଜାର ୮୮୧ ଟଙ୍କାର ଆୟ ବର୍ହିଭୂତ ସମ୍ପତ୍ତି ଠାବ ହୋଇଥିଲା। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ଏକ ମାମଲା ରୁଜୁ କରି ରବିଚନ୍ଦ୍ରଙ୍କୁ କୋର୍ଟଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

# ପ୍ରଶିକ୍ଷଣ ଶେଷ ପରେ ୪୮ ଜଣ ଦେୱାନୀ ନ୍ୟାୟାଧୀଶଙ୍କ ଶପଥ ଗ୍ରହଣ




**କଟକ,୬ ।୧(ସମିସ):** ବିଚାର ବିଭାଗୀୟ ଅଧିକାରୀମାନେ ସେମାନଙ୍କ ଉତ୍ତରଦାୟିତ୍ୱ ଠିକ୍ ଭାବେ ନିର୍ବାହ କରିବା ଉଚିତ। ବିଚାର ବିଭାଗୀୟ ଅଧିକାରୀ ଭାବେ ଅବସ୍ଥାପିତ ହେବା ଏକ ସାଧାରଣ ବୃତ୍ତି ନୁହେଁ, ବରଂ ଏହା ଜ୍ଞାନ ଆହରଣର ଏକ ନିରବଚ୍ଛିନ୍ନ ପ୍ରକ୍ରିୟା। ବିଚାର ପ୍ରକ୍ରିୟାରେ ସାମିଲ ଥିବା ବେଳେ କେହି ନିଜର ବ୍ୟକ୍ତିଗତ ଜୀବନ କିମ୍ବା ପାରିବାରିକ ସ୍ଥିତି ଦ୍ୱାରା ପ୍ରଭାବିତ ନହେବାକୁ ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଡ. ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଆହ୍ୱାନ ଦେଇଛନ୍ତି। ଆଜି ଜୁଡିସିଆଲ ଏକାଡେମିସ୍ଥିତ ଗତିକୃଷ୍ଣ ମେମୋରିଆଲ ହଲ୍‌ଠାରେ ୨୦୨୧ବ୍ୟାଚ୍‌ର ୪୮ଜଣ ଶିକ୍ଷାନବୀଶ ଦେୱାନୀ ନ୍ୟାୟାଧୀଶ(ସିଭିଲ ଜଜ୍) ଜୁନିଅର ଡିଭିଜନ୍‌ଙ୍କ ପ୍ରଶିକ୍ଷଣର ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଜଷ୍ଟିସ୍ ଷଡ଼ଙ୍ଗୀ ଉଦବୋଧନ ଦେଇ ଏହା କହିଛନ୍ତି। ଏହି ଅବସରରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ଏହି ସିଭିଲ ଜଜ୍‌ମାନଙ୍କୁ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଶପଥ ପାଠ କରାଇଥିଲେ। ଜୁଡିସିଆଲ ଏକାଡେମି ଓ ତାଲିମ କମିଟିର ଅଧ୍ୟକ୍ଷ ତଥା ବିଚାରପତି ଜଷ୍ଟିସ ଦେବବ୍ରତ ଦାଶ ପ୍ରଶିକ୍ଷଣର ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଚାରପତି ଜଷ୍ଟିସ କୃଷ୍ଣରାମ ମହାପାତ୍ର, ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା, ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ଧନ୍ୟବାଦ ପ୍ରଦାନ କରି ନବନିଯୁକ୍ତ ଦେୱାନୀ ନ୍ୟାୟାଧୀଶମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ପ୍ରଶିକ୍ଷଣ ସମାପ୍ତ କରିଥିବା ସିଭିଲ ଜଜ୍‌ମାନଙ୍କୁ, ବ୍ୟାଜ୍, ପ୍ରଶିକ୍ଷଣ ପାଠ୍ୟପୁସ୍ତିକା ଓ ପ୍ରମାଣପତ୍ର ଆଦି ପ୍ରଦାନ କରାଯାଇଥିଲା।

# କୃଷି ଭବନରେ ଖୋଲିବ ‘ଶିଶୁ ପ୍ରଯତ୍ନ ପ୍ରକୋଷ୍ଠ’

**ଭୁବନେଶ୍ୱର,୬ ।୧(ସମିସ):** ରାଜ୍ୟ କୃଷି ଭବନରେ ଖୋଲିବ ଶିଶୁ ପ୍ରଯତ୍ନ ପ୍ରକୋଷ୍ଠ ବା କ୍ରେଚ୍। କୃଷି ଭବନରେ କାର୍ଯ୍ୟରତ କର୍ମଚାରୀଙ୍କ ସୁବିଧା ପାଇଁ ଚଳିତ ବର୍ଷଠାରୁ ଏହି ବ୍ୟବସ୍ଥା କରାଯିବ। କ୍ରେଚ୍ ସୁବିଧା ଚାହୁଁଥିବା କର୍ମଚାରୀମାନେ ଏଠାରେ ଥରେ ପଞ୍ଜୀକରଣ ଫି’ ଦେବା ସହ ମାସିକ ଧାର୍ଯ୍ୟ ଟଙ୍କା ଦେଇ ନିଜର ୬ମାସରୁ ୬ବର୍ଷ ବୟସର ପିଲାମାନଙ୍କୁ ରଖିପାରିବେ।

**କର୍ମଚାରୀଙ୍କୁ ରହିବନି ଶିଶୁଙ୍କ ଦାୟିତ୍ୱ ଚିନ୍ତା**

ଏହି କ୍ରେଚ୍ ସକାଳ ସାଢ଼େ ୯ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲା ରହିବ। ଉକ୍ତ ସମୟରେ ମଧ୍ୟରେ ଅଭିଭାବକମାନେ ନିଜ ପିଲାଙ୍କୁ ଏଠାରେ ରଖିପାରିବେ।

ମହିଳା କର୍ମଚାରୀମାନେ ଛୋଟ ପିଲାଙ୍କୁ ନେଇ କାର୍ଯ୍ୟାଳୟରେ କାମ କରିବା କିମ୍ବା ଏକାକୀ ଘରେ ଛାଡ଼ିବା ସମ୍ଭବପର ନୁହେଁ। ତେଣୁ ସରକାର ପ୍ରଥମେ ଲୋକସେବା ଭବନ ପରିସରରେ କ୍ରେଚ୍ ବ୍ୟବସ୍ଥା ଆରମ୍ଭ କରାଇଥିଲେ। ସେହି କ୍ରମରେ ଖୁବ୍‌ଶୀଘ୍ର ଏହି ସୁବିଧା କୃଷି ଭବନର କର୍ମଚାରୀ ପାଇବେ। ସବୁ କର୍ମଚାରୀ ଯେଭଳି ଏହାର ସୁବିଧା ନେଇପାରିବ, ସେଥିପାଇଁ ବ୍ୟାପକ ସଚେତନତା ପ୍ରତି ଧ୍ୟାନ ଦିଆଯିବ। ତେବେ ଏହି କ୍ରେଚ୍ କେବଳ ସରକାରୀ କର୍ମଚାରୀଙ୍କ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ରହିବ। ସରକାରୀ ଛୁଟିଦିନ ବ୍ୟତୀତ ଅନ୍ୟ ସବୁଦିନ ଏହା ଖୋଲା ରହିବ। ଅଭିଭାବକମାନେ ଯେତେବେଳେ ଚାହିଁବେ କ୍ରେଚ୍‌କୁ ଯାଇ ସେମାନଙ୍କ ପିଲାଙ୍କୁ ଦେଖିବାର ସୁଯୋଗ ଦିଆଯିବ। ତେବେ ସୁରକ୍ଷା ଦୃଷ୍ଟିରୁ ଅଭିଭାବକଙ୍କ ବ୍ୟତୀତ ଅନ୍ୟ କେହି ଏହି କ୍ରେଚ୍ ଭିତରକୁ ପ୍ରବେଶ କରିପାରିବେ ନାହିଁ। ଖୁବ୍‌ଶୀଘ୍ର ବିଭାଗ ପକ୍ଷରୁ ଏହାର ପରିଚାଳନା ପାଇଁ ମାର୍ଗଦର୍ଶିକା ଜାରି କରାଯିବ।

**ଖୋର୍ଦ୍ଧା-ବଲାଙ୍ଗୀର ରେଳପଥରେ ଅଗ୍ରଗତି**

# ଦଶପଲ୍ଲାକୁ ଗଡ଼ିଲା ରେଳ

**ଦଶପଲ୍ଲା,୬ ।୧(ସମିସ):** ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଛି। ନୟାଗଡ଼ ଜିଲ୍ଲା ଦଶପଲ୍ଲାକୁ ଆଜିଠାରୁ ରେଳ ଚଳାଚଳ ଶୁଭାରମ୍ଭ ହୋଇଛି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଛନ୍ତି। ଫଳରେ ଖୋର୍ଦ୍ଧା-ବଲାଙ୍ଗିର ରେଳପଥ ଆଉ ପାଦେ ଅଗ୍ରଗତି କରିଛି। ଏହାସହ



ବହୁପ୍ରତୀକ୍ଷିତ ଦଶପଲ୍ଲା ରେଳ ଷ୍ଟେସନ୍ ମଧ୍ୟ ଲୋକାର୍ପିତ ହୋଇଛି। ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ଏହାର ଲୋକାର୍ପଣ କରିଛନ୍ତି। ଏବେ ଦଶପଲ୍ଲାରୁ ୪ଟି ଟ୍ରେନ୍ ଚଳାଚଳ କରିବ। ୨ଟି ପାସେଞ୍ଜର୍ ଏବଂ ଗୋଟିଏ ଲେଖାଏଁ ଏକ୍ସପ୍ରେସ୍ ଓ ମେମୁ ଦଶପଲ୍ଲାକୁ ନିୟମିତ ରେଳସେବା ଯୋଗାଇଦେବ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଥିଲେ ଯେ ଖୁବ୍‌ଶୀଘ୍ର ବଲାଙ୍ଗିର ପର୍ଯ୍ୟନ୍ତ ରେଳ ଚଳାଚଳ କରିବ, ଏଥିରେ କୌଣସି ବାଧା ଉପୁଜିବ ନାହିଁ। ଅନ୍ୟତମ ଅତିଥି କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତ ନିଜ ସଂସଦୀୟ କ୍ଷେତ୍ର ଦଶପଲ୍ଲାକୁ ରେଳ ସଂଯୋଗ ଏକ ଐତିହାସିକ ଆହ୍ୱାନର ପୂରଣ ହୋଇଛି ବୋଲି କହିଥିଲେ। କନ୍ଧମାଳ ଜିଲ୍ଲାକୁ ରେଳ ସଂଯୋଗ ନିମନ୍ତେ ସେ ଦାବି କରିଥିଲେ। ସ୍ଥାନୀୟ ବିଧାୟକ ରମେଶ ବେହେରା କହିଥିଲେ ଯେ ଦଶପଲ୍ଲା ପାଇଁ ଆଜି ଏକ ସ୍ମରଣୀୟ ଦିବସ। ଏହି ପ୍ରକଳ୍ପରେ ରାଜ୍ୟ ସରକାରଙ୍କ ସହଯୋଗ ଓ ସହଭାଗିତା ଉପରେ ସେ ବିସ୍ତୃତ ବ୍ୟାଖ୍ୟା କରିଥିଲେ। ବିଜେପି ନେତା ସୁକାନ୍ତ ପାଣିଗ୍ରାହୀ, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ମଞ୍ଚାସୀନ ଥିଲେ।

ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ ଅନ୍ତର୍ଗତ ଖୋର୍ଦ୍ଧାରୋଡ୍‌ଠାରୁ ନୂଆଗାଁ ପର୍ଯ୍ୟନ୍ତ ୯୨ କିଲୋମିଟର ଟ୍ରାକ୍‌ରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିବା ବେଳେ ବର୍ତ୍ତମାନ ନୂଆଗାଁ ଷ୍ଟେସନଠାରୁ ଦଶପଲ୍ଲା ଷ୍ଟେସନ ପର୍ଯ୍ୟନ୍ତ ଅଧିକ ପ୍ରାୟ ୧୫ କିଲୋମିଟର ରେଳ ଲାଇନ କାର୍ଯ୍ୟକ୍ଷମ ହୋଇଛି। ସେପଟେ ବଲାଙ୍ଗିରରୁ ସୋନପୁର ବିଚ୍ଛୁପାଲି ପର୍ଯ୍ୟନ୍ତ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିବା ବେଳେ ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ବୌଦ୍ଧ ଜିଲ୍ଲା ପୁରୁଣା କଟକ ପର୍ଯ୍ୟନ୍ତ ଟ୍ରେନ୍ ଗଡ଼ାଇବାକୁ ଲକ୍ଷ୍ୟ ରହିଛି।

# ଶିମିଳିପାଳରେ ୩ ଦିନିଆ କୁମ୍ଭୀର ଗଣନା ଆରମ୍ଭ

**ବାରିପଦା,୬ ।୧(ସମିସ):** ଶିମିଳିପାଳ ଅଭୟାରଣ୍ୟରେ ଶନିବାରଠାରୁ କୁମ୍ଭୀର ଗଣନା ଆରମ୍ଭ ହୋଇଛି। ଜାନୁଆରୀ ୬ ରୁ ୮ ତାରିଖ ପର୍ଯ୍ୟନ୍ତ ଏହି ଗଣନା ପ୍ରକ୍ରିୟା ଜାରି ରହିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। କୁମ୍ଭୀର ଗଣନା ପ୍ରକ୍ରିୟାରେ ଶିମିଳିପାଳ ଅଭୟାରଣ୍ୟ ଓ ଶିମିଳିପାଳ ପାଦଦେଶରେ ଥିବା ନଦୀ ଓ ନାଳଗୁଡ଼ିକରେ କରାଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।



ୱେଷ୍ଟ ଦେଓନଦୀ, ଇଷ୍ଟ ଦେଓନଦୀ, ଖଇରି ନଦୀ, ଖଡ଼ଖାଇ ନଦୀ, ଠକଠକି ନଦୀ, ସାଳନ୍ଦୀ, ଖଡ଼ଖାଇ ନାଳ, ବୁଢ଼ାବଲଙ୍ଗ ନଦୀକୂଳ ଆଦି ସହ ରାମତୀର୍ଥସ୍ଥିତ କୁମ୍ଭୀର ପ୍ରଜନନ କେନ୍ଦ୍ରକୁ ମିଶାଇ ମୋଟ ୨୬ଟି ବିସ୍ତାରିତ ସ୍ଥାନରେ କୁମ୍ଭୀର ଗଣନା ହେଉଛି। ଶିମିଳିପାଳ ଓ ଆଖପାଖ ଅଞ୍ଚଳରେ ଗୋମୁହାଁ ପ୍ରଜାତିର କୁମ୍ଭୀର ଦେଖାଯାଇଥାନ୍ତି। ଉକ୍ତ ଗଣନାରେ ଉତ୍ତର ଶିମିଳିପାଳରେ ୭ଟି ଓ ଦକ୍ଷିଣ ଶିମିଳିପାଳରେ ୯ଟି ରେଞ୍ଜ ସାମିଲ ହୋଇଛି। ପ୍ରତି ରେଞ୍ଜ ପାଇଁ ଗୋଟିଏ ଲେଖାଏଁ ଟିମ୍ କରାଯାଇଛି। ପ୍ରତି ଟିମ୍‌ରେ ରେଞ୍ଜର୍, ଫରେଷ୍ଟର୍ ଓ କର୍ମଚାରୀଙ୍କୁ ନେଇ ୭ଜଣ ଲେଖାଏଁ ରହିବେ। ସମୁଦାୟ ୨୦୦ଜଣରୁ ଊର୍ଦ୍ଧ୍ୱ କର୍ମଚାରୀ ଗଣନା କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ତେବେ ଚଳିତ ବର୍ଷ ଗଣନାରେ କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ପାଇବା ନେଇ ବନ ବିଭାଗ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି। ଏ ନେଇ ବନ କର୍ମଚାରୀଙ୍କୁ ଗଣନା ପୂର୍ବରୁ ବିଶେଷ ଭାବରେ ତାଲିମ୍ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଶିମିଳିପାଳ ଅଭୟାରଣ୍ୟରେ ସମୁଦ୍ର ପତ୍ତନଠାରୁ ସର୍ବୋଚ୍ଚସ୍ତରରେ ମଗର ପ୍ରଜାତିର କୁମ୍ଭୀର ରହିଥାନ୍ତି; ଏହା ଏକ ବିରଳ ଘଟଣା।

## CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB- ODIA

**ବିଭାଗ-କ**

୧. **ଅନୁଚ୍ଛେଦଟି ପଢି ପ୍ରଶ୍ନଗୁଡିକର ଉତ୍ତର ଲେଖ ।** (୨×୫=୧୦)

ସ୍ୱାଧୀନତା ସଂଗ୍ରାମର ଛାତିଥରା କାହାଣୀ ଆଜିର ପିଲାମାନେ ପୁସ୍ତକରୁ ପଢ଼ିଛନ୍ତି , କିନ୍ତୁ ଅଙ୍ଗେ ନିଭେଇ ନାହାଁନ୍ତି । ଆମ ଭାରତ ବର୍ଷକୁ ସ୍ୱାଧୀନ କରିବା ପାଇଁ ସଂଗ୍ରାମୀମାନେ ନିଜର ସୁଖର ସଂସାରକୁ ବିପନ୍ନ କରି କିପରି ଅତୁଳନୀୟ ତ୍ୟାଗ କରିଥିଲେ , ତାହା ଶୁଣିଲେ ସେମାନଙ୍କ ମନରେ ଗର୍ବ ଆସେ । ସେମାନେ ଜାତୀୟତାବାଦୀ ଚେତନାରେ ଉଦବୁଦ୍ଧ ହୋଇ ସଂଗ୍ରାମୀମାନଙ୍କ ଗୁଣଗାନ କରନ୍ତି । ଏହି ଗୁଣଗାନ ସେହି ଦିବଂଗତ ଆତ୍ମା ପ୍ରତି ପ୍ରକୃତ ସମ୍ମାନ ବୋଲି ମନେ କରାଯାଏ । ସମୟର ଡ଼ାକ ମଣିଷକୁ ସାଧାରଣ ତେଲଲୁଣର ସଂସାରରୁ ଉର୍ଦ୍ଧ୍ୱକୁ ନେଇଯାଏ । ସାର୍ବଜନୀନ ରାଷ୍ଟ୍ରୀୟ ଚେତନାର ସ୍ରୋତରେ ନିଜକୁ ଭସାଇ ପାରିଲେ ଜୀବନ ସାର୍ଥକ ହେବ ବୋଲି ସେ ଭାବେ । ଏହି ଭାବନା ହିଁ ବାସ୍ତବ ଦେଶପ୍ରେମ । ଦେଶପ୍ରେମୀ ହେଉଛନ୍ତି ଆମପାଇଁ ଚିରନମସ୍ୟ । ସେମାନେ ଜନନୀ , ଜନ୍ମଭୂମି ପାଇଁ ସର୍ବସ୍ୱ ତ୍ୟାଗ କରିଛନ୍ତି । ଯେଉଁ ସୁଜଳା ସୁଫଳା ଶସ୍ୟଶ୍ୟାମଳା ଜନ୍ମମାଟିର ବକ୍ଷରେ ଆମେ ଆଜି ଖେଳିବୁଲୁଛୁ, ସେ ମାଟିର ସୁରକ୍ଷା ହୋଇପାରିଛି ସେଇ ସଂଗ୍ରାମୀମାନଙ୍କ ରକ୍ତରେ । ସେଇ ରକ୍ତକୁ ମାଟି ମାଆ ବିଜୟର ତିଳକ ଭାବେ ଗ୍ରହଣ କରିଛି । ସେ ଦିନ ଆମ ହାତରେ ନଥିଲା । ଆଜି କିନ୍ତୁ ଅଛି ସେଦିନର ଗୌରବମୟ ଇତିହାସ । ଏହି ଇତିହାସ ଆମ ପାଇଁ ପ୍ରେରଣାର ଉତ୍ସ ହେବା ଉଚିତ୍ ।

କ) କେଉଁ କଥା ପିଲାମାନେ ଅଙ୍ଗେ ନିଭେଇ ନାହାଁନ୍ତି ?
ଖ) ଭାରତବର୍ଷକୁ ସ୍ୱାଧୀନ କରିବା ପାଇଁ ସଂଗ୍ରାମୀମାନେ କ'ଣ କରିଥିଲେ ?
ଗ) କେଉଁଟି ହେଉଛି ଦିବଂଗତ ଆତ୍ମା ପାଇଁ ପ୍ରକୃତ ସମ୍ମାନ ?
ଘ) କ'ଣ କରିପାରିଲେ ଜୀବନ ସାର୍ଥକ ହୋଇପାରିବ ?
ଙ) ଇତିହାସ ଆମ ପାଇଁ କଣ ?

**ବିଭାଗ-ଖ**

୨. **ଯେକୌଣସି ଗୋଟିଏ ରଚନା ଲେଖ ।** (୬×୧=୬)
କ) ଜଳ ପ୍ରଦୂଷଣ ଓ ତା'ର ପ୍ରତିକାର ଖ) ପୁସ୍ତକ ମେଳା ଗ) କ୍ରୀଡାର ଉପଯୋଗିତା

୩. **ଯେକୌଣସି ଗୋଟିଏ ଲେଖ ।** (୬×୧=୬)
କ) "ଶିକ୍ଷାର ଉପଯୋଗିତା" ଶୀର୍ଷକଟିକୁ ସ୍ଥାନୀୟ ଖବରକାଗଜରେ ପ୍ରକାଶିତ କରିବା ପାଇଁ ସମ୍ପାଦକଙ୍କ ନିକଟକୁ ପତ୍ର ।
ଖ) "ଯୋଗର ଆବଶ୍ୟକତା ବିଷୟରେ ଜାଣିବା" ଶୀର୍ଷକଟିକୁ ସ୍ଥାନୀୟ ଖବରକାଗଜରେ ପ୍ରକାଶିତ କରିବା ପାଇଁ ସମ୍ପାଦକଙ୍କ ନିକଟକୁ ପତ୍ର ।

**ବିଭାଗ-ଗ**

୪. **ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ ।**
କ) ବଙ୍ଗଳାଶ୍ରୀ କିମ୍ବା ରାମକେରୀ ଛନ୍ଦ ବିଷୟରେ ଯତିପାତ ଦେଇ ଉଦାହରଣ ସହ ଲେଖ । (୪)
ଖ) ଅଶୁଦ୍ଧି ସଂଶୋଧନ କରି ଲେଖ ।(ଯେକୌଣସି ୨ଟିର) (୨)
ସାହାର୍ଯ୍ୟ , ବିଶ, ମୀନତୀ
ଗ) ରୂଢ଼ିଗୁଡିକ ବ୍ୟବହାର କରି ବାକ୍ୟ ଗଠନ କର । (ଯେକୌଣସି ୨ଟିର) (୨)
ଗୋବର ଗଣେଶ, ବଣ ବିଛୁଆତି , ଅହିନକୁଳ ସମ୍ପର୍କ
ଘ) ନିର୍ଦ୍ଦେଶ ଅନୁସାରେ ବାକ୍ୟ ବଦଳାଇ ଲେଖ (ଯେକୌଣସି ୨ଟିର) (୨)
୧) ଯେତେବେଳେ ବିପଦ ଆସେ , ସେତେବେଳେ ଠକ ବନ୍ଧୁମାନେ ପାଖରୁ ଚାଲିଯାଆନ୍ତି । (ସରଳ ବାକ୍ୟ)
୨) ବାଦଲ ମିଛ କହିବାରୁ ଦଣ୍ଡ ପାଇଲା । (ଜଟିଳ ବାକ୍ୟ)
୩) ଅଜା ଆସିବାରୁ ଆମେମାନେ ବରୁଣେଇ ବୁଲିବାକୁ ଗଲୁ । (ଯୌଗିକ ବାକ୍ୟରେ ପରିଣତ କର)

**ବିଭାଗ-ଘ**

୫. **ଗଦ୍ୟରୁ ଯେକୌଣସି ଗୋଟିଏ ସରଳାର୍ଥ ଲେଖ ।** (୫×୧=୫)
କ) ସେହି ମୋର ମାତା, ଧାତ୍ରୀ ଓ ଶିକ୍ଷୟିତ୍ରୀ ।
ଖ) ଭୋକିଲା ଲୋକଙ୍କ ଦୁଃଖକୁ ନିଜ ଆଖିରେ ଦେଖି ତାଙ୍କ ହୃଦୟ ବିଗଳିତ ହେଲା ।

୬. **ଗଦ୍ୟ ବିଭାଗରୁ ସଂକ୍ଷେପରେ ଯେକୌଣସି ୩ଟିର ଉତ୍ତର ଲେଖ ।** (୨×୩=୬)
କ) ଦେଶଭକ୍ତ ବୋଲି କାହାକୁ କୁହାଯାଇ ପାରିବ ନାହିଁ?
ଖ) ବିବେକାନନ୍ଦଙ୍କର ଅସଲ ଶକ୍ତି କ'ଣ ?
ଗ) କିଭଳି ଲୋକ ଜୀବନ ଯୁଦ୍ଧରେ ଦିଗ୍ ବିଜୟୀ ବୀର ବୋଲି ପରିଚିତ ହୁଏ ?
ଘ) ଭାରତୀୟ ସଭ୍ୟତାର ଆଦର୍ଶ କହିଲେ କଣ ବୁଝ?

୭. **ଗଦ୍ୟ ବିଭାଗରୁ ବନ୍ଧନୀ ମଧ୍ୟରୁ ସଠିକ ଉତ୍ତର ବାଛି ଲେଖ ।** (୧×୧୦=୧୦)
କ) ଜନ୍ମଭୂମିକୁ ଫେରିଯିବାକୁ ଲେଖକଙ୍କ ପାଖରେ କେଉଁ ସାହସ ନାହିଁ ?
୧)ଭୌତିକ ୨)ନୈତିକ ୩)ଜୈବିକ ୪)ଅହେତୁକ
ଖ) କେଉଁ ସୁଖ ପ୍ରକୃତ ସୁଖ ନୁହେଁ ?
୧)ସ୍ୱଳ୍ପ ୨)ବୈଷୟିକ ୩) ସମ୍ୟକ୍ ୪)ତ୍ୟାଗ
ଗ) ଡିନାମାଇଟ୍ ନାମକ ବିସ୍ଫୋରକ ସାହାଯ୍ୟରେ କ'ଣ ବିସ୍ଫୋରଣ କରାଯାଏ ?
୧) ଗଗନ ୨) ପବନ ୩) ଉଦ୍ୟାନ ୪) ଗିରି
ଘ) କାନ୍ତକବିଙ୍କ ପୈତୃକ ଗ୍ରାମର ନାମ କ'ଣ ?
୧)ସୁନାଖେଳା ୨) ଫୁଲନଖରା ୩) ତାଳପଦା ୪)ବାଣପୁର
ଙ) କିଏ ଜଣେ ଆଜୀବନ ଅକର୍ମା ଓ ଅବିବାହିତ ଲୋକ ଥିଲେ?
୧) ସାର ମାଉସୀ ୨)ଗୋବିନ୍ଦା ଭାଇ ୩)ଶ୍ରୀକୃଷ୍ଣ ୪) ଦୀନବନ୍ଧୁ ବାବୁ
ଚ) ଲେଖକ ଗୋଲକ ବିହାରୀ ଧଳଙ୍କର କେଉଁ ପୁସ୍ତକରୁ "ମାତୃଭାଷା ଓ ଲୋକଶିକ୍ଷା" ଆସିଅଛି ?
୧) ଗବନ ୨)ଲଣ୍ଡନ ଚିଠି ୩)ଓଡିଆ କେବେ ୪)ଗୋଦାନ
ଛ) "ସଭ୍ୟତା ଓ ବିଜ୍ଞାନ" ର ଲେଖକଙ୍କ ନାମ କଣ ?
୧) ରାଧାନାଥ ରଥ ୨) ଉପେନ୍ଦ୍ର ଭଞ୍ଜ
୩) ବଂଶୀଧର ସାମନ୍ତରାୟ ୪) ବିଦ୍ୟୁତ ପ୍ରଭା ଦେବୀ
ଜ) ଜନତାର ପ୍ରଥମ ପ୍ରୟୋଜନ କ'ଣ ?
୧) ଶିକ୍ଷା ୨) ମାତୃଭାଷା ୩) ଉତ୍ସାହ ୪) ଆଦର୍ଶ
ଝ) 'ଭୀମାଭୂୟାଁ' ଉପନ୍ୟାସର ରଚୟିତା କିଏ ?
୧) ଗୋପାଳ ବଲ୍ଲଭ ଦାସ ୨) ମନୋଜ ଦାସ ୩) ବୀଣାପାଣି ମହାନ୍ତି ୪) ଗୋପୀନାଥ ମହାନ୍ତି
ଞ) କେଉଁଟି ଗୋପାଳ ଚନ୍ଦ୍ର ପ୍ରହରାଜଙ୍କର ଏକ ଅକ୍ଷୟ କୀର୍ତ୍ତି ?
୧) ଦୁନିଆର ହାଲଚାଲ ୨) ବାଇନାନୀଙ୍କ ବିଲୁଚି
୩) ଭାଗବତ ଟୁଙ୍ଗୀରେ ସନ୍ଧ୍ୟା ୪) ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ

୮. **ପଦ୍ୟରୁ ଯେକୌଣସି ଗୋଟିଏ ସରଳାର୍ଥ ଲେଖ ।** (୫×୧=୫)
କ) ଉତ୍କଳ ଶୂରବର-ଦର୍ପିତ ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା,
ଖ) "ବିସ୍ମଇ ନିଃଶ୍ୱାସ ତେଜି ବରୁଣ ପ୍ରସନ୍ନେ
ବିନାଶନରେ ଶୟନ ସେ ଦର୍ଭଶୟନେ ଯେ ।"

୯. **ପଦ୍ୟ ବିଭାଗରୁ ସଂକ୍ଷେପରେ ଯେକୌଣସି ୩ଟିର ଉତ୍ତର ଲେଖ ।** (୨×୩=୬)
କ) ଅଙ୍ଗଦ ନିକଟକୁ ରାବଣ କି ସନ୍ଦେଶ ପ୍ରେରଣ କରିଥିଲା ?
ଖ) ପୋତପାଳ ମଶାଲ ଜାଳିଛି କାହିଁକି ?
ଗ) ତମସାକୁ ଆଶ୍ରମଧାତ୍ରୀ ବୋଲି କାହିଁକି କୁହାଯାଇଛି ?
ଘ) ସୀତା ଉଷାଙ୍କ ପଦ ବନ୍ଦନା କରି କଣ କହିଲେ ?

୧୦. **ପଦ୍ୟ ବିଭାଗରୁ ବନ୍ଧନୀ ମଧ୍ୟରୁ ସଠିକ ଉତ୍ତର ବାଛି ଲେଖ ।** (୧×୧୦=୧୦)
କ) ଜାନକୀଙ୍କୁ ଦେଖିବା ପାଇଁ କିଏ ଉତ୍କଣ୍ଠିତ ?
୧) ଉଷା ୨) ତାରକା ଗଣ ୩) ଚନ୍ଦ୍ର ୪) ସୂର୍ଯ୍ୟ
ଖ) କାହାକୁ ଛିନ୍ନ କରିବା କଥା କବି କହିଛନ୍ତି ?
୧) ମସ୍ତକ ୨) ରଜ୍ଜୁ ୩) ବନ୍ଧନରାଜି ୪) ରାବଣ
ଗ) ମରଣ ଦୁଆରେ କେଉଁ ଗାନ କରିବା ପାଇଁ କବି କହିଛନ୍ତି?
୧) ଜଣାଣ ୨) ଅମର ୩) ଭଜନ ୪) ଶାସ୍ତ୍ରୀୟ ସଙ୍ଗୀତ
ଘ) ଶ୍ରେଷ୍ଠ କବିମାନେ କାହାର କୀର୍ତ୍ତି ବନ୍ଦନା କରୁଛନ୍ତି ?
୧) ମନ୍ଦିରର ୨) ସମୁଦ୍ରର ୩) ଉତ୍କଳ ଜନନୀର ୪) ତାଳତମାଳ ବୃକ୍ଷରାଜିର
ଙ) ଦୁର୍ଯ୍ୟୋଧନ କେଉଁଠାରେ ଆତ୍ମଗୋପନ କରିଥିଲେ ?
୧) ବ୍ୟାସ ସରୋବରରେ ୨) ସମୁଦ୍ରରେ ୩) ବିନ୍ଦୁ ସାଗରରେ ୪) ଚିଲିକାରେ
ଚ) ଅଙ୍ଗଦ ନିକଟକୁ କିଏ ରାବଣର ବାର୍ତ୍ତା ନେଇ ଆସିଥିଲେ ?
୧) ବିଭୀଷଣ ୨) ବାଳୀ ୩) ବାନରଗଣ ୪) ଶୁକ ସାରଣ
ଛ) ଆମ ମନ ଖୁସି ଲାଗି ହସକଥା କେଉଁଠି ଭରି ରହିଛି ?
୧) ଘରେ ୨) କୁଣିଆ ଘରେ ୩) ନଈ ସମୁଦ୍ରରେ ୪) ଗଛରେ
ଜ) ତରୁଣମାନେ କଣ ଭାଙ୍ଗିଦେବା କଥା କୁହାଯାଇଛି ?
୧) ପାହାଡ ୨) ପର୍ବତ ୩) ତିମିରକାରା ୪)ଗଛଲତା
ଝ) ଉଷାଙ୍କୁ ପ୍ରଶଂସା କରି ସୀତା କଣ କହିଲେ ?
୧) ତୁମେ ପ୍ରଶାନ୍ତ ରୂପ ୨) ତୁମେ ଜାନକୀ ଦର୍ଶନ ତୃଷାର୍ତ୍ତ
୩) ତୁମେ ତିମିର ବିଧ୍ୱଂସୀ ୪) ତୁମେ ବିକଚ ରାଜୀବ ତୃଷା
ଞ) "ମଙ୍ଗଳେ ଅଇଲା ଉଷା" କବିତାଟି କବିଙ୍କର କେଉଁ କାବ୍ୟରୁ ଆସିଅଛି ?
୧) ତପସ୍ୱିନୀ ୨) କୀଚକ ବଧ ୩) ଇନ୍ଦୁମତୀ ୪)ପଦ୍ମିନୀ

୧୧. **ଗଳ୍ପ/ଏକାଙ୍କିକାରୁ ଯେକୌଣସି ୬ଟି ପ୍ରଶ୍ନର ଉତ୍ତର ଲେଖ ।** (୧×୬=୬)
କ) ଚାଉଳ ଭଜାରେ କ'ଣ ପକାଇବାକୁ ପ୍ରୀତି ଭୁଲି ଯାଇଥିଲେ ?
ଖ) ସୂର୍ଯ୍ୟ ମନ୍ଦିର ପ୍ରତିଷ୍ଠା କରିବାକୁ କାହାର ଇଚ୍ଛା ଥିଲା ?
ଗ) କାଠୁରିଆର ଛୁଆମାନେ ପାଠ ନ ପଢ଼ିଲେ କ'ଣ କରିବେ ?
ଘ) ଧରମା କି ମହାନ କାର୍ଯ୍ୟ ସମ୍ପାଦନ କରିଥିଲା ?
ଙ) ଗୋଦାମର କାଠ କଟା କୁରାଡିଟି କେତେ କିଲୋ ଲୁହାରେ ତିଆରି ?
ଚ) କେତେ ଦିନରେ ଯୁଦ୍ଧ ଶେଷ ହେବ ବୋଲି ମନ୍ତ୍ରୀ ରାଜାଙ୍କୁ କହିଥିଲେ?
ଛ) ସମ୍ରାଟ ଅଶୋକ କେଉଁ ଧର୍ମରେ ଦୀକ୍ଷିତ ହୋଇଥିଲେ ?

***** *All the Best...*

**ANSWER KEY**

୭) କ-୨ ଖ-୨ ଗ-୪ ଘ-୩ ଙ-୨ ଚ-୩ ଛ-୩ ଜ-୨ ଝ-୧ ଞ-୪
୧୦) କ-୧ ଖ-୩ ଗ-୨ ଘ-୩ ଙ-୧ ଚ-୪ ଛ-୩ ଜ-୩ ଝ-୩ ଞ-୧

ePaper : sakalaepaper.com Twitter : SakalaNews
News Portal : thesakala.in Instagram : sakalanews
Facebook : SakalaNews Youtube : @SakalaNews

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in

### ବରୋଦା ବିପକ୍ଷରେ ଏକା ଲଢ଼ିଲେ ଗୋବିନ୍ଦ ପୋଦ୍ଦାର

# ପ୍ରଥମ ପାଳିରେ ଓଡ଼ିଶା ୧୭୩ ରନ୍‌ରେ ପଛୁଆ

ଭୁବନେଶ୍ୱର, ୬।୧ (ସମିସ)

ବରୋଦା ବିପକ୍ଷ ରଣଜୀ ମ୍ୟାଚ୍‌ରେ ଓଡ଼ିଶା ନିରାଶା ଜନକ ବ୍ୟାଟିଂ ପ୍ରଦର୍ଶନ କରିଛି। ବରୋଦାର ମୋତିବାଗ ଷ୍ଟାଡିୟମ୍‌ରେ ଚାଲିଥିବା ଏହି ମ୍ୟାଚ୍‌ର ଦ୍ୱିତୀୟ ଦିନରେ ଓଡ଼ିଶା ପ୍ରଥମ ପାଳିରେ ମାତ୍ର ୧୭୮ ରନ୍ କରି ଅଲଆଉଟ ହୋଇଯାଇଛି। ଦଳ ପକ୍ଷରୁ ବରିଷ୍ଠ ବ୍ୟାଟର ତଥା ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାର ଏକାକୀ ଲଢ଼ୁଆ ବ୍ୟାଟିଂ ପ୍ରଦର୍ଶନ କରି ୬୮ ରନ୍ କରିଛନ୍ତି। ପୂର୍ବରୁ ବରୋଦା ପ୍ରଥମ ପାଳିରେ ୩୫୧ ରନ୍ କରିଥିଲା। ଫଳରେ ପ୍ରଥମ ପାଳିରେ ଦଳ ୧୭୩ ରନ୍‌ରେ ଆଗୁଆ ରହିଥିଲେ ମଧ୍ୟ ଓଡ଼ିଶାକୁ ଫଲୋଅନ ନ ଦେଇ ଦ୍ୱିତୀୟ ପାଳିରେ ବ୍ୟାଟିଂ କରିଥିଲା। ଦ୍ୱିତୀୟ ଦିନ ଖେଳ ଶେଷ ବେଳକୁ ବରୋଦା ଦ୍ୱିତୀୟ ପାଳିରେ ୧ ୱିକେଟ ହରାଇ ୪୩ ରନ୍ ସଂଗ୍ରହ କରିନେଇଛି। ଏହା ଫଳରେ ଖେଳ ଆଉ ଦୁଇ ଦିନ ବାକିଥିଲାବେଳେ ବରୋଦା ନିକଟରେ ୯ଟି ଦ୍ୱିତୀୟ ପାଳି ୱିକେଟ ବାକିଥାଇ ୨୧୬ ରନ୍‌ରେ ଆଗୁଆ ରହିବା ସହ ସ୍ଥିତି ସୁଦୃଢ଼ କରିଛି।

ପୂର୍ବରୁ ଦ୍ୱିତୀୟ ଦିନ ସକାଳେ ବରୋଦାକୁ ପ୍ରଥମ ପାଳିରେ ୩୫୧ ରନ୍‌ରେ ସୀମିତ ରଖିବା ପରେ ଚଳିତ ସିଜନରେ ଓଡ଼ିଶା ପ୍ରଥମଥର ଲାଗି ବ୍ୟାଟିଂ କରିଥିଲା। ପ୍ରଥମଥର ଦଳର ନେତୃତ୍ୱ ନେଇଥିବା ଓପନର ଶାନ୍ତନୁ ମିଶ୍ର


ଗୋବିନ୍ଦ ପୋଦ୍ଦାର-୬୮

ଅତ୍ୟନ୍ତ ସତର୍କତାର ସହ ଖେଳିଥିଲେ। କିନ୍ତୁ ଅନ୍ୟ ପଟେ ଜଣଙ୍କ ପରେ ଜଣେ ବ୍ୟାଟର ଆଉଟ ହୋଇଯାଇଥିଲେ । ଯାହା ଫଳରେ ଦଳ ୪୨ ରନ୍‌ରେ ୪ ୱିକେଟ ହରାଇଥିଲା। ଆଉଟ ହୋଇଥିବା ୪ଜଣ ବ୍ୟାଟର ମିଳିତଭାବେ ୧୯ ରନ୍ କରିଥିଲେ। ସେମାନଙ୍କ ମଧ୍ୟରୁ ଅନୁରାଗ ଷଡଙ୍ଗୀ ୫, ସନ୍ଦୀପ ପଟ୍ଟନାୟକ ୮, ଶୁଭ୍ରାଂଶୁ ସେନାପତି ୪ ଓ କାର୍ତ୍ତିକ ବିଶ୍ୱାଳ ୨ ରନ୍ କରିବାକୁ ସମର୍ଥ ହୋଇଥିଲେ। ଗୋଟିଏ ପଟେ ଶାନ୍ତନୁ ମିଶ୍ର ଧୈର୍ଯ୍ୟର ସହ ଖେଳୁଥିଲାବେଳେ ଗୋବିନ୍ଦ ପୋଦ୍ଦାରଙ୍କ ରୂପରେ ତାଙ୍କୁ ଜଣେ ଭଲ ପାର୍ଟନର ମିଳିଥିଲା। ଉଭୟ ଖେଳାଳି ୫ମ ୱିକେଟ ଭାଗିଦାରୀରୁ ୬୫ ରନ୍ ଉଠାଇ ବିପର୍ଯ୍ୟୟର ଧାରାକୁ ଅଟକାଇଥିଲେ। ଶାନ୍ତନୁ ୪୫ ରନ୍ କରି ୫ମ ଖେଳାଳି ଭାବେ ଆଉଟ ହେବା ପରେ ଗୋବିନ୍ଦ ମଧ୍ୟ ତାଙ୍କୁ ପିଛା କରିଥିଲେ। ଦଳୀୟ ସ୍କୋର ୧୦୭ ରନ୍ ଥିଲାବେଳେ ଗୋବିନ୍ଦ ୬୮ ରନ୍‌କରି ଆଉଟ ହୋଇଯାଇଥିଲେ। ସେ ମୋଟ ୧୨୧ ବଲ୍ ଖେଳି ୯ ଚୌକା ସହ ରଣଜୀ ଜୀବନର ୮ମ ଅର୍ଦ୍ଧଶତକ ହାସଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟକୁମାର ପ୍ରଧାନ ତୃତୀୟ ଖେଳାଳିଭାବେ ଦୁଇ ଅଙ୍କରେ ପହଞ୍ଚିଥିଲେ । ସେ ୪୧ ବଲ୍‌ରେ ୩ ଚୌକା ଓ ୧ଛକା ସହ ୨୭ ରନ୍ କରିଥିଲେ। ଏଠାରେ ରଣଜୀ ତଥା ପ୍ରଥମଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିବା ଯୁବ ୱିକେଟରକ୍ଷକ ବ୍ୟାଟର ଆଶୀର୍ବାଦ ସ୍ୱାଇଁଙ୍କଠାରୁ ଅନେକ ଆଶା କରାଯାଉଥିଲେ ମଧ୍ୟ ସେ ମାତ୍ର ୨ ରନ୍ କରିବାକୁ ସମର୍ଥ ହୋଇଥିଲେ। ବରୋଦା ପକ୍ଷରୁ ଭେଟେରାନ ପେସ୍ ବୋଲର ଅତୀତ ସେଠ୍ ସର୍ବାଧିକ ୩ଟି ୱିକେଟ ନେଇଥିଲେ। ଦୁଇ ସ୍ପିନର ଭାର୍ଗବ ଭଟ୍ଟ ଓ ନିନାଦ ରାଥୱା ୨ଟି ଲେଖାଏଁ ୱିକେଟ ପାଇଥିଲେ।

ପୂର୍ବରୁ ବରୋଦା ଦଳ ତାହାର ଅସମାପ୍ତ ପ୍ରଥମ ପାଳି ୬ ୱିକେଟରେ ୩୨୨ରୁ ଖେଳ ଆରମ୍ଭ କରି ୩୫୧ ରନ୍‌ରେ ଅଲଆଉଟ ହୋଇଥିଲା। ପୂର୍ବଦିନର ୯୪ ରନ୍‌ରେ ଅପରାଜିତଥିବା


ରାଜେଶ ମହାନ୍ତି-୪/୭୪

ୱିକେଟରକ୍ଷକ ମିତେଶ ପଟେଲ ଏଠାରେ ଜୀବନର ପ୍ରଥମ ଶତକ ହାସଲ କରିଥିଲେ। ସେ ୧୫୧ ବଲ୍‌ରେ ୧୩୬ ରନ୍ କରି ରାଜେଶ ମହାନ୍ତିଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଅତୀତ ସେଠ ଆଉ ଗୋଟିଏ ରନ୍ ଯୋଗ କରି ୫୭ ରନ୍‌ରେ ଆଉଟ ହୋଇଥିଲେ। ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି ସର୍ବାଧିକ ୪ଟି, ସୂର୍ଯ୍ୟକାନ୍ତ ପ୍ରଧାନ ୨ଟି ୱିକେଟ ପାଇଥିଲେ। ଦେବବ୍ରତ ପ୍ରଧାନ, ଜୟନ୍ତ ବେହେରା ଓ ଗୋବିନ୍ଦ ପୋଦ୍ଦାରଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

### ରଣଜୀ ଟ୍ରଫି ଦ୍ୱିତୀୟ ଦିନ

# ପୂଜାରାଙ୍କ ୬୧ତମ ପ୍ରଥମ ଶ୍ରେଣୀ ଶତକ

ନୂଆଦିଲ୍ଲୀ, ୬।୧ (ଏଜେନ୍ସି)

ବିସିସିଆଇ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଭାରତୀୟ ଘରୋଇ କ୍ରିକେଟ୍‌ର ସର୍ବଶ୍ରେଷ୍ଠ ପ୍ରତିଯୋଗିତା ୮୯ତମ ରଣ୍‌ଜୀ ଟ୍ରଫିର ପ୍ରଥମ ରାଉଣ୍ଡର ଦ୍ୱିତୀୟ ଦିବସ ଖେଳ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁଇ ଅନ୍ତର୍ଜାତୀୟ ତାରକା ଚେତେଶ୍ୱର ପୂଜାରା ଓ ଦେବଦତ୍ତ ପାଡିକଲ୍‌ଙ୍କ ଶତକ ଦିବସର ଉଲ୍ଲେଖନୀୟ ଘଟଣା ରହିଥିଲା।

ରାଜକୋଟରେ ଏଲିଟ୍ ଗ୍ରୁପ୍-ଏ'ରେ ଖେଳାଯାଇଥିବା ମ୍ୟାଚରେ ଝାଡ଼ଖଣ୍ଡର ପ୍ରଥମ ପାଳି ସ୍କୋର ୧୪୨ ରନ ଜବାବରେ ଘରୋଇ ସୌରାଷ୍ଟ୍ର ଦ୍ୱିତୀୟ ଦିନ ଷ୍ଟମ୍ପ ସୁଦ୍ଧା ୪ ୱିକେଟ୍‌ରେ ୪୦୬ ରନର ବିଶାଳ ସ୍କୋର କରିଛି। ଭାରତୀୟ ଦଳରୁ ବାଦ୍ ପଡ଼ିଥିବା ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ୧୫୭ ରନର ଅପରାଜିତ ପାଳି ଖେଳି ଦଳକୁ ବଡ଼ ସ୍କୋର ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ୨୩୯ ବଲ୍‌ର ଏହି ପାଳିରେ ସେ ୧୯ ଚୌକା ମାରିଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ପୂଜାରାଙ୍କ ମଧ୍ୟ ଏହା ୬୧ତମ ଶତକ। ହାତରେ ୪ ୱିକେଟ୍ ବଳକା ଥାଇ ସୌରାଷ୍ଟ୍ର ୨୬୪ ରନରେ ଅଗ୍ରଣୀ ହାସଲ କରିଛି।

**ପାଣ୍ଡେ, ପାଡ଼ିକଲ୍, ବାୱନେଙ୍କ ଚମକ**


ମନିଷ ପାଣ୍ଡେ

ସେହିଭଳି ସୋଲୋପୁରର ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ମଣିପୁର ବିପକ୍ଷରେ ଚାଲିଥିବା ମୁକାବିଲାରେ ଘରୋଇ ମହାରାଷ୍ଟ୍ର ଦୃଢ଼ ସ୍ଥିତିରେ ରହିଛି। ମଣିପୁରର ୧୩୭ ରନ ଜବାବରେ ମହାରାଷ୍ଟ୍ର ଅଙ୍କିତ ବାୱନେଙ୍କ ୧୫୩ ରନ ସହାୟତାରେ ପ୍ରଥମ ପାଳିରେ ୩୨୦ ରନରେ ଅଲ୍‌ଆଉଟ୍


ଚେତେଶ୍ୱର ପୂଜାରା

ହୋଇଯାଇଛି। ଜବାବରେ ୮୩ ରନ ପଛରେ ଥାଇ ୨ୟ ପାଳି ଆରମ୍ଭ କରିଥିବା ମଣିପୁର ୪ ୱିକେଟ୍‌ରେ ୮୫ ରନ କରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ହୁବଲୀରେ ପଞ୍ଜାବ ବିପକ୍ଷରେ କର୍ଣ୍ଣାଟକ ଦମ୍‌ଦାର ବ୍ୟାଟିଂ କରିଛି। ପଞ୍ଜାବର ପ୍ରଥମ ପାଳି ସ୍କୋର ୧୫୨ ରନର ଜବାବରେ କର୍ଣ୍ଣାଟକ ଶନିବାର ସୁଦ୍ଧା ୬ ୱିକେଟ୍‌ରେ ୪୬୧ ରନ କରିଛି। ଦଳ ପକ୍ଷରୁ ଦେବଦତ୍ତ ପାଡିକଲ ୧୯୩ ଓ ମନୀଷ ପାଣ୍ଡେ ୧୧୮ ରନର ଶତକୀୟ ପାଳି ଖେଳିଛନ୍ତି। ଆହୁରି ୩ ଦିନ ଖେଳ ବାକିଥିବାବେଳେ କର୍ଣ୍ଣାଟକ ୩୦୯ ରନରେ ଅଗ୍ରଣୀ ଲାଭ କରିଛି।

**ଗୌରବଙ୍କୁ ୭ ୱିକେଟ୍:**

ଅପରପକ୍ଷରେ ଅରୁଣ ଜେଟଲୀ ଷ୍ଟାଡିୟମରେ ପୁଡୁଚେରୀ ବିପକ୍ଷରେ ଘରୋଇ ଦିଲ୍ଲୀ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଡାହାଣହାତୀ ଦ୍ରୁତ ବୋଲର ଗୌରବ ଯାଦବଙ୍କୁ ସାମ୍ନା କରି ନ ପାରି ଦିଲ୍ଲୀ ପ୍ରଥମ ପାଳିରେ ୧୪୮ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ଗୌରବଙ୍କୁ ୭ ୱିକେଟ୍ ମିଳିଛି। ଜବାବରେ ପୁଡୁଚେରୀ ପ୍ରଥମ ପାଳି ଆରମ୍ଭ କରି ଷ୍ଟମ୍ପ ସୁଦ୍ଧା ୨ ୱିକେଟ୍‌ରେ ୧୧୩ ରନ କରିଛି। ୮ ୱିକେଟ୍ ବଳକା ଥାଇ ପୁଡୁଚେରୀ ମାତ୍ର ୩୫ ରନ ପଛରେ ରହିଛି।

## ବିଚ୍ ସ୍ପୋର୍ଟ୍ସ ଫେଷ୍ଟିଭାଲରେ ଭାଗନେବ ଓଡ଼ିଶା ଫୁଟ୍‌ବଲ୍ ଦଳ

ଭୁବନେଶ୍ୱର, ୬।୧ (ସମିସ): କେନ୍ଦ୍ର ଶାସିତ ଅଞ୍ଚଳ ଦାଦ୍ରା ଆଣ୍ଡ ନଗର ହାବେଲୀ ଏବଂ ଡାମନ ଓ ଡିଉ (ଡିଏନ୍‌ଏଚ୍‌ଡିଡି) ସରକାରଙ୍କ ଆନୁକୂଲ୍ୟରେ ଶୁକ୍ରବାରଠାରୁ ବିଚ୍ ସ୍ପୋର୍ଟ୍ସ ଫେଷ୍ଟିଭାଲ ଆରମ୍ଭ ହୋଇଯାଇଛି। ଏଥିରେ ଓଡ଼ିଶାର ୨୧ ବର୍ଷରୁ କମ୍ ସକ୍କର୍ (ଫୁଟ୍‌ବଲ) ଟିମ୍ ଅଂଶଗ୍ରହଣ କରିବାକୁ ଡିଉ ଅଭିମୁଖେ ଯାତ୍ରା କରିଛି। ଜାନୁଆରୀ ୧୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ସକ୍କର ଦଳ ଗ୍ରୁପ୍-ବି'ରେ ଗୋଆ, ଲକ୍ଷାଦୀପ ଓ ମହାରାଷ୍ଟ୍ର ସହ ସ୍ଥାନ ପାଇଛି। ସେହିଭଳି ଗ୍ରୁପ୍-ଏ'ରେ ଆଣ୍ଡାମାନ ନିକୋବର, ଗୁଜରାଟ, ରାଜସ୍ଥାନ ଓ ଡିଏନ୍‌ଏଚ୍‌ଡିଡି ଦଳ ରହିଛନ୍ତି। ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ରବିବାର ଗୋଆକୁ ଭେଟିବ। ନିପେନ୍ଦ୍ର କୁମାର ଦାସ ଓଡ଼ିଶା ଦଳର ମୁଖ୍ୟ ପ୍ରଶିକ୍ଷକ ରହିଛନ୍ତି।

**ଓଡ଼ିଶା ଦଳ:** ଅଶୋକ ବାଗ୍, ଅନିଶ କାନ୍ଦୁଲନା, ସଚିନ କୁମାର ମଲ୍ଲିକ, ରଜନୀ ଭୂମିଜ, ମାନସ ରଞ୍ଜନ ମୁଖୀ, ସୀତାରାମ ଟୁଡୁ, ତୁଷାର ମହନ୍ତୋ, ଅବିନାଶ ସାମଲ, କ୍ଷେତ୍ରମୋହନ କାଛୁ, ସୁଶାନ୍ତ ସେଠୀ, ଯଦୁନାଥ ହାଁସଦା ଓ ସମୟ କୁମାର ବାସ୍କେ।

### ଓଡ଼ିଶା ଓମେନ୍ସ ଲିଗ୍ ଉଦ୍‌ଯାପିତ

# ନୀତା ଫୁଟ୍‌ବଲ ଏକାଡେମୀ ଚାମ୍ପିଅନ


ନୀତା ଫୁଟ୍‌ବଲ ଏକାଡେମୀ


ଓଜିପି ଦଳ

ଭୁବନେଶ୍ୱର, ୬।୧ (ସମିସ)

ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ) ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶନିବାର ଖେଳାଯାଇଥିବା ଶେଷ ଲିଗ୍ ମ୍ୟାଚରେ ନୀତା ଫୁଟ୍‌ବଲ ଏକାଡେମୀ ୫-୦ ଗୋଲରେ ଏକପାଖିଆ ଭାବେ ସ୍ପୋର୍ଟ୍ସ ଓଡ଼ିଶାକୁ ପରାସ୍ତ କରିଛି। ଏଥିସହ ପଏଣ୍ଟ ଟେବଲ୍ ଆଧାରରେ ନୀତା ଫୁଟ୍‌ବଲ ଏକାଡେମୀ ଚାମ୍ପିଅନ ଓ ଓଡ଼ିଶା ସରକାରୀ ପ୍ରେସ (ଓଜିପି) ରନର୍ସଅପ୍ ହୋଇଛି। ସେହିଭଳି ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ) ଦ୍ୱିତୀୟ ଡିଭିଜନ ପ୍ରତିଯୋଗିତାକୁ ମଧ୍ୟ ନୀତା ଫୁଟ୍‌ବଲ ଏକାଡେମୀ ଯୋଗ୍ୟତା ଅର୍ଜନ କରିଛି। ଓଡ଼ିଶା ମହିଳା ଲିଗ୍ ଫୁଟ୍‌ବଲ ପ୍ରତିଯୋଗିତାର ଚଳିତ ସଂସ୍କରଣରେ ୬ଟି ଟିମ୍ ଅଂଶଗ୍ରହଣ କରିଥିଲେ ଏବଂ ୩୦ ଲିଗ୍ ମ୍ୟାଚ୍ ଖେଳାଯାଇଥିଲା। ଶେଷରେ ପଏଣ୍ଟ ଆଧାରରେ ଚାମ୍ପିଅନ ଓ ରନର୍ସଅପ୍ ବଛା ଯାଇଥିଲା। ନିକଟ ଭବିଷ୍ୟତରେ ଏକ ସ୍ୱତନ୍ତ୍ର ଉତ୍ସବରେ ଚାମ୍ପିଅନ ଦଳକୁ ଟ୍ରଫି ସହ ୨୫ ହଜାର ଟଙ୍କା ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ପୁରସ୍କାର ଆକାରରେ ଦିଆଯିବ ବୋଲି ଫାଓ ପକ୍ଷରୁ ସୂଚନା ଦିଆଯାଇଛି।

### ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ୍

# ଆଦାମସ୍ ଚାମ୍ପିଅନ; କିଟ୍ ରନର୍ସଅପ୍

ଭୁବନେଶ୍ୱର, ୬।୧ (ସମିସ)

କିଟ୍ ବିଶ୍ୱବିଦ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ୍ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। କିସ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ କୋଲକାତାର ଆଦାମସ୍ ବିଶ୍ୱବିଦ୍ୟାଳୟ ଚାମ୍ପିଅନ ହୋଇଛି। ଆଦାମସ୍ ସୁପର୍ ଲିଗ୍ ପର୍ଯ୍ୟାୟରେ ୩ ମ୍ୟାଚରୁ ୩ଟି ଯାକ ଜିତିଥିଲା। ସେହିଭଳି ଘରୋଇ କିଟ୍ ବିଶ୍ୱବିଦ୍ୟାଳୟ ୨ ମ୍ୟାଚ୍ ଜିତି ପ୍ରଥମ ରନର୍ସଅପ୍ ହୋଇଛି। ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ (ରାୟପୁର) ଓ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟ ଯଥାକ୍ରମେ ୨ୟ ରନର୍ସଅପ୍ ଓ ୪ର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଏଥିସହ ଏହି ୪ ଗୋଟି ଦଳ ଆଗାମୀ ସର୍ବଭାରତୀୟ ଆନ୍ତଃଜୋନ ମହିଳା ଭଲିବଲ୍ ପ୍ରତିଯୋଗିତାକୁ ଯୋଗ୍ୟତା ଲାଭ କରିଛନ୍ତି। ଏହି ପ୍ରତିଯୋଗିତା ଚଳିତ ମାସ ୯ରୁ ୧୩ ତାରିଖ ପର୍ଯ୍ୟନ୍ତ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଖେଳାଯିବ।

ଶନିବାର ଉଦ୍‌ଯାପନୀ ଉତ୍ସବରେ ବିଶିଷ୍ଟ କ୍ରୀଡ଼ା ସଂଗଠକ ସତ୍ୟନାରାୟଣ ମିଶ୍ର, କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, କିସ୍‌ର ରେଜିଷ୍ଟ୍ରର ପ୍ରଶାନ୍ତ କୁମାର ରାଉତରାୟ, କିଟ୍‌ର ଉପକ୍ରୀଡ଼ା ନିର୍ଦ୍ଦେଶିକା ରଶ୍ମିତା ମହାନ୍ତି ଓ କିସ୍‌ର ଉପକ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରକେଶ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସର୍ବଭାରତୀୟ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିଥିବା କିଟ୍ ମହିଳା ଭଲିବଲ୍ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।




# ରଣଜୀ ମ୍ୟାଚ୍: ଗ୍ରାଉଣ୍ଡକୁ ଆସିଲେ ବିହାରର ଦୁଇ ଦଳ

- ଗୋଟିଏ ଅଧ୍ୟକ୍ଷ ଓ ଦ୍ୱିତୀୟଟି ସମ୍ପାଦକଙ୍କର
- ଓଏସଡିଙ୍କ ଉପରେ ମରଣାନ୍ତକ ଆକ୍ରମଣ

ପାଟନା, ୬।୧(ଏଜେନ୍ସି): ଶୁକ୍ରବାରଠାରୁ ଏଠାରେ ବିହାର ଓ ମୁମ୍ବାଇ ମଧ୍ୟରେ ଆରମ୍ଭ ହୋଇଥିବା ରଣଜୀ ଟ୍ରଫି ମ୍ୟାଚ୍ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଏହି ମ୍ୟାଚ୍ ଖେଳିବାକୁ ବିହାରର ଦୁଇଟି ଭିନ୍ନ ଭିନ୍ନ ଦଳ ପଡିଆକୁ ଆସିଥିଲେ । ଗୋଟିଏ ଦଳ ବିହାର କ୍ରିକେଟ ଆସୋସିଏସନ (ବିସିଏ) ଅଧ୍ୟକ୍ଷ ଓ ଆଉ ଗୋଟିଏ ସମ୍ପାଦକଙ୍କ ଦ୍ୱାରା ଚୟନ ହୋଇଥିଲା। ଫଳରେ ମ୍ୟାଚ୍ ପୂର୍ବରୁ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଥିଲା। ପୁଲିସ ସମ୍ପାଦକଙ୍କ ଦଳକୁ ଷ୍ଟାଡିୟମ ବାହାରେ ଫେରାଇବାକୁ ପ୍ରୟାସ କଲାବେଳେ ଅଜଣା ବ୍ୟକ୍ତିମାନେ ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ (ଓଏସଡି) ମନୋଜ କୁମାର ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କ ଉପରେ ପଥର ମାଡ କରାଯାଇଥିଲା। ସ୍ଥାନୀୟ ମୋଇନ- ଉଲ ହକ୍ ଷ୍ଟାଡିୟମରେ ଏହି ଘଟଣା ଘଟିଥିଲା। ପ୍ରଥମେ ଦୁଇ ଦଳକୁ ପୁଲିସ ରୋକିଥିଲା। ପରେ ସମ୍ପାଦକଙ୍କ ଦଳକୁ ସେମାନଙ୍କ ବସରେ ବସାଇ ଫେରାଇ ଦିଆଯାଇଥିଲା। ଶେଷରେ ଅଧ୍ୟକ୍ଷ ରାକେଶ କୁମାର ତିୱାରୀଙ୍କ ଦ୍ୱାରା ଚୟନ ହୋଇଥିବା ଦଳକୁ ଖେଳିବାର ସୁଯୋଗ ଦିଆଯାଇଥିଲା। ଏହି ବିବାଦ ଫଳରେ ମ୍ୟାଚ୍ ଦେଢଘଣ୍ଟା ଡେରିରେ ଅର୍ଥାତ ୧୧ଟାରେ ଆରମ୍ଭ ହୋଇଥିଲା। ଓଏସ୍‌ଡି ଗୁରୁତର ଭାବେ ଆହତ ହୋଇଥିବାରୁ ତାଙ୍କର ଚିକିତ୍ସା କରାଯାଉଛି। ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

# କିମ୍ବଦନ୍ତୀ ବ୍ରାଜିଲ ଫୁଟ୍‌ବଲର୍ ଜଗାଲୋଙ୍କ ପରଲୋକ

ବ୍ରାସିଲିଆ, ୬।୧ (ଏଜେନ୍ସି)

ବ୍ରାଜିଲର କିମ୍ବଦନ୍ତୀ ଫୁଟ୍‌ବଲ ଖେଳାଳି ମାରିଓ ଜଗାଲୋଙ୍କ ଶନିବାର ବିୟୋଗ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୨ ବର୍ଷ ହୋଇଥିଲା। ଖେଳାଳି ଓ ପ୍ରଶିକ୍ଷକ ଭାବେ ଜଗାଲୋ ୪ଟି ଫିଫା ବିଶ୍ୱକପ୍ ଟ୍ରଫି ଜିତିଛନ୍ତି। ତାଙ୍କ ବିୟୋଗରେ ବ୍ରାଜିଲ ଫୁଟ୍‌ବଲରେ ଶୋକର ଛାୟା ଖେଳିଯାଇଛି।

ଜଗାଲୋ ଜଣେ ଦକ୍ଷ ଅଗ୍ରଭାଗ ଖେଳାଳି ଥିଲେ। ୧୯୫୮ ଓ ୧୯୬୨ରେ କ୍ରମାଗତ ଫିଫା ବିଶ୍ୱକପ୍ ଟ୍ରଫି ଜିତିଥିବା ବ୍ରାଜିଲ ଦଳର ସେ ପ୍ରତିନିଧିତ୍ୱ କରିଥିଲେ। ୧୯୭୦ରେ ସେ ୩ୟଥର ଲାଗି ବିଶ୍ୱକପ୍ ଟ୍ରଫି ଜିତିଥିଲେ। ଏହାପରେ ୧୯୯୪ରେ ବିଶ୍ୱକପ୍ ବିଜୟୀ ବ୍ରାଜିଲ ଦଳର ସେ ସହାୟକ ପ୍ରଶିକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ। ବିଶ୍ୱକପ୍‌ର ପରବର୍ତ୍ତୀ ସଂସ୍କରଣ (୧୯୯୮)ରେ ଜଗାଲୋ ମୁଖ୍ୟ ପ୍ରଶିକ୍ଷକ ଥିବାବେଳେ ବ୍ରାଜିଲ ଫାଇନାଲରେ ଘରୋଇ ଫ୍ରାନ୍ସ ନିକଟରୁ ହାରି ଉପବିଜେତା ହୋଇଥିଲା। ସେ ବିଶ୍ୱର ପ୍ରଥମ ବ୍ୟକ୍ତି ଯିଏକି ଖେଳାଳି ଓ ପ୍ରଶିକ୍ଷକ ଭାବେ ଫିଫା ବିଶ୍ୱକପ୍ ଟ୍ରଫି ଜିତିବାର ବିରଳ ସୌଭାଗ୍ୟ ଲାଭ କରିଥିଲେ।



### ଟେଷ୍ଟ ସିରିଜରେ ଅଷ୍ଟ୍ରେଲିଆର କ୍ଲିନ୍ ସୁଇପ୍

# ପାକିସ୍ତାନ ୮ ୱିକେଟରେ ପରାସ୍ତ

ସିଡନୀ, ୬।୧(ଏଜେନ୍ସି)

ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆ ଶନିବାର ୮ ୱିକେଟରେ ବିଜୟୀ ହୋଇଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଅଷ୍ଟ୍ରେଲିଆ ୩-୦ରେ କ୍ଲିନ୍ ସୁଇପ୍ କରିଛି। ପ୍ରଥମ ପାଳିରେ ୧୪ ରନର ଅଗ୍ରଣୀ ହାସଲ କରିଥିଲେ ମଧ୍ୟ ଦ୍ୱିତୀୟ ପାଳିର ବ୍ୟାଟିଂ ବିଫଳତା ପାକିସ୍ତାନ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଟସ୍ ଜିତି ପାକିସ୍ତାନ ପ୍ରଥମ ପାଳିରେ ୭୭.୧ ଓଭରରେ ୩୧୩ ରନକରି ଅଲଆଉଟ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ପାଳି ଆରମ୍ଭ କରି ୧୦୯.୪ ଓଭରରେ ୨୯୯ ରନକରି ଅଲଆଉଟ ହୋଇଥିଲା। ଏହାପରେ ଦ୍ୱିତୀୟ ପାଳିରେ ପାକିସ୍ତାନ ୪୩.୧ ଓଭରରେ ୧୧୫ ରନକରି ଅଲଆଉଟ ହୋଇଥିଲା। ଫଳରେ ଅଷ୍ଟ୍ରେଲିଆ ସମ୍ମୁଖୀନରେ ୧୩୦ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା।

**ଅନ୍ତିମ ପାଳିରେ ୱାର୍ଣ୍ଣରଙ୍କ ଅର୍ଦ୍ଧଶତକ**

ଜବାବରେ ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳି ଆରମ୍ଭ କରି ଶନିବାର ଚତୁର୍ଥ ଦିବସରେ ୨୫.୫ ଓଭରରେ ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ପ୍ରଥମ ପାଳିରେ ୬ ୱିକେଟ ନେବା ସହ ୮୨ ରନର ଲଢୁଆ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ପାକିସ୍ତାନ ଅଲରାଉଣ୍ଡର ଅମୀର ଜମାଲ ମ୍ୟାଚ୍‌ର ଓ ୩୮ ରନ ସଂଗ୍ରହ କରିବା ସହ ୧୯ଟି ୱିକେଟ ଅକ୍ତିଆର କରିଥିବା ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ କମିନ୍ସ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଦ୍ୱିତୀୟ ପାଳିରେ ଅଷ୍ଟ୍ରେଲିଆ ପାଇଁ ଡେଭିଡ୍ ୱାର୍ଣ୍ଣର ୫୭ ଓ ମାର୍ନସ ଲାବୁସେନ ଅପରାଜିତ ୬୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ତିମ ପାଳିରେ ଓ କ୍ୟାରିୟରର ୩୭ତମ ଅର୍ଦ୍ଧଶତକ ହାସଲ କରି ୱାର୍ଣ୍ଣର ଟେଷ୍ଟରୁ ସନ୍ୟାସ ନେଇଛନ୍ତି। ଉସମାନ ଖୱାଜା ଖାତା ଖୋଲିପାରି ନଥିବା ବେଳେ ଷ୍ଟିଭ୍ ସ୍ମିଥ୍ ୪ ରନକରି ଅପରାଜିତ ରହିଥିଲେ। ପାକିସ୍ତାନ ପାଇଁ ସାଜିଦ ଖାନ୍ ୨ଟି ୱିକେଟ ନେଇଥିଲେ। ଅସମାପ୍ତ ଦ୍ୱିତୀୟ ପାଳି ସ୍କୋର ୬୮/୭ରୁ ଖେଳ ଆରମ୍ଭ କରି ପାକିସ୍ତାନ ଶନିବାର ଅଲଆଉଟ ହୋଇଥିଲା। ଅପରାଜିତ ଥିବା ମହମ୍ମଦ ରିଜୱାନ ୬ ଓ ଜମାଲ ଶୂନରୁ ଖେଳ ଆରମ୍ଭ କରି ଯଥାକ୍ରମେ ୨୮ ଓ ୧୮ ରନକରି ଆଉଟ ହୋଇଥିଲେ। ସଇମ୍ ଆୟୁବ ୩୩ ଓ ବାବର ଆଜମ ୨୩ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ଜୋଶ ହାଜଲେଉଡ ୪, ସ୍ପିନର ନାଥନ ଲିୟନ ୩, ମିଚେଲ ଷ୍ଟାର୍କ, କମିନ୍ସ ଓ ଟ୍ରାଭିସ ହେଡ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।




**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ପାଳି- ୩୧୩/୧୦, ୭୭.୧ ଓଭର।

ଅଷ୍ଟ୍ରେଲିଆ ପ୍ରଥମ ପାଳି- ୨୯୯/୧୦, ୧୦୯.୪ ଓଭର

ପାକିସ୍ତାନ ଦ୍ୱିତୀୟ ପାଳି- ୧୧୫/୧୦, ୪୩.୩ ଓଭର (ଆୟୁବ- ୩୩, ରିଜୱାନ- ୨୮,ବାବର- ୨୩, ଜମାଲ- ୧୮ ହାଜଲେଉଡ- ୪/୧୬, ଲିୟନ- ୩/୩୬)।

ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳି- ୧୩୦/୨, ୨୫.୫ ଓଭର (ଲାବୁସେନ- ୬୨*, ୱାର୍ଣ୍ଣର- ୫୭, ସାଜିଦ- ୨/୪୯)।

# ରୋହିତ, ବିରାଟଙ୍କୁ ନେଇ ଦ୍ୱନ୍ଦ୍ୱରେ ଚୟନକର୍ତ୍ତା

ମୁମ୍ବଇ, ୬।୧ (ଏଜେନ୍ସି)

ଆଫଗାନିସ୍ତାନ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଆରମ୍ଭ ହେବାକୁ ଆଉ ମାତ୍ର ୫ ଦିନ ରହିଛି। କିନ୍ତୁ ଏବେ ସୁଦ୍ଧା ଭାରତୀୟ ଦଳ ଚୟନ କରାଯାଇ ପାରି ନାହିଁ। ଏହାର ମୁଖ୍ୟ କାରଣ ହେଲେ ରୋହିତ ଶର୍ମା ଓ ବିରାଟ କୋହଲି। ଏମାନଙ୍କୁ ଦଳରେ ସାମିଲ କରିବା ନେଇ ଦ୍ୱନ୍ଦ୍ୱରେ ଚନକର୍ତ୍ତା ରହିଥିବାରୁ ଦଳ ଚୟନ କରିବା ସମ୍ଭବ ହୋଇନାହିଁ। ଉଭୟ ବରିଷ୍ଠ ଖେଳାଳି ୩ଟି ଫର୍ମାଟରେ ଖେଳୁଛନ୍ତି। ଏଣୁ ଟି-୨୦ରେ ଖେଳିବା ନେଇ ସେମାନଙ୍କ ମତାମତ ଜାଣିବା ଲାଗି ଭାରତୀୟ କ୍ରିକେଟ ଦଳର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଦକ୍ଷିଣ ଆଫ୍ରିକା ଯାଇଥିଲେ। ଉଭୟ ଭାରତ ପକ୍ଷରୁ ଖେଳିବା ଲାଗି ଇଛା ପ୍ରକାଶ କରିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଚଳିତବର୍ଷ ଆମେରିକା ଏବଂ ୱେଷ୍ଟଇଣ୍ଡିଜ୍‌ରେ ଟି-୨୦ ବିଶ୍ୱକପ୍ ଖେଳାଯିବ। ଏହି ମେଗା ଇଭେଣ୍ଟ ଲାଗି ଯୁବ ଖେଳାଳିଙ୍କୁ ସୁଯୋଗ ଦିଆଯିବ କିମ୍ବା ବରିଷ୍ଠ ଖେଳାଳିଙ୍କୁ ସାମିଲ କରାଯିବ ତାହାକୁ ନେଇ ଦ୍ୱନ୍ଦ୍ୱ ରହିବା ସ୍ୱାଭାବିକ୍। ଯୁବ ଖେଳାଳିଙ୍କୁ ଗୁରୁତ୍ୱ ଦେଲେ ଉଭୟ ରୋହିତ ଓ ବିରାଟଙ୍କୁ ବାଦ୍ ଦେବା କେବଳ ଚୟନକର୍ତ୍ତାଙ୍କ ପକ୍ଷେ ସମ୍ଭବ ନୁହେଁ। ଏଥିଲାଗି ସର୍ବଶକ୍ତିମାନ ବିସିସିଆଇ ସମ୍ପାଦକ ଜୟ ଶାହଙ୍କ ଅନୁମତି ଆବଶ୍ୟକ। ଦକ୍ଷିଣ ଆଫ୍ରିକାରୁ ଅଗରକର ଶନିବାର ଫେରିଛନ୍ତି। ଭାରତରେ ସମସ୍ତଙ୍କ ସହ ପରାମର୍ଶ କରିବା ପରେ ଆସନ୍ତା ୨୪ କିମ୍ବା ୪୮ ଘଣ୍ଟା ମଧ୍ୟରେ ଦଳ ଘୋଷଣା ହୋଇପାରେ ବୋଲି ଅନୁମାନ କରାଯାଉଛି।

ଏବେ ମୁଖ୍ୟ କଥା ହେଲା, ଯଦି ରୋହିତ ଓ ବିରାଟଙ୍କୁ ଦଳରେ ସାମିଲ କରାଯିବ, ତେବେ ଶୁବମାନ ଗିଲଙ୍କୁ ବାଦ୍ ଦେବାକୁ ହେବ। ରୋହିତଙ୍କ ସହ ଯଶସ୍ୱୀ ଜୟସ୍ୱାଲ ପାଳି ଆରମ୍ଭ କରିବେ। ଏଭଳି ସ୍ଥିତିରେ ସୂର୍ଯ୍ୟକୁମାର ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟା କେଉଁ ପୋଜିସନରେ ଖେଳିବେ ତାହାକୁ ନେଇ ଅଡୁଆ ସ୍ଥିତି ଉପୁଜିବ। ଶୁଣାକଥା ଯଦି ସତ ହୁଏ, ତେବେ ସୂର୍ଯ୍ୟକୁମାର ଓ ହାର୍ଦ୍ଦିକ ପୂରା ଫିଟ୍ ହୋଇ ନ ଥିବାରୁ ଏହି ସିରିଜ୍‌ରେ ଖେଳିବା ନେଇ ସନ୍ଦେହ ରହିଛି। ଏହା ଯଦି ସମ୍ଭବ ହୁଏ, ତେବେ ଭାରତୀୟ ଦଳ ଚୟନରେ କିଛିଟା ସୁବିଧା ହେବ। ଯଦି ସୂର୍ଯ୍ୟ ଓ ହାର୍ଦ୍ଦିକ ଦଳରେ ସ୍ଥାନ ପାଆନ୍ତି ତେବେ ଋତୁରାଜ ଗାଏକ୍ୱାଡ ଓ ଇଶାନ କିଶାନଙ୍କୁ ବାଦ୍ ଦିଆଯିବ। ରୋହିତ ଓ ବିରାଟ କ୍ରିକେଟର ଦୁଇଜଣ ଆମ୍ବାସଡର। ଆମେରିକାରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ଉଭୟ ଖେଳାଳିଙ୍କୁ ବିରାଟ ବିରାଟ ହୋର୍ଡିଂ ଆମେରିକାରେ ଲଗାଯାଇଛି। ଏହା ମଧ୍ୟ ବିସିସିଆଇ ଓ ଚୟନକର୍ତ୍ତାଙ୍କ ଉପରେ ଚାପ ପକାଉଛି। ଉଭୟ ସୂର୍ଯ୍ୟ ଓ ହାର୍ଦ୍ଦିକ ବାଦ୍ ପଡ଼ିଲେ ଏହି ଦ୍ୱନ୍ଦ୍ୱର ସମାଧାନ ହୋଇଯାଇପାରେ। ଅବଶ୍ୟ ଟି-୨୦ ବିଶ୍ୱକପ୍‌ଦଳ ଚୟନ କରାଯିବା ବେଳେ ଆଇପିଏଲ୍‌ର ପ୍ରଦର୍ଶନକୁ ଗୁରୁତ୍ୱ ଦିଆଯିବ। ଏହି ଦୁଇ ଖେଳାଳିଙ୍କୁ ବାଦ୍ ଦେଲେ ଅନ୍ୟମାନଙ୍କୁ ଚୟନ କରିବାରେ ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ।




ଇଂଲଣ୍ଡ-ଏ ବିପକ୍ଷ ଅନ୍‌ଅଫିସିଆଲ ଟେଷ୍ଟ

## ଅଭିମନ୍ୟୁ ଭାରତ-ଏ ଅଧିନାୟକ

ମୁମ୍ବଇ, ୬।୧ (ଏଜେନ୍ସି)

ଭାରତ ସହ ଟେଷ୍ଟ ସିରିଜ୍ ଖେଳିବା ପୂର୍ବରୁ ଇଂଲଣ୍ଡର ଏ' ଦଳ ଦୁଇଟି ଅନ୍‌ଅଫିସିଆଲ ଟେଷ୍ଟ ଖେଳିବାକୁ ଆସିବ। ଏହି ଦଳରେ ମଧ କିଛି ସିନିୟର ଖେଳାଳି ସାମିଲ ହେବେ। ଦୁଇଟିଯାକ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଅହମ୍ମଦାବାଦ୍‌ରେ ଖେଳାଯିବ। ଏହା ପୂର୍ବରୁ ଜାନୁଆରୀ ୧୨ ଓ ୧୩ ଦୁଇଦିନ ଧରି ଏକ ଅଭ୍ୟାସ ମ୍ୟାଚ୍ ଖେଳାଯିବ। ଏହି ଗସ୍ତର ପ୍ରଥମ ଟେଷ୍ଟ ମ୍ୟାଚ୍ ଜାନୁଆରୀ ୧୭ରୁ ୨୦ ଯାଏ ଖେଳାଯିବ।



ଏହି ଗସ୍ତଲାଗି ଅଭିମନ୍ୟୁ ଈଶ୍ୱରନଙ୍କୁ ଭାରତ-ଏ' ଦଳର ଅଧିନାୟକ ମନୋନୀତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଭଲ ଫର୍ମରେ ଥିବା ଓପନର ସାଇ ସୁଦର୍ଶନ, ଦେବଦତ୍ତ ପାଡିକଲଙ୍କୁ ବିକଳ୍ପ ଓପନର ଭାବେ ସାମିଲ କରାଯାଇଛି। ଦକ୍ଷିଣ ଆଫ୍ରିକାରେ ଖେଳିଥିବା ରଜତ ପଟିଦାର, ସର୍ଫରାଜ ଖାନ୍ ଓ ପ୍ରଦୋଷ ରଞ୍ଜନ ପଲଙ୍କୁ ମିଡଲ ଅର୍ଡର ଦାୟିତ୍ୱ ସମ୍ଭାଳିବା ଲାଗି ଚୟନ କରାଯାଇଛି। ଏମାନଙ୍କ ପରେ ଶ୍ରୀକର ଭରତ ଓ ଯୁବ ଖେଳାଳି ଧ୍ରୁବ ଜୁରେଲ ୱିକେଟରକ୍ଷକ ଭାବେ ଦାୟିତ୍ୱ ତୁଲାଇବେ। ଭରତ ପ୍ରଥମ ପସନ୍ଦର ହେବେ। ରାଜସ୍ଥାନର ମାନବ ସୁତାର ଓ ସର୍ଭିସେସ୍‌ର ପୁଲକିତ ନାରଙ୍ଗଙ୍କୁ ସ୍ପେଶାଲିଷ୍ଟ ସ୍ପିନରଭାବେ ଦଳରେ ସାମିଲ କରାଯାଇଛି। ପେସ୍ ବୋଲିଂରେ ନଭଦୀପ ସଇନି, ବିଦ୍ୱାଥ କାଭେରାପ୍ପା, ତୁଷାର ଦେଶପାଣ୍ଡେ ଓ ଆକାଶ ଦୀପ ରହିଛନ୍ତି। ଦକ୍ଷିଣ ଆଫ୍ରିକାରେ ଏମାନେ ଭାରତ-ଏ' ଦଳ ପକ୍ଷରୁ ଖେଳିଥିଲେ।

**ମନୋନୀତ ଦଳ :** ଅଭିମନ୍ୟୁ ଈଶ୍ୱରନ (ଅଧିନାୟକ), ସାଇ ସୁଦର୍ଶନ, ଦେବଦତ୍ତ ପାଡିକଲ, ରଜତ ପଟିଦାର, ସର୍ଫରାଜ ଖାନ୍, ପ୍ରଦୋଷ ରଞ୍ଜନ ପଲ, ଶ୍ରୀକର ଭରତ ଓ ଧ୍ରୁବ ଜୁରେଲ (ଉଭୟ ୱିକେଟରକ୍ଷକ), ମାନବ ସୁତାର ଓ ପୁଲକିତ ନାରଙ୍ଗ (ଉଭୟ ସ୍ପିନର), ନଭଦୀପ ସଇନି, ବିଦ୍ୱାଥ କାଭେରାପ୍ପା, ତୁଷାର ଦେଶପାଣ୍ଡେ ଓ ଆକାଶଦୀପ।

## ବର୍ଷାରେ ଧୋଇଗଲା ଶ୍ରୀଲଙ୍କା-ଜିମ୍ବାୱେ ପ୍ରଥମ ଦିନିକିଆ

କଲମ୍ବୋ, ୬।୧ (ଏଜେନ୍ସି)

ଘରୋଇ ଶ୍ରୀଲଙ୍କା ଓ ଜିମ୍ବାୱେ ମଧ୍ୟରେ ଶନିବାରଠାରୁ ଆରମ୍ଭ ହୋଇଥିବା ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍ ବର୍ଷାରେ ଧୋଇଯାଇଛି। ଏହି ମ୍ୟାଚରେ ଟସ୍ ଜିତି ଶ୍ରୀଲଙ୍କା ଅଧିନାୟକ କୁଶଳ ମେଣ୍ଡିସ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମ ଓଭରରେ ଘରୋଇ ଦଳ ଓପନର୍ ଅଭିଷ୍କା ଫର୍ଣ୍ଣାଣ୍ଡୋ (୦)ଙ୍କ ୱିକେଟ୍ ହରାଇଥିଲା। କିନ୍ତୁ ପରବର୍ତ୍ତୀ ବ୍ୟାଟରଙ୍କ ଉପଯୋଗୀ ପାଳି ଯୋଗୁ ଶ୍ରୀଲଙ୍କା ୫୦ ଓଭରରେ ୯ ୱିକେଟ୍ ହରାଇ ୨୭୩ ରନ କରିଥିଲା। ଦଳ ପକ୍ଷରୁ ବାମହାତୀ ବ୍ୟାଟର୍ ଚରିଥ୍ ଆଶଲଙ୍କା ସର୍ବାଧିକ ୧୦୧ର ରନ କରିଥିଲେ। ଏହି ପାଳିରେ ସେ ୫ ଚୌକା ଓ ୪ ଛକା ମାରିଥିଲେ। ଚରିଥ୍‌ଙ୍କ ଏହା ୨ୟ ଦିନିକିଆ ଶତକ ଥିଲା। ଅନ୍ୟମାନଙ୍କ ମଧ୍ୟରେ କୁଶଳ ୪୬, ସାଦିରା ସମରବିକ୍ରମା ୪୧ ରନର ପାଳି ଖେଳିଥିଲେ। ଭ୍ରମଣକାରୀ ଜିମ୍ବାୱେ ପକ୍ଷରୁ ବ୍ଲେସିଂ ମୁଜରବାନୀ, ଫରାଜ ଆକ୍ରମ ଓ ରିଚାର୍ଡ ନଗାରଭା ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ୨୭୪ ରନର ଲକ୍ଷ୍ୟକୁ ପିଛା କରିଥିବା ଜିମ୍ବାୱେ ୪ ଓଭରରେ ୨ ୱିକେଟ୍ ହରାଇ ୧୨ ରନ କରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏହାପରେ ଲଗାଣ ବର୍ଷା ହେବାରୁ ଖେଳକୁ ବନ୍ଦ ରଖାଯାଇଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ବର୍ଷା ନ ଛାଡ଼ିବାରୁ ଶେଷରେ ଏହାକୁ ବାତିଲ କରାଯାଇଥିଲା।

ପ୍ରୋ କବାଡ଼ି ଲିଗ୍-୧୦

## ଜାଏଣ୍ଟ୍‌ସର ୭ମ; ପାନ୍ଥର୍ସର ୬ଷ୍ଠ ବିଜୟ

ମୁମ୍ବଇ, ୬।୧ (ଏଜେନ୍ସି)

ସ୍ଥାନୀୟ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଇଣ୍ଡୋର ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ପ୍ରୋ କବାଡ଼ି ଲିଗ୍ ୧୦ମ ସଂସ୍କରଣର ଦୁଇଟି ମ୍ୟାଚରେ ଜୟପୁର ପିଙ୍କ୍ ପାନ୍ଥର୍ସ ଓ ଗୁଜରାଟ ଜାଏଣ୍ଟ୍‌ସ ବିଜୟୀ ହୋଇଛନ୍ତି। ଦିବସର ପ୍ରଥମ ମ୍ୟାଚରେ ଜୟପୁର ପିଙ୍କ୍ ପାନ୍ଥର୍ସ ୪୧-୩୧ ପଏଣ୍ଟରେ ୟୁ ମୁମ୍ବା'କୁ ପରାସ୍ତ କରିଛି। ଜୟପୁରର ଅର୍ଜୁନ ଦେଶୱାଲ ସର୍ବାଧିକ ୧୭ ପଏଣ୍ଟ ସଂଗ୍ରହ କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିସହ ଜୟପୁର ୧୦ମ ମ୍ୟାଚରୁ ୬ଷ୍ଠ ବିଜୟ ଏବଂ ୨ଟି ଲେଖାଏ ପରାଜୟ ଓ ଡ୍ର ସହ ୩୮ ପଏଣ୍ଟ ପାଇ ଟେବଲ୍‌ର ୩ୟ ସ୍ଥାନରେ ରହିଛି। ସେହିଭଳି ୟୁ ମୁମ୍ବା ୯ମ ମ୍ୟାଚରୁ ୩ୟ ପରାଜୟ ଓ ୬ ବିଜୟ ସହ ୩୧ ପଏଣ୍ଟ ପାଇ ୫ମ ସ୍ଥାନ ଲାଭ କରିଛି।



ଅପରପକ୍ଷରେ ଦିବସର ୨ୟ ମ୍ୟାଚରେ ଗୁଜରାଟ ଜାଏଣ୍ଟ୍‌ସ ଓ ତେଲୁଗୁ ଟାଇଟନ୍ସ ସାମ୍ନାସାମ୍ନି ହୋଇଥିଲେ। ଏଥିରେ ଜାଏଣ୍ଟ୍‌ସ ୩୭-୩୦ ପଏଣ୍ଟରେ ଟାଇଟନ୍ସକୁ ହରାଇଦେଇଛି। ଏଗାରତମ ମ୍ୟାଚରୁ ଗୁଜରାଟର ଏହା ୭ମ ବିଜୟ। ଦଳ ୩୯ ପଏଣ୍ଟ ପାଇ ଟେବଲ୍‌ର ୨ୟ ସ୍ଥାନକୁ ଉଠିଛି। ସେହିଭଳି ୧୦ମ ମ୍ୟାଚରୁ ୯ମ ପରାଜୟ ସହ ତେଲୁଗୁ ୯ ପଏଣ୍ଟ ପାଇ ସର୍ବନିମ୍ନ ୧୨ତମ ସ୍ଥାନରେ ରହିଛି।

## ଆଫଗାନ୍ ଦଳରେ ମୁଜୀବ, ରଶିଦ୍ ସାମିଲ



କାବୁଲ, ୬।୧ (ଏଜେନ୍ସି): ଫ୍ରାଞ୍ଚାଇଜ୍ କ୍ରିକେଟ ଖେଳିବା ଲାଗି ଅନୁମତି ପାଇ ନ ଥିବା ଯୁବ ସ୍ପିନର ମୁଜୀବ-ଉର-ରହମନ ଓ ଆହତ ସମସ୍ୟାରୁ ମୁକୁଳିଥିବା ପ୍ରମୁଖ ସ୍ପିନର ରଶିଦ୍ ଖାନ୍‌ଙ୍କୁ ଭାରତ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଲାଗି ଆଫଗାନିସ୍ତାନ କ୍ରିକେଟ ଦଳରେ ସାମିଲ କରାଯାଇଛି। ଇବ୍ରାହିମ ଜଦ୍ରାନ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। ନିୟମିତ ଅଧିନାୟକ ରଶିଦ୍ ଖାନଙ୍କ ଫିଟ୍‌ନେସ ନେଇ ସନ୍ଦେହ ଥିବାରୁ ତାଙ୍କୁ ନେତୃତ୍ୱ ପ୍ରଦାନ କରାଯାଇନାହିଁ। ମୋହାଲିରେ ଜାନୁଆରୀ ୧୧ରୁ ଏହି ସିରିଜ୍ ଆରମ୍ଭ ହେବ।

ନିକଟରେ ୟୁଏଇ ସହ ଖେଳାଯାଇଥିବା ଟି-୨୦ ସିରିଜ୍‌ରେ ଉପରୋକ୍ତ ଦୁଇ ସ୍ପିନରଙ୍କୁ ସାମିଲ କରାଯାଇ ନଥିଲା। ଏହି ସିରିଜ୍ ଲାଗି ରିଜର୍ଭ ଖେଳାଳି ଥିବା ଇକ୍ରାମ ଅଲ୍ଲୀଖୀଲ ମଧ ଦଳରେ ସ୍ଥାନ ପାଇଛନ୍ତି। ଭାରତ ବିପକ୍ଷରେ ପ୍ରଥମ ସିରିଜ୍ ଖେଳିବା ଲାଗି ଆମେ ବେଶ ଉତ୍ସାହିତ। ଭାରତ ବିଶ୍ୱରେ ଏକ ଶ୍ରେଷ୍ଠ ଦଳ। ଏହି ଦଳଠାରୁ ଆମେ ଅନେକ କିଛି ଶିକ୍ଷା ଲାଭ କରିବୁ ବୋଲି ଆଫଗାନିସ୍ତାନ କ୍ରିକେଟ ବୋର୍ଡ ମିରୱାଇସ୍ ଅଶ୍ରଫ୍ କହିଛନ୍ତି। ଟି-୨୦ ସିରିଜ୍‌ର ମ୍ୟାଚ୍ ଗୁଡ଼ିକ ମୋହାଲି, ଇନ୍ଦୋର ଓ ବେଙ୍ଗାଲୁରୁରେ ଯଥାକ୍ରମେ ଜାନୁଆରୀ ୧୧, ୧୪ ଓ ୧୭ରେ ଖେଳାଯିବ।

**ଆଫଗାନିସ୍ତାନ ଦଳ:** ଇବ୍ରାହିମ ଜଦ୍ରାନ, (ଅଧିନାୟକ), ରହମନୁଲ୍ଲା ଗୁରବାଜ ଓ ଇକ୍ରାମ ଅଲ୍ଲୀଖୀଲ (ଉଭୟ ୱିକେଟ ରକ୍ଷକ), ହଜରତଉଲ୍ଲା ଜାଜାଇ, ରହମତ ଶାହ, ନଜିବୁଲ୍ଲା ଜଦ୍ରାନ, ମହମ୍ମଦ୍ ନବି, କରିମ ଜାନତ, ଆଜମତଲା ଓମରଜାଇ, ସରାଫୁଦ୍ଦିନ ଅଶ୍ରଫ, ମୁଜୀବ-ଉର-ରହମନ, ଫଜଲ ହକ୍ ଫାରୁକି, ଫରୀଦ ଅହମ୍ମଦ୍, ନବୀନ-ଉଲ-ହକ୍, ନୁର ଅହମ୍ମଦ୍, ମହମ୍ମଦ୍ ସଲୀମ୍, କାଏସ ଅହମ୍ମଦ୍, ଗୁଲବଦିନ ନାଏବ ଓ ରଶିଦ୍ ଖାନ୍।

## ମ୍ୟାକ୍ସୱେଲ୍‌ଙ୍କ ୨୦୧ ରନ; ୨୦୨୩ର ଶ୍ରେଷ୍ଠ ପାଳି

ଲଣ୍ଡନ, ୬।୧ (ଏଜେନ୍ସି): ଗତବର୍ଷ ଶେଷ ଭାଗରେ ଭାରତରେ ଖେଳାଯାଇଥିବ ଆଇସିସି ଦିନିକିଆ ବିଶ୍ୱକପ୍‌ର ଏକ ଲିଗ୍ ପର୍ଯ୍ୟାୟ ମୁକାବିଲାରେ ଆଫଗାନିସ୍ତାନ ବିପକ୍ଷରେ ଅଷ୍ଟ୍ରେଲିଆର ଗ୍ଲେନ ମ୍ୟାକ୍ସୱେଲ ୨୦୧ ରନର ବିସ୍ଫୋରକ ଅପରାଜିତ ପାଳି ଖେଳିଥିଲେ। ମ୍ୟାକ୍ସୱେଲ୍‌ଙ୍କ ଏହି ପାଳି ୨୦୨୩ ପୁରୁଷ ଦିନିକିଆ କ୍ରିକେଟ୍‌ର ଶ୍ରେଷ୍ଠ ପାଳି ଭାବେ ଜଣାଶୁଣା କ୍ରିକେଟ୍ ମାଗାଜିନ 'ୱିଜଡେନ' ଦ୍ୱାରା ମନୋନୀତ ହୋଇଛି। ମୁମ୍ବଇର ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ୫ ୱିକେଟ୍‌ରେ ୨୯୧ ରନ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଏକଦା ୭ ୱିକେଟ୍ ହରାଇ ୯୧ ରନ କରିଥିଲା। କିନ୍ତୁ ଏହି ସମୟରେ ମ୍ୟାକ୍ସୱେଲ୍‌ଙ୍କ ଅବିଶ୍ୱସନୀୟ ବ୍ୟାଟିଂ କରି ଅପରାଜିତ ଦ୍ୱିଶତକୀୟ ପାଳି ଖେଳିବା ସହ ଦଳକୁ ଏକ ନିଶ୍ଚିତ ପରାଜୟରୁ ରକ୍ଷା କରିଥିଲେ। ୧୨୮ ବଲର ଏହି ପାଳିରେ ସେ ୨୧ ଚୌକା ଓ ୧୦ ଛକା ସହ ୨୦୧ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେ ଅସମାପ୍ତ ୮ମ ୱିକେଟ୍‌ରେ ଅଧିନାୟକ ପ୍ୟାଟ୍ କମିନ୍ସ (୧୨ ରନ, ୬୮ ବଲ)ଙ୍କ ସହ ୨୦୨ ରନର ଭାଗୀଦାରି କରି ଦଳକୁ ରୋମାଞ୍ଚକ ବିଜୟ ଭେଟି ଦେଇଥିଲେ।



ବ୍ରିସବେନ୍ ଅନ୍ତର୍ଜାତୀୟ ଟେନିସ୍

## ସାବାଲେଙ୍କା-ରିବାକିନା ଫାଇନାଲ

ବ୍ରିସବେନ, ୬।୧(ଏଜେନ୍ସି)

ଏଠାରେ ଚାଲିଥିବା ବ୍ରିସବେନ ଅନ୍ତର୍ଜାତୀୟ ଟେନିସ ଟୁର୍ଣ୍ଣାମେଣ୍ଟର ଉଭୟ ପୁରୁଷ ଓ ମହିଳା ଏକକ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ମହିଳା ଏକକରେ ଦୁଇ ଶ୍ରେଷ୍ଠ ସିଡ୍ ଖେଳାଳି ବେଲାରୁଷର ଅରିନା ସାବାଲେଙ୍କା ଓ କାଜାଖସ୍ତାନର ଏଲିନା ରିବାକିନା ରବିବାର ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ ପରସ୍ପରକୁ ଭେଟିବେ। ଶନିବାର ଅନୁଷ୍ଠିତ ସେମିଫାଇନାଲରେ ସାବାଲେଙ୍କା ୬-୨, ୬-୪ ସିଧାସଳଖ ସେଟ୍‌ରେ ନିଜ ଦେଶର ଭିକ୍ଟୋରିଆ ଆଜାରେଙ୍କାଙ୍କୁ ପରାସ୍ତ କରି ଓ ରିବାକିନା ୬-୩, ୬-୨ ସିଧାସଳଖ ସେଟ୍‌ରେ ଚେକ ଗଣରାଜ୍ୟର ଲିଣ୍ଡା ନୋସ୍କୋଭାଙ୍କୁ ହରାଇ ଫାଇନାଲରକୁ ଉଠିଛନ୍ତି। ପୂର୍ବରୁ କ୍ୱାର୍ଟର ଫାଇନାଲରେ ରିବାକିନା ୱାକଓଭର ପାଇଁ ସେମିକୁ ଉଠିଥିଲେ। ସେହିପରି ସାବାଲେଙ୍କା ୬-୧, ୬-୪ ସେଟ୍‌ରେ ୫ମ ସିଡ୍ ଡାରିଆ କାସାତକିନାଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ।



### ରୁନ୍- ଡିମିଟ୍ରୋଭ ଟାଇଟଲ ମୁକାବିଲା

ପୁରୁଷ ଏକକ ପ୍ରତିଯୋଗିତାରେ ଶ୍ରେଷ୍ଠ ସିଡ୍ ଖେଳାଳି ଡେନମାର୍କର ହୋଲଗାର ରୁନ ଓ ବୁଲଗେରିଆର ଦ୍ୱିତୀୟ ସିଡ୍ ଖେଳାଳି ଗ୍ରିଗର ଡିମିଟ୍ରୋଭ ରବିବାର ଟାଇଟଲ ପାଇଁ ପରସ୍ପରକୁ ଭେଟିବେ। ଶନିବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚରେ ରୁନ ୬-୪, ୭-୬ସେଟରେ ରୁଷିଆର ରୋମାନ ସାଫିଉଲିନଙ୍କୁ ଓ ଡିମିଟ୍ରୋଭ ୬-୩, ୭-୫ ସେଟ୍‌ରେ ଅଷ୍ଟ୍ରେଲିଆର ଜୋର୍ଡାନ ଥମ୍ପସନଙ୍କୁ ହରାଇ ଫାଇନାଲ ଟିକେଟ ହାସଲ କରିଛନ୍ତି। ଏହାପୂର୍ବରୁ କ୍ୱାର୍ଟର ଫାଇନାଲରେ ଡିମିଟ୍ରୋଭ ୬-୧, ୬-୪ ସେଟରେ ଅଷ୍ଟ୍ରେଲିଆର ରିଙ୍କି ହିଜିକାତାଙ୍କୁ ଓ ରୁନ୍ ୬-୨, ୭-୬ ସେଟ୍‌ରେ ଅଷ୍ଟ୍ରେଲିଆର ଜେମ୍ସ ଡକୱର୍ଥଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ।

### ଯୁଗଳ ସେମିରେ ହାରିଲେ ଭାମ୍ବ୍ରି

ପୁରୁଷ ଯୁଗଳ ପ୍ରତିଯୋଗିତାରେ ଅଷ୍ଟମ ସିଡ୍ ମାନ୍ୟତା ପାଇଥିବା ଭାରତର ୟୁକି ଭାମ୍ବ୍ରି ଓ ତାଙ୍କ ନେଦରଲାଣ୍ଡସ ସାଥି ରବିନ ହାସ ସେମି ଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଶନିବାର ଅନୁଷ୍ଠିତ ସେମିଫାଇନାଲରେ ଏହି ଯୋଡି ୩-୬, ୭-୬, ୯-୧୧ରେ ନେଦରଲାଣ୍ଡସ ଓ ବ୍ରିଟେନ ଯୋଡି ଜିନ୍- ଜୁଲିଏନ ରୋଜର ଓ ଲୟଡ ଗ୍ଲାସପୁଲଙ୍କଠାରୁ ପରାସ୍ତ ହୋଇଛନ୍ତି।

ଅଲ୍ଟିମେଟ୍ ଖୋ ଖୋ-୨

## ସେମିରେ ଜଗରନଟ୍ସ, କ୍ୱିକ୍ ଗନ୍ସ

ଭୁବନେଶ୍ୱର, ୬।୧ (ସମିସ)

ଭୁବନେଶ୍ୱର, ୬।୧ (ସମିସ): ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଜଗରନଟ୍ସ ୩ୟ ଦଳ ଭାବେ ଚଳିତ ଅଲ୍ଟିମେଟ୍ ଖୋ ଖୋ'ର ଦ୍ୱିତୀୟ ସଂସ୍କରଣରେ ସେମିଫାଇନାଲରେ ପ୍ରବେଶ କରିଛି। ଶନିବାର କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଖେଳାଯାଇଥିବା ଚଳିତ ସଂସ୍କରଣର ୨୩ତମ ଲିଗ୍ ମ୍ୟାଚରେ ଘରୋଇ ଜଗରନଟ୍ସ ୩ (୩୦-୨୭) ପଏଣ୍ଟରେ ରୋମାଞ୍ଚକ ଭାବେ ଗୁଜରାଟ ଜାଏଣ୍ଟ୍‌ସକୁ ପରାସ୍ତ କରିଛି। ପୂର୍ବରୁ ଗୁଜରାଟ ଓ ତେଲୁଗୁ ଯୋଦ୍ଧାସ ସେମିଫାଇନାଲରେ ସ୍ଥାନ ପକ୍କା କରିସାରିଛନ୍ତି।

ପ୍ରତିଯୋଗିତାରେ ଓଡ଼ିଶାର ଏହା ୮ମ ମ୍ୟାଚରୁ ୪ର୍ଥ ବିଜୟ ଥିଲା। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ୮ ମ୍ୟାଚରୁ ୪ ବିଜୟ ଏବଂ ୨ଟି ଲେଖାଏ ପରାଜୟ ଓ ଟାଇ ସହ ୧୭ ପଏଣ୍ଟ ପାଇ ଟେବଲ୍‌ର ୪ର୍ଥ ସ୍ଥାନରେ ରହିଛି। ଅପରପକ୍ଷରେ ଗୁଜରାଟ ସମାନ ସଂଖ୍ୟକ ମ୍ୟାଚ ଖେଳି ୫ ବିଜୟ, ୨ ପରାଜୟ ଓ ଗୋଟିଏ ଟାଇ ସହ ୧୮ ପଏଣ୍ଟ ପାଇ ଶୀର୍ଷରେ ବଳବତ୍ତର ରହିଛି। ଜଗରନଟ୍ସ ପରବର୍ତ୍ତୀ ମୁକାବିଲାରେ ରବିବାର ତେଲଗୁ ଯୋଦ୍ଧାସକୁ ଭେଟିବ। ଶନିବାର ଓଡ଼ିଶା ବିପକ୍ଷ ମ୍ୟାଚରେ ଟସ୍ ଜିତି ଗୁଜରାଟ ଡିଫେନ୍ସ କରିଥିଲା। ପ୍ରଥମ ଟର୍ନରେ ଜଗରନଟ୍‌ସ ପ୍ରତିପକ୍ଷର ୭ ଜଣ ଖେଳାଳିଙ୍କୁ ଆଉଟ୍ କରିଥିବାବେଳେ ଗୁଜରାଟ ୨ଟି ଡ୍ରିମ ପଏଣ୍ଟ ହାତେଇନେଇଥିଲା। ଫଳରେ ପ୍ରଥମ ଟର୍ନରେ ଓଡ଼ିଶା ୧୪-୨ରେ ଆଗୁଆ ରହିଥିଲା। ଏହାପରେ ଦ୍ୱିତୀୟ ଟର୍ନରେ ଓଡ଼ିଶା ଦଳ ଚମତ୍କାର ଡିଫେନ୍ସ ଦେଖାଇଥିଲା। ଓଡ଼ିଶାର ପ୍ରଥମ ବ୍ୟାଚ୍‌ରେ ଆସିଥିବା ଏମ୍‌କେ ଗୌତମ, ବିଶାଳ ଓ ଦିଲୀପ ଖଣ୍ଡାଭିଙ୍କ ଚମତ୍କାର ରନିଂ କରି ୫ ମିନିଟ୍ ୧୩ ସେକେଣ୍ଡ ମ୍ୟାଟ୍‌ରେ ରହିଥିଲେ। ଯେଉଁଥିରେ ଓଡ଼ିଶା ୫ଟି ଡ୍ରିମ୍ ପଏଣ୍ଟ ମଧ୍ୟ ପାଇଥିଲା। ପ୍ରଥମ ଇନିଂସ ସୁଦ୍ଧା ଓଡ଼ିଶା ୧୯-୧୪ରେ ଆଗୁଆ ରହିଥିଲା। ତୃତୀୟ ଟର୍ନରେ ଗୁଜରାଟ ଡିଫେନ୍ସରେ ଉନ୍ନତି ଆସିଥିଲେ। ଯାହା ଫଳରେ ଓଡ଼ିଶା ମାତ୍ର ୧୦ ପଏଣ୍ଟ ଅଗ୍ରଣୀ ନେଇପାରିଥିଲା। ଶେଷ ତଥା ୪ର୍ଥ ଟର୍ନରେ ଓଡ଼ିଶା ଡିଫେନ୍ସରେ ପ୍ରଭାବୀ ପ୍ରଦର୍ଶନ କରିବା ସହ ଡ୍ରିମ୍ ପଏଣ୍ଟ ହାତେଇ ମାତ୍ର ୩ ପଏଣ୍ଟରେ ମ୍ୟାଚ୍ ଜିତିବା ସହ ସେମିଫାଇନାଲରେ ପହଞ୍ଚିଥିଲା। ଅପରପକ୍ଷରେ ଦିବସରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ଚେନ୍ନାଇ କୁଇକ୍ ଗନ୍ସ ୪୧-୧୮ ପଏଣ୍ଟରେ ମୁମ୍ବାଇ ଖିଲାଡିସକୁ ପରାସ୍ତ କରି ୪ର୍ଥ ଦଳ ଭାବେ ସେମିଫାଇନାଲରେ ପହଞ୍ଚିଛି। ୮ ମ୍ୟାଚରୁ ୧୯ ପଏଣ୍ଟ ପାଇ କୁଇକ୍ ଗନ୍ସ ଶୀର୍ଷକୁ ଉଠିଛି। ସେହିଭଳି ମୁମ୍ବାଇ ୮ମ ମ୍ୟାଚରୁ ୬ଷ୍ଠ ପରାଜୟବରଣ କରି ୭ ପଏଣ୍ଟ ସହ ୭ମ ସ୍ଥାନରେ ରହିଛି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୧୬ ● ପାଉଣ୍ଡ ୧୦୫.୮୦
- ୟୁରୋ ୯୧.୦୫ ● ୟେନ୍ ୦.୫୭

### ସୁନାରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୮,୦୦୦ (ନୂଆଦିଲ୍ଲୀ)
- ରୁପା : ୭୮,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୦୨୬.୦୦
- ନିଫ୍ଟି ୨୧,୭୧୦.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



## ଲୋହିତ ସାଗରରେ ପଣ୍ୟବାହୀ ଜାହାଜ ଉପରେ ବଢୁଛି ଆକ୍ରମଣ

# ପ୍ରଭାବିତ ହୋଇପାରେ ଶେୟାର ବଜାର, ବଢ଼ିପାରେ ମୂଲ୍ୟ

**ନୂଆଦିଲ୍ଲୀ,୬।୧(ଏଜେନ୍ସି)**

ହମାସ୍ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରେ ମଧ୍ୟପ୍ରାଚ୍ୟ ରାଜନୀତିରେ ଯଥେଷ୍ଟ ପରିବର୍ତ୍ତନ ଘଟିବା ସହିତ ବିଭିନ୍ନ ଇସଲାମିକ୍ ଦେଶରେ ସକ୍ରିୟ ରହିଥିବା ଆତଙ୍କବାଦୀ ସଂଗଠନ ଇସ୍ରାଏଲ ଏବଂ ଆମେରିକା ବିରୋଧରେ ହୁଙ୍କାର ଦେଇଛନ୍ତି। ଏହାକୁ ନେଇ ବିଭିନ୍ନ ସଂଗଠନ ସାମୁଦ୍ରିକ ପଥରେ ପଣ୍ୟବାହୀ ଜାହାଜଗୁଡିକୁ ନିଶାଣ କରିଛନ୍ତି। ବିଶେଷକରି ଆରବ ଦେଶଗୁଡିକରୁ ଅନ୍ୟ ଦେଶକୁ ପେଟ୍ରୋଲିୟମ ନେଇ ଯାଉଥିବା ଜାହାଜଗୁଡିକ ଉପରେ ୟେମେନର ହୁତି ବିଦ୍ରୋହୀଙ୍କ ଠାରୁ ଆରମ୍ଭ କରି ଇରାନର ଆତଙ୍କବାଦୀ ସଂଗଠନ ଏବଂ ସୋମାଲିଆ ଜଳଦସ୍ୟୁମାନେ ନିଶାଣ କରି ଆକ୍ରମଣ ଚଳାଇଛନ୍ତି। ଗତକାଲି ସୋମାଲିଆ ଉପକୂଳରେ ଏକ ଲାଇବେରିଆ ଜାହାଜକୁ ଅପହରଣ କରାଯିବା ଘଟଣା ଏହାର ସଦ୍ୟତମ ଉଦାହରଣ। ତେବେ ଏଭଳି ସ୍ଥିତିରେ ଆନ୍ତର୍ଜାତିକ ପରିବହନ ବ୍ୟବସ୍ଥା ବାଧାପ୍ରାପ୍ତ ହେବା ସହିତ ଏହାର ପରୋକ୍ଷ ପ୍ରଭାବ ଶେୟାର ବଜାର ଉପରେ ଅନୁଭୂତ ହେବା ଆଶଙ୍କା ବଢାଇଛି। କେବଳ ସେତିକି ନୁହେଁ, ବରଂ ଏହା ଯୋଗୁଁ ବିଭିନ୍ନ ସାମଗ୍ରୀ ମୂଲ୍ୟ ମଧ୍ୟ ବଢିବ ବୋଲି ଆକଳନ କରାଯାଉଛି। କାରଣ ଏଭଳି ସ୍ଥିତିରେ ଜାହାଜ ପରିବହନ ଖର୍ଚ୍ଚରେ ୬୦ ପ୍ରତିଶତ ବୃଦ୍ଧି ପାଇବା ସହିତ ବୀମା ପ୍ରିମିୟମ ବାବଦ ଦେୟ ମଧ୍ୟ ୨୦ ପ୍ରତିଶତ ବୃଦ୍ଧି ପାଇବ 'ଗ୍ଲୋବାଲ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍(ଜିଟିଆରଆଇ) ପକ୍ଷରୁ କୁହାଯାଇଛି। ସୋମାଲିଆ ଉପକୂଳ ଠାରୁ ଆରମ୍ଭ କରି ଆରବ ସାଗର ଏବଂ ଲୋହିତ ସାଗରରେ ପଣ୍ୟବାହୀ ଜାହାଜଗୁଡିକୁ ନିଶାଣ କରାଯାଉଥିବାରୁ ମଧ୍ୟପ୍ରାଚ୍ୟ, ଆଫ୍ରିକା, ୟୁରୋପ ଏବଂ ଏସିଆର ବିଭିନ୍ନ ଅଞ୍ଚଳକୁ ଆସୁଥିବା ଜାହାଜ ପ୍ରଭାବିତ ହେଉଛନ୍ତି। ଭାରତ ମହାସାଗର ସହ ଲୋହିତ ସାଗର ଏବଂ ଭୂମଧ୍ୟସାଗର ସାମୁଦ୍ରିକ ରୁଟ୍‌କୁ ଯୋଡୁଥିବା ବାବ୍-ଏଲ-ମାନଦେବ ପ୍ରଣାଳୀ ଏବେ ଆକ୍ରମଣକାରୀଙ୍କ କେନ୍ଦ୍ରସ୍ଥଳ ହୋଇଛି। ଏହି ରୁଟ୍ ଦେଇ ସର୍ବାଧିକ ଜାହାଜ ଯାତାୟତ କରିଥିଲା ବେଳେ ସେଗୁଡିକୁ ଅପହରଣ କରାଯାଉଛି କିମ୍ବା ଆକ୍ରମଣ କରାଯାଉଛି। ଏହାକୁ ନେଇ ଏବେ ଅନେକ ପଣ୍ୟବାହୀ ଜହାଜ ଅନ୍ୟ ରୁଟ୍ ଦେଇ ଯାତାୟତ କରିବାକୁ ଉଚିତ୍ ମଣିଛନ୍ତି। କିନ୍ତୁ ଏଥିପାଇଁ ସେମାନଙ୍କୁ ଗନ୍ତବ୍ୟସ୍ଥଳରେ ପହଞ୍ଚିବାକୁ ଅଧିକ ୨୦ ଦିନ ସମୟ ଲାଗୁଛି। ଫଳରେ ପରିବହନଜନିତ ଖର୍ଚ୍ଚ ୪୦ ରୁ ୬୦ ପ୍ରତିଶତ ବୃଦ୍ଧି ପାଇବ ବୋଲି ଜିଟିଆରଆଇ କହିଛି। ସେହିପରି ବହୁ ଜାହାଜକୁ ଅଟକାଯିବା କିମ୍ବା ଆକ୍ରମଣ ଦ୍ୱାରା ନଷ୍ଟ କରାଯାଉଥିବାରୁ ପଣ୍ୟସାମଗ୍ରୀ ନଷ୍ଟ ହେବା କାରଣ ବୀମାଜନିତ ବ୍ୟୟ ମଧ୍ୟ ବୃଦ୍ଧି ଆଣିବ ବୋଲି କୁହାଯାଇଛି। ଏହି ସ୍ଥିତି ବିଭିନ୍ନ କ୍ଷେତ୍ରକୁ ପ୍ରଭାବିତ କରିବା ସହିତ ଆନ୍ତର୍ଜାତିକ ବ୍ୟାବସାୟିକ କ୍ଷେତ୍ରକୁ ଭାରୀ ମାତ୍ରାରେ ପ୍ରଭାବିତ କରିବ ବୋଲି କୁହାଯାଇଛି।

### ପରିବହନ ଖର୍ଚ୍ଚ ୬୦ %, ବୀମାଜନିତ ବ୍ୟୟରେ ୨୦% ବୃଦ୍ଧି ଆଶଙ୍କା




## କମ୍ପାନୀଙ୍କୁ ସରକାରଙ୍କ ନିର୍ଦ୍ଦେଶ

# ଖରାପ ଔଷଧ ପ୍ରତ୍ୟାହାର ପୂର୍ବରୁ କର୍ତ୍ତୃପକ୍ଷଙ୍କୁ ଜଣାଅ

**ନୂଆଦିଲ୍ଲୀ, ୬।୧ (ଏଜେନ୍ସି):** ଫାର୍ମାସ୍ୟୁଟିକାଲ କମ୍ପାନୀଗୁଡିକ ଲାଗି ସ୍ୱାସ୍ଥ୍ୟ ମନ୍ତ୍ରାଳୟ ନୂଆ ମାର୍ଗଦର୍ଶିକା ଜାରି କରିଛି। କୌଣସି ଖରାପ ଔଷଧର ପ୍ରତ୍ୟାହାର ପୂର୍ବରୁ ଲାଇସେନ୍ସ ଦେଇଥିବା କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସବୁ ଉତ୍ପାଦରେ ଥିବା ଖରାପ ଔଷଧ, ନିମ୍ନମାନର କିମ୍ବା ଭୁଲ୍‌ରେ ପ୍ରସ୍ତୁତ ହୋଇଥିବା ଉତ୍ପାଦ ବିଷୟରେ ମଧ୍ୟ ସୂଚନା ଦେବାକୁ ପଡ଼ିବ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଏବଂ ଅନ୍ୟ ବିଶ୍ୱ ସଂସ୍ଥା ଦ୍ୱାରା ଆଧାରିତ ନିୟମ ଆଧାରରେ ଔଷଧର ପରୀକ୍ଷଣ ମଧ୍ୟ କରିବାକୁ ହେବ। ସରକାର ଗତ ୨୮ ତାରିଖରେ ବିଜ୍ଞପ୍ତି ଜାରି କରି କମ୍ପାନୀଗୁଡିକୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଶୁକ୍ରବାର ଏହି ସୂଚନା ସାମ୍ନାକୁ ଆସିଥିଲା। ଡ୍ରଗ୍ସ ଆଣ୍ଡ କସ୍‌ମେଟିକ୍ସ ଆଇନ, ୧୯୪୦ର ଧାରା ଏମ୍ ଅନୁଯାୟୀ ଏହା ବିଜ୍ଞପ୍ତି ଜାରି କରାଯାଇଛି। ସୂଚନାଯୋଗ୍ୟ ଯେ ୨୦୨୨ରେ ଭାରତରେ ପ୍ରସ୍ତୁତ ଔଷଧ ଖାଇ ବିଦେଶରେ ଅନେକ ଲୋକଙ୍କ ଜୀବନ ଯାଇଥିଲା। ଏଥିଯୋଗୁଁ ସରକାର ଫାର୍ମାସ୍ୟୁଟିକାଲ ଉଦ୍ୟୋଗ ଉପରେ ନଜର ରଖିବା ପାଇଁ ପ୍ରୟାସ କରୁଛନ୍ତି। ଏହି ଉଦ୍ୟୋଗ ୫୦ ବିଲିୟନ ଡଲାରର। ନୂଆ ମାର୍ଗଦର୍ଶିକାରେ ବିଶ୍ୱର ବିଭିନ୍ନ ପାଣିପାଗ ଅନୁଯାୟୀ ଔଷଧର ପରୀକ୍ଷଣ କରିବାକୁ ପ୍ରାଧାନ୍ୟ ଦିଆଯାଇଛି। ସାରା ବିଶ୍ୱରେ ଗ୍ରହଣ କରାଯାଇପାରୁଥିବା ମାନର ଔଷଧ ପ୍ରସ୍ତୁତ କରାଯାଉ। ସମସ୍ତ ପରୀକ୍ଷଣ ସଫଳ ହେବା ପରେ ଯାଇ ଔଷଧକୁ ବଜାରକୁ ଛଡ଼ାଯାଉ। ଏହା ସହିତ ଔଷଧର ମାନ ପାଇଁ କମ୍ପାନୀଗୁଡିକ ଦାୟୀ ରହିବେ ବୋଲି କୁହାଯାଇଛି।



## ରିଟେଲ ଜୁଏଲର୍ସ ଏମ୍‌ଡି ଓ ସିଇଓ ଆୱାର୍ଡ-୨୦୨୪

# ଖିମ୍‌ଜୀ ଜୁଏଲର୍ସଙ୍କୁ ରିଟେଲ୍ ଚେନ୍ ଅଫ୍ ଦି ଇୟର ସମ୍ମାନ

**ଭୁବନେଶ୍ୱର,୬।୧(ଏଜେନ୍ସି):** ଓଡ଼ିଶାର ପ୍ରତିଷ୍ଠିତ ଜୁଏଲାରୀ ବ୍ରାଣ୍ଡ ଖିମଜୀ ଜୁଏଲର୍ସଙ୍କୁ ଭାରତର ପୂର୍ବାଞ୍ଚଳ ଜୁଏଲାରୀ ଶିଳ୍ପରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ରିଟେଲ ଜୁଏଲର, ଏମ୍‌ଡି ଓ ସିଇଓ ଆୱାର୍ଡସ୍-୨୦୨୪ ପକ୍ଷରୁ ସମ୍ମାନଜନକ ରିଜିଓନାଲ ରିଟେଲ ଚେନ୍ ଅଫ ଦି ଇୟର (ଇଷ୍ଟ) ସମ୍ମାନରେ ସମ୍ମାନିତ କରାଯାଇଛି।

ଖିମଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମଜୀ ନାମୀ ବଲିଉଡ ଅଭିନେତ୍ରୀ ସାନ୍ୟା ମାଲହୋତ୍ରା ଏବଂ ମିସ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ ୨୦୨୧ ବିଜେତା ତଥା ଅଭିନେତ୍ରୀ ଜୋୟା ଆଫ୍ରୋଜଙ୍କ ନିକଟରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ମୁମ୍ବାଇରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାରତର ସର୍ବବୃହତ୍ ଜୁଏଲାରୀ ବ୍ରାଣ୍ଡସମୂହର ଏମ୍‌ଡି ଏବଂ ସିଇଓମାନେ ସାମିଲ ହୋଇଥିଲେ। ଯେଉଁମାନେ ଏହି ଶିଳ୍ପର ଅଭିବୃଦ୍ଧିର ପରିଚାୟକ ଭାବରେ ବିବେଚିତ ହେଉଛନ୍ତି। ଏହାବ୍ୟତୀତ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ଦିଗରେ ଜୁଏଲାରୀ ଶିଳ୍ପର ଭୂମିକାକୁ ପରିବର୍ଦ୍ଧିତ କରିବା ଦିଗରେ ମଧ୍ୟ ସେମାନଙ୍କ ଭୂମିକା ଉଲ୍ଲେଖନୀୟ ରହିଛି।ଏହି କାର୍ଯ୍ୟକ୍ରମର ଅଫିସିଆଲ୍ ନଲେଜ ପାର୍ଟନର ଏବଂ ଅଡିଟର ଭାବରେ ପରାମର୍ଶଦାତା ସଂସ୍ଥା ଡିଲଏଟ ରହିଥିବାବେଳେ ଏହା ଖିମଜୀ ଜୁଏଲର୍ସ ପାଇଁ ବୃହତ୍ତର ସାଧନ ସମ୍ପନ୍ନତାକୁ ଆଗେଇନେବା ଏବଂ ପୂର୍ବ ଭାରତରେ ଉକ୍ତ ବ୍ରାଣ୍ଡର ବ୍ୟବସାୟିକ ସଫଳତା ନିମନ୍ତେ ଅଧିକ ପ୍ରୋତ୍ସାହିତ କରିଛି।ଖିମଜୀ ଜୁଏଲର୍ସର ସମ୍ପ୍ରତି ଓଡ଼ିଶାରେ ୯ଟି ଷ୍ଟୋର ରହିଛି ଏବଂ ଏହା ରାଜ୍ୟରେ ସର୍ବବୃହତ ରିଟେଲ ଜୁଏଲର ଚେନ୍ ହୋଇଛି। ଜୁଏଲାରୀ ଶିଳ୍ପର ଏଭଳି ଏକ ଭବ୍ୟ ସମାବେଶରେ ସ୍ୱୀକୃତି ଲାଭ କରି ଆମେ ନିଜକୁ ଗୌରବାନ୍ୱିତ ମନେ କରୁଛୁ ବୋଲି ଆନନ୍ଦ ପ୍ରକାଶ କରି ମିତେଶ ଖିମଜୀ କହିଛନ୍ତି।




## କରୋନାରେ ଜୀବନ ନେଇଥିଲା ହାଇଡ୍ରୋକ୍ସିକ୍ଲୋରୋକୁଇନ୍

# ୬ ଦେଶର ୧୭ ହଜାର ମୃତ୍ୟୁ

**ୱାଶିଂଟନ, ୬।୧ (ଏଜେନ୍ସି):** ସାରା ବିଶ୍ୱରେ କରୋନା ମହାମାରୀ ବ୍ୟାପିଥିବାବେଳେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୦୨୦ରେ 'ହାଇଡ୍ରୋକ୍ସିକ୍ଲୋରୋକୁଇନ'ର ପ୍ରଚାରପ୍ରସାର କରିଥିଲେ। ସେ ଏହାକୁ ଚମତ୍କାରୀ ଔଷଧ କହିଥିଲେ। ଏହା ଖାଇଲେ ଜୀବନ ହାନୀ ହେବ ନାହିଁ। ଜଣେ ମହିଳା ହାଇଡ୍ରୋକ୍ସିକ୍ଲୋରୋକୁଇନ (ଏଚ୍‌ସିକ୍ୟୁ) ଖାଇ କରୋନାରୁ ଭଲ ହୋଇଛନ୍ତି। ଆମେରିକାର ଫୁଡ୍ ଆଣ୍ଡ ଡ୍ରଗ୍ସ ଆଡମିନିଷ୍ଟ୍ରେସନ (ଏଫ୍‌ଡିଏ) ଏହି ଔଷଧର ଜରୁରୀକାଳୀନ ବ୍ୟବହାର ଅନୁମତି ଦେଇ ଭଲ କରିଛି। ଟ୍ରମ୍ପଙ୍କ ଏହି ଦାବି ପରେ ଔଷଧର ଚାହିଦା ବଢ଼ିବାରେ ଲାଗିଥିଲା। ଅନେକ ଦେଶ ଏହି ଔଷଧ ପାଇଁ ଲବି କରିଥିଲେ। କିନ୍ତୁ ଏବେ ଏହି ଔଷଧକୁ ନେଇ ବିଚଳତି କରିବା ଭଳି ତଥ୍ୟ ସାମ୍ନାକୁ ଆସିଛି। ସେତେବେଳେ ଏହି ଔଷଧ ଜୀବନ ଦେବା ବଦଳରେ ମୃତ୍ୟୁର କାରଣ ହେଉଥିଲା। ଏଚ୍‌ସିକ୍ୟୁ ଖାଇ ୬ ଦେଶରେ ୧୭ ହଜାର ଲୋକଙ୍କ ମୃତ୍ୟୁ ହୋଇଥିଲା। ଆମେରିକା ଏବଂ ସ୍ପେନରେ ସର୍ବାଧିକ ପ୍ରାଣହାନୀ ହୋଇଥିଲା। ଫ୍ରାନ୍ସ ଗବେଷକଙ୍କ ଏକ ଅଧ୍ୟୟନରୁ ଏହି ତଥ୍ୟ ସାମ୍ନାକୁ ଆସିଛି।

### ଚମତ୍କାରୀ ଔଷଧ କହିଥିଲେ ଟ୍ରମ୍ପ

ସୂଚନା ଅନୁଯାୟୀ ୨୦୨୦ ଜୁନ୍‌ରେ ଏଫଡିଏ ହାଇଡ୍ରୋକ୍ସିକ୍ଲୋରୋକୁଇନର ଜରୁରୀକାଳୀନ ବ୍ୟବହାର ଉପରେ କଟକଣା ଲଗାଇ ଦେଇଥିଲା। ଇଂଲଣ୍ଡ ଜର୍ଣ୍ଣାଲ ଅଫ୍ ମେଡିସିନ୍‌ରେ ପ୍ରକାଶିତ ଅଧ୍ୟୟନ ଆଧାରରେ ଏହି ନିଷ୍ପତ୍ତି ନେଇଥିଲା। ଏଥିରେ ଜଣାପଡ଼ିଥିଲା ଯେ କରୋନା ଉପରେ ଏଚ୍‌ସିକ୍ୟୁର କୌଣସି ପ୍ରଭାବ ପଡୁନାହିଁ। ଏହା ଦ୍ୱାରା ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ମ୍ୟାଲେରିଆ, ଲ୍ୟୁପସ୍ ଏବଂ ରିମେଟାଏଡ ଆର୍ଥାରାଇଟ୍ସ ପାଇଁ ଏଫ୍‌ଡିଏ ଏହାକୁ ମଞ୍ଜୁରି ଦେଇଥିଲା। ସେ ସମୟରେ କରୋନା ପାଇଁ କୌଣସି ଔଷଧ ନ ଥିବାରୁ ଡାକ୍ତରଖାନାରେ ରୋଗୀଙ୍କୁ ଏହି ଔଷଧ ଦିଆଯାଇଥିଲା। ଫ୍ରାନ୍ସରେ ହୋଇଥିବା ଏହି ଅଧ୍ୟୟନରେ ୨୦୨୦ ମାର୍ଚ୍ଚରୁ ଜୁଲାଇ ମଧ୍ୟରେ ପ୍ରଥମ ଲହରର ହୋଇଥିବା ମୃତ୍ୟୁର ବିଶ୍ଳେଷଣ କରାଯାଇଥିଲା। ଏଚ୍‌ସିକ୍ୟୁ ନେଇଥିବା ଅଧିକାଂଶ ଲୋକ କରୋନାରେ ସଂକ୍ରମିତ ହେଉଥିବା ଜଣା ପଡ଼ିଥିଲା। ଏହି ରୋଗୀ ହୃତ୍‌ପିଣ୍ଡ ଏବଂ ମାଂସପେଶୀ ଦୁର୍ବଳ ହୋଇ ଯାଇଥିଲା। ରିପୋର୍ଟ ଅନୁଯାୟୀ ଏଚ୍‌ସିକ୍ୟୁ ଖାଇ ଆମେରିକାରେ ସର୍ବାଧିକ ୧୨, ୭୩୯, ସ୍ପେନରେ ୧,୮୯୫, ଇଟାଲୀରେ ୧,୮୨୨, ବେଲଜିୟମରେ ୨୪୦, ଫ୍ରାନ୍ସରେ ୧୯୯ ଏବଂ ତୁର୍କୀରେ ୯୫ ଜଣଙ୍କ ଜୀବନ ଯାଇଥିଲା।

## ୨୪ ଘଣ୍ଟାରେ ବଦଳିଗଲା ସ୍ଥିତି

# ଆଦାନୀଙ୍କୁ ପଛରେ ପକାଇ ଅମ୍ବାନୀ ପୁଣି ନମ୍ବର ୱାନ୍



**ମୁମ୍ବାଇ,୬।୧(ଏଜେନ୍ସି):** ଦେଶର ଅନ୍ୟତମ ପ୍ରତିଷ୍ଠିତ ଶିଳ୍ପପତି ତଥା ଆଦାନୀ ଗ୍ରୁପ ମୁଖ୍ୟ ଗୌତମ ଆଦାନୀ ଗତକାଲି ଏସିଆ ସମେତ ଭାରତର ସବୁଠାରୁ ଧନୀ ବ୍ୟକ୍ତି ଭାବେ ବ୍ଲୁମବର୍ଗ ବିଲେନିୟର ତାଲିକାରେ ସ୍ଥାନ ପାଇଥିଲେ। ଆଦାନୀଙ୍କ ସମ୍ପତ୍ତି ମୂଲ୍ୟରେ ଗତ ଦୁଇ ଦିନ ମଧ୍ୟରେ ୭.୭ ବିଲିୟନ ଡଲାର ବୃଦ୍ଧି ଘଟିବା ସହିତ ଶୁକ୍ରବାର ସକାଳ ସୁଦ୍ଧା ତାଙ୍କର ମୋଟ ସମ୍ପତ୍ତି ପରିମାଣ ୯୭.୬ ବିଲିୟନ ଡଲାରରେ ପହଞ୍ଚିବା ପରେ ସେ ଭାରତର ସବୁଠୁ ବିତ୍ତଶାଳୀ ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇ ଏହି ତାଲିକାରେ ଶୀର୍ଷରେ ପହଞ୍ଚିଥିଲେ। କିନ୍ତୁ ୨୪ ଘଣ୍ଟା ପରେ ପୁଣି ସ୍ଥିତି ବଦଳିଯାଇଛି। ଆଦାନୀଙ୍କୁ ପଛରେ ପକାଇ ମୁକେଶ ଅମ୍ବାନୀ ପୁଣି ଧନୀ ତାଲିକାରେ ଶୀର୍ଷରେ ରହିଛନ୍ତି। ପୂର୍ବରୁ ମୁକେଶ ଅମ୍ବାନୀଙ୍କ ମୋଟ ସମ୍ପତ୍ତି ମୂଲ୍ୟ ୯୭ ବିଲିୟନ ଡଲାର ରହିଥିଲା ବେଳେ ସେ ଭାରତର ଦ୍ୱିତୀୟ ଧନୀ ବ୍ୟକ୍ତି ଭାବେ ଆଦାନୀଙ୍କ ପଛରେ ରହିଥିଲେ। କିନ୍ତୁ ଶନିବାର ପୁଣି ଖେଳ ବଦଳିଯାଇଛି। ଦିନକ ଭିତରେ ହିଁ ଆଦାନୀଙ୍କୁ ପଛରେ ପକାଇ ପୁଣି ଥରେ ନିଜ ସ୍ଥାନକୁ ଫେରିଛନ୍ତି ଅମ୍ବାନୀ। ଉଲ୍ଲେଖଯୋଗ୍ୟ ଯେ, ଗତକାଲି ଆଦାନୀଙ୍କ ସମ୍ପତ୍ତି ମୂଲ୍ୟରେ ଅଚାନକ ବୃଦ୍ଧି ଘଟିଥିବାରୁ ସେ ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇବା ସହିତ ବିଶ୍ୱ ଅରବପତି ତାଲିକାରେ ମଧ୍ୟ ତାଙ୍କ ସ୍ଥାନ ଉନ୍ନତ ହୋଇଥିଲା। ବିଶ୍ୱ ବିଲେନିୟର ସୂଚକାଙ୍କରେ ଆଦାନୀ ଦ୍ୱାଦଶ ସ୍ଥାନରେ ପହଞ୍ଚିଥିଲେ। ଏହି ତାଲିକାରେ ମୁକେଶ ଅମ୍ବାନୀ ଦ୍ୱାଦଶ ସ୍ଥାନରୁ ୧୩ତମ ସ୍ଥାନକୁ ଖସି ଆସିଥିଲେ।ହେଲେ ବ୍ଲୁମବର୍ଗ ବିଲେନିୟର ସୂଚକାଙ୍କ ଅନୁସାରେ ଶନିବାର ମୁକେଶ ଅମ୍ବାନୀ ୧୨ ନମ୍ବରରେ ଥିବା ବେଳେ ଆଦାନୀ ୧୪ ନମ୍ବରକୁ ଖସି ଆସିଛନ୍ତି। ମୁକୋଶଙ୍କ ମୋଟ ସମ୍ପତ୍ତି ମୂଲ୍ୟ ୯୭.୫ ବିଲିୟନ୍ ଡଲାର ହୋଇଥିବା ବେଳେ ଆଦାନୀଙ୍କ ସମ୍ପତ୍ତି ମୂଲ୍ୟ ୯୪.୫ ବିଲିୟନ୍ ଡଲାର ରହିଥିବା କୁହାଯାଇଛି। ମୁକେଶ ଏବଂ ଆଦାନୀଙ୍କ ବ୍ୟତୀତ ଏହି ତାଲିକାରେ ଅନ୍ୟ ଦୁଇଜଣ ଭାରତୀୟ ଶିଳ୍ପପତି ମଧ୍ୟ ୫୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି।

# କେଏଫ୍‌ସି ଇଣ୍ଡିଆ ପକ୍ଷରୁ ନୂଆ 'ଲଞ୍ଚ ସ୍ପେଶିଆଲ୍ସ'ର ଶୁଭାରମ୍ଭ

**ଭୁବନେଶ୍ୱର,୬।୧(ସମିସ):** ମଧ୍ୟାହ୍ନ ଭୋଜନର ଦ୍ୱନ୍ଦକୁ ଦୂର କରିବା ପାଇଁ କେଏଫସି ଇଣ୍ଡିଆ ପକ୍ଷରୁ ନୂଆ କେଏଫ୍‌ସି ଲଞ୍ଚ ସ୍ପେଶିଆଲ୍ସର ଶୁଭାରମ୍ଭ କରାଯାଇଛି। ସମସ୍ତଙ୍କ ପସନ୍ଦର କେଏଫ୍‌ସି ଖାଦ୍ୟ ସହିତ ମଧ୍ୟାହ୍ନ ଭୋଜନ ନିମନ୍ତେ ଏହି ଶୃଙ୍ଖଳ ପ୍ରସ୍ତୁତ କରାଯାଇଛି ଯାହାର ମୂଲ୍ୟ ମାତ୍ର ୧୪୯ ଟଙ୍କାରୁ ଆରମ୍ଭ ହେଉଛି। କେଏଫ୍‌ସି ଲଞ୍ଚ ସ୍ପେଶିଆଲ୍ସରେ ସବୁ ସମୟର ପସନ୍ଦର ଖାଦ୍ୟ ଚିକେନ ଓ ଭେଜ୍ ଲଙ୍ଗର୍ ବର୍ଗର, ରୋଲ୍, ରାଇସ୍ ବାଉଲ୍‌ଜ ସହ ଫିଙ୍ଗର ଲିକିଙ୍ଗ୍ ଗୁଡ୍ ହଟ୍ ଆଣ୍ଡ କ୍ରିସ୍ପି ଚିକେନ, ପେରି ପେରି ଚିକେନ ଷ୍ଟ୍ରିପ୍, ଫ୍ରାଇସ ଓ ସତେଜ ପାନୀୟ ଆଦି ସାମିଲ ରହିଛି। ଏଠାରେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ରହିଛି। ଏହି ଶୃଙ୍ଖଳରୁ ଗ୍ରାହକମାନେ ଆମିଷ ଓ ନିରାମିଷ ବିକଳ୍ପ ଖାଦ୍ୟ ଚୟନ କରିପାରିବେ। କେଏଫ୍‌ସି ଲଞ୍ଚ ସ୍ପେଶିଆଲ୍ସ ସ୍ୱତନ୍ତ୍ର ଭାବେ ଦିନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସମସ୍ତ କେଏଫ୍‌ସି ରେଷ୍ଟୁରାଣ୍ଟରେ ଉପଲବ୍ଧ ହେଉଛି।୧୪୯ ଟଙ୍କାରୁ ଆରମ୍ଭ ହେଉଥିବା ବିକଳ୍ପଗୁଡିକ ସହିତ ଏକ କ୍ରିସ୍ପି, କ୍ରଂଚି, ସ୍ୱାଦିଷ୍ଟ ମଧ୍ୟାହ୍ନ ଭୋଜନ ସମୟ ଗ୍ରାହକମାନଙ୍କ ପାଇଁ ଉପଲବ୍ଧ ହେବ ବୋଲି କମ୍ପାନୀ କହିଛି। ଏହି ଲଞ୍ଚ ସ୍ପେଶିଆଲ୍ସ ମଧ୍ୟ କେଏଫ୍‌ସିର ସାନିଟାଇଜେଶନ, ସ୍କ୍ରିନିଂ, ସାମାଜିକ ଦୂରତା ଓ ଟିକାକରଣ ହୋଇଥିବା ଟିମ୍ ସହ ଯୋଗାଯୋଗ ବିହୀନ ସେବାର ୫ ଗୁଣ ସୁରକ୍ଷା ପ୍ରତିଶ୍ରୁତିର ନିଶ୍ଚିତତା ସହ ଆସୁଛି ବୋଲି କମ୍ପାନୀ କହିଛି।




# ୨୦୨୪ ଭାରତୀୟ ଇଭି ବଜାର ପାଇଁ ଉତ୍କର୍ଷର ବର୍ଷ

## ସ୍କୋଡା ଇଣ୍ଡିଆ ଖୁବଶୀଘ୍ର ଆଣିବ ଇଭି




ସ୍କୋଡା ଇଣ୍ଡିଆ ଖୁବ୍ ଶୀଘ୍ର ଏହାର ନୂତନ ଇଲେକଟ୍ରିକ୍ ଭେଇକିଲ(ଇଭି) କାର୍ 'ଏନ୍ୟାକ୍' ଭାରତୀୟ ବଜାରରେ ପ୍ରବେଶ କରାଇବା ନେଇ ସୂଚନା ଦେଇଛି। ନିକଟରେ ଏହି କାର୍ର ପରୀକ୍ଷଣ କରାଯାଇଥିବା ବେଳେ କିଛି ଦିନ ଭିତରେ ଏହା ଗ୍ରାହକଙ୍କ ଲାଗି ଉପଲବ୍ଧ ହେବ ବୋଲି କୁହାଯାଇଛି। ଏହି କାର୍ରେ ୮୨ କିଲୋୱାଟ ବ୍ୟାଟେରୀ ଥିବାବେଳେ ଏହାର ମୋଟର ବ୍ୟବସ୍ଥା ଅତିରିକ୍ତ ଶକ୍ତି ଯୋଗାଇବାର କ୍ଷମତା ରଖିଛି। ଏହି ନୂତନ ଇଭି କାରର ବଜାର ପ୍ରବେଶ ପରେ ଏହା ହୁଣ୍ଡାଇ ଆଇଓନିକ୍ ୫ ଏବଂ କିଆ ଇଭି ୬ ଆଦି ଇଭି କାର୍ ସହ ବ୍ୟାବସାୟିକ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି କୁହାଯାଇଛି। ସ୍କୋଡା ଏନ୍ୟାକ୍ ଏକ ହାଇ ସ୍ପିଡ୍ କାର୍ ଭାବେ ଏହା ଶୂନରୁ ୧୦୦ କିଲୋମିଟର ବେଗ ପାଇଁ ମାତ୍ର ୬.୭ ସେକେଣ୍ଡ ନେବ। ଥରେ ଚାର୍ଜ ହେବା ପରେ ଏହି କାର ୫୬୫ କିଲୋମିଟର ପର୍ଯ୍ୟନ୍ତ ଗତି କରିପାରିବ।ଫାଷ୍ଟ ଚାର୍ଜିଂ ସହିତ ଏହି କାରକୁ ମାତ୍ର ୨୮ ମିନିଟରେ ୧୦ ରୁ ୮୦ ପ୍ରତିଶତ ଚାର୍ଜ କରାଯାଇପାରିବ। କାରର ଲମ୍ବ ୪୬୪୮ ମିମି ଏବଂ ଉଚ୍ଚତା ୧୬୧୮ ମିମି ହୋଇଥିବାବେଳେ ଏଥିରେ ୧୫ ଇଞ୍ଚର ଟଚ୍‌ସ୍କ୍ରିନ ଇନଫୋଟେନମେଣ୍ଟ ସିଷ୍ଟମ ଉପଲବ୍ଧ ରହିଛି। ପାଞ୍ଚ ସିଟ୍ ବିଶିଷ୍ଟ ଏହି କାରର ମୂଲ୍ୟ କେତେ ରହିବ ତାହା କମ୍ପାନୀ ଘୋଷଣା କରିନାହିଁ। ଏହାଛଡ଼ା କେଉଁ ସମୟରେ ଏହାର ବଜାର ପ୍ରବେଶ ହେବ ସେନେଇ କମ୍ପାନୀ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ। ତେବେ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ଏହା ବଜାରକୁ ଆସିବ ବୋଲି ଆକଳନ କରାଯାଉଛି।

### ଥରକ ଚାର୍ଜରେ ୫୬୫ କିଲୋମିଟର

## ଭାରତରେ ଇଭି ନିର୍ମାଣ କରିବ ଭିଏତନାମର ଭିନ୍‌ଫାଷ୍ଟ



**ନୂଆଦିଲ୍ଲୀ,୬।୧(ଏଜେନ୍ସି):** ବର୍ଷ ୨୦୨୪ ଭାରତୀୟ ଅଟୋମୋବାଇଲ କ୍ଷେତ୍ର ପାଇଁ ଏକ ଉତ୍କୃଷ୍ଟ ବର୍ଷ ହେବାକୁ ଯାଉଛି। କାରଣ ଏହି ବର୍ଷରେ ବହୁ ନାମୀଦାମୀ ତଥା ଆନ୍ତର୍ଜାତୀୟ କମ୍ପାନୀ ଭାରତରେ ଇଲେକଟ୍ରିକ୍ ଭେଇକିଲ(ଇଭି) ଉତ୍ପାଦନ ଆରମ୍ଭ କରିବାକୁ ଯାଉଛନ୍ତି। ଟେସଲା ଠାରୁ ଆରମ୍ଭ କରି ଆଉ କିଛି କମ୍ପାନୀ ଏଥିପାଇଁ ପ୍ରସ୍ତୁତି ନେଇଥିଲା ବେଳେ ଭିଏତନାମର ପ୍ରତିଷ୍ଠିତ ଅଟୋମୋବାଇଲ କମ୍ପାନୀ ଭିନ୍‌ଫାଷ୍ଟ ମଧ୍ୟ ଭାରତରେ ଇଭି ନିର୍ମାଣ କରିବାକୁ ଚୁକ୍ତିବଦ୍ଧ ହୋଇଛି। ଏହି କମ୍ପାନୀ ତାମିଲନାଡୁରେ ଏହାର ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ୨ ବିଲିୟନ ଡଲାର ନିବେଶ କରିବ ବୋଲି ଶନିବାର ଘୋଷଣା କରିଛି। କମ୍ପାନୀ ତାମିଲନାଡୁ ସରକାରଙ୍କ ସହ ଏଥିନେଇ ବୁଝାମଣା କରିସାରିଥିଲା ବେଳେ ପ୍ରଥମ ପର୍ଯ୍ୟାୟରେ ୫୦୦ ନିୟୁତ ଡଲାର ବିନିଯୋଗ କରି ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଯାଉଛି ବୋଲି ସୂଚନା ଦିଆଯାଇଛି। ଭିନଫାଷ୍ଟ ଏହି ପ୍ଲାଣ୍ଟରୁ ବାର୍ଷିକ ୧୫୦,୦୦୦ ଇଭି ଉତ୍ପାଦନ କରିବ ବୋଲି ଲକ୍ଷ୍ୟ ରଖିଛି। ଏହାଦ୍ୱାରା ଭାରତୀୟ ଇଭି ବଜାରରେ ବ୍ୟାବସାୟିକ ପ୍ରତିଦ୍ୱନ୍ଦ୍ୱିତା ବଢିବ ବୋଲି କୁହାଯାଇଛି। ଏହାବ୍ୟତୀତ ଏହି ପ୍ଲାଣ୍ଟ ପ୍ରତିଷ୍ଠା ଦ୍ୱାରା ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ପ୍ରାୟ ୪ ହଜାର ନିଯୁକ୍ତି ସୃଷ୍ଟି ହେବା ନେଇ ସୁଯୋଗ ରହିଛି।

### ତାମିଲନାଡୁରେ ନିବେଶ କରିବ ୨ ବିଲିୟନ ଡଲାର

## ବଜାରକୁ ଆସିଲା ହୁଣ୍ଡାଇ କ୍ରେଟାର ନୂଆ ଫେସ୍‌ଲିଫ୍ଟ

ହୁଣ୍ଡାଇ ମୋଟର୍ସ ଏହାର କ୍ରେଟା ମଡେଲର ନୂଆ ଫେସ୍ଲିଫ୍ଟ କାର ବଜାରକୁ ଛାଡିଛି। ଏହି ନୂତନ ମଡେଲର ବିକ୍ରି ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ବେଳେ ଏହାପୂର୍ବରୁ ଡିଲର ପଏଣ୍ଟରେ ଏହାକୁ ଉପଲବ୍ଧ କରାଯାଇଛି। ଏହି ମଡେଲରେ ପୂର୍ବ ମଡେଲ ତୁଳନାରେ ବାହ୍ୟ ଡିଜାଇନରେ ଯଥେଷ୍ଟ ପରିବର୍ତ୍ତନ କରାଯାଇଥିବା କମ୍ପାନୀ କହିଛି। ବିଶେଷକରି ସମ୍ମୁଖ ଏବଂ ପଛ ଭାଗ ଡିଜାଇନରେ ଅତ୍ୟାଧୁନିକ ଶୈଳୀରେ ପରିବର୍ତ୍ତନ କରାଯିବା ସହିତ ଏଲ ଆକୃତି ଏଲଇଡି ଏବଂ ହେଡ୍ ଲ୍ୟାମ୍ପ ୟୁନିଟ୍କୁ ଆହୁରି ସୌନ୍ଦର୍ଯ୍ୟ ସହ ରୂପାନ୍ତରିତ କରାଯାଇଛି। ଏହି ଫେସଲିଫ୍ଟ ମଡେଲ ୭ଟି ଭ୍ୟାରିଆଣ୍ଟରେ ଉପଲବ୍ଧ ହେବ।

